# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୯/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, October 19/2022 Page 16 ₹ 7.00 | ★★★★

୪୮ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 323 ମୂଲ୍ୟ ₹୭/-




**ଗ୍ରେନେଡ୍ ଆକ୍ରମଣରେ ୨ ପ୍ରବାସୀ ଶ୍ରମିକ ମୃତ**

ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୋମବାର ରାତିରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼ରେ ଉତ୍ତରପ୍ରଦେଶର ୨ ଜଣ ପ୍ରବାସୀ ଶ୍ରମିକ ନିହତ ହୋଇଛନ୍ତି। ହ୍ୟାଣ୍ଡ ଗ୍ରେନେଡ୍ ଫିଙ୍ଗିଥିବା ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ମୃତ ଶ୍ରମିକଦ୍ୱୟ ହେଲେ ୟୁପି କନୁଜ୍ ଅଞ୍ଚଳର ମନୀଷ କୁମାର ଏବଂ ରାମ ସାଗର। ଗୁରୁତର ଅବସ୍ଥାରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲେ ହେଁ, ଡାକ୍ତର ମୃତ ଘୋଷଣା କରିଥିଲେ। ଆକ୍ରମଣ ଖବର ପାଇ ପୋଲିସ ସମେତ ସିଆର୍‌ପିଏଫ୍ ଏବଂ ସେନା ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ତଲାସି ଅଭିଯାନ ଚଳାଇଥିଲେ।

# ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ବିଧ୍ୱସ୍ତ

■ଆକାଶରେ ଘୁରୁଛି ବିଦେଶୀ ଡ୍ରୋନ୍

■ଇରାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କଲା କିଭ୍

କିଭ୍/ମସ୍କୋ,୧୮।୧୦

ୟୁକ୍ରେନ୍ ଆକାଶରେ ଘୁରୁଛି ଆତ୍ମଘାତୀ ଡ୍ରୋନ୍। ରୁଷିଆ ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ବିଦେଶୀ ଅସ୍ତ୍ର ୟୁକ୍ରେନୀୟ ଭୂଖଣ୍ଡର ଶକ୍ତି ଓ ଜଳ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ଯଥେଷ୍ଟ। ମସ୍କୋ ଏଥିରେ ଅନେକାଂଶରେ ସଫଳ ମଧ୍ୟ ହୋଇଛି। ଶୀତଋତୁର ଆଗମନ ବେଳେ ଆକାଶମାର୍ଗରୁ ରୁଷୀୟ ସୈନ୍ୟଙ୍କ ସଦ୍ୟ ଘାତକ ଆକ୍ରମଣରେ ୟୁକ୍ରେନ୍‌ର ପ୍ରାୟ ଏକତୃତୀୟାଂଶ ପାୱାର ଷ୍ଟେଶନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଫଳରେ ୟୁକ୍ରେନ୍‌ର ଅନେକ ସହରକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ଏଥିରେ ଲକ୍ଷାଧିକ ୟୁକ୍ରେନ୍‌ବାସୀ ପ୍ରଭାବିତ ହୋଇଛନ୍ତି। ଏହା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନାର ସବୁ ବାଟ ବନ୍ଦ ହୋଇଯାଇଛି ବୋଲି ମଙ୍ଗଳବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଟୁଇଟ୍ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ୮ ମାସ ମଧ୍ୟରେ ଏଭଳି ଅବସ୍ଥା କେବେ ଦେଖିବାକୁ ମିଳି ନ ଥିଲା। ୟୁକ୍ରେନ୍ ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଶୀତଋତୁ ଆସିଯାଇଛି।


ରୁଷିଆର ଡ୍ରୋନ୍ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ କିଭ୍‌ର ଏକ ବିଲ୍ଡିଂ ନିକଟରେ ୟୁକ୍ରେନୀୟ ଅଗ୍ନିଶମବାହିନୀ।

ଏପରି ସମୟରେ ୟୁକ୍ରେନୀୟମାନଙ୍କୁ ଜଳ, ଶକ୍ତି, ତାପଜ ବିଦ୍ୟୁତ୍ ଓ ଅନ୍ୟ ମୌଳିକ ସୁବିଧାରୁ ବଞ୍ଚିତ କରିବା ପାଇଁ ପୁଟିନ୍ ଯେଉଁ ପନ୍ଥା ଆପଣାଇଛନ୍ତି ତାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ରୁଷିଆର ଡ୍ରୋନ୍ ଆକ୍ରମଣରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଝିଟୋମିର। ରାଜଧାନୀ କିଭ୍‌ରୁ ୧୪୦ କି.ମି. ଦୂରରେ ଅବସ୍ଥିତ ଏହି ସବୁଜିମାପୂର୍ଣ୍ଣ ସହରରେ ଅନେକ ସେନା ଶିବିର, ଶିଳ୍ପ ରହିଛି, ଯାହାର ଜନସଂଖ୍ୟା ପ୍ରାୟ ଅଢ଼େଇ ଲକ୍ଷ। କିଭ୍‌ରେ ୨ଟି ମିଶାଇଲ ମାଡ଼ ହୋଇଛି। ଏଥିରେ ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହେବା ସହ କେତେଜଣ ବ୍ୟକ୍ତି ନିହତ ହୋଇଛନ୍ତି। ଦକ୍ଷିଣ କେନ୍ଦ୍ରୀୟ ସହର ଡିନିପ୍ରୋର ଶକ୍ତି ପ୍ରକଳ୍ପ ମଧ୍ୟ ଧ୍ୱଂସ ହୋଇଯାଇଛି। ରୁଷିଆ ଦଖଲରେ ଥିବା ଜାପୋରିଝିଆର କେତେକ ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ମଧ୍ୟ ରୁଷୀୟ ସୈନ୍ୟ ଟାର୍ଗେଟ କରିଛନ୍ତି। ଏହି ସହରରେ ଥିବା ୟୁରୋପର ସବୁଠୁ ବଡ଼ ଆଣବିକ ଶକ୍ତି କେନ୍ଦ୍ରକୁ ରୁଷିଆ ଟାର୍ଗେଟ କଲେ ଏହା ହେବ ସବୁଠୁ ବିପଜ୍ଜନକ ଆକ୍ରମଣ। କାରଣ ଏଇଠୁ ନିର୍ଗତ ବିଷାକ୍ତ ଗ୍ୟାସ୍ କେବଳ ୟୁକ୍ରେନ୍ ନୁହେଁ, ବରଂ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ର ସଂଲଗ୍ନ ଅନେକ ପାଶ୍ଚାତ୍ୟ ଦେଶର ବହୁ ସଂଖ୍ୟକ ଲୋକଙ୍କ ମୃତ୍ୟୁର କାରଣ ସାଜିବ। ରୁଷିଆ ଇରାନଠାରୁ ଲକ୍ଷାଧିକ ଡ୍ରୋନ୍ ନେଇଥିବା ୟୁକ୍ରେନ୍ କହିଛି। ଇରାନ ନିର୍ମିତ ଶହୀଦ ଡ୍ରୋନ୍‌କୁ କିଭ୍ ସମେତ ଅନ୍ୟ ସହରଗୁଡ଼ିକରେ ରୁଷୀୟ ସୈନ୍ୟ ବ୍ୟବହାର କରୁଛନ୍ତି। ସେମାନଙ୍କୁ ତାଲିମ ଦେବା ପାଇଁ ଇରାନରୁ ବହୁ ସୈନ୍ୟ ରୁଷିଆ ସୀମାରେ ମୁତୟନ ହୋଇଛନ୍ତି। ବିଗତ ସପ୍ତାହେ ମଧ୍ୟରେ ଶତାଧିକ ଇରାନୀୟ ଡ୍ରୋନ୍‌କୁ ୟୁକ୍ରେନ୍ ବିରୋଧରେ ବ୍ୟବହାର କରିଛି ରୁଷିଆ। କେହି କେହି ଏହାକୁ କାମିକାଜି ଡ୍ରୋନ୍ କହୁଥିବାବେଳେ ଆଉ କେତେଜଣଙ୍କ ମତରେ ଏହାର ନାମ ଶହୀଦ। ଇରାନ ରୁଷିଆକୁ ଏଭଳି କୌଣସି ଡ୍ରୋନ୍ ଯୋଗାଇ ଦେଇନାହିଁ ବୋଲି ସ୍ପଷ୍ଟ କରିଛି। ଏହାସତ୍ତ୍ୱେ ୟୁକ୍ରେନ୍ ଇରାନ ସହ ସମସ୍ତ ପ୍ରକାର କୂଟନୈତିକ ସମ୍ପର୍କ ଛିନ୍ନ କରିଛି।

## ରୁଷିଆକୁ ଇରାନ ଦେଇଛି ଶହୀଦ ଡ୍ରୋନ୍



ଇରାନ ନିର୍ମିତ 'ଶହୀଦ-୧୩୬' ହେଉଛି ଆଧୁନିକ ସମୟର ସବୁଠୁ ଘାତକ ଡ୍ରୋନ୍। ୨୦୧୯ରେ ଇରାନ ସମର୍ଥିତ ହୋଉଥି ବିଦ୍ରୋହୀମାନେ ଏହି ଅସ୍ତ୍ର ପ୍ରୟୋଗ କରି ସାଉଦି ଆରବର ତୈଳ ଉତ୍ସଗୁଡ଼ିକୁ ନଷ୍ଟ କରିଦେଇଥିଲେ। ରୁଷିଆ ଏବେ ଏହି ଡ୍ରୋନ୍ ପ୍ରୟୋଗ କରି ୟୁକ୍ରେନୀୟ ସୈନ୍ୟଙ୍କ ମନୋବଳ ଦୁର୍ବଳ କରିବାକୁ ସବୁ ପ୍ରକାର ଉଦ୍ୟମ ଚଳାଇଛି। ମସ୍କୋ ଇରାନଠାରୁ ଲକ୍ଷାଧିକ ଶହୀଦ ଡ୍ରୋନ୍ ନେଇ 'ଗେରାନ୍-୨' ଭାବେ ଏହାର ନୂଆ ନାମକରଣ କରିଥିବା କୁହାଯାଉଛି। ଶହୀଦ-୧୩୬ରେ ଥିବା ଗ୍ଲୋବାଲ ପଜିଶନିଂ ସିଷ୍ଟମ୍ (ଜିପିଏସ୍) ବ୍ୟବସ୍ଥା ଏହାର ଅନ୍ୟତମ ବିଶେଷତ୍ୱ। ମାତ୍ର ୩.୫ ମିଟର ଲମ୍ବ ଓ ୨.୫ ମିଟର ଉଚ୍ଚତା ବିଶିଷ୍ଟ ଏହି ଡ୍ରୋନ୍ ଏକକାଳୀନ ୨୦୦ କେ.ଜି. ପର୍ଯ୍ୟନ୍ତ ବିସ୍ଫୋରକ ନେଇ ଲକ୍ଷ୍ୟସ୍ଥଳକୁ ଭେଦ କରିପାରେ। ସୋମବାର ରାତିରେ କିଭ୍ ମେୟରଙ୍କ ବାସଭବନକୁ ରୁଷୀୟ ସୈନ୍ୟ ଏହି ଡ୍ରୋନ୍ ମାଡ଼କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ।

## କାମିକାଜି ଡ୍ରୋନ୍ କ'ଣ



କାମିକାଜି ଡ୍ରୋନ୍ ହେଉଛି କ୍ରୁଲେସ୍ ବା ମାନବରହିତ କ୍ଷୁଦ୍ର ବିମାନ, ଯାହାକି ୫୦ କେ.ଜି. ବିସ୍ଫୋରକ ନେଇ ଉଡ଼ାଣ କରିପାରିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆଧୁନିକ ଯୁଦ୍ଧକୁ ଦୃଷ୍ଟିରେ ରଖି ଜାପାନ ଏହାକୁ ନିର୍ମାଣ କରିଥିଲା। କାମିକାଜିର ଆକ୍ଷରିକ ଅର୍ଥ ହେଉଛି ଆତ୍ମଘାତୀ। ଉଦ୍ଦେଶ୍ୟମୂଳକ ଭାବେ ଶତ୍ରୁ ପକ୍ଷକୁ ଟାର୍ଗେଟ କରିବା ପାଇଁ ଏହି ଏୟାରକ୍ରାଫ୍ଟ ବିକଶିତ କରାଯାଇଥିଲା। କାମିକାଜି ଡ୍ରୋନ୍ ଏହାର ଅନ୍ୟ ପ୍ରତିପକ୍ଷଗୁଡ଼ିକ ତୁଳନାରେ ଶସ୍ତା। ଆକାଶରେ ଦୀର୍ଘ ସମୟ ଧରି ଏହି ଡ୍ରୋନ୍ ସ୍ଥିର ହୋଇ ରହିପାରିବ। ଅପରେଟର ଯେତେବେଳେ ଚାହିଁବେ ଲକ୍ଷ୍ୟସ୍ଥଳକୁ ଭେଦ ପାଇଁ ଏହାକୁ ବ୍ୟବହାର କରିପାରିବେ। ରୁଷିଆ ସମେତ ଆମେରିକା, ଚାଇନା, ଇସ୍ରାଏଲ୍, ଇରାନ ଓ ତୁର୍କୀ ନିକଟରେ ଏଭଳି ଡ୍ରୋନ୍ ରହିଛି।

## ବିଲ୍‌କିସ୍ ମାମଲା

### ସତ୍ୟପାଠ ଉପରେ ଜବାବ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୧୦(ପି.ଟି.): ୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ୧୧ ଦୋଷୀଙ୍କୁ କ୍ଷମା ପ୍ରଦାନ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ ଉପରେ ଗୁଜରାଟ ସରକାର ବିସ୍ତୃତ ଜବାବ ଦେଇଥିବା ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଏଥିରେ ଅନେକ ରାୟକୁ ଉପସ୍ଥାପନ କରାଯାଇଥିବାବେଳେ ତଥ୍ୟାତ୍ମକ ବିବୃତିଗୁଡ଼ିକୁ ଏଡ଼ାଇ ଦିଆଯାଇଛି। ଗୁଜରାଟ ସରକାରଙ୍କ ସତ୍ୟପାଠ ଉପରେ ଆବେଦନକାରୀ ଜବାବ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ସମୟ ଦେବା ସହ ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୯କୁ ଧାର୍ଯ୍ୟ କରିଛନ୍ତି। ଗୁଜରାଟ ସରକାର ଦାଖଲ କରିଥିବା ଜବାବକୁ ସବୁ ପକ୍ଷଙ୍କୁ ଉପଲବ୍ଧ କରାଇବା ନିମନ୍ତେ ଜଷ୍ଟିସ ଅଜୟ୍ ରାସ୍ତୋଗୀ ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଗତ ସ୍ୱାଧୀନତା ଦିବସ ଅବସରରେ ବିଲ୍‌କିସ୍ ବାନୋ ଗଣହତ୍ୟା ମାମଲାର ୧୧ ଅପରାଧୀଙ୍କୁ ମୁକ୍ତ କରାଯାଇଥିଲା। ସରକାରଙ୍କ କ୍ଷମା ନୀତିକୁ ବରିଷ୍ଠ ସିପିଆଇ(ଏମ୍) ନେତ୍ରୀ ସୁଭାଷିନୀ ଅଲି ଏବଂ ଅନ୍ୟ ଦୁଇ ମହିଳା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

### ବଳାତ୍କାରୀଙ୍କୁ ମୁକ୍ତ କରାଯିବା ଯଥାର୍ଥ: କେନ୍ଦ୍ରମନ୍ତ୍ରୀ

ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ୧୧ ଜଣ ଅନେକ ବର୍ଷ ସଜା କାଟିସାରିଛନ୍ତି। ସେମାନଙ୍କୁ ଜେଲରୁ ମୁକ୍ତ କରାଯିବାର ବ୍ୟବସ୍ଥା ରହିଥିବା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ଗୁଜରାଟରେ ନିର୍ବାଚନ ପ୍ରଚାର କରୁଥିବା ଜୋଷୀ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ସରକାର ଏବଂ ମାମଲା ସହ ସମ୍ପୃକ୍ତ ବ୍ୟକ୍ତି ନେଇଥିବା ନିଷ୍ପତ୍ତି ଆଇନର ଏକ ପ୍ରକ୍ରିୟା ଏବଂ ସବୁକିଛି ଆଇନ ଅନୁଯାୟୀ ହୋଇଥିବା ଜୋଷୀ କହିଛନ୍ତି।

# ଆତଙ୍କବାଦ ବିରୋଧରେ ଏକଜୁଟ ହେଉ ବିଶ୍ୱ

## ଦାଉଦ ଇବ୍ରାହିମ୍ ପ୍ରସଙ୍ଗରେ ପାକିସ୍ତାନ ନୀରବ

## ଇଣ୍ଟରପୋଲ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୮।୧୦

୨୫ ବର୍ଷ ପରେ ଇଣ୍ଟରପୋଲ ସାଧାରଣ ସଭାର ୯୦ତମ ଅଧିବେଶନ ମଙ୍ଗଳବାର ଜାତୀୟ ରାଜଧାନୀ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆରମ୍ଭ ହୋଇଛି। ୪ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୯୫ ଦେଶର ପ୍ରତିନିଧି ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଉଦ୍‌ବୋଧନ ଦେଇ ଆତଙ୍କବାଦ, ଡ୍ରଗ୍ସ ଚାଲାଣ, ସାଇବର ଅପରାଧ ଏବଂ ବେଆଇନ କାର୍ଯ୍ୟକଳାପ ରୋକିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଆତଙ୍କବାଦ ଶେଷ କରିବା ପାଇଁ ବିଶ୍ୱ ସମୁଦାୟ ଏକଜୁଟ ହେବା ଜରୁରୀ। କୌଣସି ଗୋଟିଏ ସ୍ଥାନ ଯେପରି ଆତଙ୍କବାଦୀଙ୍କ ସ୍ୱର୍ଗ ନ ପାଲଟେ ତାହା ସୁନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ। କେବଳ ଆଞ୍ଚଳିକ ସ୍ତରରେ ବୈଶ୍ୱିକ ବିପଦର ମୁକାବିଲା କରାଯାଇପାରିବ ନାହିଁ। ସମାଜର ମଙ୍ଗଳ ପାଇଁ ବିଶ୍ୱ ସମୁଦାୟର ସହଯୋଗ ଲୋଡ଼ା ବୋଲି ମୋଦି କହିଥିଲେ। ଏଥିସହ ଦୁର୍ନୀତି, ଆର୍ଥିକ ଅପରାଧ ମଧ୍ୟ ଅନେକ ଦେଶ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଜଳବାୟୁ ପରିବର୍ତ୍ତନ, କରୋନା ମହାମାରୀ ଭଳି ବୈଶ୍ୱିକ ବିପଦବେଳେ ଭାରତର ପଦକ୍ଷେପ ଏହା ଦର୍ଶାଉଛି ଯେ ଆମେ ଯେ କୌଣସି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ନେତୃତ୍ୱ ନେବା ପାଇଁ ଦକ୍ଷ ଏବଂ ଇଚ୍ଛୁକ।

ଇଣ୍ଟରପୋଲ ମହାସଭାରେ ପାକିସ୍ତାନ ଫେଡେରାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏଫ୍‌ଆଇଏ) ମୁଖ୍ୟ ମୋହସିନ୍ ହାସନ ବଟ୍ଟ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍‌ବୋଧନ ଶେଷ ହେବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ମୋହସିନ୍‌ଙ୍କୁ ୧୯୯୩ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଦାଉଦ୍ ଇବ୍ରାହିମ୍‌ଙ୍କୁ ନେଇ ପ୍ରଶ୍ନ କରିଥିଲେ। ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ଦାଉଦ୍‌ଙ୍କୁ ପାକିସ୍ତାନ ଭାରତକୁ ହସ୍ତାନ୍ତର କରିବ କି ବୋଲି ସେମାନେ ପଚାରିଥିଲେ। ଏଥିସହ ଜୈଶ-ଇ-ମହମ୍ମଦ ମୁଖ୍ୟ ମାଶୁଦ ଆଝାର, ୯/୧୧ ମାଷ୍ଟରମାଇଣ୍ଡ ହାଫିଜ୍ ସଇଦଙ୍କୁ ହସ୍ତାନ୍ତର କରିବା ଉପରେ ପ୍ରଶ୍ନ କରିଥିଲେ। ହେଲେ ଏହା ଉପରେ ମୋହସିନ୍ ନିଜ ଆଙ୍ଗୁଠିକୁ ଓଠ ଉପରେ ରଖି (ନୀରବ ରହିବାକୁ ଇଙ୍ଗିତ କରି) ସେଠାରୁ ଚାଲିଯାଇଥିଲେ।

# କରୁଣାତିଲକଙ୍କୁ ବୁକର

କଲମ୍ବୋ, ୧୮।୧୦

ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଥିବା ଶ୍ରୀଲଙ୍କାର ଲେଖକ ଶେହାନ୍ କରୁଣାତିଲକ(୪୭)ଙ୍କୁ ୨୦୨୨ ବର୍ଷ ପାଇଁ ବ୍ରିଟେନର ବୁକର ସମ୍ମାନ ପ୍ରଦାନ କରାଯାଇଛି। 'ଦ ସେଭେନ୍ ମୁନ୍‌ସ ଅଫ୍ ମାଲି ଅଲ୍‌ମେଡା' ପୁସ୍ତକ ପାଇଁ ସେ ଏହି ସାହିତ୍ୟ ସମ୍ମାନ ଜିତିଛନ୍ତି। ସୋମବାର ରାତିରେ ଲଣ୍ଡନରେ ଆୟୋଜିତ ଏକ ସମାରୋହରେ କରୁଣାତିଲକଙ୍କୁ ସମ୍ମାନିତ କରାଯାଇଛି। ବୁକର୍ ବାବଦରେ ତାଙ୍କୁ ୫୦,୦୦୦ ଗ୍ରେଟ୍ ବ୍ରିଟେନ୍ ପାଉଣ୍ଡ (ଜିବିପି) ପ୍ରଦାନ କରାଯିବ। ମାଇକେଲ ଓନ୍‌ଡାଟ୍‌ଜେଙ୍କ ପରେ ବୁକର୍ ସମ୍ମାନ ପାଇବାରେ କରୁଣାତିଲକ ହେଉଛନ୍ତି ଦ୍ୱିତୀୟ ଶ୍ରୀଲଙ୍କା ନାଗରିକ। ୧୯୯୨ରେ ମାଇକେଲ୍‌ଙ୍କୁ 'ଦ ଇଂଲିଶ ପେସେଣ୍ଟ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ଶ୍ରୀଲଙ୍କାରେ ଗୃହଯୁଦ୍ଧ ଏବଂ ହିଂସାକାଣ୍ଡ ଉପରେ ଆଧାରିତ କରୁଣାତିଲକ୍‌ଙ୍କ ଫିକ୍ସନ ଲେଖାରେ ଜଣେ ଫଟୋଗ୍ରାଫର ମାଲି ଅଲମେଡାଙ୍କ କାହାଣୀ ରହିଛି। ଗୃହଯୁଦ୍ଧ ବେଳେ ଅଲ୍‌ମେଡାଙ୍କର ମୃତ୍ୟୁ ଘଟିସାରିଛି। ସେ ଉଠିବା ପରେ ସାଙ୍ଗମାନଙ୍କୁ ତାଙ୍କ ଫଟୋଗୁଡ଼ିକୁ ଖୋଜିଦେବା ପାଇଁ କହୁଛନ୍ତି। ଗୃହଯୁଦ୍ଧର ଭୟାବହତା ଏବଂ ଏଥିପାଇଁ କିଏ ଦାୟୀ ତାହା ଦୁନିଆକୁ ଦେଖାଇବା ପାଇଁ ସେହି ଫଟୋସବୁକୁ ପାଇବାକୁ ସେ ଚେଷ୍ଟା କରୁଛନ୍ତି। ଏଥିସହ ସେ ତାଙ୍କ ମୃତ୍ୟୁର ରହସ୍ୟ ମଧ୍ୟ ଖୋଜୁଛନ୍ତି। ୧୯୭୫ରେ ଶ୍ରୀଲଙ୍କାର ଗାଲେ ସହରରେ କରୁଣାତିଲକ୍‌ଙ୍କ ଜନ୍ମ। ସେ କଲମ୍ବୋରେ ବଡ଼ ହୋଇଛନ୍ତି। ଶ୍ରୀଲଙ୍କାରେ ଗୃହଯୁଦ୍ଧ ଶେଷହେବା ପରେ ୨୦୦୯ରେ ଭୂତର କାହାଣୀ ଲେଖିବା ପାଇଁ କରୁଣାତିଲକ୍ ସ୍ଥିର କରିଥିଲେ। ଗୃହଯୁଦ୍ଧରେ ବାସ୍ତବ ମୃତାହତଙ୍କ ସଂଖ୍ୟା କେତେ ଏବଂ ଏଥିପାଇଁ କିଏ ଦାୟୀ ତାହା ଉପରେ ବିତର୍କ ଚାଲିଥିବାବେଳେ ନିଜ ପୁସ୍ତକରେ ମୃତକଙ୍କ ମନକଥା ଅବତାରଣା କରିବାକୁ ସେ ଚିନ୍ତା କରିଥିଲେ। ସମ୍ମାନ ଗ୍ରହଣ କଲାବେଳେ କରୁଣାତିଲକ୍ କହିଥିଲେ, ଏହି ପୁସ୍ତକ ଆପଣମାନଙ୍କ ପାଇଁ। ଦେଶ ବହୁକିଛି ହରାଇସାରିଥିବା ଭଳି କଠିନ ସମୟରେ ତାଙ୍କୁ ଏହି ସମ୍ମାନ ମିଳିଛି। ଏହାକୁ ସ୍ୱୀକାର କରି ଆଗକୁ ବଢ଼ିବା ଏବଂ ଟି-୨୦ ୱାର୍ଲ୍ଡକପ୍ ଜିତିବା ପାଇଁ ଆଶା କରିବା। ଶ୍ରୀଲଙ୍କା ନିକଟ ଭବିଷ୍ୟତରେ ବୁଝିବାରେ ସମର୍ଥ ହେବ ଯେ ଦୁର୍ନୀତି, ବେଟିଂ, ପରିବାର କିମ୍ବା ନିଜ ବଂଶର ଲୋକଙ୍କୁ କ୍ଷମତାରେ ରଖିବା ଭଳି ଚିନ୍ତାଧାରା ଇତିହାସରେ କେବେ ସୁଫଳ ଦେଇନାହିଁ କିମ୍ବା ଆଗକୁ ମଧ୍ୟ ଦେବନାହିଁ ବୋଲି ମଧ୍ୟ କରୁଣାତିଲକ କହିଥିଲେ। ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ ଏବଂ ମୁଖ୍ୟ ବିରୋଧୀ ଦଳ ନେତା ସାଜିଥ୍ ପ୍ରେମଦାସା ବୁକର ବିଜେତା କରୁଣାତିଲକ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



'ଦ ସେଭେନ୍ ମୁନ୍‌ସ ଅଫ୍ ମାଲି ଅଲ୍‌ମେଡା' ପୁସ୍ତକ ସହ ଶ୍ରୀଲଙ୍କାର ଲେଖକ ଶେହାନ୍ କରୁଣାତିଲକ।

# କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା

## ପାଇଲଟଙ୍କ ସମେତ ୭ ମୃତ



ଡେରାଡୁନ୍,୧୮।୧୦

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅନ୍ତର୍ଗତ କେଦାରନାଥ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ହେଲିକପ୍ଟର ତୀର୍ଥଯାତ୍ରୀମାନଙ୍କୁ ନେଇ ଚାର୍ ଧାମ୍ ଯାତ୍ରାରେ ଯାଇଥିଲା। ଦୁର୍ଘଟଣାରେ ହେଲିକପ୍ଟରଟି ଖଣ୍ଡ ବିଖଣ୍ଡିତ ହେବା ସହ ଜଳିଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଖରାପ ପାଗ ଯୋଗୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଏସ୍‌ଡିଆର୍‌ଏଫ୍ ଏବଂ ଜିଲା ପ୍ରଶାସନିକ ଟିମ୍ ସାମିଲ ହୋଇଛନ୍ତି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

## ସ୍ତ୍ରୀ ଓ ବାପଘରର ୪ ଜଣଙ୍କୁ ଜାଳିଦେଲେ ସ୍ୱାମୀ

ଚଣ୍ଡିଗଡ଼,୧୮।୧୦

ସ୍ତ୍ରୀ ବାପଘରୁ ଫେରିବାକୁ ମନା କରିଦେବାରୁ ଉତ୍କ୍ଷିପ୍ତ ସ୍ୱାମୀ ବର୍ବର କାଣ୍ଡ ଘଟାଇଛନ୍ତି। ସେ ସ୍ତ୍ରୀଙ୍କ ସମେତ ତାଙ୍କ ବାପଘରର ୪ ସଦସ୍ୟଙ୍କୁ ଜାଳିଦେଇଛନ୍ତି। ପରମଜିତ କୌର ତାଙ୍କ ପୂର୍ବ ସ୍ୱାମୀଙ୍କ ଦୁଇ ସନ୍ତାନଙ୍କୁ ନେଇ ପଞ୍ଜାବର ଜଳନ୍ଧରସ୍ଥିତ ବାପଘରେ ରହୁଥିଲେ। ସ୍ୱାମୀ କୁଲଦୀପ୍ ସିଂ ସ୍ତ୍ରୀଙ୍କୁ ଘରକୁ ଫେରାଇନେବାକୁ ଚାହୁଁଥିଲେ। ତେବେ କୁଲଦୀପ୍ ମାଡ଼ ମାରୁଥିବାରୁ ସେ ଫେରିବା ପାଇଁ ମନା କରିଦେଇଥିଲେ। ସୋମବାର ରାତିରେ କୁଲଦୀପ୍ ସେମାନଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଜଳନ୍ଧର ପୋଲିସ କହିଛି।

# ଶଶିକଳାଙ୍କ ମୁଣ୍ଡରେ ଦୋଷ ଲଦିଲେ କମିଶନ

## ଜୟଲଲିଥା ମୃତ୍ୟୁ ମାମଲା

## ତଦନ୍ତ ପାଇଁ ସୁପାରିସ

ନୂଆଦିଲ୍ଲୀ,୧୮।୧୦

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥା ମୃତ୍ୟୁ ଘଟଣାରେ ତାଙ୍କର ଘନିଷ୍ଠ ବାନ୍ଧବୀ ଭି.କେ. ଶଶିକଳା ଓ ଅନ୍ୟ ୩ ଜଣ ଦୋଷୀ ବୋଲି ଜଷ୍ଟିସ୍ ଅରୁମୁଘସ୍ୱାମୀ କମିଶନ ଆନୁଷ୍ଠାନିକ ଭାବେ ଅଭିଯୋଗ ଆଣିଛନ୍ତି। ଏଥିସହ ମାମଲାର ଅଧିକ ତଦନ୍ତ ଲାଗି କମିଶନ ସୁପାରିସ କରିଛନ୍ତି। ଅନ୍ୟ ୩ ଅଭିଯୁକ୍ତ ହେଲେ ଡା. କେ.ଏସ୍. ଶିବକୁମାର, ତତ୍କାଳୀନ ସ୍ୱାସ୍ଥ୍ୟ ସଚିବ ଜେ. ରାଧାକ୍ରିଷ୍ଣନ ଏବଂ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟଭାସ୍କର। ଜୟଲଲିଥା ମୃତ୍ୟୁ ମାମଲାର ତଦନ୍ତ କରୁଥିବା ବିଚାର ବିଭାଗୀୟ କମିଶନ ସମସ୍ତ ଦିଗକୁ ଅନୁଧ୍ୟାନ କରିବା ପରେ ଉପରୋକ୍ତ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିଛନ୍ତି।

କମିଶନଙ୍କ କହିବା ଅନୁଯାୟୀ ଚେନ୍ନାଇ ଆପୋଲୋ ହସ୍ପିଟାଲର ଡ. ୱାଇ.ଭି.ସି ରେଡ୍ଡୀ ଏବଂ ଡ. ବାବୁ ଆବ୍ରାହାମ ପୂର୍ବତନ


ଭି.କେ. ଶଶିକଳା

ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା କରୁଥିଲେ। ସେମାନେ ମୁମ୍ବାଇ, ବ୍ରିଟେନ, ଆମେରିକାରୁ ଡାକ୍ତର ଡାକି ସେମାନଙ୍କ ମତାମତ ନେଉଥିଲେ। କେତେକ ଚାପ ଯୋଗୁ ଆଞ୍ଜିଓ/ସର୍ଜରି ପାଇଁ ଆପୋଲୋ ହସ୍ପିଟାଲର ନିଜସ୍ୱ ଡାକ୍ତରମାନଙ୍କ ପରାମର୍ଶକୁ ଅଣଦେଖା କରାଯାଇଥିଲା। ସେଥିପାଇଁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ଆବଶ୍ୟକ ବୋଲି କମିଶନ କହିଛନ୍ତି। ଏହା ବ୍ୟତୀତ ତତ୍କାଳୀନ ମୁଖ୍ୟ ଶାସନ ସଚିବ ରାମମୋହନ ରାଓଙ୍କ ନାମରେ ଆପରାଧିକ ରେକର୍ଡ ଥିବା କମିଶନ ଜାଣିବାକୁ ପାଇଛନ୍ତି। ୨୦୧୬ ଡିସେମ୍ବର ୪ ଅପରାହ୍ନ ୩ଟା ୫୦ରେ ଜୟଲଲିଥାଙ୍କୁ ହୃଦ୍‌ଘାତ ହୋଇଥିଲା। ଏହା ପରେ ସିପିଆର୍, ଷ୍ଟେର୍ନୋଟୋମି କରିବା ଅନାବଶ୍ୟକ ଥିଲା। ତେବେ ଆନୁଷ୍ଠାନିକ ମୃତ୍ୟୁ ଘୋଷଣାକୁ ବିଳମ୍ବିତ କରାଇବା ଲାଗି ଏଭଳି ପରୀକ୍ଷା ନିରୀକ୍ଷା କରାଯାଇଥିଲା। କମିଶନ କହିଛନ୍ତି, ଜୟଲଲିଥା ଜୀବିତ ଥିବାବେଳେ ଓ. ପନିରସେଲଭାମ୍‌ଙ୍କ ଜ୍ଞାତସାରରେ ସବୁକିଛି ହେଉଥିଲା। ତାଙ୍କ ପରେ ପନିରସେଲଭାମ୍ ମୁଖ୍ୟମନ୍ତ୍ରୀ ହେବା ଆକସ୍ମିକ ଘଟଣା ନ ଥିଲା ବୋଲି କମିଶନ କହିଛନ୍ତି। ରାଜ୍ୟ ସରକାର ଆଇନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ ପରେ କମିଶନଙ୍କ ସୁପାରିସ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ନିଜକୁ ବୟସ୍କ ଭାବୁଛନ୍ତି ଯୁବବର୍ଗ

■ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି, ଥକ୍କାପଣ ପ୍ରମୁଖ କାରଣ

■ବ୍ରେକ୍‌ଫାଷ୍ଟ କରୁନାହାନ୍ତି ୬୧%



ନୂଆଦିଲ୍ଲୀ, ୧୮।୧୦

ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି, ଥକ୍କାପଣ ବା କ୍ଲାନ୍ତି, ଶକ୍ତିହୀନତା ଆଦି ପାଇଁ ଭାରତରେ ୨୬ରୁ ୪୦ ବର୍ଷ ବୟସ ବର୍ଗ (ମିଲେନିଆଲ୍ସ)ର ୪୬% ନିଜକୁ ଅପେକ୍ଷାକୃତ ବୟସ୍କ ବିବେଚନା କରୁଛନ୍ତି। ସେହିପରି ୧୮ରୁ ୨୫ ବର୍ଷ ବୟସ ବର୍ଗ (ଜେନ୍ ଜେଡ୍)ର ୪୦% ଅନୁରୂପ ଅନୁଭବ କରୁଥିବା ସଦ୍ୟ ଏକ ରିପୋର୍ଟରୁ ଜଣାପଡ଼ିଛି। କିନ୍ତୁ ଏହାର ବିପରୀତରେ ୪୧ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସ ବର୍ଗ (ଜେନ୍ ଏକ୍ସ)ର ୮୨% ନିଜକୁ ଅଧିକ ଯୁବକ ଭାବୁଥିବାବେଳେ ସେମାନଙ୍କ ଏନର୍ଜି ଲେଭଲ ନିଜ ବୟସର ଲୋକଙ୍କ ତୁଳନାରେ ଅଧିକ ଥିବା ମନେ କରୁଛନ୍ତି। 'ଲାଇଫ୍‌ଷ୍ଟାଇଲ୍ ଟଏସ୍ ଆଣ୍ଡ୍ ଏଜିଂ ପର୍ସେପ୍‌ଶନ୍ ଅଫ୍ ଅର୍ବାନ ଇଣ୍ଡିଆନ୍‌ସ' ଶୀର୍ଷକ ଅଧ୍ୟୟନ ରିପୋର୍ଟରେ ଏହା ପ୍ରକାଶ ପାଇଛି।

ପେପ୍ସିକୋ ଇଣ୍ଡିଆର କ୍ୱାକର୍ ଫୁଡ୍ ବ୍ରାଣ୍ଡ ଏବଂ ଲଣ୍ଡନସ୍ଥିତ ମାର୍କେଟ ରିସର୍ଚ୍ଚ ମେଜର ୟୁରୋମନିଟର ଇଣ୍ଟରନ୍ୟାଶନାଲ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ କୋଲକାତାର ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ୧ ହଜାର ଜଣଙ୍କୁ ଗବେଷଣାରେ ସାମିଲ କରାଯାଇଥିଲା। ରିପୋର୍ଟ ଅନୁସାରେ, ଜେନ୍ ଏକ୍ସ ବର୍ଗର ଲୋକେ ସେମାନଙ୍କ ଶରୀର, ଜୀବନଶୈଳୀ ଏବଂ ନିଜ ଆବଶ୍ୟକତାକୁ ବୁଝିପାରୁଛନ୍ତି। ସେମାନଙ୍କ ମଧ୍ୟରୁ ୮୨% ସମବୟସର ଅନ୍ୟ ଲୋକଙ୍କ ତୁଳନାରେ ନିଜକୁ ଅଧିକ ଯୁବ ଏବଂ ସ୍ୱାସ୍ଥ୍ୟବାନ୍ ଭାବୁଛନ୍ତି। କିନ୍ତୁ ଜେନ୍ ଜେଡ୍ ବର୍ଗର ୪୦% ଏବଂ ୪୬% ମିଲେନିଆଲ୍ସ ଏବେର ବୟସରେ ନିଜକୁ ଅଧିକ ବୟସ୍କ ଏବଂ ଶକ୍ତିହୀନ ତଥା ଦୁର୍ବଳ ମନେ କରୁଛନ୍ତି। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ବୟସ୍କ ଅନୁଭବ କରୁଥିବା ଅଧ୍ୟୟନରେ ଭାଗ ନେଇଥିବା ବ୍ୟକ୍ତିମାନେ କହିଛନ୍ତି। ଜେନ୍ ଏକ୍ସର ୪୦%ରୁ ଊର୍ଦ୍ଧ୍ୱ କେବେ ନିଜ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ ମିସ୍ କରୁନାହାନ୍ତି। ସକାଳର ବ୍ୟସ୍ତତା ଏବଂ କାର୍ଯ୍ୟଦିବସର ପ୍ରଭାବରେ ଜେନ୍ ଜେଡ୍‌ର ୫୦% ଏବଂ ମିଲେନିଆଲ୍ସ ବର୍ଗର ୬୧%ରୁ ଊର୍ଦ୍ଧ୍ୱ ସକାଳ ଖାଦ୍ୟ ଖାଉ ନ ଥିବା ସ୍ୱୀକାର କରିଛନ୍ତି।

କରୋନା ମହାମାରୀ ପରେ ଖାଦ୍ୟପାନୀୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଥିବା ଏବଂ ଲୋକେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୋଇଥିବା ମୋଟ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୮୨% କହିଛନ୍ତି। ପୂର୍ବାପେକ୍ଷା ଅଧିକ ଲୋକ ଶୀଘ୍ର ବୟସ୍କ ନ ହେବା ପାଇଁ ଉତ୍ତମ ଖାଦ୍ୟ ନିଜ ଭୋଜନରେ ସାମିଲ କରିଛନ୍ତି। ଅଧ୍ୟୟନରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ ୭୦% ଅଧିକ ପୋଷକ ତତ୍ତ୍ୱ ଥିବା ଖାଦ୍ୟ ଖାଉଛନ୍ତି। ସେହିପରି ୪୪% ପ୍ରତ୍ୟେକ ଭୋଜନରେ ଭିଟାମିନ୍ ତଥା ଭିଟାମିନ୍ ସପ୍ଲିମେଣ୍ଟ ସାମିଲ କରିଥିବା ରିପୋର୍ଟରେ କୁହାଯାଇଛି।

# ଧରିତ୍ରୀ
DHARITRI

ବୁଧବାର, ଅକ୍ଟୋବର ୧୯/୨୦୨୨ (୧୬ ପୃଷ୍ଠା) | Wednesday, October 19/2022 | Page 16 | ପୃଷ୍ଠା-୧







## ୬ ଫସଲର ଏମ୍‌ଏସ୍‌ପି ବଢ଼ିଲା

### ଗହମ ୧୧୦, ସୋରିଷ ୪୦୦ ଟଙ୍କା

**ନୂଆଦିଲ୍ଲୀ,୧୮।୧୦:** କେନ୍ଦ୍ର ସରକାର ୨୦୨୨-୨୩ ରବି ବର୍ଷ (ଜୁଲାଇରୁ ଜୁନ୍) ଓ ଏହା ପରବର୍ତ୍ତୀ ବିପଣନ ବର୍ଷ ପାଇଁ ଗହମ, ସୋରିଷ ସମେତ ୬ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଗହମ କୁଇଣ୍ଟାଲ ପ୍ରତି ଏମ୍‌ଏସ୍‌ପି ୧୧୦ ଟଙ୍କା ବୃଦ୍ଧି କରାଯାଇ ୨,୧୨୫ ଟଙ୍କା ହୋଇଥିବା ବେଳେ ସୋରିଷ ଏମ୍‌ଏସ୍‌ପି ୪୦୦ ଟଙ୍କା ବୃଦ୍ଧି କରାଯାଇ ୫,୪୫୦ ଟଙ୍କା ରଖାଯାଇଛି। ଫସଲ ଉତ୍ପାଦନ ଏବଂ କୃଷକଙ୍କ ଆୟ ବଢ଼ାଇବା ଲକ୍ଷ୍ୟରେ ସରକାର ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟ ଫସଲ ମଧ୍ୟରେ ମସୁର ଡାଲି କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ସର୍ବାଧିକ ୫୦୦ ଟଙ୍କା ବୃଦ୍ଧି ପାଇ ୬,୦୦୦ ଟଙ୍କା ରଖାଯାଇଛି। ସେହିପରି ବାର୍ଲିର ସହାୟକ ମୂଲ୍ୟ ୧୦୦ ଟଙ୍କା ବଢ଼ାଯାଇ କୁଇଣ୍ଟାଲ ପ୍ରତି ଦାମ୍ ୧,୭୩୫ ଟଙ୍କା, ମୁଗ ଡାଲି ଏମ୍‌ଏସ୍‌ପି ୧୦୫ ଟଙ୍କା ବଢ଼ି ୫,୩୩୫ ଟଙ୍କା ହୋଇଥିବାବେଳେ ତୈଳବୀଜ କୁସୁମ ଏମ୍‌ଏସ୍‌ପି ୨୦୯ ଟଙ୍କା ବଢ଼ାଇ ୫,୬୫୦ ଟଙ୍କା ରଖାଯାଇଛି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗହମ ଓ ସୋରିଷ ଉତ୍ପାଦନ ଖର୍ଚ୍ଚର ୧୦୦% ରିଟର୍ନ ମିଳିବାକୁ ଥିବାବେଳେ ଅନ୍ୟ ୪ଟି ଫସଲରେ ୫୦ରୁ ୮୫% ରିଟର୍ନ ମିଳିବ।

# ଆୟରେ ଓଡ଼ିଶା ଚାଷୀ ପଛୁଆ

## ଉତ୍ପାଦନରେ ବଳକା, ରୋଜଗାରରେ ତଳ ଆଡୁ ୬ ନମ୍ବର

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ରାଜ୍ୟରେ ଚାଷର ବିକାଶ ହେଉଛି। ଚାଷୀଙ୍କ ଆୟ ବଢୁଛି। କୃଷି ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଛି। ସରକାର ଅନେକ ସମୟରେ ଏଭଳି ଚିତ୍ର ଥୋଉଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ। ଚାଷ ପାଇଁ ଆବଶ୍ୟକ ବିହନ, ସାର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଉଛି। ଏହାଛଡ଼ା ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପତ୍ତି ଚାଷୀଙ୍କୁ ଡଳିତଳାନ୍ତ କରିଦେଉଛି। ଚାଷ ଉପରେ ନିର୍ଭର କରୁଥିବା ପରିବାର ଆୟ ତଳମୁହାଁ ହେଉଛି। ଚାଷୀ ପରିବାରର ଆୟ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ପଡ଼ିଯାଇଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭେଲପମେଣ୍ଟ (ନାବାର୍ଡ) ଏବଂ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ୍(ଏନ୍‌ଏସ୍‌ଓ) ରିପୋର୍ଟରୁ ଏହା ଜଣାପଡ଼ିଛି।

'ଫାର୍ମର୍ସ ୱେଲଫେର: ଆନ୍ ଆନାଲିସିସ୍ ଆକ୍ରସ୍ ଷ୍ଟେଟସ୍ ଅଫ୍ ଇଣ୍ଡିଆ' ଶୀର୍ଷକ ନାବାର୍ଡ ରିପୋର୍ଟରେ ଥିବା ଦୁଇଟି ପ୍ରସଙ୍ଗକୁ ତର୍ଜମା କଲେ ଓଡ଼ିଶା କୃଷି କ୍ଷେତ୍ରର ବାସ୍ତବ ଚିତ୍ର ସାମ୍ନାକୁ ଆସିଯାଉଛି। ପ୍ରଥମତଃ ଓଡ଼ିଶାର କୃଷି କ୍ଷେତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ପରିବାରଗୁଡ଼ିକର ମାସିକ ଆୟ। ନାବାର୍ଡର ଅଲ୍ ଇଣ୍ଡିଆ ରୁରାଲ ଫାଇନାନ୍ସିଆଲ ଇନ୍‌କ୍ଲୁଜନ ସର୍ଭେ-୨୦୧୬-୧୭ ରିପୋର୍ଟ କହୁଛି, ଓଡ଼ିଶାର ଗୋଟିଏ ପରିବାର କୃଷି କ୍ଷେତ୍ରରୁ ହାରାହାରି ମାସିକ ୭,୭୩୧ ଟଙ୍କା ଆୟ କରିପାରୁଛି। ଏ କ୍ଷେତ୍ରରେ ଓଡ଼ିଶା ୨୩ ନମ୍ବର ସ୍ଥାନରେ ରହିଛି। ଓଡ଼ିଶା ପଛକୁ ୫ ରାଜ୍ୟ ରହିଛି। ସେଗୁଡ଼ିକ ହେଲା, ତ୍ରିପୁରା (୭,୫୯୨), ବିହାର (୭୧୭୫), ଝାଡ଼ଖଣ୍ଡ (୬,୯୯୧), ଆନ୍ଧ୍ରପ୍ରଦେଶ (୬,୯୨୦) ଏବଂ ଉତ୍ତରପ୍ରଦେଶ (୬,୬୬୮)। ପଞ୍ଜାବରେ କୃଷି କ୍ଷେତ୍ରରୁ ପରିବାର ପିଛା ହାରାହାରି ମାସିକ ଆୟ ସର୍ବାଧିକ ୨୩,୧୩୩ ଟଙ୍କା। ଏହା ପଛକୁ ହରିୟାଣା (୧୮,୪୯୬) ଏବଂ କେରଳ (୧୬,୯୨୭) ରହିଛି। ଅନ୍ୟପକ୍ଷରେ ଏନ୍‌ଏସ୍‌ଓ ପକ୍ଷରୁ କରାଯାଇଥିବା ସିଚ୍ୟୁଏଶନ ଆସେସ୍‌ମେଣ୍ଟ ସର୍ଭେ (ଏସ୍‌ଏଏସ୍) ଅନୁଯାୟୀ ୨୦୦୨-୦୩ରେ ଓଡ଼ିଶାରେ ପ୍ରତି ଚାଷୀ ପରିବାର ମାସିକ ହାରାହାରି ୧,୦୬୨ ଟଙ୍କା ରୋଜଗାର କରିଥିଲେ। ଏହି ପରିମାଣ ବୃଦ୍ଧି ପାଇ ୨୦୧୨-୧୩ରେ ୪,୯୭୬ ଟଙ୍କା ଏବଂ ୨୦୧୫-୧୬ରେ ୭୭୩୧ ଟଙ୍କା ରହିଥିଲା। କିନ୍ତୁ ୨୦୧୮-୧୯ରେ ଚାଷୀ ପରିବାରର ମାସିକ ଆୟ ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ୫,୧୧୨ ଟଙ୍କାକୁ ଖସିଥିଲା। ଅର୍ଥାତ୍ ୪ ବର୍ଷରେ ଏହା ୨,୬୧୯ ଟଙ୍କା କମିଯାଇଥିଲା। ପଞ୍ଜାବ କଥା ଦେଖିଲେ ଚାଷୀ ପରିବାରର ହାରାହାରି ମାସିକ ଆୟ ୨୦୧୨-୧୩ରେ ୧୮,୦୫୯ ଟଙ୍କା ଏବଂ ୨୦୧୮-୧୯ରେ ୨୬,୭୦୧ ଟଙ୍କା ରହିଥିଲା। ପଞ୍ଜାବ ସହିତ ତୁଳନା କଲେ ଓଡ଼ିଶାରେ ଚାଷୀଙ୍କ ମାସିକ ଆୟ ପ୍ରାୟ ୫ ଭାଗରୁ ଭାଗେ।

ନାବାର୍ଡ ରିପୋର୍ଟରେ ଅନ୍ୟ ଏକ ପ୍ରସଙ୍ଗ ହେଲା ରାଜ୍ୟର ପ୍ରତି ହେକ୍ଟର ଚାଷଜମି ଉପରେ ମଞ୍ଜୁର କୃଷିଋଣ ପରିମାଣ। ଏକ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ୧୭ ସ୍ଥାନରେ ରହିଛି। ଓଡ଼ିଶାର ପ୍ରତି ହେକ୍ଟର ଚାଷଜମି ଉପରେ ମଞ୍ଜୁର କୃଷିଋଣ ହେଉଛି ୫୨ ହଜାର ଟଙ୍କା। ଏହି ଋଣ ପରିମାଣ ତାମିଲନାଡୁରେ ସର୍ବାଧିକ ୩ ଲକ୍ଷ ୭୧ ହଜାର ଟଙ୍କା ଏବଂ କେରଳରେ ୩ ଲକ୍ଷ ୬୮ ହଜାର ଟଙ୍କା।

ଅର୍ଥନୀତିଜ୍ଞ ଏବଂ କୃଷି ବିଶେଷଜ୍ଞଙ୍କ ମତରେ ଜୀବନଧାରଣ ପାଇଁ କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ ଦିଗରେ ପ୍ରଶାସନିକ ପଦକ୍ଷେପର ଅଭାବ ରହିଛି। ନାଇଜର ଅର୍ଥନୀତି ପ୍ରାଧ୍ୟାପକ ଅମରେନ୍ଦ୍ର ଦାସ କହିଛନ୍ତି, ଆମ ରାଜ୍ୟର ଚାଷୀମାନେ କେବଳ ଧାନ ଚାଷ କରୁଛନ୍ତି। ଫସଲର ବିବିଧିକରଣ କରାଯାଇନାହିଁ। ଚାଷୀମାନେ ଅର୍ଥକରୀ ଫସଲ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି, ଯାହାକି ସେମାନଙ୍କ ଆୟ ବୃଦ୍ଧିରେ ବାଧକ ହୋଇଛି। ଅନ୍ୟପକ୍ଷରେ ଚାଷୀଙ୍କ ପାଖରେ ଉତ୍ପାଦିତ ଶସ୍ୟ ମହଜୁଦ ରଖିବା ପାଇଁ କୌଣସି ସାଧନ ବା ଭିତ୍ତିଭୂମି ନାହିଁ। ସରକାରଙ୍କ ଏଗ୍ରିକଲ୍ଚର ଏକ୍ସଟେନଶନ ୱିଙ୍ଗ୍ ଥିଲା ଭଳି ଲାଗୁ ନାହିଁ। ସରକାର ଚାଷ ପାଇଁ ଗଢୁଥିବା ଯୋଜନା ଓ ନେଉଥିବା ପଦକ୍ଷେପଗୁଡ଼ିକ ବିଷୟରେ ଚାଷୀମାନେ ଅଜ୍ଞ। ଓଡ଼ିଶା ଭଳି ରାଜ୍ୟରେ ବହୁ କ୍ଷୁଦ୍ରଚାଷୀ ରହିଛନ୍ତି। ସେମାନଙ୍କ ଚାଷଜମିର ପରିମାଣ ମଧ୍ୟ କମ୍। ଅଳ୍ପ ଚାଷଜମି ଉପରେ ବହୁ ଲୋକ ନିର୍ଭର କରୁଛନ୍ତି। ଚାଷ ବାବଦ ଖର୍ଚ୍ଚ ବଢୁଥିବାରୁ ଚାଷୀଙ୍କ ଆୟ ହ୍ରାସ ହେବା ସ୍ୱାଭାବିକ। କିନ୍ତୁ ଯେଉଁ ରାଜ୍ୟଗୁଡ଼ିକରେ କୃଷିକ୍ଷେତ୍ରରୁ ଅଧିକ ଆୟ ହେଉଛି, ସେଠାରେ ଅଣକୃଷିକ୍ଷେତ୍ରରୁ ଆୟ ପନ୍ଥା ମଧ୍ୟ ଅଧିକ ରହିଥିବ। ତେଣୁ ରାଜ୍ୟ ସରକାର ଅଣକୃଷି ଆୟପନ୍ଥା ବୃଦ୍ଧି ନିମନ୍ତେ ପ୍ରୋତ୍ସାହନ ଦେବା ଉଚିତ। ଏଥିପାଇଁ ଉଭୟ ସେବା କ୍ଷେତ୍ର ଏବଂ ଉତ୍ପାଦନଭିତ୍ତିକ ଶିଳ୍ପ ବିକାଶ ନିମନ୍ତେ ଉପଯୁକ୍ତ ବାତାବରଣ ଓ ଭିତ୍ତିଭୂମି ସୃଷ୍ଟି କରାଯିବା ଜରୁରୀ ବୋଲି ପ୍ରାଧ୍ୟାପକ ଦାସ କହିଛନ୍ତି।

ନାବାର୍ଡ ତଥ୍ୟ ଅନୁଯାୟୀ କୃଷିକ୍ଷେତ୍ରରୁ ହାରାହାରି ମାସିକ ଆୟରେ କେରଳ ଦେଶରେ ତୃତୀୟ ସ୍ଥାନ (୧୬,୯୨୭ଟଙ୍କା)ରେ ଥିବାବେଳେ ଅଣକୃଷି କ୍ଷେତ୍ରରୁ ପ୍ରତି ପରିବାରର ହାରାହାରି ମାସିକ ଆୟ ☞ପୃଷ୍ଠା-୨



ରୋଜର ବିନ୍ନି ବିସିସିଆଇ ନୂଆ ସଭାପତି

ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

ସୀମା ଡେଇଁଲେ ବିପଦ









ବିଭିନ୍ନ ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ହଂସପାଳ ନିକଟରେ ମଙ୍ଗଳବାର ଆୟୋଜିତ ପଦଯାତ୍ରା।

# ଆସୁଛି ବାତ୍ୟା

## ୨ ଦିନ ପରେ ସ୍ପଷ୍ଟ ହେବ ଚିତ୍ର

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

- **ସରକାର ଡାକିଲେ ପ୍ରସ୍ତୁତି ବୈଠକ**
- **ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ**
- **୨୨ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**
- **୨୩ ଯାଏ ବର୍ଷା ନାହିଁ**

ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥା ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ୍(ଜିଏଫ୍‌ଏସ୍) ସମେତ ବିଭିନ୍ନ ପାଣିପାଗ ମଡେଲ କରିଥିବା ଅନୁମାନ ଧୀରେ ଧୀରେ ସତ ହେବାରେ ଲାଗିଛି। ଉତ୍ତର ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ୨୨ ତାରିଖ ସୁଦ୍ଧା ଏହା ଡିପ୍ରେସନ(ଅବପାତ)ରେ ପରିଣତ ହେବ। ପରବର୍ତ୍ତୀ ସମୟରେ ସମୁଦ୍ରରେ ଏହା ଅଧିକ ଶକ୍ତିଶାଳୀ ହୋଇ ଭୟଙ୍କର ସାମୁଦ୍ରିକ ଝଡ଼ର ରୂପ ନେବାର ଆଶଙ୍କା ରହିଛି। ତେବେ ଝଡ଼ର ସମ୍ପୂର୍ଣ୍ଣ ଚିତ୍ର ଏବେ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ। ଏହା କେଉଁ ଦିଗ ଦେଇ ଗତି କରିବ ଓ ଏହାର ବେଗ ଏବଂ ପ୍ରଭାବ କେତେ ରହିବ ଏ ପର୍ଯ୍ୟନ୍ତ ଠିକ୍ ଆକଳନ କରାଯାଇପାରି ନାହିଁ। ଆସନ୍ତା ୨/୩ ଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ ଚିତ୍ର ମିଳିବା ସମ୍ଭାବନା ଅଛି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୨୨ ତାରିଖ ପରେ ଅବପାତ ବାତ୍ୟା ରୂପ ନେଇପାରେ। ତେବେ ବାତ୍ୟାଟି କେଉଁ ରାଜ୍ୟ ଦେଇ ଯିବ ନ ଯିବ, ତା'ର ଅନୁମାନ ଏ ପର୍ଯ୍ୟନ୍ତ ହୋଇନି। ଲଘୁଚାପରେ ପରିଣତ ହେଲା ପରେ ହିଁ ଅଧିକ ସ୍ପଷ୍ଟଚିତ୍ର ମିଳିପାରିବ। ବାତ୍ୟା ରୂପ ନେଲାବେଳକୁ ଏହା ସମୁଦ୍ର ଭିତରେ ଥିବ।

ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗକୁ ସତର୍କ ରହିବାକୁ ପରାମର୍ଶ ଦିଆଯିବା ସହ ସରକାରୀ ଅଫିସରମାନଙ୍କୁ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୨ ତାରିଖ ପରେ ବାତ୍ୟାର ସ୍ଥିତି ସ୍ପଷ୍ଟ ହେବାକୁ ଥିବାରୁ ସରକାର ଉପକୂଳ ଜିଲ୍ଲାଗୁଡ଼ିକରେ ସରକାରୀ କର୍ମଚାରୀଙ୍କ ଛୁଟିକୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି।

ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ନଜରରେ ରଖି ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ଅସ୍ଥାୟୀ ଦାୟିତ୍ୱରେ ଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଭିନ୍ନ ବିଭାଗ ଏବଂ ଉପକୂଳ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ସହ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଏସ୍‌ଆରସି ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଛନ୍ତି। ସମ୍ପୃକ୍ତ ପଦାଧିକାରୀମାନଙ୍କୁ ନିଜର ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବା ପାଇଁ ପରାମର୍ଶ ☞ପୃଷ୍ଠା-୨

## ଚାଷୀ-ପୋଲିସ ମୁହାଁମୁହିଁ

### ହଂସପାଳରେ ଧାରଣା ଦେଲେ ଚାଷୀ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ):** ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅନେକ ହଜାର ଚାଷୀ ମଙ୍ଗଳବାର ଭୁବନେଶ୍ୱରକୁ ବିଭିନ୍ନ ଦାବି ନେଇ ପଦଯାତ୍ରାରେ ଆସିବା ବେଳେ ହଂସପାଳଠାରେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି। ସଙ୍ଗଠନର ଡାକରାରେ ଅକ୍ଟୋବର ୧୩ ତାରିଖରୁ ଧାନମଣ୍ଡଳରୁ ଆରମ୍ଭ ହୋଇଥିବା ପଦଯାତ୍ରା ହଂସପାଳରେ ପହଞ୍ଚିଥିଲା। ଏ ନେଇ ଭୁବନେଶ୍ୱର ସହରରେ ହାଇ ଆଲର୍ଟ ଜାରି ହେବା ସହ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସହରକୁ ଦୂରଦୂରାନ୍ତରୁ ଆସୁଥିବା ଚାଷୀମାନେ ସଭାସ୍ଥଳକୁ କିପରି ଯାଇ ନ ପାରିବେ ସେଥିପାଇଁ ସେମାନଙ୍କୁ ବିଭିନ୍ନ ଜାଗାରେ ଅଟକା ଯାଇଥିଲା। ଏହାକୁ ପ୍ରତିବାଦ କରି କୃଷକମାନେ ହଂସପାଳଠାରେ ପ୍ରତିବାଦ କରି ଧାରଣା ଦେଇଥିଲେ। ଚାଷୀ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ☞ପୃଷ୍ଠା-୨

## ରତ୍ନଭଣ୍ଡାର ସମ୍ପର୍କରେ ଜବାବ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ,୧୮।୧୦**

ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟମନ୍ଦିରର ସୁରକ୍ଷା ନେଇ ହାଇକୋର୍ଟରେ ଆଗତ ୩ଟି ମାମଲାର ଏକତ୍ର ଶୁଣାଣି ମଙ୍ଗଳବାର ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲା ନ ଯିବାର କାରଣ ସମ୍ପର୍କରେ ଆସନ୍ତା ୪ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଗମୋହନ ଓ ନାଟମଣ୍ଡପ ମରାମତି ସମ୍ପର୍କିତ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ଦାଖଲ କରାଯାଇଥିଲା। ସେହିପରି କୋଣାର୍କ ମନ୍ଦିର ମରାମତି ପ୍ରସଙ୍ଗରେ ମଧ୍ୟ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ୩ଟି ଯାକ ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୩ ଜାନୁୟାରୀ ୫ତାରିଖକୁ ଧାର୍ଯ୍ୟ କରାଯାଇଛି। ସୂଚନା ମୁତାବକ, ଶ୍ରୀମନ୍ଦିର ସୁରକ୍ଷା ନେଇ ଅଭିଷେକ ଦାସଙ୍କ ପକ୍ଷରୁ ୨୦୧୬ରେ ଆଗତ ମାମଲାର ଶୁଣାଣି ହୋଇଥିଲା। ☞ପୃଷ୍ଠା-୨

**ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ସୁରକ୍ଷା ମାମଲା**



- **ମାର୍ଚ୍ଚ ୩୧ ସୁଦ୍ଧା ସରିବ ଜଗମୋହନ, ନାଟମଣ୍ଡପ ମରାମତି**
- **ଜାନୁୟାରୀ ୫ରେ ପରବର୍ତ୍ତୀ ଶୁଣାଣି**

# ଅର୍ଡର ପୂର୍ବରୁ ସାମଗ୍ରୀର ସ୍ପର୍ଶ ଅନୁଭବ

## ଆଇଆଇଟି ମାଡ୍ରାସ୍ ଆଣିଛି 'ଟଚ୍ ସ୍କ୍ରିନ୍ ଡିସ୍‌ପ୍ଲେ ଟେକ୍ନୋଲଜି'

**ଚେନ୍ନାଇ,୧୮।୧୦**

ପିଲାଙ୍କଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ଲୋକେ ଏବେ ଅନ୍‌ଲାଇନ୍ ଶପିଂ କରୁଛନ୍ତି। ଅନେକ ସମୟରେ ଗ୍ରାହକଙ୍କୁ ସେମାନଙ୍କ ପସନ୍ଦଯୋଗ୍ୟ ସାମଗ୍ରୀ ଅନ୍‌ଲାଇନ୍‌ରୁ ମିଳି ନ ଥାଏ। ଅନ୍‌ଲାଇନ୍ ପ୍ରଡକ୍ଟଗୁଡ଼ିକ ଫୋନ୍ ସ୍କ୍ରିନ୍‌ରେ ଯେଉଁ କ୍ୱାଲିଟିର ଦେଖାଯାଏ, ତାକୁ ଆଣି ସାରିବା ପରେ ନିମ୍ନମାନର ଗୁଣବତ୍ତା ପାଇଁ ଗ୍ରାହକ ଅସନ୍ତୁଷ୍ଟ ହୋଇଥାଆନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସର ଗବେଷକମାନେ ଏକ ଟେକ୍ନୋଲୋଜି ବିକଶିତ କରିଛନ୍ତି, ଯଦ୍ୱାରା ଅନ୍‌ଲାଇନ୍‌ରେ କୌଣସି ଜିନିଷ ଅର୍ଡର କରିବା ପୂର୍ବରୁ ତାହାକୁ ସ୍ପର୍ଶ ଓ ଅନୁଭବ କରିହେବ।

ଏହାର ନାମ ଟଚ୍‌ସ୍କ୍ରିନ୍ ଡିସ୍‌ପ୍ଲେ ଟେକ୍ନୋଲଜି ବା ଆଇ-ଟାଚ୍ ରଖାଯାଇଛି। ଟଚ୍‌ସ୍କ୍ରିନ୍ ଟେକ୍ନୋଲଜିର ଏହା ଉନ୍ନତମାନ ବୋଲି ଗବେଷକ କହିଛନ୍ତି। ସଫ୍ଟୱେର୍ ଜରିଆରେ ସ୍କ୍ରିନ୍‌ରେ ବିଭିନ୍ନ ପ୍ରକାର ଟେକ୍ଷଚର ସଂଲଗ୍ନ କରାଯାଇଛି। କୋମଳଠାରୁ ଆରମ୍ଭ କରି କଠିନ ଜିନିଷକୁ ଏହା ଜରିଆରେ ଅନୁଭବ କରାଯାଇପାରିବ। ସ୍କ୍ରିନ୍ ଉପରେ ଅଙ୍ଗୁଳି ଚାଳନାକୁ ସେଥିରେ ଥିବା ଟଚ୍ ସେନ୍ସର ପ୍ରଥମେ ଚିହ୍ନଟ କରିଥାଏ। ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"ପ୍ରକୃତ ନିୟନ୍ତ୍ରଣରେଖା(ଏଲ୍ଏସି)ରେ ଶାନ୍ତିପୂର୍ଣ୍ଣ ବାତାବରଣ ଚାଇନା ସହ ସ୍ୱାଭାବିକ ସମ୍ପର୍କର ଆଧାର।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଦେବାନ୍ସି
ପରିବାରବର୍ଗ


ଅନୁଜ୍
ପରିବାରବର୍ଗ


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିବାହ ପ୍ରତାରଣା: ଏମ୍ସ ଡାକ୍ତର ଗିରଫ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଭୁବନେଶ୍ୱର ଏମ୍ସ ହୃଦରୋଗ ବିଭାଗ (କାର୍ଡିଓଲୋଜି)ର ଡାକ୍ତର ଜୟଦୀପ ଦାସଗୁପ୍ତାଙ୍କୁ ମଙ୍ଗଳବାର ମହିଳା ଥାନା ପୋଲିସ ଗିରଫ କରିଛି। ଜୟଦୀପଙ୍କ ଘର ପଶ୍ଚିମବଙ୍ଗ ସାଉଥଚବିଶ ପ୍ରଗଣା ଜିଲ୍ଲା ହରିଦେବପୁର ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଏମ୍ସ ହାଉସିଂ କମ୍ପ୍ଲେକ୍ସ ପିଜି–୨ ହଷ୍ଟେଲର ରୁମ୍ ନଂ. ୧୨୦ରେ ରହୁଛନ୍ତି। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଜୟଦୀପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ରାଜଧାନୀରେ ରହି ରୁପାଲି ଛକସ୍ଥିତ ଏକ ବ୍ୟାଙ୍କରେ କାମ କରୁଥିବା ପୀଡ଼ିତା ଯୁବତୀ ତାଙ୍କ ବାପାଙ୍କୁ ୨୦୨୦ ଡିସେମ୍ବର ୧୭ରେ ହୃଦରୋଗ ଚିକିତ୍ସା ପାଇଁ ଏମ୍ସ ନେଇଥିଲେ। ସେଠାରେ ପୀଡ଼ିତାଙ୍କୁ ଡାକ୍ତର ଜୟଦୀପ ମୋବାଇଲ ଫୋନ୍ ନମ୍ବର ମାଗିଥିଲେ। ହେଲେ ସେ ରାଜି ନ ହେବାରୁ ତାଙ୍କ ବାପାଙ୍କୁ ଡିସ୍‌ଚାର୍ଜ କରିବାକୁ ଦେବେ ନାହିଁ ବୋଲି ଜୟଦୀପ କହିଥିଲେ। ତେଣୁ ଯୁବତୀ ତାଙ୍କ ମୋବାଇଲ ନମ୍ବର ଦେବା ପରେ ଉଭୟଙ୍କ ମଧ୍ୟରେ ନିୟମିତ କଥାବାର୍ତ୍ତା ହେବାରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଜୟଦୀପ ବିଶ୍ୱାସଭାଜନ ହୋଇଥିଲେ। ପରେ ଅନେକ ସମୟରେ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ ଜୟଦୀପ। ଏହାରି ଭିତରେ ଯୁବତୀ ଜଣକ ୨ମାସର ଗର୍ଭବତୀ ହୋଇଥିବା କଥା ଜଣାପଡ଼ିବା ପରେ ଜୟଦୀପ ତାଙ୍କୁ ଗର୍ଭପାତ କରାଇଥିଲେ। ନିକଟରେ ଜୟଦୀପଙ୍କ ସହ ଜଣେ ଯୁବତୀଙ୍କ ନିର୍ବନ୍ଧ ହୋଇଥିବା ଖବର ମିଳିବା ପରେ ପୀଡ଼ିତା ଏନେଇ ପଚାରିବାକୁ ଏମ୍ସ ହଷ୍ଟେଲ ଯାଇଥିଲେ। ବିବାହକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେହି ସମୟରେ ଯୁବତୀଙ୍କୁ ଜୟଦୀପ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଯୁବତୀ ଜଣକ ଉପାୟହୀନ ହୋଇ ଶେଷରେ ସୋମବାର ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୪୯୩, ୪୧୭, ୩୨୩, ୪୨୦ ଏବଂ ୫୦୬ରେ ଏକ ମାମଲା (ନଂ. ୧୩୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ହାଇଦ୍ରାବାଦରୁ ସ୍ୱତନ୍ତ୍ର ଏୟାରକ୍ରାଫ୍ଟ ଯୋଗେ ମୁମ୍ବାଇ ଗସ୍ତ କରିଛନ୍ତି। ରାତିରେ ନବୀନ ନିଜର କିଛି ବନ୍ଧୁ ଓ ପରିବାର ସଦସ୍ୟଙ୍କ ସହ ସମୟ ବିତାଇବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ହାଇଦ୍ରାବାଦରେ ଆୟୋଜିତ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗ ଦେବା ପରେ ମୁମ୍ବାଇ ଯାଇଛନ୍ତି। ବମ୍ବେରେ ମୁଖ୍ୟମନ୍ତ୍ରୀ ବୁଧବାର ସକାଳ ୧୧ଟାରେ ମୁମ୍ବାଇସ୍ଥିତ ଓଡ଼ିଶା ଭବନ ଯାଇ ସେଠାରେ କୋଠା ସମ୍ପ୍ରସାରଣ ଶିଳାନ୍ୟାସରେ ଯୋଗଦେବେ। ଅପରାହ୍ନ ୪ଟା ୫୦ମିନିଟରେ ମୁମ୍ବାଇ ଆର୍ନ୍ତଜାତିକ ବିମାନ ବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଶ ଗୁଣେ ବେଶ,
ଗୁରୁ ଗୁଣେ ଶିଷ୍ୟ ।**

ଦେଶ ଦୁନିଆର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣି, ବେଶ ପୋଷାକ, ଭାଷା ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେ ଯେଉଁ ଦେଶକୁ ଯାଇଥାଏ ତାକୁ ସେ ଦେଶର ନୀତି ନିୟମରେ ଚଳିବାକୁ ପଡିଥାଏ। ସେହିପରି ଗୁରୁ ଶିଷ୍ୟଙ୍କୁ ଶିକ୍ଷା ଦେବା ସହ ଉଚିତ୍ ମାର୍ଗଦର୍ଶନ କରାଇଥାନ୍ତି। ଗୁରୁଙ୍କ ସ୍ୱଭାବ, ପ୍ରଭାବ ଶିଷ୍ୟଠାରେ ପ୍ରତିଫଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଇ ଘରେ ହେଲା ବାହା,
ଗଇଶ ଗଛକୁ ପାଳ ଦଉଡ଼ା,
ଧୋବା ଚିରି ଚିରି ଠିଆ ।**

ଆଗରୁ ଝିଅ ଯେଉଁଠିକି ଦିଆ ହୋଇଥିଲା ଯଦି ତା' ବାହାଘର ସେଇଠି ହୁଏ ତା'ହେଲେ ତା' ପାଇଁ ଆଉ କୌଣସି ବରାଦର ଆବଶ୍ୟକ ପଡ଼ି ନ ଥାଏ। ବହ୍ୱାରମ୍ଭେ ଲଘୁକ୍ରିୟା। ସାମାନ୍ୟ ଗଇଶ ଗଛ ପାଇଁ ପାଳ ଦଉଡ଼ି ଖୋଜିବା ଭଳି ଅନାବଶ୍ୟକ ଚେଷ୍ଟା କରି ଲାଭ କିଛି ମିଳି ନ ଥାଏ, ବରଂ ଏ ସବୁ ବୃଥା ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଏମିତି କେତେକ କାମ ରହିଛି ଯାହାକି ମନ ଚାହୁଁଥିଲେ ମଧ୍ୟ ଆପଣ ସମ୍ପନ୍ନ କରିବାକୁ ଅସମର୍ଥ ହୋଇପଡ଼ିବେ। ପାରିବାରିକ ସ୍ଥିତି ସାଙ୍ଗକୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିବାରେ ସଙ୍କଟ ଉପୁଜିବ । ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ କିଛି କରିପାରିବେ ନାହିଁ । ଋଣ ପରିଶୋଧ କରିବା ଦିଗରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ବୃଷ** ବନ୍ଧୁମାନେ ସହଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ଛୋଟକଥାରୁ କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ମିଥୁନ** ସ୍ତ୍ରୀଙ୍କ ଅନୁପ୍ରେରଣା, ପଡ଼ୋଶୀଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ଓ ସତ୍‌ସଙ୍ଗ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ନିଜ ନିଜର ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥପ୍ରାପ୍ତି ଘଟିବ।

**କର୍କଟ** ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କଲେ ମଧ୍ୟ ପାରିବାରକ କ୍ଷେତ୍ରକୁ ଅସ୍ଥିରତା ପ୍ରଦାନ କରିପାରନ୍ତି। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ସକାଶେ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ସଭାସମିତି, ସାହିତ୍ୟ, ରାଜନୀତି, ଜମିଜମା ତଥା ଗଠନମୂଳକ କାର୍ଯ୍ୟରେ ପ୍ରଶଂସିତ ହେବେ। ଅଭାବ ଅସୁବିଧା ମଧ୍ୟରେ ପାରିବାରିକ ସ୍ଥିତି ଦୁର୍ବିଷହ ହୋଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ସାଧନ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ ପଟିଆରା ଜାହିର କରିପାରନ୍ତି। ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ ଏବଂ ସାମାଜିକ ପ୍ରତିଷ୍ଠା ମଧ୍ୟ ଅକ୍ଷୁଣ୍ଣ ରହିବ । ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ।

**ତୁଳା** ଆଜି ମନରେ ବହୁବିଧ ଭାବନା ଉଦ୍ରେକ ହେବ କିନ୍ତୁ ବେଶି ଆଶାକରି କିଛି ପାଇବେନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ବହୁ ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ଆଜି ଯାହା କରନ୍ତୁନା କାହିଁକି କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଶନିଙ୍କ କୁପ୍ରଭାବରୁ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଆଜି ଆପଣଙ୍କ ପାଇଁ ଯିଏ ଖାଲ ଖୋଳିବ ସେଥିରେ ସେ ହିଁ ପଡ଼ିବାର ଖବର ପାଇବେ। ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡ଼ିପାରନ୍ତି। ସନ୍ତାନଙ୍କ ବିବାହ ସକାଶେ ଆଲୋଚନା ଫଳପ୍ରଦ ହୋଇପାରେ । ଉତ୍ତେଜନାପୂର୍ଣ୍ଣ ମାନସିକ ସ୍ଥିତିଜନିତ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିପାରେ।

**ମକର** ବକ୍ରୀ ଶନି ଆପଣଙ୍କ ପାରିବାରିକ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ବିଭିନ୍ନ କାରଣକୁ ନେଇ ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିର ଆଶଙ୍କା ରହିଛି। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ହେବ, କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଖୁସି ହୋଇପାରିବେ ନାହିଁ। ଅତ୍ୟଧିକ ଭ୍ରମଣଜନିତ ସ୍ୱାସ୍ଥ୍ୟହାନି ଦେଖାଦେବାର ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ଲାଗିରହିବ। ପ୍ଲଟିଂ କାରବାର, ପ୍ରକାଶନ ଓ ଆନୁଷ୍ଠାନିକ କାମରେ ସମସ୍ୟାର ସମାଧାନ କରିପାରିବେ ।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ଉପୁଜିପାରେ। ପରିସ୍ଥିତି ଏପରି ହେବ ଯେ ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିପାରିବେ ନାହିଁ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଖୁସି ହେବେ।

ଆଜି ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, କାର୍ତ୍ତିକ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର, ରାଶିନକ୍ଷତ୍ର–ସକାଳ ଘ.୦୮।୦୧ଗତେ ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୫।୪୬ ଗତେ ଘ.୦୮।୦୪ ମଧ୍ୟେ, ଘ.୧୦।୨୨ ଗତେ ଘ.୧୧।୪୧ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୧ ଗତେ ଘ.୧୨।୫୭ ମଧ୍ୟେ ରାହୁକାଳ।


# classifieds

**Everyday 0674-2580101, 2549302**



MATRIMONIAL

### GROOM WANTED

ସୁନ୍ଦର ଛାଡ଼ପତ୍ର ନିଃସନ୍ତାନ 36 ବୟସ୍କା Government ଚାକିରିଆ ଧୋବା ଜାତିର ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 8327715036. D-1778

ଭୁବନେଶ୍ୱରସ୍ଥିତ, Nurse ଚାକିରି କରୁଥିବା 28 ବୟସ୍କା widow କରଣ ଝିଅଙ୍କୁ ଯେକୌଣସି ଜାତିର ସନ୍ତାନ/ନିଃସନ୍ତାନ ପୁଅ ଦରକାର। 6371586968. D-1779

Govt. ଚାକିରିଆ 30 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1773

Beautiful Kandara Girl 1990, 5'4" B-tech Software Engineer, Bangalore. 9853366347. D-1774



real estate

### SALE

NH side 2000sqft. prime land at Samantarapur, Bhubaneswar. Mob- 8917520527. D-46558

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Sum Hospital** ପାଖରେ **(60x40) BDA plot**ରେ ୩ ମହଲା ଘର ଓ ଏକ **3BHK Apartment** ବିକ୍ରିହେବ। **7978124465, 7991006699.** D-1702

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

### PURCHASE

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138



healthcare

Fullbody relax massage refresh your body with trend therapist. 7008773793. D-73650

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Herbal full body massage by smart / expert therapist. Contact: 8455985899. D-73986

Newly opened full body massage center by expert therapist. 7381172169. D-73653

Full body massage in homely atmosphere. All Therapy, Mob.- 8114881641. D-73415

Newly open Spa positively health benefit with expert. Contact: 7749976301. D-73882

"Contact for only professional massage & Steam Bath, Bhubaneswar -9861550765.". D-1787

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988

### LOST

ମୁଁ ସରୋଜିନୀ ମହାନ୍ତି, ସ୍ୱାମୀ–ଶିଶିରକାନ୍ତ ଜେନା, ପ୍ଲଟ୍ ନଂ.–1253 near Mangala Mandir Nayapalli, Bhubaneswarରେ ରହୁଅଛି। ମୁଁ ଗୌତମ ନଗର ମୌଜାରେ ଗୋଟିଏ Property ବବିତା ଶତପଥୀଙ୍କଠାରୁ କିଣିଥିଲି। କିଣିବା ସମୟରେ ସେ ମୋତେ ତାଙ୍କର ନିଜ କବଲା ଏବଂ ପଟ୍ଟା ସହିତ ପୂର୍ବ ଲୋକର କବଲା ଏବଂ ପଟ୍ଟା ଦେଇଥିଲେ। କବଲା ନଂ.–4426, dtd 15.05.2004 ଏବଂ ପଟ୍ଟାର ଖାତା ନଂ.–1331/530, ଯୋଉଟା କି ରୂପାନନ୍ଦ ଆଚାର୍ଯ୍ୟଙ୍କ ନାମରେ ଥିଲା। ମୁଁ Travel କରୁଥିବା ସମୟରେ ମୋର ବ୍ୟାଗଟିକୁ ନୟାପଲ୍ଲୀ ଅଞ୍ଚଳରେ ହଜାଇ ଦେଇଛି। ଯେଉଁଥିରେ ମୋର Bank Pass Book ଏବଂ ଅନ୍ୟାନ୍ୟ ଜମିବାଡ଼ି Original Document ଥିଲା। ମୁଁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କେହି ସହୃଦୟ ବ୍ୟକ୍ତିଙ୍କୁ ମିଳେ, ଦୟାକରି SBI, RACPCରେ ହସ୍ତାନ୍ତର କରିବାକୁ ଅନୁରୋଧ। ଧ–୧୮୦୦

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 18-10- 2022, I, Prabina Panda, Address- Qrs. No. S2-428/429, Niladri Vihar, Sailashree Vihar, PS- Chandrasekharpur, Khurda- 751021, have changed my name from Prabeena Panigrahi to Prabina Panda. Henceforth, I shall be known as Prabina Panda for all purposes. D-1801

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

### LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.–୧ ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଙ୍ଗ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ଓ.ଏସ୍.ଏସ୍.କେଶ୍ ନଂ.– ୨୧୪୧/୨୦୧୭
ପୂର୍ଣ୍ଣଚନ୍ଦ୍ର ଜାଲି ....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓ ଓଗେର ....ପ୍ରତିବାଦୀ
ନୋଟିସ୍ ଅର୍ଡର–୫ ରୁଲ–୨୦ ସି.ପି.ସି. ମୁତାବକ
ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.–୮ ମେସର୍ସ ମେଘା ବିଲ୍ଡର ଓ ଡେଭଲପର ତରଫ ମ୍ୟାନେଜିଙ୍ଗ ଡାଇରେକ୍ଟର ସୂର୍ଯ୍ୟକାନ୍ତ ବେହେରା, ସା– ପ୍ଲଟ୍ ନଂ.–ଏମ୍–୬୨, ସାମନ୍ତ ବିହାର, ଚନ୍ଦ୍ରଶେଖରପୁର, ଜିଲ୍ଲା– ଖୋର୍ଦ୍ଧା, ପ୍ରତିବାଦୀ ନଂ.–୯ ଗିରିଧାରୀ ଭୋଇ, ପ୍ରତିବାଦୀ ନଂ.–୧୦ ଗୋକୁଳାନନ୍ଦ ଭୋଇ, ଉଭୟଙ୍କର ପିତା– ୰ସୁରଥ ଭୋଇ, ପ୍ରତିବାଦୀ ନଂ.–୧୧ ଧ୍ରୁବ ନାୟକ, ପିତା– ୰ବେଣୁ ନାୟକ, ପ୍ରତିବାଦୀ ନଂ.–୧୨ କରୁଣାକର ବେହେରା, ପିତା– ୰ଅଲେଖ ବେହେରା, ପ୍ରତିବାଦୀ ନଂ.–୯ଠାରୁ ୧୨ମର ପର୍ଯ୍ୟନ୍ତ ଠିକଣା–ସା–ଗାଡ଼କଣ, ୟୁନିଟ୍ ନଂ.–୩୯, ଥାନା– ନିଉକ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା।
ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ୍ କେଶ୍ ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.–୧ ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଙ୍ଗ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା କାର୍ଯ୍ୟାଳୟରେ ଆସନ୍ତା ତା ୦୫।୧୨।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।
ଜମିର ବିବରଣୀ
ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ମଞ୍ଚେଶ୍ୱର, ମୌଜା– ଗାଡ଼କଣ,
ସାବକ ଖାତା ନଂ.–୯୯୨, ପ୍ଲଟ୍ ନଂ.–୨୮୬, ରକବା– ଏ.୦.୦୩୪.୪୩ଡି, ସ୍ୱତ୍ୱ, କିସମ
ହାଲ୍ ଖାତା ନଂ.–୮୮୧, ପ୍ଲଟ୍ ନଂ.–୬୪୬୭, ରକବା– ଏ.୦.୦୩୪.୪୩ଡି, ସ୍ୱତ୍ୱ, କିସମ
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।
ସ୍ୱା./– ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ କୋର୍ଟ ଅଧିକାରୀ
ତା:୧୧।୧୦।୨୦୨୨
ଭୁବନେଶ୍ୱର
ଧ–୧୭୯୫


ପ୍ରଥମ ପୃଷ୍ଠାରୁ...

## ଆୟରେ ଓଡ଼ିଶା...

୧୪,୮୬୩ ଟଙ୍କା ସହ ଏହି ରାଜ୍ୟ ଶୀର୍ଷରେ ରହିଛି। ପଞ୍ଜାବରେ ତାହା ଯଥାକ୍ରମେ ୨୩,୧୩୩ ଟଙ୍କା ଏବଂ ୧୦,୯୩୫ ଟଙ୍କା ରହିଛି। ଏ କ୍ଷେତ୍ରରେ ଓଡ଼ିଶାରେ ହାରାହାରି ମାସିକ ଆୟ କୃଷିକ୍ଷେତ୍ରରୁ ୭,୭୩୧ ଟଙ୍କା ଏବଂ ଅଣକୃଷି କ୍ଷେତ୍ରରୁ ଆୟ ୬୫୬୩ ରହିଛି। ପୂର୍ବତନ କୃଷିମନ୍ତ୍ରୀ ଦାମୋଦର ରାଉତ କହିଛନ୍ତି, ରାଜ୍ୟରେ ୩୬% ଜମି ପଡ଼ିଆ ପଡୁଛି। ଓଡ଼ିଶାର ସମୁଦାୟ ୬୧ ଲକ୍ଷ ହେକ୍ଟର ଜମିରୁ ପ୍ରାୟ ୧୬ ଲକ୍ଷ ହେକ୍ଟର ଜମିରେ ଚାଷ ହୋଇପାରୁନାହିଁ। ଶିଳ୍ପକୁ ଅଗ୍ରାଧିକାର ଦେବା ନାଁରେ କୃଷିକ୍ଷେତ୍ରକୁ ଅବହେଳା କରାଯାଉଛି। ଏଥିଯୋଗୁ କୃଷି ଉତ୍ପାଦନ କମୁଛି। କଳାହାଣ୍ଡି ଭଳି ଜିଲାରେ ୭୧% ଜମି ୧୩% ପରିବାର ହାତରେ ରହିଛି। ୮୭ ପ୍ରତିଶତ ପରିବାରଙ୍କ ପାଖରେ ମାତ୍ର ୨୯% ଜମି ରହିଛି। ପ୍ରକୃତ ଚାଷୀ ବାହାର ରାଜ୍ୟକୁ ପଳାୟନ କରୁଛନ୍ତି। ଓଡ଼ିଶାରେ ଯେତେ ଲୋକ ଚାଷ କରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ୮୫ ଭାଗ ନାମମାତ୍ର ବା କ୍ଷୁଦ୍ରଚାଷୀ। ସେମାନଙ୍କର ଜମି ନ ଥାଏ। ଭାଗ ଆଣି ଚାଷ କରିଥାଆନ୍ତି। ଫଳରେ ଭାଗଚାଷୀ ସରକାରଙ୍କ ପାଖରୁ କୌଣସି ଋଣ କିମ୍ବା ରିହାତି ପାଆନ୍ତି ନାହିଁ। ଉତ୍ପାଦନ କମିଲେ ଚାଷୀଙ୍କର ଆୟ ବଢ଼ିବ କେମିତି ବୋଲି ରାଉତ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାରେ ହେକ୍ଟର ପିଛା ମଞ୍ଜୁର କୃଷିଋଣ ଅତ୍ୟନ୍ତ ନୈରାଶ୍ୟଜନକ। ଏ ନେଇ ଏସ୍‌ବିଆଇର ଜଣେ ଅଧିକାରୀଙ୍କ କହିବା କଥା ହେଲା, କିଷାନ କ୍ରେଡିଟ୍ କାର୍ଡର ସୀମା ୧୦ ହଜାରରୁ ୫୦ ହଜାର ଟଙ୍କା ରହିଛି। ଜମି ପରିମାଣ ଏବଂ ଉତ୍ପାଦନକୁ ଭିତ୍ତିକରି କିଷାନ କ୍ରେଡିଟ୍ କାର୍ଡର ସୀମା ନିର୍ଦ୍ଧାରଣ ହୋଇଥାଏ। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ସରକାରୀ ପ୍ରତିନିଧିମାନେ ଏହି କାର୍ଡର ସୀମା ବୃଦ୍ଧି ନିମନ୍ତେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ହେଉନାହିଁ।

## ରତ୍ନଭଣ୍ଡାର ସମ୍ପର୍କରେ...

ଏଥିରେ ଆମିକସ୍ କ୍ୟୁରି ନଗେନ୍ଦ୍ର କୁମାର ମହାନ୍ତି ସତ୍ୟପାଠ ଦାଖଲ କରି ଶ୍ରୀମନ୍ଦିରର ନାଟମଣ୍ଡପ ଓ ଜଗମୋହନ ମରାମତି କାର୍ଯ୍ୟ ଚାଲିଛି ଏବଂ ଏହା ୨୦୨୩ମାର୍ଚ୍ଚ୩୧ ସୁଦ୍ଧା ଶେଷ ହେବ ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ। ସେହିପରି ଦିଲ୍ଲୀପ ମହାପାତ୍ରଙ୍କ ପକ୍ଷରୁ ଆଗତ ରତ୍ନଭଣ୍ଡାର ଖୋଲାଯିବା ନେଇ ଆଗତ ମାମଲାର ଶୁଣାଣି କରି ଅଦାଲତ ସରକାରଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରତ୍ନଭଣ୍ଡାର ୧୯୮୦ରୁ ଖୋଲା ଯାଇନାହିଁ। ତେଣୁ ରତ୍ନଭଣ୍ଡାର ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ସୁରକ୍ଷିତ ଅଛି କି ନାହିଁ ଏବଂ ବିଭିନ୍ନ ସାମଗ୍ରୀଗୁଡ଼ିକର ପୂର୍ବ ତାଲିକା ଅନୁଯାୟୀ ଗଣତି ଠିକ୍ ଅଛି କି ନାହିଁ ତାହା ରାଜ୍ୟ ସରକାର ସ୍ପଷ୍ଟ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ସେହିପରି ଦିଲ୍ଲୀପଙ୍କ ଦ୍ୱାରା ଆଗତ କୋଣାର୍କ ମନ୍ଦିର ସୁରକ୍ଷା ସମ୍ପର୍କିତ ଅନ୍ୟ ଏକ ମାମଲାରେ ଆମିକସକ୍ୟୁରି ସତ୍ୟପାଠ ଦାଖଲ କରିଥିଲେ। ମନ୍ଦିର ମଧ୍ୟରୁ ବାଲି ବାହାର କରାଯାଉଛି। ସବୁ ବାଲି ବାହାର କରାଯିବା ପରେ ଆମିକସ୍‌କ୍ୟୁରି ମନ୍ଦିର ପରିଦର୍ଶନ କରିବେ ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ। କୋଣାର୍କ ମନ୍ଦିର ପରିସରରୁ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବା ଓ ମନ୍ଦିର ଐତିହ୍ୟ ନଷ୍ଟ ହେବା ନେଇ ଆବେଦନରେ ଆଶଙ୍କା ପ୍ରକାଶ କରି ଅଦାଲତଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ତିନୋଟିଯାକ ମାମଲାକୁ ଆଇନଜୀବୀ ଆଲୋକ ମହାପାତ୍ର ପରିଚାଳନା କରୁଛନ୍ତି।

## ଅର୍ଡର ପୂର୍ବରୁ...

ଏହାପରେ ସଫ୍ଟୱେର ଅଙ୍ଗୁଳିର ଫ୍ରିକ୍‌ସନ୍ ବା ଘର୍ଷଣକୁ ଇଲେକ୍ଟ୍ରୋଆଡେଶନ୍ ଇଲେକ୍ଟ୍ରିକ୍ ଫିଲ୍ଡ ନିୟନ୍ତ୍ରଣ କରିଥାଏ। ଏହି ନୂଆ କାରିଗରି ଦୃଷ୍ଟିବାଧିତମାନଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଆଇଆଇଟି ମାଡ୍ରାସ୍ ଗବେଷକ ଏମ୍. ପ୍ରଫେସର୍ ମଣିଭାନ୍ନମ କହିଛନ୍ତି, ବର୍ତ୍ତମାନ ଆଇ–ଟାଚ୍‌ର ଯୁଗ। ଅନ୍‌ଲାଇନ୍ ଶପିଂକୁ ଏହି ଟେକ୍ନୋଲଜି ଆହୁରି ସହଜ କରିବ। ପୂର୍ବରୁ ଅନ୍‌ଲାଇନ୍‌ରେ କୌଣସି ଜିନିଷ ଅର୍ଡର କରିବା ପୂର୍ବରୁ ଆମେ ତାକୁ ଛୁଇଁପାରୁ ନ ଥିଲେ। କିନ୍ତୁ ଆଇ–ଟାଚ୍ ଜରିଆରେ ଏବେ ତାହା ସମ୍ଭବ ହେବ। ମାର୍କେଲ୍ ହାପ୍‌ଟିକ୍ସ ଏବଂ ଆଇଆଇଟି ମାଡ୍ରାସ୍‌ର ମିଳିତ ଉଦ୍ୟମରେ ଏହି ଟେକ୍ନୋଲଜି ଉଦ୍ଭାବନ କରାଯାଇଛି। ଏହି ସୁବିଧାକୁ ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବା ପାଇଁ କମ୍ପ୍ୟୁଟର ମାଉସ୍ ଆକାରର ଡିଭାଇସ୍ ତିଆରି କରାଯାଉଥିବା ହାପ୍‌ଟିକ୍ସ ସିଇଓ ଡା. ପି.ଭି. ପଦ୍ମପ୍ରିୟା ସୂଚନା ଦେଇଛନ୍ତି।

## ଆସୁଛି ବାତ୍ୟା...

ଦିଆଯାଇଛି। ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୨୨ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଗତ ୨/୩ ଦିନ ହେବ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ରେ ୪୮.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୨୮.୮ ପ୍ରତିଶତ ରେକର୍ଡ କରାଯାଇଛି। ଆସନ୍ତା ୨୩ ତାରିଖ ଯାଏ ରାଜ୍ୟରେ ଆଦୌ ବର୍ଷା ନ ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଚାଷୀ-ପୋଲିସ...

ଅକ୍ଷୟ କୁମାର କହିଛନ୍ତି ଯେ, ଲୋକ ପ୍ରତିନିଧିମାନେ ଚାଷୀମାନଙ୍କ ଗହଣକୁ ନ ଆସିବା ଅତ୍ୟନ୍ତ ଉଦ୍‌ବେଗଜନକ ଓ ଲଜ୍ଜାଜନକ ଘଟଣା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକପ୍ରତିନିଧିମାନେ ଚାଷୀମାନଙ୍କୁ ଉପେକ୍ଷା କରିବା ଦୁଃଖ ଓ କ୍ରୋଧ ସୃଷ୍ଟି କରିଛି। ସରକାର ବଜେଟରେ ଅର୍ଥ ବ୍ୟବସ୍ଥା କଲାବେଳେ ଚାଷୀ ଭତ୍ତା ପାସୋରି ଯାଉଛନ୍ତି। ସରକାରୀ କର୍ମଚାରୀଙ୍କ ସମସ୍ତ ଦାବି ସରକାର ମାନି ନେଉଥିଲାବେଳେ ଚାଷୀଙ୍କ କୌଣସି ଦାବିକୁ ଶୁଣନ୍ତି ନାହିଁ କି ଗୁରୁତ୍ୱ ଦେଉନାହାନ୍ତି। ଜଣେ କର୍ମଚାରୀଙ୍କ ପେନ୍‌ସନ ଓ ଚାଷୀର ବାର୍ଦ୍ଧକ୍ୟ ଭତ୍ତା ଭିତରେ ଆକାଶପାତାଳ ଫରକ ରହିଛି। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠ ଗୋଷ୍ଠୀଙ୍କ ବିଜୟ ହେବା କଥା। ମାତ୍ର ଏଠାରେ ଚାଷୀଙ୍କ ବିଜୟ ହୋଇପାରୁନାହିଁ। ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, ରାଜ୍ୟ କମିଟି ସଭ୍ୟ ପ୍ରସନ୍ନ କୁଅଁର, ଦେବୀପ୍ରସାଦ ମହାରଣା ବକ୍ତବ୍ୟ ରଖିବା ସହ ଆନ୍ଦୋଳନାତ୍ମକ ସଙ୍ଗୀତ ପରିବେଷଣ କରିଥିଲେ। ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ନିମାଁଇ ରାୟ ଆନ୍ଦୋଳନ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ପ୍ରଧାନ, ଛାତ୍ରନେତା ଇଜ୍ଜୁ ଆମିନ ଖାନ, ସତ୍ୟ ନାୟକ, ଦିନେଶ ଦାସ, ସୁରଜ ଚନ୍ଦ୍ର ମାନସିଂ, ସର୍ବୋଦୟ ସମ୍ପାଦକ ରମାକାନ୍ତ ମଣ୍ଡଳ, କୁନ୍ତଳା ଗୁରୁ, ମିନା କୁମାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୦୪,୯୯,୯୩୫ | ୬୫,୭୩,୨୮୩ | ୬୦,୯୬,୫୯,୯୦୭ |
| ଭାରତ | ୪,୪୬,୩୨,୪୩୦ | ୫,୨୮,୯୧୩ | ୪,୪୦,୭୭,୦୬୮ |
| ଓଡ଼ିଶା | ୧୩,୩୫,୫୬୨ | ୯୨୦୨(+୫୩) | ୧୩,୨୫,୮୭୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worllometers.info/coronavirus/ଏବଂ ଓଡ଼ିଶା ସରକାର

# ବିଦ୍ୟୁତ୍ ଆଘାତରେ ମା'ପୁଅ ମୃତ

ପଦ୍ମପୁର,୧୮।୧୦(ଡି.ଏନ୍.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବରିକେଲ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ମା',ପୁଅଙ୍କ ଜୀବନ ଯାଇଛି। ମୃତକ ହେଲେ ଅଞ୍ଜଳି ବାଗ(୨୩) ଏବଂ ତାଙ୍କର ୮ ମାସର ପୁଅ ଗୌରବ। ଉଭୟଙ୍କ ମୃତଦେହକୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ପଦ୍ମପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଞ୍ଜଳି ଶିଶୁପୁତ୍ର ଗୌରବଙ୍କୁ କାଖେଇ ଘରେ ଥିବା ଆଲମିରା ଖୋଲୁଥିଲେ। ତେବେ ଘରେ ଥିବା ବିଦ୍ୟୁତ ତାର ଛିଣ୍ଡି ଆଲମିରା ଉପରେ ପଡ଼ିଥିବା ଯୋଗୁ ଉଭୟ ମା',ପୁଅଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେମାନଙ୍କ ଚିତ୍କାର ଶୁଣି ସ୍ୱାମୀ ଶ୍ୟାମନ୍ତ ଏବଂ ପରିବାରର ଅନ୍ୟ ସଦସ୍ୟ ସେଠାରେ ପହଞ୍ଚି କୌଣସିମତେ ସେମାନଙ୍କୁ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ମା'ପୁଅଙ୍କୁ ମୃତ ଘୋଷଣା କରିଥିଲେ।

# କୋଲକାତାରୁ ଜେଟେକ୍ସ ଓସିଏନ୍ଏୟାର୍ ଏମ୍‌ଡି ଗିରଫ

**୨.୬୨ କୋଟି ଚିଟ୍‌ଫଣ୍ଡ ଠକେଇ ମାମଲା**

- **୧.୮୩ କୋଟି ଟଙ୍କା କାରବାରର ହିସାବ ଦେଇପାରି ନ ଥିଲେ**
- **ଜାମିନ ନାମଞ୍ଜୁର ପରେ ଜେଲ ଗଲେ ଅଭିଯୁକ୍ତ ଜୟଦୀପ୍**
- **ପୂର୍ବରୁ ଗିରଫ ହୋଇଥିଲେ କମ୍ପାନୀ ଏମ୍‌ଡିଙ୍କ ସହ ୩ ନିର୍ଦ୍ଦେଶକ**

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ଓଡ଼ିଶାରେ ବହୁଗୁଣ ସୁଧ ଦେବାର ପ୍ରତିଶ୍ରୁତି ଦେଇ ୨.୬୨ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଚିଟ୍‌ଫଣ୍ଡ ସଂସ୍ଥା 'ଏମ୍/ଏସ୍ ଜେଟେକ୍ସ ଓସିଏନ୍ଏୟାର ପ୍ରାଇଭେଟ ଲିଃ'ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ କୋଲକାତାରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଜୟଦୀପ ରାଣା। ସୋମବାର ଜୟଦୀପଙ୍କୁ ଗିରଫ କରାଯିବା ପରେ ସାଉଥ ଚବିଶ ପ୍ରାଗଣାସ୍ଥିତ ଅତିରିକ୍ତ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ତାଙ୍କୁ ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ଜୟଦୀପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ଚିଟ୍‌ଫଣ୍ଡ ସଂସ୍ଥା 'ଓଏକେ ଇଣ୍ଡିଆ ମଲଟିଷ୍ଟେଟ୍ କ୍ରେଡିଟ କୋ-ଅପରେଟିଭ୍ ସୋସାଇଟି'ର ଏମ୍‌ଡି ଓମ୍‌କାର ସିଂ ଏବଂ ଏହାର ୩ ନିର୍ଦ୍ଦେଶକ କୁନାଲ ତିୱାରୀ, ଅର୍ସଦ ହୁସେନ୍ ଏବଂ ମ୍ରିଗଙ୍କା ଶେଖର ଚକ୍ରବର୍ତ୍ତୀଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଚିଟ୍‌ଫଣ୍ଡ ସଂସ୍ଥା 'ଏମ୍/ଏସ୍ ଆମ୍ବିସିୟସ୍ ଡାଇଭର୍ସିଫାଏଡ୍ ପ୍ରୋଜେକ୍ଟସ ମ୍ୟାନେଜମେଣ୍ଟ ଲିଃ' ଏବଂ 'ଓଏକେ ଇଣ୍ଡିଆ ମଲଟିଷ୍ଟେଟ୍ କ୍ରେଡିଟ କୋ-ଅପରେଟିଭ୍ ସୋସାଇଟି' ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଫିସ ଖୋଲିଥିଲା। ଏହାର ନିର୍ଦ୍ଦେଶକ ଓ ସଦସ୍ୟଙ୍କ ମାଧ୍ୟମରେ ସଂସ୍ଥା ୨୦୧୦ରୁ ୨୦୧୪ ମଧ୍ୟରେ ବହୁଗୁଣ ସୁଧ ଦେବାର ପ୍ରତିଶ୍ରୁତି ଦେଇ ୧୯୬୮ ଜଣ ଜମାକାରୀଙ୍କଠୁ ୨ କୋଟି ୬୨ ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ଠକି ନେବା ପରେ ସ୍ଥାନୀୟ ଅଞ୍ଚଳରେ ସଂସ୍ଥାର ଅଫିସ ବନ୍ଦ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଠକେଇର ଶିକାର ହୋଇଥିବା ପୁରୀ ଜିଲା ବଳଙ୍ଗା ଥାନା ଅଧୀନ ବାଣପୁର ଅଞ୍ଚଳର ସୁବାସ ଚନ୍ଦ୍ର ପ୍ରଧାନ ନାମକ ଜମାକାରୀଙ୍କ ଅଭିଯୋଗକ୍ରମେ ୨୦୧୫ ମେ' ୮ରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ. ୧୩/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ୨୦୧୧-୨୦୧୨ରେ ଠକେଇ ଟଙ୍କାରୁ ୧ କୋଟି ୮୩ ଲକ୍ଷ 'ଏମ୍/ଏସ୍ ଜେଟେକ୍ସ ଓସିଏନଏୟାର ପ୍ରାଇଭେଟ ଲିଃ'କୁ ଯାଇଥିବା ଜଣାପଡ଼ିଥିଲା। ତେଣୁ ଏହି କମ୍ପାନୀର ଏମ୍‌ଡି ଜୟଦୀପଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଆରମ୍ଭ କରିଥିଲା। ତାଙ୍କୁ ଗିରଫ କରାଯିବା ପରେ ବିପୁଳ ପରିମାଣର ଅର୍ଥ କାରବାର ନେଇ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେବେ ଜେଟେକ୍ସ ଓସିଏନ୍ଏୟାର ଚିଟଫଣ୍ଡ ସଂସ୍ଥା ନାମରେ ପଶ୍ଚିମବଙ୍ଗରେ ୩ଟି ମାମଲା ରହିଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ଏସ୍‌ପି ଦିଲ୍ଲୀପ ତ୍ରିପାଠୀ କହିଛନ୍ତି।



ଗିରଫ ଅଭିଯୁକ୍ତ ଜୟଦୀପ ରାଣା।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ରାଜ୍ୟ ସରକାର ମଙ୍ଗଳବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୪ ଜଣ ମହିଳା ଓଏଏସ୍ ଅଫିସରଙ୍କୁ ୪ଟି ସରକାରୀ ମେଡିକାଲ କଲେଜର ପ୍ରଶାସନିକ ଅଫିସର ଭାବେ ନିଯୁକ୍ତି ମିଳିଛି। ପ୍ରଥମ ଥର ପାଇଁ ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେଉଥିବା ସୁନ୍ଦରଗଡ଼ ଓ କେନ୍ଦୁଝର ମେଡିକାଲ କଲେଜରେ ମଧ୍ୟ ପ୍ରଶାସନିକ ଅଫିସରଙ୍କୁ ଅବସ୍ଥାପିତ କରାଯାଇଛି। ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସ୍କୁଲ ଓ ଗଣଶିକ୍ଷା ବିଭାଗର ୨ଜଣ ଅତିରିକ୍ତ ସଚିବ ତଥା ବରିଷ୍ଠ ଓଏଏସ୍ ଅଫିସର ଧରମ ହାଁସଦା ଓ ବରିଷ୍ଠ ଓଏଏସ୍ ଅଫିସର ସମ୍ବିତ କୁମାର ନାୟକଙ୍କୁ ଯଥାକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ରୀତା ଡାଙ୍ଗଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ, କିଶନନଗର ତହସିଲଦାର ଇନ୍ଦିରା ସାହୁଙ୍କୁ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର, ସମ୍ବଲପୁର ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀଙ୍କୁ ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର ଭାବେ ଦାୟିତ୍ୱ ମିଳିଛି। ସେହିପରି ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକଙ୍କର କେନ୍ଦୁଝର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର ଭାବେ ବଦଳି ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଆଶୁତୋଷ ସାମଲଙ୍କୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି।

**୪ ମେଡିକାଲ କଲେଜରେ ପ୍ରଶାସନିକ ଅଫିସର ହେଲେ**

# ବିଜେଡି ନେତାଙ୍କ ଘରକୁ ବୋମା ମାଡ଼

**କାର୍ କ୍ଷତିଗ୍ରସ୍ତ, ପୋଲିସର ତନାଘନା**

କାମାକ୍ଷାନଗର, ୧୮।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନଏସି ୨ନଂ. ୱାର୍ଡରେ ରହୁଥିବା ବିଜେଡି ନେତା ତଥା ଠିକାଦାର କାହ୍ନୁ ସାହୁଙ୍କ ଘର ଉପରକୁ ସୋମବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଏଥିରେ ତାଙ୍କ କାର୍‌ର ପଛ କାଚ ଭାଙ୍ଗି ଚୂରମାର୍ ହୋଇଯାଇଛି। କେଉଁ କାରଣରୁ ଏବଂ କିଏ ଏଭଳି କାଣ୍ଡ ଘଟାଇଛି, ତାହା ଅସ୍ପଷ୍ଟ ରହିଛି। ତେବେ ପ୍ରେମବ୍ୟାପାର କିମ୍ବା ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ପଇଁତରା ମାରିଥିଲେ। ଏହାପରେ କାହ୍ନୁଙ୍କ ଘରକୁ ଲକ୍ଷ୍ୟ କରି ୩ଟି ବୋମା ଫିଙ୍ଗିଥିଲେ। ସେଥିରୁ ୨ଟି ଫୁଟି ନ ଥିବାବେଳେ ଗୋଟିଏ ଫୁଟିଥିଲା। ବୋମା ବିସ୍ଫୋରଣ ଶବ୍ଦ ଶୁଣି ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ସାହିବାସୀ ଉଠିପଡ଼ିଥିଲେ। ଏ ସମ୍ପର୍କରେ କାହ୍ନୁଙ୍କୁ ସେମାନେ ଜଣାଇଥିଲେ। ଅଭିଯୁକ୍ତମାନେ ଆସିବା, ଘର ପାଖରେ ପଇଁତରା ମାରିବା ଏବଂ ବୋମା ଫିଙ୍ଗିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ତେବେ ଦୁର୍ବୃତ୍ତମାନେ ହେଲ୍‌ମେଟ ପିନ୍ଧିଥିବାରୁ ଏବଂ ବାଇକ୍‌ଟି ନମ୍ବର ବିହୀନ ହୋଇଥିବାରୁ ସେମାନଙ୍କୁ ସ୍ଥାନୀୟ ବାସିନ୍ଦା ଜାଣି ପାରି ନ ଥିବା କହିଛନ୍ତି। ଘଟଣା ପରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୋଲିସ ପହଞ୍ଚି ତନାଘନା କରିଥିଲା। ତେବେ ସେତେବେଳକୁ ଦୁର୍ବୃତ୍ତମାନେ ଚମ୍ପଟ ମାରି ସାରିଥିଲେ। ଅନ୍ୟପଟେ କାହ୍ନୁଙ୍କ କାହା ସହିତ ରାଜନୈତିକ କିମ୍ବା ବ୍ୟବସାୟିକ ଶତ୍ରୁତା ନ ଥିବା ସେ କହିଛନ୍ତି। ପୋଲିସ ନିକଟରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ପୂର୍ବତନ ଜିଲା ଯୁବ ବିଜେଡି ସଭାପତି କାହ୍ନୁ ଥିଲେ ପୂର୍ବତନ ନଗରପାଳ ଯଶୋବନ୍ତ ପରିଡ଼ାଙ୍କ ଅତି ନିକଟତର। ଠିକାଦାରି ବିବାଦକୁ ନେଇ ଯଶୋବନ୍ତଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ସମ୍ପୃକ୍ତ ଅଭିଯୁକ୍ତମାନେ ଜେଲ ବାହାରକୁ ଆସିଛନ୍ତି। ତେଣୁ ସେମାନଙ୍କ ମଧ୍ୟରୁ କେତେଜଣ କାହ୍ନୁଙ୍କୁ ଟାର୍ଗେଟ କରିଥାଇପାରନ୍ତି ବୋଲି ସହରରେ ଚର୍ଚ୍ଚା ହେଉଛି। ପୋଲିସ ବିଭିନ୍ନ ଦିଗ ଏବଂ ସିସିଟିଭି ଫୁଟେଜ୍‌କୁ ନେଇ ତଦନ୍ତ ଆରମ୍ଭ କରିଛି।



ବୋମାମାଡ଼ରେ ଗାଡ଼ିର କାଚ ଚୂରମାର୍।

# ବନ ଅଧିକାରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ବିଷ ପିଇଥିବା ଚାଷୀଙ୍କ ମୃତଦେହ ରଖି ଆନ୍ଦୋଳନ**

ମାଧପୁର, ୧୮।୧୦

ହାତୀ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ବନ ବିଭାଗର ଅଧିକାରୀ ପଚରାଉଚରା ପାଇଁ ଡାକି ଚାଷୀଙ୍କୁ ନିର୍ଯାତନା ଦେଇଥିବାରୁ ସେ ବିଷ ପିଇ ପ୍ରାଣ ହରାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହ କ୍ଷତିପୂରଣ ଦାବିରେ ମଙ୍ଗଳବାର ଅନୁଗୋଳ ଜିଲାର ମାଧପୁର-କିଆକଟା ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରାଯାଇଥିଲା। ଫଳରେ କେଇ ଘଣ୍ଟା ଧରି ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଖବରପାଇ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ବାସୁଦେବପୁର ପଞ୍ଚାୟତର ମୁଣ୍ଡାପଡ଼ା ଗ୍ରାମ ନିକଟରେ ଗତ ୧୫ ତାରିଖରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଜନ୍ତୁ ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ଫାଶ ଯୋଗୁ ହାତୀର ପ୍ରାଣ ଯାଇଥିବା କୁହାଯାଇଥିଲା। ତେଣୁ ତଦନ୍ତ କରୁଥିବା ବନ ବିଭାଗ ଅଧିକାରୀ ଘଟଣାସ୍ଥଳ ନିକଟରେ ମଞ୍ଚା କରି ଫସଲ ଜଗିଥିବା ମୁଣ୍ଡାପଡ଼ା ଗ୍ରାମର ଚାଷୀ ଦଶରଥ ନାଏକ (୬୫)ଙ୍କୁ ପଚରାଉଚରା ପାଇଁ ଡାକିଥିଲେ। ତାଙ୍କଠାରୁ ତଥ୍ୟ ସଂଗ୍ରହ କରିବା ପରେ ଛାଡ଼ି ଦେଇଥିଲେ। କିନ୍ତୁ ଘରକୁ ଫେରିବା ପରେ ଦଶରଥ ମାନସିକ ବିଷାଦରେ ଥିଲେ ଓ ୧୭ ତାରିଖରେ ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ବୌଦ୍ଧ ଜିଲା ଡାକ୍ତରଖାନା ଏବଂ ପରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବନ ବିଭାଗର ନିର୍ଯାତନା କାରଣରୁ ଦଶରଥଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣି କ୍ଷତିପୂରଣ ଦାବିରେ ତାଙ୍କ ପରିବାର ପକ୍ଷରୁ ମଙ୍ଗଳବାର କିଆକଟା ବନପାଳଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖାଯାଇ ମାଧପୁର- କିଆକଟା ରାସ୍ତାରୋକୋ କରାଯାଇଥିଲା। ଆଠମଲ୍ଲିକ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ବୁଝାଶୁଝା କରିବା ସହିତ ରେଡକ୍ରସ ତରଫରୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ଆଉ ୫ ହଜାର ଟଙ୍କା ଦିଆଯିବ ଓ ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିବା ପରେ ରାସ୍ତାରୋକ ହଟିଥିଲା। ଏ ସମ୍ପର୍କରେ ମାଧପୁର ରେଞ୍ଜର ସନ୍ତୋଷ ଭୋଇ କହିଛନ୍ତି, ଯେହେତୁ ପାଖରେ ମଞ୍ଚା କରି ଜଗୁଥିଲେ, ତେଣୁ ତାଙ୍କୁ ପଚାରି ବୁଝିଥିଲୁ। ୪ ଜଣ ବ୍ୟକ୍ତିଙ୍କ ନାମ ପ୍ରକାଶ କରିବା ପରେ ତାଙ୍କୁ ସୁରକ୍ଷିତ ଭାବେ ସ୍ତ୍ରୀଙ୍କ ସମ୍ମୁଖରେ ଛାଡ଼ି ଦେଇଥିଲୁ। ସମ୍ପୃକ୍ତ ୪ ଜଣ ବ୍ୟକ୍ତି ଚାଷୀଙ୍କୁ ଧମକ ଦେଇଥାଇପାରନ୍ତି ବୋଲି ରେଞ୍ଜର ପ୍ରକାଶ କରିଛନ୍ତି।












> ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। **–ଶ୍ରୀଅରବିନ୍ଦ**

# ସୀମା ଡେଇଁଲେ ବିପଦ

ଗତି ଆଣେ ପ୍ରଗତି। ମଣିଷ ଗାଡ଼ି ହେଉ ବା ଯନ୍ତ୍ର ତାହାକୁ ଉଦ୍ଭାବନ କରିଥିଲେ ମଧ୍ୟ ଚଳାଇଲା ବେଳେ ନିୟନ୍ତ୍ରଣ ଭିତରକୁ ଆଣି ନ ପାରିଲେ ଦୁର୍ଘଟଣା ଅବଶ୍ୟମ୍ଭାବୀ। ଆଉ ଏହି ଗତିଶୀଳତାକୁ ଡିଜିଟାଲ ଯୁଗ ଅଧିକ କ୍ଷିପ୍ର କରିଦେଇଥିବାରୁ ଅନେକେ ସ୍ପିଡ୍ ପଛରେ ଧାଉଁଛନ୍ତି। ବିଶେଷକରି ଜାଣତରେ ଯୁବବର୍ଗଙ୍କ ମଧ୍ୟରୁ କେତେକଙ୍କ ଜୀବନ ରାସ୍ତାରେ ଚାଲିଯାଉଛି। ଏହାର ସଦ୍ୟ ଦୃଷ୍ଟାନ୍ତ ୧୪ ଅକ୍ଟୋବରରେ ଉତ୍ତରପ୍ରଦେଶ ସୁଲତାନପୁର ଜିଲା ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ହୋଇଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି। ୪ ଜଣ ବନ୍ଧୁ ଘଣ୍ଟା ପ୍ରତି ୨୩୦ କିଲୋମିଟର ବେଗରେ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିଲେ। ସ୍ପିଡ୍ ଆହୁରି ବଢ଼ାଇ ଘଣ୍ଟା ପ୍ରତି ୩୦୦ କିଲୋମିଟର ବେଗରେ ତାହାକୁ ପହଞ୍ଚାଇବାକୁ ଥିଲା ଲକ୍ଷ୍ୟ। ଏଥିସହିତ ସ୍ପିଡୋମିଟର ଉପରେ ଧ୍ୟାନ କେନ୍ଦ୍ରିତ କରାଇ ତାହାକୁ ଫେସ୍‌ବୁକ୍‌ରେ ଲାଇଭ୍ ଭିଡିଓ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ କହୁଥିବାର ଶୁଣାଯାଇଥିଲା ଆହୁରି ସ୍ପିଡ୍ ଚଳାଅ, ନ ହେଲେ ୩୦୦ କିଲୋମିଟର ଛୁଇଁପାରିବା ନାହିଁ। ଆଉ ଜଣେ କହୁଥିଲେ 'ଆମେ ସମସ୍ତେ ମରିଯିବା'। ଏହା କହୁ କହୁ ବିଏମ୍‌ଡବ୍ଲ୍ୟୁ କାର୍‌ଟି ଏକ କଣ୍ଟେନରକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସମସ୍ତଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମୃତ୍ୟୁକୁ ବରଣ କରିଥିବା ୪ ଜଣଙ୍କ ମଧ୍ୟରୁ ଜଣେ ଡାକ୍ତର ଥିବାବେଳେ ଦୁଇ ଜଣ ଇଞ୍ଜିନିୟର ଓ ଜଣେ ବ୍ୟବସାୟୀ ଥିଲେ। ବିହାରର ଏହି ଯୁବବନ୍ଧୁମାନେ ଡାକ୍ତରଙ୍କ ଗାଡ଼ି ସର୍ଭିସିଂ ପାଇଁ ଲକ୍ଷ୍ନୌ ଯାଉଥିବା ବେଳେ ପ୍ରାଣ ହରାଇଛନ୍ତି।

ଉପରଲିଖିତ ଦୁର୍ଘଟଣା ସମ୍ପୂର୍ଣ୍ଣ ମନୁଷ୍ୟକୃତ ବୋଲି କୁହାଯାଇପାରିବ। ଆଜିର ସମୟରେ ହାଇସ୍ପିଡ୍ ସହ ଆରାମଦାୟକ ଗାଡ଼ି ଯୁବପିଢ଼ିଙ୍କ ପସନ୍ଦ ପାଲଟିଯାଇଛି। ଦାମିକା ଯାନରେ ସୁରକ୍ଷା ବୈଶିଷ୍ଟ୍ୟ ଅଧିକ ଖଞ୍ଜା ଯାଇଥିବାରୁ ଅନେକେ ଭାବିନେଉଛନ୍ତି ଦୁର୍ଘଟଣା ଘଟିଲେ ତାହା ସେମାନଙ୍କ ପାଇଁ ରକ୍ଷାକବଚ ପାଲଟିଯିବ। ହେଲେ ବେଗର ଗୋଟେ ସୀମା ଅଛି। ସେହି ସୀମା ଲଂଘିଲେ କୌଣସି ସୁରକ୍ଷା କବଚ କାମରେ ଆସି ନ ଥାଏ। ଭାରତର ସଡ଼କପଥରେ ହେଉଥିବା ଅସଂଖ୍ୟ ଦୁର୍ଘଟଣା ପାଇଁ ସାଧାରଣତଃ ଡ୍ରାଇଭରଙ୍କୁ ଦାୟୀ କରାଯାଇଥାଏ। ଏଥିସହିତ କୁହାଯାଏ, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଚାଳକମାନେ ଅପାଠୁଆ ବା ସ୍ୱଳ୍ପ ଶିକ୍ଷିତ। ହେଲେ ଏହି ଯେଉଁ ୪ ଜଣ ସାଙ୍ଗ ଦୁର୍ଘଟଣାରେ ପ୍ରାଣ ହରାଇଲେ ସମସ୍ତେ ସମାଜରେ ଉଚ୍ଚଶିକ୍ଷିତ ଓ ପ୍ରତିଷ୍ଠିତ। କିନ୍ତୁ ସୋସିଆଲ୍ ମିଡିଆରେ ଚହଳ ପକାଇବା ସକାଶେ ସେମାନେ ଯେଉଁ ତଥାକଥିତ ଦୁଃସାହସିକତା ପ୍ରଦର୍ଶନ କରୁଥିଲେ ତାହା ସବୁ ଦୃଷ୍ଟିରୁ ନିନ୍ଦନୀୟ। ପାହାଡ଼ ଚଢ଼ିବା, ମୋଟର ରେସିଂ କିମ୍ବା ଅନ୍ୟାନ୍ୟ ଦୁଃସାହସିକ କ୍ରୀଡ଼ାରେ ଭାଗ ନେଉଥିବା ବେଳେ ଯଦି କାହାର ଜୀବନ ଚାଲିଯାଇଥାଏ, ସେମାନଙ୍କ ପ୍ରତି ସମାଜରେ ଦରଦ ରହିବା ସ୍ୱାଭାବିକ। ଅନ୍ୟପକ୍ଷରେ ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ଯେଉଁ ୪ଟି ଜୀବନ ଚାଲିଗଲା, ତାହା ଦ୍ୱାରା ମୃତକଙ୍କ ପରିବାର ଗଭୀର ଦୁଃଖରେ ଥିବେ। କିନ୍ତୁ ସେମାନଙ୍କ ବେପରୁଆ କାର୍ଯ୍ୟ ସମାଜ ଉପରେ ଖରାପ ପ୍ରଭାବ ପକାଉଛି। କେବଳ ଏହି ୪ ବନ୍ଧୁ ନୁହନ୍ତି, ପ୍ରତିଦିନ କେଉଁଠି ନା କେଉଁଠି ରେଳ ଧାରଣା ଉପରେ ସେଲ୍‌ଫି ନେବା, ବାଘ ସହ ଫଟୋ ଉଠାଇବା, କୁମ୍ଭୀର ପାଟି ଆଁ କରି ଆସୁଥିବା ବେଳେ ନିଜକୁ ତାହା ସହ ସାମିଲ କରି ସୋସିଆଲ୍ ମିଡିଆରେ ଲାଇଭ୍ ଭିଡିଓ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ବିଷୟରେ ଗଣମାଧ୍ୟମରୁ ବାରମ୍ବାର ଶୁଣିବାକୁ ମିଳୁଛି। ଡିଜିଟାଲ ଯୁଗରେ ମଣିଷର କାର୍ଯ୍ୟ ଓ ଜୀବନଯାପନ ଶୈଳୀକୁ ପ୍ରଯୁକ୍ତି ଆଧାରିତ ସଫ୍ଟୱେର ସହଜ ଓ ସୁଗମ କରିଦେଇଛି। ମାତ୍ର ତାହାର ଦୁରୁପଯୋଗ ଦ୍ୱାରା ଅନେକଙ୍କ ଜୀବନ ଅନ୍ଧକାରମୟ ହୋଇଯାଉଛି। ଯୁବବର୍ଗ ଏ ବିଷୟରେ ହେଜିବା ଦରକାର। ସୂଚାଇ ଦିଆଯାଇପାରେ, 'ଦ୍ରୁତ ଗତି ମହାବିପତ୍ତି' ଶୀର୍ଷକ ସତର୍କତା ସଡ଼କର ଅନେକ ସ୍ଥାନରେ ଲେଖାଯାଇଥିବା ଦେଖିବାକୁ ମିଳେ। ତାହାକୁ ଯିଏ ମାନିଲେ ସେ ଶୃଙ୍ଖଳିତ ଭାବେ ଜୀବନକୁ ନେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚନ୍ତି। ଅମାନିଆ ଓ ବିଶୃଙ୍ଖଳିତମାନେ ନିଜ ଜୀବନକୁ ବାଜି ଲଗାଇ ଯେଉଁ ସ୍ପିଡ୍‌କୁ ଆପଣାଇଥାଆନ୍ତି, ସେଥିରେ ଦୋଷ ନ ଥିବା ଲୋକଙ୍କ ଜୀବନ ଚାଲିଗଲେ କେବଳ ସେହିମାନଙ୍କ ପାଇଁ ଦୁଃଖ ଲାଗିଥାଏ। ସୀମା ଡେଇଁଲେ ବିପଦ; ରାସ୍ତାରେ ଜୀବନ ଯିବା ଭିତରେ ଏହା ସୀମିତ ରହୁ ନାହିଁ। ବରଂ ଜୀବନଯାତ୍ରାର ପ୍ରତିଟି ସୋପାନରେ ସତର୍କତା ଅବଲମ୍ବନୀୟ।

> **ଆଜିର ସମୟରେ ହାଇସ୍ପିଡ୍ ସହ ଆରାମଦାୟକ ଗାଡ଼ି ଯୁବପିଢ଼ିଙ୍କ ପସନ୍ଦ ପାଲଟିଯାଇଛି। ଦାମିକା ଯାନରେ ସୁରକ୍ଷା ବୈଶିଷ୍ଟ୍ୟ ଅଧିକ ଖଞ୍ଜା ଯାଇଥିବାରୁ ଅନେକେ ଭାବିନେଉଛନ୍ତି ଦୁର୍ଘଟଣା ଘଟିଲେ ତାହା ସେମାନଙ୍କ ପାଇଁ ରକ୍ଷାକବଚ ପାଲଟିଯିବ। ହେଲେ ବେଗର ଗୋଟେ ସୀମା ଅଛି। ସେହି ସୀମା ଲଂଘିଲେ କୌଣସି ସୁରକ୍ଷା କବଚ କାମରେ ଆସି ନ ଥାଏ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 5 | | 3 | | |
| | | | 2 | | | | | 6 |
| 4 | 3 | | | | 8 | | 9 | |
| | 1 | | 9 | | 4 | 5 | | |
| | | 7 | | 1 | | | | |
| | | 3 | | | | | | |
| 9 | 7 | | 3 | | | | 8 | |
| | | | 4 | | | | | |
| | 8 | | 6 | | | 1 | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 6 | 4 | 5 | 2 | 8 | 3 |
| 8 | 3 | 2 | 9 | 1 | 7 | 6 | 5 | 4 |
| 5 | 4 | 6 | 2 | 8 | 3 | 9 | 1 | 7 |
| 2 | 5 | 7 | 4 | 9 | 1 | 8 | 3 | 6 |
| 6 | 1 | 9 | 7 | 3 | 8 | 5 | 4 | 2 |
| 3 | 8 | 4 | 5 | 6 | 2 | 1 | 7 | 9 |
| 1 | 9 | 5 | 3 | 2 | 4 | 7 | 6 | 8 |
| 7 | 6 | 3 | 8 | 5 | 9 | 4 | 2 | 1 |
| 4 | 2 | 8 | 1 | 7 | 6 | 3 | 9 | 5 |

ଗତକାଲିର ଉତ୍ତର

# ଧବଳ ଟଗର ଉପରେ କଳା ଆବରଣ



ସହଦେବ ସାହୁ

ଭଗବାନଙ୍କ ଦୟା ଅଛି ବୋଲି ତୁମେ ଶକ୍ତିଶାଳୀ ହୋଇଛ, ଉଲ୍ଲାସରେ ଜୀବନ କାଟୁଛ–ଏଭଳି ଧାରଣା ମନ୍ଦିରଗୁଡ଼ିକରେ ପୂଜକମାନେ କହନ୍ତି, ଆଉ ଧର୍ମଗୁରୁ ଓ ପ୍ରବଚକମାନେ ପ୍ରଚାର କରନ୍ତି। ତୁମର ଧନ ବଢ଼ୁଛି ମାନେ ଭଗବାନ ତୁମ ଉପରେ ପ୍ରସନ୍ନ! ଏପରି ଧାରଣା ଅନୈତିକ ଆଚରଣ ବଢ଼ାଉଛି: ସ୍ୱାର୍ଥ ସିଦ୍ଧି ପାଇଁ ଭକ୍ତି ବଢ଼ୁଛି! ଚୋର ଚୋରି କରିବା ପୂର୍ବରୁ, ଠକ ପରୀକ୍ଷାର୍ଥୀ କପି କରିବା ପୂର୍ବରୁ ଠାକୁରଙ୍କୁ ଡାକୁଛି ତ କଳାବଜାରି ଦୋକାନ ଦୁଆରେ ଠାକୁରମାନଙ୍କ ଫଟୋକୁ ପୂଜା କରୁଛି। ଭେଜାଲ ଜିନିଷ ତିଆରି କରିବା ଓ ବିକିବା ଏକ ପାପ ବୋଲି ମନକୁ ଆସୁନାହିଁ – ଏପରି ମନୋଭାବ ସହସ୍ରବର୍ଷର ନଗର 'ମିଲେନିୟମ ସିଟି'ର କେତେକ ବ୍ୟବସାୟୀଙ୍କୁ ଏତେ ଉଦ୍‌ବୁଦ୍ଧ କରିଛି ଓ କରୁଛି ଯେ ଜୀବନରକ୍ଷାକାରୀ ଔଷଧ ନାଁରେ ମୃତ୍ୟୁ–ଆହରଣକାରୀ ଦ୍ରବ୍ୟ ବିକୁଛନ୍ତି। ହୃଦ୍‌ରୋଗ ଓ ଉଚ୍ଚ ରକ୍ତଚାପ ଉପଶମ ପାଇଁ ଯଥାକ୍ରମେ ଉଦ୍ଦିଷ୍ଟ 'ଟେଲ୍‌ମା 40' ଓ 'ଟେଲ୍‌ମା ଏଏମ୍' ଔଷଧ ନାଁରେ ଭେଜାଲ କେମିକାଲର ବଟିକା ବିକୁଛନ୍ତି। ବିଷ ଦେଇ ରୋଗୀକୁ ହତ୍ୟା ଉଦ୍ୟମ କରୁଛନ୍ତି ବୋଲି ସେମାନେ ଭାରତୀୟ ପିଙ୍ଗଳ ସଂହିତା ଅନୁଯାୟୀ ଦଣ୍ଡିତ ହେବା କଥା! ସ୍ୱାଦିଷ୍ଟ ପାନୀୟ, ଲୁଗାଧୁଆ ଡିଟର୍‌ଜେଣ୍ଟ, ଦୈନନ୍ଦିନ ବ୍ୟବହାରର ଲୁଣ, ଘିଅ, ଦୁଧ, ଛେନା ଆଦି ସାମଗ୍ରୀର ନକଲି କରି ବିକୁଥିବା ଲୋକମାନଙ୍କ କାରଖାନାମାନ 'ଧବଳ ଟଗର' ଉପରେ କଳା ବୋଳିଦେଲାଣି। ଜଣାଶୁଣା କମ୍ପାନୀର ଲେବୁଲ କପି କରି ଲଗାଯାଉଥିବାରୁ ଶିକ୍ଷିତ ଗ୍ରାହକମାନେ ଠକାମି ଧରିପାରୁନାହାନ୍ତି। ନକଲ ପଛରେ ସରକାରୀ କର୍ମଚାରୀଙ୍କ ଢିଲାମି ଦାୟୀ, ଏପରି ଢିଲାମି ପଛରେ ଦୋକାନୀର 'ମାସିକିଆ' ଦାୟୀ, ମାସିକିଆ ପଛରେ ମନ୍ତ୍ରୀଙ୍କ ବଦଳି କରିବାର ସାମର୍ଥ୍ୟ ଏବଂ ଏପରି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ରଖିଥିବା ସରକାର ଦାୟୀ। ଲାଞ୍ଚର ଏ ଶିଡ଼ି ସମାଜକୁ କଳଙ୍କିତ ଓ ଅସୁସ୍ଥ କରିଦେଉଛି । ଏପରି କର୍ମଚାରୀମାନେ ଗୋଟିଏ ଇଲାକାରେ ବେଶିଦିନ ରହିଲେ, ଦୁଇ ତିନି ବର୍ଷରେ ବଦଳି ନ ହେଲେ ଲାଞ୍ଚନେବାର ସୁଯୋଗ ଆସିଯାଏ, ଏ ସୁଯୋଗ ଦିଅନ୍ତି ବିଭାଗୀୟ ମନ୍ତ୍ରୀ। ସମସ୍ତେ ସେମାନଙ୍କ ଦାୟିତ୍ୱବୋଧ ହରାଇ ଟଙ୍କାପଇସା ଗୋଟାଇବାରେ, ଲାଞ୍ଚ ନେବାରେ ଲାଗିପଡ଼ୁଛନ୍ତି ସମାଜ ପଛେ ରସାତଳକୁ ଯାଉ।

ଭାରତ କୁଆଡ଼େ ଔଷଧ କାରବାରରେ ପ୍ରମୁଖ ଭୂମିକା ନେଉଛି ବୋଲି ପ୍ରଧାନମନ୍ତ୍ରୀ କହିହେଉଛନ୍ତି। ଆମ ଦେଶର କଫ ସିରପ୍ ଗାମ୍ବିଆ (ଆଫ୍ରିକା)ରେ ପିଲାମାନଙ୍କ ମାରକ ହୋଇପଡ଼ିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ଅଧ୍ୟକ୍ଷ ଏହି ମାସରେ କହିଛନ୍ତି। ଏଥିରେ ଡାଇଏଥିଲିନ୍ ଗ୍ଲାଇକୋଲ୍ ଓ ଏଥିଲିନ ଗ୍ଲାଇକୋଲ୍ ଅତ୍ୟଧିକ ପରିମାଣରେ ଅଛି, ଯାହା ବୃକ୍କକୁ ଖରାପ କରିଦିଏ। ଆମେରିକାରେ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ କମ୍ପାନୀର ଶିଶୁ(ବେବି)–ତୈଳ ଓ ଶିଶୁ ପାଉଡର କର୍କଟ ରୋଗର ଆବାହକ ବୋଲି ଜଣାପଡ଼ିବା ପରେ ତାହାସବୁ ସେଠାରେ ନିଷିଦ୍ଧ ହୋଇଗଲା, ଅଥଚ ଆମ ଦେଶର ତନଖିକାରୀ ଅଫିସରମାନେ କହିଲେ ଯେ, ତହିଁରେ ଥିବା କର୍କଟକାରୀ ଆଜବେଷ୍ଟସ୍ ପରିମାଣ ଏତେ କମ୍ ଯେ ଭାରତୀୟଙ୍କ ଦେହରେ ଚଳିଯିବ; ଯେଉଭଳି କେତେକ ମିଷ୍ଟ ପାନୀୟରେ ଥିବା ବିଷାକ୍ତ କେମିକାଲ ପରିମାଣ ଭାରତୀୟଙ୍କ ପାଇଁ ସହନୀୟ ବୋଲି ଆମ ଦେଶର ପରୀକ୍ଷାକାରୀମାନେ କହୁଛନ୍ତି। ଏପରି ଦୁଇ ରକମର ନୈତିକତା ପଛରେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ନିର୍ବାଚନୀ ଦାନ ନାହିଁକି? ଆମ ରାଜ୍ୟର ସାଢ଼େ ଚାରି କୋଟି ଯାକ ଲୋକ ଶାସକ ଦଳର 'ଆମ ପରିବାର', କିନ୍ତୁ ସେମାନଙ୍କ ପାଇଁ ମାତ୍ର ୬୦ଟି ଔଷଧ କମ୍ପାନୀ ଲାଇସେନ୍ସ ପାଇଛନ୍ତି, ତାହା ପୁଣି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ସେକ୍ଟରରେ। ଗୋଟିଏ ହେଲେ ବଡ଼ କମ୍ପାନୀ ନାହିଁ। ଔଷଧ ପାଇଁ ଓଡ଼ିଶା ବାହାର ରାଜ୍ୟ ଉପରେ ନିର୍ଭର କରୁଛି। ମେଞ୍ଚା ମେଞ୍ଚା ପୁଞ୍ଜିପତିଙ୍କୁ ଆମନ୍ତ୍ରଣ କରୁଥିବା ଓଡ଼ିଶା ସରକାର ଗୋଟିଏ ହେଲେ ଔଷଧ ତିଆରି କାରଖାନା ପାଇଁ ନିମନ୍ତ୍ରଣ କରୁନାହାନ୍ତି।



କୋଭିଡ୍–୧୯ ମହାମାରୀରେ ଆଣ୍ଟିଭାଇରାଲ୍ ଔଷଧ 'ଫାବିପିରାବୀର'ର ପ୍ରବଳ ଚାହିଦା ହେଲା ତ ଦୋକାନୀମାନେ ନକଲି ଫାବିପିରାବୀର ବିକିବା ଆରମ୍ଭ କରିଦେଲେ। ନିମ୍ନମାନର ଓ ନକଲି ଔଷଧ ତିଆରି ପରିମାଣ ୨୦୨୧ରେ ଗତବର୍ଷ ତୁଳନାରେ ୪୭% ବଢ଼ିଗଲା। ସଙ୍କଟ ଯେତେ ବଢ଼େ ମୁନାଫାଖୋରମାନେ ସେତେ ବେଶି ଠକନ୍ତି, ସେମାନେ ଯେତେ ବେଶି ଠକନ୍ତି ସେତେ ଲାଭ ଓ ସେତେ ବେଶି ଦାନ ଶାସକ ଦଳର ପାଣ୍ଠିକୁ ଦେବେ ଓ ସେ ଦଳର ମନ୍ତ୍ରୀ ଏବଂ ମନ୍ତ୍ରୀଙ୍କ ଚାମ୍‌ଚାମାନଙ୍କୁ ଦେବେ। ତେଣୁ ଶାସକଦଳ କାଉଣ୍ଟର ଫିଟିଂ ପ୍ରକ୍ରିୟାର ଉଦ୍ରେକ କରିଥାଏ ଧରାଧରି ପ୍ରକ୍ରିୟାକୁ ଢିଲା କରି।

ଦି ଇକନମିଷ୍ଟ ପତ୍ରିକା କଳନା କରିଛି ଯେ, ପୃଥିବୀରେ ୮୦% ଲୋକ ଜାଣିଶୁଣି ବା ଅଜାଣତରେ ନକଲି ସାମଗ୍ରୀ ବ୍ୟବହାର କରୁଛନ୍ତି। ସାମଗ୍ରୀର ଦର ଯେତେ ବଢ଼ୁଛି ଆମେ ସେତେ ଠକିଯାଉଛୁ ଶସ୍ତାରେ ଯୋଗାଉଥିବା ଦୋକାନୀଠାରୁ। ଆଣ୍ଟିକାଉଣ୍ଟର ଫିଟିଂ କୌଶଳ, ଯଥା ଥର୍ମାଲ୍ ସିଲ୍, ସିକ୍ୟୁରିଟି ସିଲ୍, ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ ଟ୍ୟାଗ୍, ହଲୋଗ୍ରାମ୍, କ୍ୟୁ ଆର୍ କୋଡ୍ ଆଦି କିଛି କାହିଁକି କାମରେ ଆସୁନାହିଁ? ଏ ସବୁ ପଛରେ ଗ୍ରାହକର ଗୋଟିଏ ମାନସିକତା–ଦୋଷ ଅଛି। ଯେତେବେଳେ ସେ ଏକ ବ୍ରାଣ୍ଡର ଜିନିଷ କିଣୁଛି ସେ ଏକ ସ୍ୱପ୍ନ ଜଗତରେ ଘୂରୁଛି, ସାଧାରଣ ଲୋକଠାରୁ ଉଚ୍ଚତର ଦୁନିଆରେ ଅଛି ବୋଲି ଭାବୁଛି। ନାମୀ ବ୍ରାଣ୍ଡର ଜିନିଷ ଯଦି ବିଲାତି କି ମାର୍କିନ୍ ଭଳି ବିଦେଶୀ ତା ତ ଆହୁରି ଭଲ। ତା' ମତରେ ବିଲାତି ମଦ ପର୍ସନାଲିଟି ବଢ଼ାଏ। ତା' ମତରେ ଜେନେରିକ୍ ଔଷଧ ଆଉ ଦେଶୀ ମଦ ଦଳିତମାନଙ୍କ ପାଇଁ। କିନ୍ତୁ ବ୍ରାଣ୍ଡ ଥିବା କମ୍ପାନୀ ତ ଖୁବ୍ ଦୂରରେ, କୋଉ ବଡ଼ ସହର ପାଖ ଅଜଣା ଶିଳ୍ପାଞ୍ଚଳରେ। ତା' ଜିନିଷ ପାଖରେ ଓ କମ୍ ଦରରେ ମିଳିଲେ ସେ ଖୁସିରେ ନିଏ। ଏ ପ୍ରକାର ମାନସିକତା ହିଁ ନକଲକାରୀଙ୍କୁ ଉସୁକାଏ। କୋହଳ ଦଣ୍ଡବ୍ୟବସ୍ଥା ବି। ଭାରତୀୟ ପିଙ୍ଗଳ ସଂହିତା ୧୮୬୦ରେ ତିଆରି ହେଲାବେଳେ ଇଂରେଜ ବଣିକମାନେ ପାଖଆଖର ଯେଉଁ ଭାରତୀୟଙ୍କ ସାହାଯ୍ୟ ନେଉଥିଲେ ସେମାନଙ୍କ ଦୋଷତ୍ରୁଟିକୁ କୋହଳ ଦୃଷ୍ଟିରେ ଦେଖୁଥିଲେ। ତେଣୁ ଆଇପିସିରେ ବ୍ୟବସାୟିକ ଅପରାଧ ପାଇଁ କୋହଳ ଦଣ୍ଡ ବ୍ୟବସ୍ଥା ରଖାଯାଇଥିଲା, ଯଥା ସେକ୍ସନ ୨୬୪ ଓ ୨୬୭ରେ ଓଜନ କରିବାର ଠକିବା ଯନ୍ତ୍ର ରଖିବା ଓ ବ୍ୟବହାର ମାତ୍ର ବର୍ଷେ ଯାଏ ଜେଲ୍ ଆଉ ଜରିମାନା ବା ଉଭୟ। ସେକ୍ସନ ୨୭୨ ରୁ ୨୭୬ରେ ଖାଦ୍ୟ ବା ପାନୀୟ ମିଶାମିଶି କରି ହାନିକାରକ କଲେ ଆହୁରି କମ୍ ଦଣ୍ଡ – ୬ ମାସ ଯାଏ ଜେଲ୍ ବା ୧୦୦୦ ଟଙ୍କା ଯାଏ ଜରିମାନା ବା ଉଭୟ ବ୍ୟବସ୍ଥା ରହିଲା। ବ୍ରାଣ୍ଡ ନାଁରେ ନକଲି ସାମଗ୍ରୀ ବିକିଲେ ୪୭୯ରୁ ୪୮୯ ଧାରା ଅନୁଯାୟୀ ସେହି ହାଲୁକା ଦଣ୍ଡ, ଟିକିଏ ବେଶି (ଧାରା ୪୮୩), ଦୁଇ ବର୍ଷ ଜେଲ୍ ଓ ଜରିମାନା, ପୁଣି ଜାମିନଯୋଗ୍ୟ। ଖାଦ୍ୟ ବା ଔଷଧ ଭେଜାଲ ହେଲେ ତାହା ମୃତ୍ୟୁମୁହଁକୁ ଟାଣିନେବ, ତେଣୁ ଆଟେମ୍ପ୍ଟ ଟୁ ମର୍ଡର (ହତ୍ୟା ଉଦ୍ୟମ) ପାଇଁ ଦଣ୍ଡ ପାଇବା କଥା। ସେକ୍ସନ ୨୭୨ରୁ ୨୭୬କୁ ବଙ୍ଗ ଓ ୟୁପି ୧୯୭୩ ଓ ୧୯୭୫ରେ ସଂଶୋଧନ କରି ଦଣ୍ଡ ପରିମାଣ ବଢ଼ାଇ ଆଜୀବନ ଜେଲ୍ କରିଦେଲେ, କିନ୍ତୁ ଓଡ଼ିଶା ଏଯାଏ ଚୁପ୍। ତାହା ହେଉନାହିଁ ତ ଏ କି ନ୍ୟାୟ? ଗାଁ ଗଣ୍ଡାରେ ମହିଳାମାନେ ମଦଦୋକାନ ଭାଙ୍ଗୁଥିଲେ ବି ମହିଳାମାନଙ୍କୁ ସଶକ୍ତ କରୁଛନ୍ତି କହୁଥିବା ସରକାର ଚାରିଆଡ଼େ ଓ ଦିନରାତି ୨୪ ଘଣ୍ଟା ମଦ ଦୋକାନ ଖୋଲା ରଖୁଛନ୍ତି। କାରଣ ବିଧାୟକମାନେ ସମାଜର ଭଲ ଚିନ୍ତା କରିପାରୁନାହାନ୍ତି, ଭୋଟରମାନଙ୍କୁ ଭୁଲାଇବାରେ ସରକାରୀ ଯୋଜନା ଓ ଅର୍ଥ ଲଗାଇ ଦେଉଛନ୍ତି। ଆଜିର ଡିଜିଟାଲ ଯୁଗରେ ଲ' ଏନ୍‌ଫୋର୍ସମେଣ୍ଟ କରିବା କାହିଁକି କଷ୍ଟ ହେଉଛି? ନକଲି ଔଷଧ ବିକି ଧରାପଡ଼ିବା ପରେ ଅର୍ଥାତ୍ ବହୁତ ଲୋକ ମଲାପରେ ୨୦୨୩ରେ ଦେଶସାରା କ୍ୟୁଆର୍ କୋଡ୍ ଲାଗିବ ବୋଲି ଆମେ ଶୁଣୁଛୁ। ଓଡ଼ିଶାରେ ସରକାର ସମସ୍ତଙ୍କୁ ତାଙ୍କର କୁଟୁମ୍ବ ଭଳି ଦେଖିବେ ବୋଲି ଯେଉଁ 'ଆମ ପରିବାର' ଯୋଜନା କରିଛନ୍ତି ସେଥିରେ କ'ଣ ଲୁଣ, ଦୁଧ, ଘିଅ, ବିଭିନ୍ନ ଖାଦ୍ୟ ତଥା ପାନୀୟ ଓ ଔଷଧ ଭଳି ସାମଗ୍ରୀକୁ ଭେଜାଲ କରି ମୃତ୍ୟୁର ସୌଦାଗର ସାଜିଥିବା ଲୋକେ ବି କୁଟୁମ୍ବ?

sahadevas@yahoo.com

# ବିଦ୍ୟା ଯେବେ ହୁଏ ବିବେକହୀନ



ଛନ୍ଦା ମିଶ୍ର

ସା ବିଦ୍ୟା ୟା ବିମୁକ୍ତୟେ। ଅର୍ଥାତ୍ ବିଦ୍ୟା ହେଉଛି ସେହି ଦୁର୍ଲଭ ବସ୍ତୁ, ଯାହା ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନରୂପକ ଆଲୋକ ଦେଖାଇ ମୁକ୍ତି ପ୍ରଦାନ କରେ। ମୁକ୍ତି ପ୍ରଦାନ କରେ ସମସ୍ତ ଅବିଦ୍ୟାରୁ, ଅବଗୁଣରୁ, ଅମାନବିକତାରୁ, ଅକର୍ମରୁ, ଅଧର୍ମରୁ। କିନ୍ତୁ ବିବେକହୀନ ମନୁଷ୍ୟ ନିକଟରେ ଥିବା ବିଦ୍ୟା ହୋଇଯାଏ ଶ୍ରୀହୀନ। ପ୍ରକୃତ ବିଦ୍ୟାରୁ ମିଳେ ବିନୟବୋଧ, ମାତ୍ର ବିବେକହୀନ ହୋଇଗଲେ, ସେହି ବିଦ୍ୟା କରେ ଅହଙ୍କାରୀ। ଅବିଦ୍ୟାରୁ ମିଳେ ଅସହିଷ୍ଣୁତା। ବିଦ୍ୟା କହେ, ସହନଶୀଳ ହୁଅ। ଅବିଦ୍ୟା କରେ ସ୍ୱାର୍ଥପର, ବିଦ୍ୟା ଶିଖାଏ ନିଃସ୍ୱାର୍ଥପରତା। ଅବିଦ୍ୟା ଦିଏ ଅମାନବିକତା, ବିଦ୍ୟାରୁ ମିଳେ ମାନବିକତା। ବିଦ୍ୟା କରେ ସ୍ୱାଭିମାନୀ, ଅବିଦ୍ୟାରୁ ମିଳେ ଅଭିମାନ। ଫଳରେ ଆଖିରେ ବାନ୍ଧି ହୋଇଯାଏ ଗର୍ବର ଅନ୍ଧପୁଟୁଳି। ପରିଣାମ ସ୍ୱରୂପ ଭୁଲ୍ ଠିକ୍‌ର ବିଚାର ଶକ୍ତି ହରାଇ ବସେ ମନୁଷ୍ୟ। ପରିବା କାଟିବା ପାଇଁ ଉଦ୍ଦିଷ୍ଟ ପନିକିକୁ ବେକ କାଟିବା ପାଇଁ କରେ ବ୍ୟବହାର।

ଏଇ ନିକଟରେ ଦେଶ ସାଧୀନତାର ଅମୃତ ମହୋତ୍ସବ ଖୁବ୍ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଥିଲା ବେଳେ ବିଷ ବଳୟରେ କଅଁଳ ଜୀବନଟିଏ ହୋଇ ପଡ଼ିଥିଲା ଅତିଷ୍ଠ। ରାଜସ୍ଥାନରେ ଜଣେ ତୃତୀୟ ଶ୍ରେଣୀର ଛାତ୍ର, ଯିଏକି ସମାଜର ଘୃଣ୍ୟ ନିୟମ ଅନୁସାରେ ଦଳିତ ବର୍ଗର, ସେ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ପାତ୍ରରୁ ନେଇ ପାଣି ପିଇଦେବାରୁ ଶିକ୍ଷକଙ୍କ ମାଡ଼ରେ ଶିଶୁଟିର ଜୀବନ ଚାଲିଗଲା। ଏଠାରେ ଶିକ୍ଷକଙ୍କ ଶିକ୍ଷା ଉପରେ ସନ୍ଦେହ ସୃଷ୍ଟି ହୁଏ। ଶିକ୍ଷକ ଜଣକ ପ୍ରକୃତରେ କେତେ ଶିକ୍ଷିତ! ଯିଏ ସନ୍ତାନ ସମ ଛାତ୍ରୀଛାତ୍ରଙ୍କ ଭିତରେ ସେମାନଙ୍କ ଜାତିକୁ ନେଇ ଭେଦଭାବର ମନୋବୃତ୍ତି ପୋଷଣ କରନ୍ତି। ମନେପଡ଼େ ମହାମାନବ କାଲାମ୍‌ଙ୍କ କଥା, ଯାହାଙ୍କୁ ତାଙ୍କ ବିଜ୍ଞାନ ଶିକ୍ଷକ ସୁବ୍ରମଣ୍ୟମ୍ ଆୟାର, ଜଣେ ନୈଷ୍ଠିକ ବ୍ରାହ୍ମଣ, ନିଜ ରୋଷେଇ ଘରେ ବସାଇ ଖାଦ୍ୟ ଖୁଆଇଥିଲେ। ଧର୍ମକୁ ଆଖିଠାର ମାରି ଜାତି–ଜାତି ଭିତରେ ବିଦ୍ୱେଷ ସୃଷ୍ଟି କରୁଥିବା ଲୋକେ ଭୁଲିଗଲେ ଚଳିବ ନାହିଁ ଯେ, ପରମ ଆରାଧ୍ୟ ପ୍ରଭୁ ଶ୍ରୀରାମ ନିଜେ ଶବରୀ ହାତରୁ ଅଇଁଠା କୋଳି ଗ୍ରହଣ କରିଥିଲେ, ବିଜ୍ଞାନୀ କୈବର୍ତ୍ତକୁ ନିଜର ବନ୍ଧୁ ବୋଲି ଘୋଷଣା କରିଥିଲେ। ଏପରି କେତେକେତେ ଉଦାହରଣ ଆମ ପୁରାଣ ଶାସ୍ତ୍ରରେ ରହିଚି।

ଯେଉଁଠି ଈଶ୍ୱର ସ୍ୱୟଂ ପାଣି ପବନ ପରି ଅମୃତଗୁଡ଼ିକ ଉପରେ କଟକଣା ଜାରି କରିନାହାନ୍ତି, ଏ ପାଣି ଦଳିତର, ଏ ପାଣି ଉଚ୍ଚ ଜାତିର ବୋଲି ଦର୍ଶାଇନାହାନ୍ତି, ସେଠାରେ ଆମ ତୁମ ଭଳି ଲୋକମାନଙ୍କର ଭେଦଭାବ କରିବାର କ୍ଷମତା ଆସିଲା କେଉଁଠୁ?

ଆଜିର ସମାଜ, ବିବେକହୀନ ବିଦ୍ୟାବାନ୍‌ଙ୍କ ଭିଡ଼ରେ ଅଣନିଃଶାସୀ ହୋଇପଡ଼ିଛି। ପାହାଡ଼ କାଟି, ଅରଣ୍ୟ ପଦା କରି ବିକାଶ ନାମରେ ପରିବେଶର ବିନାଶରେ ମାତିଥିବା ମଣିଷମାନେ ଖୁବ୍ ପାଠୁଆ! ଅପାଠୁଆମାନେ ତ ବୃକ୍ଷ, ଲତା ଓ ପାହାଡ଼ ଝରଣାଙ୍କ ଉପାସକ। ଆଜି ଚୋରି, ଡକାୟତି, ବଳାତ୍କାର ଆଦି



ଘୃଣ୍ୟ କାର୍ଯ୍ୟକଳାପରେ ଅନେକ ଶିକ୍ଷିତ ସମ୍ପୃକ୍ତ। ଅଶିକ୍ଷିତ ରିକ୍ସାଚାଳକଟି ତ ଟଙ୍କାଭର୍ତ୍ତି ମୁଣି ପାଇ ଫେରାଇ ଦେବାର ମହାନତା କରେ ପ୍ରଦର୍ଶନ।

କୁହାଯାଏ, ଚରିତ୍ର ନଥିଲେ ସବୁ ଅସାର। କିନ୍ତୁ ଏବେ ଚରିତ୍ର ହେଉଛି ସବୁଠାରୁ ଅଲୋଡ଼ା ଚିଜ। ଚରିତ୍ରକୁ ବନ୍ଧା ପକେଇ ଆମେ ଗଳାବନ୍ଧ ପିନ୍ଧି, ଗଳା ବାଟ ଦେଇ, ଅନ୍ୟର ଗଳା କାଟି ଆଗକୁ ବଢ଼ିବାକୁ ଚାହୁଁ। ମହାକାଳ ଫଳ ପରି ଉପରେ ଆମେ ମହର୍ଷି ବାଲ୍ମୀକିଙ୍କ ବେଶ ଧାରଣ କରିଥିଲେ ବି ଭିତରେ ଦସ୍ୟୁ ରତ୍ନାକର ଲୁଚି ବସିଥାଏ। ଆମରି ଭିତରେ ଗୋଟେ, ବାହାରେ ଗୋଟେ, ପେଟରେ ଗୋଟେ, ମୁହଁରେ ଆଉ ଗୋଟେ। ତା' ସହିତ ନିଜକୁ ନିଜେ ବିଜ୍ଞାପିତ କରିବାର ଏକ ଅଦ୍ଭୁତ ବିକଳପଣିଆ ଆମକୁ ଗ୍ରାସ କରିଚାଲିଛି। ନିଜକୁ ଏକ ନମ୍ବର ଦେଖାଇବା ପାଇଁ, ପୁରସ୍କାର ହାତେଇବା ପାଇଁ, ବାହାବା ନେବା ପାଇଁ, ଆମେ କିଛି ବି କରିପାରୁ। ନିଜକୁ ପ୍ରଶଂସା କରିବା ଆତ୍ମହତ୍ୟା କରିବା ସହ ସମାନ ବୋଲି ଜାଣି ମଧ୍ୟ ଆମେ ପ୍ରତିଦିନ ନିଜର ଗୁଣଗାନ କରିବାରୁ ନିବୃତ୍ତ ହୋଇ ପାରୁ ନାହୁଁ। ବିଦ୍ୟା କ'ଣ ଏଇ ଶିକ୍ଷା ଆମକୁ ଦିଏ।

ମୁଁ ଯେତେ ପ୍ରକାରର ବ୍ୟଞ୍ଜନ ରାନ୍ଧି ଜାଣିଥାଏ, ସେହିସବୁ ରାନ୍ଧଣା ରାନ୍ଧି ଯେତେ ପୁରସ୍କାର ବି ଗୋଟେଇ ଥାଏ, ଯଦି ମୋ ଘରୁ କେହି ଖାଲି ପେଟରେ ଫେରିଯାଏ, ମୋ ରାନ୍ଧୁଣିପଣିଆକୁ ଧିକ୍। ମୁଁ ଯେତେବଡ଼ ଡାକ୍ତର ହୋଇଥାଏ, ବିଦେଶରୁ ଯେତେ ଡିଗ୍ରୀ ହାତେଇଥାଏ, ମୋ' ଅବହେଳାରୁ ଜଣେ ଯଦି ଜୀବନ ହାରେ, ମୋ ପାଠ କେଉଁ କାମର ଯେ! ଠିକ୍ ସେମିତି ମୁଁ ଯେତେ ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ପାଠ ପଢ଼େଇଲେ ବି, ଯଦି ମୋ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମୋ ଉଚ୍ଚାରଣ ଓ ଆଚରଣ ଦ୍ୱାରା ସକାରାତ୍ମକ ପ୍ରଭାବ ବିସ୍ତାର କରି ନ ପାରିଲି, ତେବେ ମୋର ସେ ଶିକ୍ଷକତାର ମୂଲ୍ୟ କ'ଣ।

କୁହାଯାଏ, ଘର ହେଉଛି ପ୍ରଥମ ବିଦ୍ୟାଳୟ ଓ ବିଦ୍ୟାଳୟ ହେଉଛି ଦ୍ୱିତୀୟ ଘର। କେଉଁଠି ନା କେଉଁଠି ଅଭିଭାବକ ଓ ଶିକ୍ଷକମାନଙ୍କ ଦାୟିତ୍ୱରେ ତ୍ରୁଟି ରହିବା ଯୋଗୁ ଦିଅଁ ଗଢ଼ୁ ଗଢ଼ୁ ମାଙ୍କଡ଼ଟିଏ ହେଉଛି ଜନ୍ମ। ଯେଉଁଥିପାଇଁ ସପ୍ତମ ଶ୍ରେଣୀ ପିଲାର ସ୍କୁଲ ବ୍ୟାଗରୁ ମଦ ବୋତଲଠାରୁ ଆରମ୍ଭ କରି ବନ୍ଧୁକ ଜବତ ହେଉଛି। କପି କରି ଧରାପଡୁଚି ଖୋଦ୍ ଶିକ୍ଷକଙ୍କ ପୁତ୍ର। ପୋଲିସର ପୁଅ ଚୋରୀ କରୁଛି । ନୈତିକ ଶିକ୍ଷାର ଘୋର ଅଭାବ ପ୍ରତି କ୍ଷେତ୍ରରେ ପରିଲକ୍ଷିତ ହେଉଛି ।

ବର୍ତ୍ତମାନ ପ୍ରାୟ ସ୍ଥାନରେ ବିବେକହୀନ, ବିଚାର ଶକ୍ତିବିହୀନ, ତଥାକଥିତ ଶିକ୍ଷିତମାନଙ୍କ ଯୋଗୁ ସମାଜର ଏ ଦୁରବସ୍ଥା। ପ୍ରକୃତ ବିଦ୍ୟା ଯୋଗରେ ବିଶ୍ୱାସ କରେ, ବିଯୋଗରେ ନୁହେଁ। ଏକତାରେ ଆସ୍ଥା ରଖେ, ବିଭାଜନରେ ନୁହେଁ। ଶିକ୍ଷିତ ବୋଲି ପ୍ରମାଣପତ୍ର ମୁଣ୍ଡେଇଥିଲେ ବି ପ୍ରକୃତପକ୍ଷେ ଆପଣ କେତେ ଶିକ୍ଷିତ ତାହା ଆପଣଙ୍କ ଆଚରଣରୁ ବୁଝାପଡ଼େ। ଅନ୍ୟଥା ବିଦ୍ୟା କେବଳ ଜୀବିକା ଯୋଗାଡ଼ର ମାଧ୍ୟମ ହୋଇ ରହିଯାଏ, ଜୀବନ ଜିଇବାର ପ୍ରେରଣା ଯୋଗାଏ ନାହିଁ। ମନେରଖିବାକୁ ହେବ ଯେ ଜୀବନ ଥିଲେ ହିଁ ଜିବିକାର ମୂଲ୍ୟ ଅଛି, ଯେଉଁଠି ଜୀବନ ହୋଇପଡୁଚି ମୂଲ୍ୟହୀନ, ସେଠି ଜୀବିକା ଥାଇ କେତେ, ନ ଥାଇ କେତେ!

chhandamishra74@gmail.com

## ଏଇ ଭାରତରେ

ସମ୍ପ୍ରତି ଆମେ ପ୍ରାୟତଃ ସ୍ମାର୍ଟଫୋନ ପାଇଁ ଲୋକଙ୍କ ମଧ୍ୟରେ ଥିବା ପାଗଳାମି ଖବର ଶୁଣିଥାଉ। କିନ୍ତୁ ପଶ୍ଚିମବଙ୍ଗରେ ଯାହା ଘଟିଛି ସେଥିରେ ଯେକୌଣସି ଲୋକ ଆଶ୍ଚର୍ଯ୍ୟ ହୋଇଯିବେ। ଏଠାରେ ଜଣେ ୧୬ ବର୍ଷ ବୟସ୍କା ନାବାଳିକା ନିଜର ରକ୍ତ ବିକ୍ରି କରି ସ୍ମାର୍ଟଫୋନ କିଣିବା ଲାଗି ବାଲୁରଘାଟ ଜିଲା ଡାକ୍ତରଖାନାର ବ୍ଲଡ୍ ବ୍ୟାଙ୍କରେ ପହଞ୍ଚିଥିଲେ। ନାବାଳିକାଙ୍କ ବାପା ପରିବା ବିକ୍ରି କରନ୍ତି ଓ ମା' ଗୃହିଣୀ। ସମ୍ପର୍କୀୟଙ୍କ ମୋବାଇଲରୁ ସେ ୯ ହଜାର ଟଙ୍କାର ସ୍ମାର୍ଟଫୋନ୍ ଲାଗି ଅର୍ଡର କରିବା ପରେ ସେହି ଟଙ୍କା ଯୋଗାଡ଼ କରିବା ସକାଶେ ଏଭଳି ପଦକ୍ଷେପ ନେଇଥିଲେ। ସେ ପଢ଼ିବାକୁ ଯିବା ବାହାନାରେ ଘରୁ ବାହାରି ଡାକ୍ତରଖାନାରେ ପହଞ୍ଚିଥିଲେ। ସେ ରକ୍ତ ସଂଗ୍ରହ କରିବାକୁ ଆସିଥିବା ପ୍ରଥମେ ଅନୁମାନ କରାଯାଉଥିଲା, କିନ୍ତୁ ତାଙ୍କ ସହିତ କିଛି ସମୟ କଥା ହେବା ପରେ ଜଣାପଡ଼ିଥିଲା ଯେ, ସେ ସ୍ମାର୍ଟଫୋନ କିଣିବା ଲାଗି ରକ୍ତ ବିକ୍ରି କରିବାକୁ ଚାହୁଁଛନ୍ତି। ବ୍ଲଡ୍ ବ୍ୟାଙ୍କର ଅଧିକାରୀମାନେ ଏହା ଜାଣିବା ମାତ୍ରେ ଚାଇଲ୍ଡ ଲାଇନକୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ତାଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ମାଧ୍ୟମରେ ତାଙ୍କ ମାତାପିତାଙ୍କ ନିକଟକୁ ପଠାଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୯୭

- ଜାତିସଂଘର ସଂପ୍ରସାରିତ ନିରାପତ୍ତା ପରିଷଦରେ ସଦସ୍ୟତା ପାଇଁ ଆମେରିକାର 'ପାଳି' ପ୍ରସ୍ତାବକୁ ଭାରତର ପ୍ରତ୍ୟାଖ୍ୟାନ।
- ପଶ୍ଚିମବଙ୍ଗର ପୁରୁଲିଆଠାରେ ଆକାଶମାର୍ଗରୁ ଅସ୍ତ୍ରଶସ୍ତ୍ର ବର୍ଷା କରାଯାଇଥିବା ସମ୍ବେଦନଶୀଳ ଘଟଣାର ତଦନ୍ତ ଲାଗି ଇଣ୍ଟରପୋଲର ସ୍ୱତନ୍ତ୍ର ସେଲ ଗଠନ।
- ଗୁଜରାଟ କ୍ୟାଡରର ଆଇଏଏସ୍ ସନ୍ତୋଷ ମହାପାତ୍ରଙ୍କୁ ପାରାଦୀପ ପୋର୍ଟ ଟ୍ରଷ୍ଟର ନୂତନ ଚେୟାରମ୍ୟାନ ଭାବେ ନିଯୁକ୍ତି ପ୍ରଦାନ।

## ଚିରନ୍ତନୀ

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉଡ଼ାଳେ ଲୁଚାଅ ନାହିଁ
ମନର ଦାଗ।

–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର କଣ୍ଠରୋଧ

ମହାଶୟ,

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ହୋଇଥିଲେ ମଧ୍ୟ ଏହା ପ୍ରଥମ ସ୍ତମ୍ଭ ଭଳି କାର୍ଯ୍ୟ କରୁଛି। ପ୍ରତ୍ୟେକଙ୍କର ଦେଶ ବିଦେଶର ଖବର ଜାଣିବା ଓ ତଦନୁସାରେ କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। କରୋନା ମହାମାରୀ କାୟା ବିସ୍ତାର କରିବା ସମୟରେ ଗଣମାଧ୍ୟମ ଯେଉଁଭଳି ଭାବେ କାମ କରିଛି ତାହା ପ୍ରଶଂସନୀୟ। ଏହା ଜୀବଜଗତ ପାଇଁ ଏକାନ୍ତ ଆବଶ୍ୟକ। ପୁଣି ପ୍ରତ୍ୟେକ କ୍ଷେତ୍ରରେ ଥିବା ସମସ୍ୟାମାନ ଜାଣିବା, ତଦନୁସାରେ ସାବଧାନ ହେବାକୁ ଏହାହିଁ ବାଟ ଦେଖାଏ। ଶିକ୍ଷା କ୍ଷେତ୍ରରେ ବହୁମୁଖୀ ସମାଧାନ ତ ନିହାତି ଜରୁରୀ। ଶିକ୍ଷାରୁ ସୁ ଶିକ୍ଷା ଲାଭ କରି ଜୀବନକୁ ସରସ ସୁନ୍ଦର କରିପାରିଲେ ମଣିଷ ମୃତ୍ୟୁମୁଖରୁ ବର୍ତ୍ତିପାରିବ। କିନ୍ତୁ ଶୈକ୍ଷିକ ପରିସରରେ ଗଣମାଧ୍ୟମ ପ୍ରବେଶକୁ ବାଧା ଦେବା ସରକାରଙ୍କ ହୀନମନ୍ୟତାର ପ୍ରମାଣ ଦିଏ। ପ୍ରତ୍ୟେକ କ୍ଷେତ୍ରରେ ଗଣମାଧ୍ୟମର ପ୍ରବେଶ ଏକାନ୍ତ ଜରୁରୀ। ଏହାକୁ ରୋକାଗଲେ ଆନ୍ଦୋଳନ ଭୀଷଣରୁ ଭୀଷଣତର ହେବ।

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ତାମିଲନାଡୁ ବିଧାନସଭାରେ ମଙ୍ଗଳବାର ବିଶୃଙ୍ଖଳିତ ଆଚରଣ ପାଇଁ ବିରୋଧୀ ଦଳ ନେତା କେ. ପଲାନିସ୍ୱାମୀ ଓ ତାଙ୍କ ଏଆଇଏଡିଏମ୍‌କେ ବିଧାୟକମାନଙ୍କୁ ଗୃହରୁ ବାହାର କରିଦିଆଯାଉଛି। ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ କରି ଗୃହ ଚଳାଇ ନ ଦେବାରୁ ବାଚସ୍ପତି ଏମ୍. ଅପାଭୁଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଲମାନେ ସେମାନଙ୍କୁ ଗୃହରୁ ବାହାର କରିଦେଇଥିଲେ।

## କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

# ପାୱାର, ଠାକ୍‌ରେଙ୍କୁ ଆମନ୍ତ୍ରଣ

ମୁମ୍ବାଇ,୧୮।୧୦

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା 'ଭାରତ ଯୋଡ଼ୋ ଯାତ୍ରା' ନଭେମ୍ବର ୭ରେ ମହାରାଷ୍ଟ୍ରରେ ପ୍ରବେଶ କରିବ। ଦଳୀୟ ପ୍ରତିନିଧିମାନେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଏବଂ ଶିବସେନା ନେତା ଉଦ୍ଧବ ଠାକ୍‌ରେଙ୍କୁ ଭେଟି ସେମାନଙ୍କୁ ଏହି ଯାତ୍ରାରେ ସାମିଲ ହେବା ଲାଗି ଆମନ୍ତ୍ରଣ କରିଛନ୍ତି। କଂଗ୍ରେସର ମହାରାଷ୍ଟ୍ର ଦାୟିତ୍ୱରେ ଥିବା ଏଚ୍.କେ. ପାଟିଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ବାଲାସାହେବ ଥୋରାଟ, ମୁମ୍ବାଇ କଂଗ୍ରେସ ମୁଖ୍ୟ ଭାଇ ଜଗତପ, ବିଶ୍ୱଜିତ କାଡାମ, ଅମର ରାଜୁରକର, ନସୀମ ଖାନ୍ ଏବଂ ସନ୍ଦିପ ତାମ୍ବେ ଶିବସେନା ନେତା ଉଦ୍ଧବଙ୍କୁ ମାତୋଶ୍ରୀରେ ଏବଂ ଏନ୍‌ସିପି ମୁଖ୍ୟ ପାୱାରଙ୍କୁ ଯଶୱନ୍ତରାଓ ଚଭନ ପ୍ରତିଷ୍ଠାନରେ ଭେଟିଥିଲେ। ଉଭୟ ଦଳ ମହାବିକାଶ ଅଘାଡ଼ି ମେଣ୍ଟର ଅଂଶବିଶେଷ। ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ୧୫୦ ଦିନରେ ୩,୫୭୦ କିଲୋମିଟର ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଶେଷ ହେବ। ବର୍ତ୍ତମାନ ସୁଦ୍ଧା ଏହି ଯାତ୍ରା ତାମିଲନାଡୁ, କେରଳ, କର୍ନାଟକ ଏବଂ ଆନ୍ଧ୍ରପ୍ରଦେଶ ଅତିକ୍ରମ କଲାଣି।

## ମୋଦିଙ୍କ ଲାଏ ଡିଟେକ୍ଟର ପରୀକ୍ଷା ହେଉ: ଏଏପି

**ନୂଆଦିଲ୍ଲୀ,୧୮।୧୦:** ଭାଜପା ଏହାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲାଏ ଡିଟେକ୍ଟର ପରୀକ୍ଷାରେ ସାମିଲ ହୋଇ ସିବିଆଇ ଏବଂ ଇଡି ନିରପେକ୍ଷ ସଂସ୍ଥା କହିବାକୁ ପରାମର୍ଶ ଦେଉ ବୋଲି ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) କହିଛି। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେରା ବେଳେ ତାଙ୍କୁ ଦଳ ଛାଡ଼ି ଭାଜପାରେ ସାମିଲ ହେବାକୁ ଚାପ ପକାଇବା ନିମନ୍ତେ ସିବିଆଇ ଉଦ୍ୟମ କରିଥିଲା ବୋଲି ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଅଭିଯୋଗ କରିଥିଲେ। ସାହସ ଥିଲେ ସିସୋଡିଆ ଲାଏ ଡିଟେକ୍ଟରକୁ ଯାଇ ଏହା କୁହନ୍ତୁ ବୋଲି ଭାଜପା ନେତା କପିଲ ମିଶ୍ରା ଆହ୍ୱାନ ଦେଇଥିଲେ। ଏହାର ଜବାବରେ ଏଏପି ମୁଖ୍ୟ ମୁଖପାତ୍ର ସୌରଭ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ ଗୈରିକ ଦଳକୁ ଉପରୋକ୍ତ ପରାମର୍ଶ ଦେଇଛି।

# ପ୍ରଚାର ଆରମ୍ଭ କଲେ ରାଜେନ୍ଦ୍ର

## ଧାମନଗର ଉପନିର୍ବାଚନ

ଭଦ୍ରକ ଅଫିସ,୧୮।୧୦

ଉପନିର୍ବାଚନ ପାଇଁ ଧାମନଗରରେ ୩ ପ୍ରମୁଖ ଦଳର ପ୍ରଚାର ଜମୁଥିବା ବେଳେ ମଙ୍ଗଳବାର ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ। ତିହିଡ଼ି ବ୍ଲକ ଦୋଳସାହି ଛକରେ ହନୁମାନଙ୍କୁ ପୂଜାର୍ଚ୍ଚନା କରି ସମର୍ଥକଙ୍କ ସହ ରାଜେନ୍ଦ୍ର ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଅଚକ, କାଁପଡ଼ା, ପାଳସାହି, ଶ୍ୟାମସୁନ୍ଦରପୁର, ଈଶ୍ୱରପୁର, ହସନାବାଦ, ଧୂଷୁରୀ, ବୟାଳିଡିହି ଆଦି ପଞ୍ଚାୟତରେ ଲୋକଙ୍କୁ ଭେଟି ନୌକା ଚିହ୍ନରେ ତାଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ତାଙ୍କ ସମର୍ଥକମାନେ ନୌକା ଚିହ୍ନର ପ୍ଲାକାର୍ଡ ଧରି 'ରାଜୁ ନାହିଁ ତ ଭୋଟ୍ ନାହିଁ', 'ରାଜୁ ଭାଇ ଜିନ୍ଦାବାଦ୍' ଆଦି ନାରା ଦେଇ ପ୍ରଚାରରେ ସାମିଲ ହୋଇଥିଲେ।

ବୟାଳିଡିହିଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବେଳେ ଖାନ୍‌କା ସରିଫ୍‌ରେ ସେ ଚାଦର ଚଢ଼ାଇଥିଲେ। ଏହି ପ୍ରଚାର ଅବସରରେ ରାଜେନ୍ଦ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଉପନିର୍ବାଚନ ପାଇଁ ବିଭିନ୍ନ ଦଳର କେତେ ହେଭିୱେଟ୍ ନେତା ଆସିବେ। କିନ୍ତୁ ନିର୍ବାଚନ ପରେ ସେମାନଙ୍କର ଦେଖା ମିଳିବ ନାହିଁ। ମୁଁ ସବୁବେଳେ ଲୋକଙ୍କ ସାଙ୍ଗରେ ଥିଲି, ରହିଛି ଓ ରହିବି ମଧ୍ୟ। ଧାମନଗର ମାଟି ମୋର କର୍ମଭୂମି। ଏଣୁ ଧାମନଗରବାସୀ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜିତାଇବେ ବୋଲି ମୋର ବିଶ୍ୱାସ ରହିଛି। ମହିଳା, ଚାଷୀ ଓ ଯୁବକମାନେ ଆଶାତୀତ ସମର୍ଥନ ଜଣାଇଥିବା ସେ ପ୍ରକାଶ କରିଛନ୍ତି।


ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।




# ତଦନ୍ତ ବାଟବଣା ନ ହେଉ


ଅର୍ଚ୍ଚନା ନାଗ ହନିଟ୍ରାପ ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଯୁବ କଂଗ୍ରେସ ପକ୍ଷରୁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

## ଥମୁନି ଅର୍ଚ୍ଚନା ନାଗ ହନିଟ୍ରାପ ଘଟଣା

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଅର୍ଚ୍ଚନା ନାଗ ମାମଲାର ନିରପେକ୍ଷ ତଦନ୍ତ ଦାବିରେ ମଙ୍ଗଳବାର ଆନ୍ଦୋଳନର ସ୍ୱରକୁ ଯୁବକଂଗ୍ରେସ ଅଧିକ ତେଜିଛି। ଅର୍ଚ୍ଚନାଙ୍କ ସମ୍ପର୍କରେ ରହିଥିବା ଶାସକ ଦଳର ନେତା, ମନ୍ତ୍ରୀ ଓ ବିଧାୟକଙ୍କ ସମେତ ପ୍ରଭାବଶାଳୀ ଅଧିକାରୀଙ୍କ ପର୍ଦ୍ଦାଫାଶ ହେବା ଦରକାର। ଏହାସହ ଅର୍ଚ୍ଚନାଙ୍କୁ ମିଳିଥିବା ସରକାରୀ ଆନୁଗତ୍ୟ ଓ ତାଙ୍କ ପଛରେ ଖର୍ଚ୍ଚ କରାଯାଇଥିବା ବିପୁଳ କଳାଧନର ତଥ୍ୟ ମଧ୍ୟ ଉନ୍ମୋଚନ କରାଯାଉ ବୋଲି ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଦାବି କରିଛନ୍ତି।

ପୋଲିସ ଏସବୁ ଦିଗକୁ ନେଇ ନିରପେକ୍ଷ ତଦନ୍ତ ଦାବିରେ ଯୁବକଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପୋଲିସ କମିଶନର(ସିପି)ଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଯୁବକଂଗ୍ରେସ କର୍ମୀମାନେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ପ୍ରଥମେ ପ୍ଲାକାର୍ଡ ଧରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଏନେଇ ସ୍ମୃତିରଞ୍ଜନ କହିଛନ୍ତି, ଅର୍ଚ୍ଚନା ନାଗ ମାମଲା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ବହୁ ନେତା, ମନ୍ତ୍ରୀ, ବିଧାୟକ, ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଅର୍ଚ୍ଚନାଙ୍କ ସମ୍ପର୍କ ରହିଥିବା ସୂଚନା ମିଳୁଛି। ଅର୍ଚ୍ଚନାଙ୍କ ପଛରେ ସରକାରୀ କଳର ଅପବ୍ୟବହାର ସହ ବହୁ କଳାଧନ ବିନିଯୋଗ ହୋଇଥିବାରୁ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ରହିଛି। ରାଜ୍ୟରେ ଗରିବ ଜନସାଧାରଣ ପେଟପାଟଣା ପାଇଁ ପ୍ରତିଦିନ ସଂଘର୍ଷ କରୁଥିବାବେଳେ ଜନପ୍ରତିନିଧିମାନେ ଅର୍ଚ୍ଚନା ନାଗଙ୍କ ଭଳି ମହିଳାଙ୍କ ପଛରେ କୋଟି କୋଟି ଟଙ୍କା ଦୁରୁପଯୋଗ କରିବା ନିଶ୍ଚିତ ଭାବେ ନିନ୍ଦନୀୟ। ତେଣୁ ପୋଲିସ କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ଏହାର ଉପଯୁକ୍ତ ତଦନ୍ତକରି ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସ୍ମୃତି ଦାବି କରିଛନ୍ତି।

# ତାଲିକାରେ ନାମ ନ ଥିବାରୁ ପଦରୁ ଇସ୍ତଫା ଦେଲେ ସତ୍ୟପ୍ରକାଶ

## ଏଆଇସିସି ଅଧ୍ୟକ୍ଷ ଭୋଟକୁ ନେଇ ବିବାଦ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ପଦ ନିର୍ବାଚନ ଦଳରେ ଏକ ନୂଆ ବିବାଦ ସୃଷ୍ଟି କରିଛି। ନିର୍ବାଚନରେ ମତଦାନ କରି ନ ପାରିବାକୁ ନେଇ ରାଜ୍ୟ କଂଗ୍ରେସର ଗଣମାଧ୍ୟମ ଆବାହକ ତଥା ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ନାୟକ ମଙ୍ଗଳବାର ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୋମବାର ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ପଦ ପାଇଁ ହୋଇଥିବା ନିର୍ବାଚନରେ ରାଜ୍ୟ କଂଗ୍ରେସ ପକ୍ଷରୁ ପିସିସି ସଦସ୍ୟଙ୍କ ଯେଉଁ ୪୨୭ ଜଣିଆ ତାଲିକା ପ୍ରସ୍ତୁତ କରାଯାଇଥିଲା ସେଥିରେ ତାଙ୍କ ନାମ ନ ଥିଲା। ତେଣୁ ସେ ଦଳର ଅଧ୍ୟକ୍ଷ ପଦବୀ ପାଇଁ ମତଦାନରୁ ବାଦ୍ ପଡ଼ିଥିଲେ। ପିସିସି ସଦସ୍ୟ ତାଲିକାରେ ତାଙ୍କ ନାମ ନ ଥିବାରୁ ସେ ନିଜ ପଦରୁ ଇସ୍ତଫା ଦେଇଥିବା ନେଇ କହିଛନ୍ତି। ଏହାସହ ତାଙ୍କ ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକ ଓ ରାଜ୍ୟ କଂଗ୍ରେସର ପ୍ରଭାରୀ ଚେଲ୍ଲା କୁମାରଙ୍କ ନିକଟକୁ ପଠାଇଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେଇ ସତ୍ୟ କହିଛନ୍ତି, ଦଳ ପକ୍ଷରୁ ସାଧାରଣ ସମ୍ପାଦକ, ପୂର୍ବରୁ ମିଡିଆ ସେଲ ଅଧ୍ୟକ୍ଷ ଓ ଏବେ ମିଡିଆ ଆବାହକ ଭାବେ ନିଜ କର୍ତ୍ତବ୍ୟକୁ ଦାୟିତ୍ୱର ସହ ତୁଲାଇଛି। ଦଳ ପକ୍ଷରୁ ଗତ ସାଧାରଣ ନିର୍ବାଚନରେ ସେ ପୁରୀ ଲୋକସଭା ଆସନରୁ ସାଂସଦ ପ୍ରାର୍ଥୀ ଭାବେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ଏବେ ପିସିସି ସଦସ୍ୟ ତାଲିକାରୁ ତାଙ୍କ ନାମ ହଟାଇବା ଦୁର୍ଭାଗ୍ୟଜନକ। ପିସିସି ପକ୍ଷରୁ ଯିଏ ଏହି ତାଲିକା ପ୍ରସ୍ତୁତ କରିଛନ୍ତି ସେ ବହୁ ଭାବି ଚିନ୍ତି କରିଥିବେ। ସେ ବୋଧହୁଏ ମୋ ଯୋଗ୍ୟତାକୁ ଗୌଣ ମନେକରୁଛନ୍ତି ବା ମୋର ଏହି ପଦବୀରେ ରହିବାର ଆବଶ୍ୟକତା ନାହିଁ ବୋଲି ଭାବି ଏଭଳି କରିଥିବେ ବୋଲି ସତ୍ୟ କହିଛନ୍ତି।


## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ବ୍ୟାଙ୍କ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ "ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେଶୀ) ୨୦୦୨ର ଆଇନର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ବ୍ୟାଙ୍କର ବକେୟା ଋଣ ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଇ-ନିଲାମ ମାଧ୍ୟମରେ ବିକ୍ରି କରିବା ପାଇଁ ସ୍ଥିର କରିଛନ୍ତି ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| ୧. | ଶହୀଦ ନଗର ଶାଖା, ଫୋନ୍:୦୬୭୪-୨୫୪୦୭୨୮/ ଋଣଗ୍ରହୀତା: ମେସର୍ସ ପାପ୍ରିକା କର୍ପୋରେଶନ, ସ୍ୱତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ଗୌଡ, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସଂଘମିତ୍ରା ଗୌଡ, ସ୍ୱାମୀ: ଶ୍ରୀ ଦୀପକ କୁମାର ଗୌଡ, ସମସ୍ତଙ୍କ ଠିକଣା: ଫ୍ଲାଟ୍ ନଂ.: ୪୦୨, ୪୦୩, କମଳା ଭିଲ୍ଲା, ପ୍ଲଟ୍ ନଂ.: ୧୨୩ ଏବଂ ୧୨୩/୧୫୩୯, ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର / ମୋଟ ବକେୟା ରାଶି: ତା.୧୮.୦୨.୨୦୧୬ରିଖ ସୁଦ୍ଧା ଟ.୧,୬୫,୭୮,୬୦୩/- + ତା.୧୯.୦୨.୨୦୧୬ରିଖ ଠାରୁ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | ୧) ଶ୍ରୀ ଦୀପକ କୁମାର ଗୌଡଙ୍କ ନାମରେ "କମଳା ଭିଲ୍ଲା" ଆପାର୍ଟମେଣ୍ଟର ଚତୁର୍ଥ ମହଲାରେ ଥିବା ଫ୍ଲାଟ୍ ନଂ.: ୪୦୨ର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୧୧୬୬ ବର୍ଗଫୁଟ ତା ସହିତ ଗୋଟିଏ କାର ପାର୍କିଂ ସ୍ଥାନ (ଷ୍ଟିଲ୍ଟ ଫ୍ଲୋରରେ) ସହିତ କ୍ଷେତ୍ର: ଏକର୦.୨୦୦ଡିସିମିଲିରୁ ଅବିଭକ୍ତ ଜମିର ଆନୁପାତିକ ଅଂଶ ଏକର୦.୦୧୪.୯୯ଡିସିମିଲି, ପ୍ଲଟ୍ ନଂ.: ୧୨୩ ଏବଂ ୧୨୩/୧୫୩୯, ଖାତା ନଂ.: ୬୭୯/୩୪, କିସମ: ଘରବାରୀ, ମୌଜା: ଭଗବାନପୁର, ଥାନା ନଂ.: ୯, ପାତ୍ରପଡ଼ା, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଫ୍ଲାଟ୍‌ର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୪୦୩, ଲିଫ୍ଟ ଏବଂ କରିଡର, ଦକ୍ଷିଣ: ଖୋଲା ପରିବେଶ (ବିଲ୍ଡିଂ ସୀମା), ପୂର୍ବ: ଫ୍ଲାଟ୍ ନଂ.: ୪୦୧, ପଶ୍ଚିମ: ଖୋଲା ପରିବେଶ (ବିଲ୍ଡିଂ ସୀମା), ଜମିର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୨ | ଟ.୩୭,୫୯,୦୦୦/- / ଟ.୩,୭୫,୯୦୦/- / ଟ.୫୦,୦୦୦/- | ୦୯.୧୧.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ପୂର୍ବାହ୍ନ ୧୧.୩୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |
| | | ୨) ଶ୍ରୀ ଦୀପକ କୁମାର ଗୌଡଙ୍କ ନାମରେ "କମଳା ଭିଲ୍ଲା" ଆପାର୍ଟମେଣ୍ଟର ଚତୁର୍ଥ ମହଲାରେ ଥିବା ଫ୍ଲାଟ୍ ନଂ.: ୪୦୩ର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୧୩୪୮ ବର୍ଗଫୁଟ ତା ସହିତ ଦୁଇଟି କାର ପାର୍କିଂ ସ୍ଥାନ (ଷ୍ଟିଲ୍ଟ ଫ୍ଲୋରରେ) ସହିତ କ୍ଷେତ୍ର: ଏକର୦.୨୦୦ଡିସିମିଲିରୁ ଅବିଭକ୍ତ ଜମିର ଆନୁପାତିକ ଅଂଶ ଏକର୦.୦୧୭.୩୩ଡିସିମିଲି, ପ୍ଲଟ୍ ନଂ.: ୧୨୩ ଏବଂ ୧୨୩/୧୫୩୯, ଖାତା ନଂ.: ୬୭୯/୩୪, କିସମ: ଘରବାରୀ, ମୌଜା: ଭଗବାନପୁର, ଥାନା ନଂ.: ୯, ପାତ୍ରପଡ଼ା, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଫ୍ଲାଟ୍‌ର ଚାରିପାର୍ଶ୍ୱରେ ଉତ୍ତର: ଖୋଲା ପରିବେଶ (ବିଲ୍ଡିଂ ସୀମା), ଦକ୍ଷିଣ: ଫ୍ଲାଟ୍ ନଂ.: ୪୦୨, ଲିଫ୍ଟ ଏବଂ କରିଡର, ପୂର୍ବ: ଷ୍ଟେୟାର କେସ୍, ଖୋଲା ପରିବେଶ (ବିଲ୍ଡିଂ ସୀମା), ପଶ୍ଚିମ: ଖୋଲା ପରିବେଶ (ବିଲ୍ଡିଂ ସୀମା), ଜମିର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୨ | ଟ.୪୩,୩୨,୦୦୦/- / ଟ.୪,୩୩,୨୦୦/- / ଟ.୫୦,୦୦୦/- | ୦୯.୧୧.୨୦୨୨ ପୂର୍ବାହ୍ନ ୧୧.୩୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |

ଅମାନତ ଜମା ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ: ୦୭.୧୧.୨୦୨୨ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ ତା.୦୭.୧୧.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟଦିବସରେ ଇଚ୍ଛୁକ ନିଲାମଧାରୀମାନଙ୍କୁ ସମ୍ପତ୍ତି ଯାଞ୍ଚ କରିବାର ସୁବିଧା ପ୍ରଦାନ କରାଯିବ

ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଦର୍ଶିତ ନିୟମ ଓ ସର୍ତ୍ତାବଳୀ ସହିତ ବିକ୍ରୟ ଅନୁଷ୍ଠିତ ହେବ। ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ ୧୫ ଦିନିଆ ବିକ୍ରୟ ନୋଟିସ୍ କି, ସେମାନେ ବ୍ୟାଙ୍କ ସହିତ ସେମାନଙ୍କର ବକେୟା ଦେୟ ସମାଧାନ କରନ୍ତୁ ଏବଂ ଉପର ଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମରେ ଅଂଶଗ୍ରହଣ କରନ୍ତୁ। ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ (1) https://www.ibapi.in (2) https://www.mstcecommerce.com (3) www.bankofindia.co.inରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୯.୧୦.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Wanted Caretaker for Ananda Ashraya, Khordha
Salary Negotiable
Contact:
9861290226, 9938020070

ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ ଡ୍ରାଇଭର ଦରକାର। ଦରମା: 10,000/-।
ଯୋଗାଯୋଗ:
9825495448

APPOINTMENT
COLLEGE OF MANAGEMENT & TECHNOLOGY, PURI
( A Professional College )
Recognised by Govt. of Odisha & Affiliated to Utkal University
Invites Application for
LECTURER in Computer Science & Management
Clerk, Lady Cook, Office Peon & Warden
The Interested candidates may apply for the same by 27.10.2022
Balighat, Puri-Konark Marine Drive Road, Puri-752002
Ph: 06752-356040, 9937159194, Email: cmt_puri@rediffmail.com
PRINCIPAL

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ଫୋନ୍ ନଂ. : (୦୬୭୪) ୨୫୮୦୧୦୧
(ସମୟ ଅପରାହ୍ନ ୪ଟାରୁ ରାତ୍ର ୯ ଘଟିକା)

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
Ref. No.MCL/SBP/EE /2022/Advisor(Commercial-Power)/1734 Dtd.08.10.2022
Extension of Last Date of submission of Application for engagement of full-time Advisor (Commercial-Power) in MCL on contract basis
ଆମର ପୂର୍ବ ବିଜ୍ଞପ୍ତି ନମ୍ବର MCL/SBP/EE/2022/ Advisor (Commerical-Power)/1646 Dt.17.09.2022 ଅନୁସାରେ MCL ରେ ପୂର୍ଣ୍ଣ କାଳିକ ପରାମର୍ଶଦାତା (ବାଣିଜ୍ୟିକ-ଶକ୍ତି) ରେ ଯୋଗଦାନ ଦେବା ପାଇଁ ଆବେଦନ ଦାଖଲର ଶେଷ ତା 18.10.2022 ରିଖ ସନ୍ଧ୍ୟା 5.00 ଘଟିକା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି | ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ଅଭିଜ୍ଞତା, ପରିସର ଏବଂ ସେବା ସହିତ ବିସ୍ତୃତ ବିଜ୍ଞପ୍ତି ଏବଂ ଆବେଦନ ଫର୍ମ www.mahanadicoal.in ୱେବସାଇଟରେ Careers@mcl -> Career News -> ନିଯୁକ୍ତି ଏବଂ CIL ୱେବସାଇଟ୍ www.coalindia.in ରେ ଉପଲବ୍ଧ ରହିଛି |
ସ୍ୱାକ୍ଷର
ଉପ ମହାପ୍ରବନ୍ଧକ (କାର୍ମିକ ଅଧି. ସ୍ଥା)

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
**ସହସମ୍ପାଦକ**
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

**ଖବରଦାତା**
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲ୍ଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

# ବଜାର ଦର ବୃଦ୍ଧି, ଚିନ୍ତାରେ ଖାଉଟି

କେନ୍ଦ୍ରାପଡ଼ା ଅଫିସ, ୧୮।୧୦


ଶୀତଳ ଭଣ୍ଡାର ନ ଥିବାରୁ ସହରର ଗୋପ ହାଟରେ ଗଚ୍ଛିତ ଟମାଟୋ । (ଫାଇଲ ଫଟୋ)

- ପରିବା ଦର ୨୫ ପ୍ରତିଶତରୁ ଅଧିକ ବଢ଼ିଛି
- ପରିବହନ ଖର୍ଚ୍ଚକୁ ଦୋଷ ଦେଉଛନ୍ତି ବ୍ୟବସାୟୀ
- ଜିଲା ପ୍ରଶାସନ ପକ୍ଷରୁ ଦର ନିୟନ୍ତ୍ରଣ ପାଇଁ ଦାବି

ବଜାର ଦର ବୃଦ୍ଧି ଯୋଗୁ ଚିନ୍ତାରେ ଖାଉଟି ପଡିଛନ୍ତି। କାର୍ତ୍ତିକ ମାସ ଯୋଗୁ ନିରାମିଷ ଖାଇବାକୁ ଲୋକେ ପସନ୍ଦ କରୁଥିବା ବେଳେ ପରିବା ଦର ଆକଶ ଛୁଆଁ ହୋଇଛି। ଏହାର ପ୍ରଭାବ ହାଣ୍ଡିଶାଳ ଉପରେ ପଡିଛି। ମାସକ ମଧ୍ୟରେ ପରିବା ଦର ୨୫ ପ୍ରତିଶତରୁ ଅଧିକ ବଢିଛି। ପେଟ୍ରୋଲ, ଡିଜେଲ, ଗ୍ୟାସ, ଖାଇବା ତେଲ, ଡାଲି, ପିଆଜ ଦର ନିୟନ୍ତ୍ରଣ ହରାଇଛି। କ୍ରମବର୍ଦ୍ଧିଷ୍ଣୁ ଦର ନିୟନ୍ତ୍ରଣ ପାଇଁ ଶାସକ, ପ୍ରଶାସକ ଓ ବିରୋଧୀଙ୍କ ମଧ୍ୟରେ କୌଣସି ଯୋଜନା ନାହିଁ। କରୋନା କାରଣରୁ ସବୁବର୍ଗ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିବାବେଳେ ମହଙ୍ଗା ମାଡ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରୁଛି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବଜାର ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ସେହିପରି ବ୍ୟବସାୟୀମାନେ ପରିବହନ ଖର୍ଚ୍ଚ ଅଧିକ ହେଉଥିବା ମତ ରଖିଛନ୍ତି।

ଏ ସମ୍ପର୍କରେ ଶ୍ୟାମସୁନ୍ଦରପୁରର ମମତା ପାଢ଼ୀ କୁହନ୍ତି, ଗ୍ୟାସ ସିଲିଣ୍ଡର ଦର ଏବେ ୧୦୫୩ ଟଙ୍କା ହୋଇଛି। ପ୍ରତିମାସ ପ୍ରାୟ ୧୫ ଟଙ୍କା ବଢୁଥିବାରୁ ଖୁବ୍‌ଶୀଘ୍ର ଏହା ୧୧୦୦ ଟଙ୍କାକୁ ଟପିବ। ରୋଷେଇ ଘରେ ଗ୍ୟାସ ମହଙ୍ଗା ସହ ତାଳ ଦେଇ ଅନ୍ୟ ସାମଗ୍ରୀର ଦର ବଢ଼ି ଚାଲିଛି। ଶୋରିଷ ତେଲ ଦର ୨ଶହ ଟଙ୍କା ଥିବାବେଳେ ପାମୋଲିନ, ସୂର୍ଯ୍ୟମୁଖୀ ତେଲ ଦର ଲିଟର ପ୍ରତି ତାହାଠାରୁ କମ୍ ରହିଛି। ହରଡ, ମୁଗ ଆଦି ଡାଲି ୧୦୦ ପାର କରିଥିବା ବେଳେ ଜିରା, ଶୋରିଷ, ସୁଜି, ବେସନ ଆଦିର ଦର ଅହେତୁକ ଭାବେ ବଢ଼ି ଚାଲିଛି। ମହରଗ ଯୋଗୁ ଖାଉଟିଙ୍କୁ ଭେଜାଲ ପଦାର୍ଥ ପ୍ୟାକେଟରେ ମିଳୁଛି। ଖାଉଟି ବଜାର ଏବେ ବେଲଗାମ ହୋଇଛି ବୋଲି ସେ ମତ ଦେଇଛନ୍ତି। ଗୋପ ହାଟର ପରିବା ବ୍ୟବସାୟୀ ସାଧୁ ଚରଣ ଦାସ କହିଛନ୍ତି, ବର୍ଷା ସିଜିନ ପରେ ପରିବା ଦର ସାଧାରଣତଃ ବଢ଼ିଥାଏ। ତେବେ ଚଳିତବର୍ଷ ବଜାର ଦର ଅତ୍ୟଧିକ ହୋଇଛି। ଗତ ମାସକ ପୂର୍ବେ ଟମାଟର କେଜି ପ୍ରତି ମାତ୍ର ୧୦ରୁ ୨୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ ୮୦ ଟଙ୍କା ଛୁଇଁଛି। ସେହିପରି ଭେଣ୍ଡି, ଜହ୍ନି କେଜି ପ୍ରତି ୬୦ ଟଙ୍କା ରହିଛି। ଆଳୁ ୨୪, ପିଆଜ ୨୫, ବିନସ ଶହେ, ଝୁଡଙ୍ଗ ୮୦ଟଙ୍କାରେ ବିକ୍ରି ହେଉଛି। କେନ୍ଦ୍ରାପଡା ଜିଲାରେ ପ୍ରତି ସିଜିନ ପାଇଁ ପନିପରିବା ଉତ୍ପାଦ ଆଶାନୁରୂପକ ହେଉନାହିଁ। ଫସଲ ଅମଳ ସମୟରେ ଅଭାବୀ ବିକ୍ରି ହେଉଛି। ଜିଲାରେ ଶୀତଳ ଭଣ୍ଡାର ଅଭାବରୁ ବିଭିନ୍ନ ଋତୁର ଉତ୍ପାଦକୁ ସଂରକ୍ଷିତ କରାଯାଇ ପାରୁନାହିଁ। ଜିଲା ବାହାରୁ ପନିପରିବା ଆସୁଥିବାରୁ ପରିବହନ ଖର୍ଚ୍ଚ ଅଧିକ ହେଉଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟତମ ବ୍ୟବସାୟୀ କୃଷ୍ଣଚନ୍ଦ୍ର ସାହୁ କୁହନ୍ତି, ପେଟ୍ରୋଲ ଡିଜେଲ ଦର ଅଧିକ ରହିଛି। ପେଟ୍ରୋଲ ୧୦୩ ଟଙ୍କା ଅତିକ୍ରମ କରିଥିବାବେଳେ ଡିଜେଲ ଦର ୯୫ ଟଙ୍କା ପାଖାପାଖି ଅଛି। ପନିପରିବା ପାଇଁ ବରଗଡ଼, ନୟାଗଡ଼, ପଶ୍ଚିମବଙ୍ଗ ଉପରେ ନିର୍ଭର କରାଯାଉଛି। ଯାନବାହନରେ ପରିବାଠାରୁ ରାଶନ ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ସ୍ଥାନାନ୍ତରିକରଣ, ବାଣିଜ୍ୟିକ କାରବାର, ତୈଳ ଦର ବୃଦ୍ଧି ଆଦିର ପ୍ରଭାବ ସିଧାସଳଖ ବଜାର ଓ ଖାଉଟିଙ୍କ ଉପରେ ପଡୁଛି। ମେଡିକାଲ ଛକର ସୁରେନ୍ଦ୍ର ବେହେରା କହିଛନ୍ତି, ଖାଉଟି ସାମଗ୍ରୀ ଦର ବୃଦ୍ଧି ସହ ଏବେ ବିଦ୍ୟୁତ୍ ବିଭାଗ ଉପରେ ସରକାର ନିୟନ୍ତ୍ରଣ ହରାଇଛନ୍ତି। ବିଦ୍ୟୁତ୍ ଦର ଅହେତୁକ ବୃଦ୍ଧି ହୋଇଥିଲେ ମଧ୍ୟ ଦୈନିକ ବିଦ୍ୟୁତ୍ କାଟ ହେଉଛି। ଫଳରେ ପାନୀୟ ଜଳ, ରୋଷେଇ ଆଦି କ୍ଷେତ୍ରରେ ଜିଲାବାସୀ ହନ୍ତସନ୍ତ ହେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବଜାର ଦର ନିୟନ୍ତ୍ରଣ କରିବାକୁ ସାଧାରଣରେ ଦାବି ହେଉଛି।

## ରାଜସ୍ୱ ମାମଲା ସମାଧାନ ପାଇଁ କ୍ୟାମ୍ପ କୋର୍ଟ


କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହ କେନ୍ଦ୍ରାପଡ଼ା ଜିଲାର ଉନ୍ନୟନ କାମର ସମୀକ୍ଷା କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୧୮।୧୦

**ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ**

କେନ୍ଦ୍ରାପଡ଼ା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରି ହେଉଛି। ଏହାକୁ ରୋକାଯିବ। ବଢୁଥିବା ରାଜସ୍ୱ ମାମଲାର ତୁରନ୍ତ ସମାଧାନ ପାଇଁ ୩ ଦିନ ମଧ୍ୟରେ ଜିଲାରେ କ୍ୟାମ୍ପ କୋର୍ଟ ହେବ। ଏପରି ନିର୍ଦ୍ଦେଶ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ମଙ୍ଗଳବାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନରେ ସର୍କିଟ ହାଉସଠାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଦଳାଇ ଜିଲା ରାଜସ୍ୱ ବିଭାଗର ସମୀକ୍ଷା କରିଛନ୍ତି। ରାଜ୍ୟରେ ଏବେ ଉନ୍ନୟନ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ପର୍ଯ୍ୟାପ୍ତ ରାଜସ୍ୱ ଆବଶ୍ୟକ। ଏହି ଦୃଷ୍ଟିରୁ ଜିଲା ରାଜସ୍ୱ ବିଭାଗ ସମୀକ୍ଷା ସମୟରେ ଆଦାୟକୁ ଗୁରୁତ୍ୱ ଦିଆଯାଇଥିଲା। ତହସିଲଗୁଡକିରେ ବଢୁଥିବା ଦାଖଲ ଖାରଜ ମାମଲା, ଭୂବନ୍ଦୋବସ୍ତ ମାମଲା, ସୀମା ମାମଲା, ଓପିଡିଆର ମାମଲା ଆଦିକୁ ତୁରନ୍ତ ସାରିବା ପାଇଁ ଏଠାରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ମୂଲ୍ୟବାନ ସରକାରୀ ସମ୍ପତ୍ତିରୁ ଜବରଦଖଲ ହଟାଇବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଆଲୋଚନା ହୋଇଥିଲା। ଲଘୁ ଖଣିଜ ସମ୍ପଦ ଲୁଟ ବନ୍ଦ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏଥିସହ ରାଜସ୍ୱ ମାମଲାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କୋର୍ଟ କରିବାକୁ ରାଜସ୍ୱ ଆୟୁକ୍ତ ଦଳାଇ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାପାଳ ଅମୃତ ଋତୁରାଜ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଏଡିଏମ୍ ପୀତାମ୍ବର ସାମଲ, ଡେପୁଟି କଲେକ୍ଟର ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ତହସିଲଦାର ହେମଲତା ବାହାଲିଆ ପ୍ରମୁଖ ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ।

## ୨ ବାର୍‌ହା ଶିକାରୀ ଗିରଫ, ୧୦ କେଜି ମାଂସ, ଫାଶ ଜବତ

ରାଜନଗର, ୧୮।୧୦(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ରାଜକନିକା ବ୍ଲକ ଅନ୍ତର୍ଗତ ମାଟିଆ ଗାଁ ଚିତ୍ରପଡା କାଜୁ ଜଙ୍ଗଲ ଭିତରେ ଫାସ ବସାଇ ଗୋଟିଏ ଜଙ୍ଗଲୀ ବାର୍‌ହାକୁ ଶିକାରୀମାନେ ଶିକାର କରିଥିଲେ। ବାର୍‌ହା ମାଂସକୁ ବିକ୍ରି କରି ଅବଶିଷ୍ଟ ୧୦ କେଜି ମାଂସକୁ ନିଜ ଭିତରେ ଭାଗ ବଣ୍ଟରା କରୁଥିବା ବେଳେ ବନ ବିଭାଗ ଖବର ପାଇ ଦୁଇଜଣ ଶିକାରୀଙ୍କୁ ଗିରଫ କରିଛି। ଖବରପାଇ କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ଶ୍ରୀରାମ ମୁର୍ମୁ, ରଘୁନାଥ ବାରିକ, ବିଭୂତି ତରାଇ ପ୍ରମୁଖ ବନ କର୍ମଚାରୀ ଆୟତନ ପଞ୍ଚାୟତ ତେନ୍ତୁକୋଇଲି ଗାଁର ଦେବାଶିଷ ବେରା, ରଞ୍ଜନ ବିଶ୍ୱାଳଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ପ୍ଲାଷ୍ଟିକ ରଶିର ଫାସ, ଗୋଟିଏ କଟୁରୀ, ୨ଟି ପ୍ଲାଷ୍ଟିକ ବ୍ୟାଗ ଓ ୧୦ କେଜି ମାଂସକୁ ବନ ବିଭାଗ ଜବତ କରିଛି। ଗିରଫ ୨ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଗିରଫ ଅଭିଯୁକ୍ତ।

## ନିଆଳ ହାଟ ସଂଯୋଗୀକରଣ ରାସ୍ତା ମରାମତି ଦାବି


ନିଆଳ ହାଟରୁ କଟକ- ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି ପଥ।

ଆଳି,୧୮।୧୦(ଡି.ଏନ.ଏ.)

**ବର୍ଷା ହେଲେ ଜମୁଛି ଅଣ୍ଟୁଏ ପାଣି**

ନିଆଳ ହାଟରୁ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଦୀର୍ଘଦିନ ହେବ ରାସ୍ତା ଅବସ୍ଥା ଶୋଚନୀୟ ଥିବାବେଳେ ବିଭାଗ ପକ୍ଷରୁ ମରାମତି କରାଯାଉନାହିଁ। ତେଣୁ ଏହାକୁ ମରାମତି ନିମନ୍ତେ ସାଧାରଣରେ ଦାବି ହୋଇଛି। ସୂଚନା ଯୋଗ୍ୟ, ଆଳି ବ୍ଲକ ନିଆଳ ଗ୍ରାମର ନିଆଳ ହାଟରୁ କଟକ -ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଯାତାୟାତ ନିମନ୍ତେ ନିର୍ମାଣ ହୋଇଥିବା ରାସ୍ତାଟି ଏବେ ଜରାଜୀର୍ଣ୍ଣ ହୋଇପଡିଛି। ନିଆଳ ଗ୍ରାମବାସୀଙ୍କ ସମେତ ଶତାଧିକ ଲୋକ ଏହି ରାସ୍ତା ଦେଇ ମୁଖ୍ୟ ରାସ୍ତାକୁ ଯାତାୟାତ କରିଥାନ୍ତି। ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ନିଆଳ ହାଟ ହେଉଥିବାରୁ ଶତାଧିକ ବ୍ୟବସାୟୀଙ୍କ ସମେତ ହଜାର ହଜାର ଖାଉଟି ହାଟକୁ ଏହି ରାସ୍ତାରେ ଆସିଥାନ୍ତି। ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ ଯାତାୟାତ କରିବା ଅସମ୍ଭବ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ସେହି ସ୍ଥାନରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ଲୋକମାନେ ପାଣିରେ ପଶି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅତୁଲ



@ ଜିତୁ


@ ମାଣିକ୍ୟ


@ ଶୁଚିସ୍ମିତା


@ ସୁସ୍ମିତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଫୁଲ୍ଲ ଦାସ ହେଲେ ସଭାପତି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ନିର୍ବାଚନ

କେନ୍ଦ୍ରାପଡା ଅଫିସ, ୧୮।୧୦:

ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨୩ ତାରିଖରେ ବଡବାରଙ୍ଗସ୍ଥ ସମବାୟ ସମିତି ସଭାପତି ନିର୍ବାଚନ ହେବାକୁ ଥିଲା। ଏଥିପାଇଁ ମଙ୍ଗଳବାର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ପାଇଁ ସ୍ଥିର ହୋଇଥିଲା। ତେବେ ଏହି ସମିତିର ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଦାସ ରହିଥିବାରୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଏସ୍‌ଆର୍‌ସିଏସ୍ ଯୋଗେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି। ନବ ନିର୍ବାଚିତ ସଭାପତି ଦାସ କହିଛନ୍ତି, ସମବାୟ ବିପ୍ଳବରେ ସାମିଲ ହୋଇ ତୃଣମୂଳସ୍ତରରେ କାର୍ଯ୍ୟ ପାଇଁ ଅବସର ମିଳିଛି। ସମସ୍ତଙ୍କ ସହଯୋଗ ମିଳିଲେ ଜିଲାର ଏହି ସମିତି ନଂ. ୧ରେ ରହିବ। ଏହି ଅବସରରେ ସମିତି ସମ୍ପାଦକ ସଚ୍ଚିଦାନନ୍ଦ ଜେନା, ଆଇନଜୀବୀ ସରୋଜ କୁମାର ଜେନା, ବିଜେଡି ନେତ୍ରୀ ସରୋଜିନୀ ସେଠୀ, ନିର୍ଦ୍ଦେଶକ ଦିଲୀପ ସାହୁ, ରଶ୍ମିରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି

ଡେରାବିଶ, ୧୮।୧୦(ସ୍ୱ.ପ୍ର.)



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଡେରାବିଶ ବ୍ଲକ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୧ -୨୨ ଆର୍ଥିକ ବର୍ଷ ପାଇଁ ଅନୁଷ୍ଠିତ ଜନଶୁଣାଣି ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବିଡିଓ ନମିତା ବାରିକ, ଜିଲା ପରିଷଦ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ମନମୋହିନୀ ମହାନ୍ତି, ଏବିଡିଓ ଭଞ୍ଜ କିଶୋର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଏହି ଲୋକାଭିମୁଖି କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଭିନ୍ନ ପଞ୍ଚାୟତସ୍ତରରେ କାର୍ଯ୍ୟକ୍ରମର ତ୍ରୁଟି ବିଚ୍ୟୁତି ସମ୍ପର୍କରେ ଜନଶୁଣାଣି କରାଯାଉଛି। ତେବେ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସୁଧାର, ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମର ସମସ୍ୟା ଉପରେ ଅଭିଯୋଗ ଓ ନୂତନ ପ୍ରସ୍ତାବ ସମ୍ପର୍କରେ ଶୁଣିବା ଉଦ୍ଦେଶ୍ୟରେ ଏହି ଶିବିର କରାଯାଉଛି ବୋଲି ପଦାଧିକାରୀମାନେ ମତବ୍ୟକ୍ତ କରିଥିଲେ। ତେବେ ୨୦୨୧ - ୨୨ ଆର୍ଥିକ ବର୍ଷରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ସମୁଦାୟ ୨୪,୧୧୩ ଜବ୍‌କାର୍ଡ଼ ପ୍ରଦାନ କରାଯାଇଥିବା ବେଳେ ୧୮ କୋଟି ୭୬ ଲକ୍ଷ ୨୮ ହଜାର ଟଙ୍କା ବ୍ୟୟ କରାଯାଇଛି। ସେହିଭଳି ୨ ଲକ୍ଷ ୮୯ ହଜାର ୩୨୧ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ୭,୮୮୩ ଟି ମଷ୍ଟର ରୋଲ୍ ଇସ୍ୟୁ କରାଯାଇଥିବା ବ୍ଲକ ସାମାଜିକ ସମୀକ୍ଷକ ରମାକାନ୍ତ ସ୍ୱାଇଁ ସୂଚନା ଦେଇଥିଲେ। ତେବେ ବ୍ଲକ ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ ମୃତ ଭତ୍ତା ହିତାଧିକାରୀଙ୍କ ନାମରେ ୩୫ ହଜାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହି ଅର୍ଥରାଶି ଫେରସ୍ତ ପାଇଁ ବ୍ଲକ ପକ୍ଷରୁ ସମ୍ପୃକ୍ତ ହିତାଧିକାରୀଙ୍କ ସମ୍ପର୍କୀୟଙ୍କୁ ଚିଠି କରାଯାଇଥିବା ସ୍ୱାଇଁ ସୂଚନା ଦେଇଥିଲେ। ଶିବିରରେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଲିକ, ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଭାଗନେଇ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକ୍ରମର ବିଭିନ୍ନ ସମସ୍ୟା ଉପରେ ପ୍ରଶ୍ନମାନ ଉତ୍‌ଥାପନ କରିଥିଲେ । ଏହି ଶିବିରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସତ୍ୟବାଦୀ ନାୟକ, ଚୌଧୁରୀ ଦିପକ କୁମାର ଓ ଅନିଲ୍ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଅଳପୁଆ ପାହାନ୍ତିସାହିରେ ପାନୀୟ ଜଳ ସଙ୍କଟ

ପଟ୍ଟାମୁଣ୍ଡାଇ ୧୮।୧୦(ସ୍ୱ.ପ୍ର.)


ଅଚଳ ହୋଇ ପଡିଥିବା ନଳକୂପ।

ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ପାହାନ୍ତିସାହିରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଇ ଦେଇଛି। ଏହି ସାହିରେ ୫୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୩୦୦ ଲୋକ ବସବାସ କରନ୍ତି। ଏଠାରେ ନଳକୂପ ବସାଯାଇଥିଲେ ମଧ୍ୟ ଦୀର୍ଘଦିନ ଧରି ଅଚଳ ହୋଇପଡିଛି। ଫଳରେ ପିଇବା ପାଣି ପାଇଁ ଲୋକମାନେ ହଇରାଣ ହେଉଛନ୍ତି। ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ନଳକୂପ ମରାମତି ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇନାହିଁ। ନିକଟରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରାଙ୍କୁ ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ସରପଞ୍ଚ ପଦ୍ମିନୀ ବେହେରା, ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ ରାଉତ, ନରେନ୍ଦ୍ର ଧଳ, ସରୋଜ କୁମାର ଦାସ ପ୍ରମୁଖ ଭେଟି ପାନୀୟଜଳ ସଙ୍କଟ ସମ୍ପର୍କରେ ଆଲୋଚନା କରିଥିଲେ। ତୁରନ୍ତ ପାହାନ୍ତିସାହିରେ ନୂତନ ନଳକୂପ ସ୍ଥାପନ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ନାଉଗାଁରେ ଜନସମ୍ପର୍କ ପଦଯାତ୍ରା

ନାଉଗାଁ,(ସ୍ୱ.ପ୍ର): ନାଉଗାଁ ବ୍ଲକରେ ମଙ୍ଗଳବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ବିଧାୟକ ତଥା ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଏହି ପଦଯାତ୍ରା ନୂଆ ପାଟଣାଛକରୁ ଆରମ୍ଭ ହୋଇ ଅଲଣା, ନହଡିପଡା, ମୁଣ୍ଡାଳୋ ବଜାର,ମଧୁପୁର ଦେଇ ବାଲୁକେଶ୍ୱର ମହାଦେବ ପୀଠ ପର୍ଯ୍ୟନ୍ତ ଯାଇଥିଲା। ପୀଠରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଦୁଲିଙ୍କ ସମେତ ଜିଲା ପରିଷଦ ଅଧକ୍ଷ ମନୋଜ ଭୋଇ, ଅମିତା ସ୍ୱାଇଁ, ତରୁଣ କାନ୍ତ ବାରିକ ଓ ମନ୍ମଥ ଓଝା ପ୍ରମୁଖ ସାମିଲ ହୋଇଥିଲେ।

### ସଂକ୍ଷେପରେ

## ତୈଳ ବିଶୋଧନାଗାର ଆଗରେ ଶ୍ରମିକଙ୍କ କଳା ପତାକା ପ୍ରଦର୍ଶନ



ପାରାଦୀପ,୧୮।୧୦(ସ୍ୱ.ପ୍ର.): ୯ ଦଫା ଦାବିରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ପକ୍ଷରୁ ମଙ୍ଗଳବାର ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ରାସ୍ତାରେ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରାଯାଇଛି। ଏସବୁ ଦାବି ସଂପର୍କରେ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଆଲୋଚନା କରି ସମାଧାନ ନ କଲେ ଆନ୍ଦୋଳନ କରାଯିବ ବୋଲି ସଂଘ ସମ୍ପାଦକ ସମୀର ବିଶ୍ୱାଳ ସୂଚନା ଦେଇଛନ୍ତି। ଦାବିଗୁଡ଼ିକ ହେଲା, ୨୦୧୯ ଫେବୃଆରୀ ୧୮ରେ କରାଯାଇଥିବା ଚୁକ୍ତିକୁ କାର୍ଯ୍ୟକାରୀ କରିବା, ବିନା କାରଣରେ ଗେଟପାଶ ରଦ୍ଦ କରାଯାଇଥିବା ଶ୍ରମିକଙ୍କୁ ପାଶ୍ ଦେବା, ଧାର୍ଯ୍ୟ ସମୟ ପୂର୍ବରୁ ଟେଣ୍ଡର କରି ନୂଆ କଣ୍ଟ୍ରାକ୍ଟରଙ୍କୁ କାମ ଦେବା, କ୍ୟାଣ୍ଟିନ ସୁବିଧା, ମାସର୧୦ ତାରିଖ ମଧରେ ଦରମା ଦେବା ଆଦି ପ୍ରସଙ୍ଗ ରହିଛି।

## ମହିଳାଙ୍କ ଘରୁ ଚୋରି

ବାଲିଆ,୧୮।୧୦(ସ୍ୱ.ପ୍ର.): ବିରିଡି ଥାନା ଚାନ୍ଦପୁର (ଦଣ୍ଡାସାହି) ଗ୍ରାମରେ ରହୁଥିବା ବିଧବା ଲକ୍ଷ୍ମୀପ୍ରିୟା ଭୋଇଙ୍କ ଘରୁ ନଗଦ ଟଙ୍କା ଓ ସୁନା ରୁପା ଗହଣା ଚୋରି ଯାଇଛି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀପ୍ରିୟା ରାତିରେ ଏକୁଟିଆ ଘରେ ନ ରହି ପ୍ରତିଦିନ ପରି ଖାଇବା ପରେ ତାଲା ପକାଇ ପୋଡ଼ଶୀ ଘରକୁ ଶୋଇବାକୁ ଚାଲିଯାଇଥିଲେ। କୌଣସି ଦୁର୍ବୃତ୍ତ କବାଟ ଭାଙ୍ଗି ଘରୁ ନଗଦ ୪ ହଜାର ଟଙ୍କା ସମେତ, ସୁନାରୁପା ଗହଣା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ପାରାଦୀପ ବିଧାୟକଙ୍କୁ ଡକା ନ ଯିବାରୁ ସମର୍ଥକ ନିରାଶ

### ଚେଲିତୋଳ ବାଲିଯାତ୍ରା ପ୍ରସ୍ତୁତି ବୈଠକ

ତିର୍ତ୍ତୋଲ, ୧୮।୧୦ (ଡି.ଏନ.ଏ.): ତିର୍ତ୍ତୋଲ ନିକଟ ଗୋପିଆକୁଦରେ ଚେଲିତୋଳ ବାଲିଯାତ୍ରା ପାଇଁ ଭୂମି ପୂଜନ ସହ ପ୍ରସ୍ତୁତି ବୈଠକ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ତହସିଲଦାର ଅମୂଲ୍ୟ କୁମାର ସାହୁ, ବିଡିଓ ଅଟଳ ବିହାରୀ ସ୍ୱାଇଁ, ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ୨୯ ପଞ୍ଚାୟତର ଲୋକେ ସାମିଲ ହୋଇଥିଲେ। ପ୍ରସ୍ତୁତି ବୈଠକରେ ପାରାଦୀପ ବିଧାୟକ ସମ୍ବିତ ରାଉତରାଏଙ୍କୁ ଡକାଯାଇ ନ ଥିବାରୁ ସମର୍ଥକମାନେ ପାଟିତୁଣ୍ଡ କରିବା ସହ ସଭାସ୍ଥଳ ଛାଡି ଚାଲିଯାଇଥିଲେ। ଉପସ୍ଥିତ ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ବାଲିଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ଆୟୋଜନ କରିବାକୁ ମତ ଦେଇଥିଲେ। ସୂଚନାଯୋଗ୍ୟ, ତିର୍ତ୍ତୋଲ ବ୍ଲକର ୮ ପଞ୍ଚାୟତ ପାରାଦୀପ ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଛି। ମାତ୍ର ବାଲିଯାତ୍ରା ବୈଠକକୁ ପାରାଦୀପ ବିଧାୟକଙ୍କୁ ଡକାଯାଇ ନଥିଲା। ଏ ସମ୍ପର୍କରେ ତିର୍ତ୍ତୋଲ ବିଧାୟକ ଦାସ ସ୍ପଷ୍ଟୀକରଣ ଦେଇ ବକ୍ତବ୍ୟରେ କହିଥିଲେ, ଏହା ଏକ ପ୍ରସ୍ତୁତି ବୈଠକ। ଏଥିପାଇଁ ପାରାଦୀପ ବିଧାୟକଙ୍କୁ ଡକାଯିବାର କିଛି କାରଣ ନାହିଁ। ତାଙ୍କୁ ଅତିଥି ଭାବରେ ଡକାଯିବ ବୋଲି କହିଛନ୍ତି।

# ଗୃହରେ ତାଲା, ବାରଣ୍ଡାରେ ପିଲା

- ନିର୍ଦ୍ଧାରିତ ସମୟରେ ଖୋଲୁନି ସ୍କୁଲ୍
- ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଗୃହ ନିର୍ମାଣ କରାଯାଇନି

ପାରାଦୀପ,୧୮।୧୦(ସ୍ୱ.ପ୍ର.)



ବିଦ୍ୟାଳୟରେ ତାଲା ପଡିଥିବାରୁ ବାରଣ୍ଡାରେ ଛାତ୍ରୀଛାତ୍ରମାନେ ବସିଛନ୍ତି।

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳର ୨ନଂ. ୱାର୍ଡର ଅଠରବାଙ୍କି ତଳପଡାରେ ଅଛି ସରକାରୀ ପ୍ରାଥମିକ ବିଦ୍ୟାଳୟ। ୨୦୦୮ରୁ ଚାଲିଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୧୦୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଉକ୍ତ ସ୍କୁଲ ଧାର୍ଯ୍ୟ ସମୟରେ ଖୋଲୁ ନ ଥିବା ନେଇ ମଙ୍ଗଳବାର ସେଠାକାର ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପାଇଁ ସକାଳ ୧୦ଟା ବେଳେ ସେଠାରେ ପହଞ୍ଚିବା ବେଳେକୁ ପିଲାଙ୍କୁ ବାରଣ୍ଡାରେ ବସିଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ସ୍କୁଲରେ ତାଲା ପଡ଼ିଥିଲା। ସେଠାରେ ଜଣେ ପାଚିକା ଉପସ୍ଥିତ ଥିଲେ।

ତାଲା ପଡିବା ସମ୍ପର୍କରେ ପଚାରିବାରୁ ଶିକ୍ଷୟିତ୍ରୀ ଏବେ ଆସିବେ ବୋଲି ସମ୍ପୃକ୍ତ ପାଚିକା କହିଥିଲେ । ଘଟଣା ସମ୍ପର୍କରେ ପ୍ରାଧାନ ଶିକ୍ଷୟତ୍ରୀ ଶୁଭ୍ରାରାଣୀ ବିଶ୍ୱାସ କହିଛନ୍ତି, ବିଇଓ ଅଫିସରେ କାମଥିବାରୁ ସେ କୁଜଙ୍ଗ ଯାଇଥିଲେ। ଜଣେ ଅତିରିକ୍ତ ଶିକ୍ଷକ ୧୦ଟାରେ ପହଞ୍ଚି ଥିଲେଏବଂ ୧୦ଟା୫ରେ ପ୍ରାର୍ଥନା କରାଯାଇଛି।

ଏ ପ୍ରସଙ୍ଗରେ ଅଭିଭାବକ ଦେବ ମଣ୍ଡଳ କୁହନ୍ତି, ସବୁଦିନ ସ୍କୁଲକୁ ଶିକ୍ଷୟିତ୍ରୀମାନେ ୧୦ଟା ପରେ ଆସୁଛନ୍ତି। ଏସମ୍ପର୍କରେ ତାଗିଦ୍ କରାଯାଇଥିବା ନେଇ ସିଆରସିସି ଶୁକାନ୍ତ ସ୍ୱାଇଁ କହିଛନ୍ତି। ବିଇଓ (ବ୍ଲକ ଶିକ୍ଷାଧିକାରୀ)ପବିତ୍ର ମୋହନ କରଙ୍କୁ ପଚାରିବାରୁ ସେ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଥିବା କହିଛନ୍ତି। ଅପରପକ୍ଷେ ଶିକ୍ଷା ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ଏହି ସ୍କୁଲ ଗୃହ ନିର୍ମାଣ କରାଯାଇନାହିଁ। ୨୦୧୯ ପର୍ଯ୍ୟନ୍ତ ଏକ କୁକୁଡ଼ା ଭାଡି ସଦୃଶ ଗୃହରେ ପିଲାଙ୍କୁ ପାଠପଢା ହେଉଥିଲା। ସେତେବେଳେ ଗଣମାଧମରେ ଚର୍ଚ୍ଚା ହେବାପରେ ପୌରପାଳିକା ଏକ ଗୋଷ୍ଠୀ ଗୃହ ନିର୍ମାଣ କରିଥିଲା। ସେହି ଗୋଷ୍ଠୀଗୃହକୁ ୨୦୧୯ ମାର୍ଚ୍ଚ ୭ ରେ ଉଦ୍‌ଘାଟନ କରାଯାଇଛି। ସେଠାରେ ପିଲା ପଢୁଛନ୍ତି। ଘର କାନ୍ଥରେ ପୌରପାଳିକା ଫଳକ ଲାଗିଛି। ସେହି କାନ୍ଥର କବାଟ ପାଖରେ ଆଉ ଏକ ଫଳକ ଲାଗିଛି। ସେଥିରେ ଦର୍ଶାଯାଇଛି, ଏସାର ବଲ୍କ ଟର୍ମିନାଲ ପ୍ରାଇଭେଟ ଲିମିଟେଲଡ୍ (ଇବିଟିପିଏଲ) ଏହି ଘରକୁ ମେଣ୍ଟେନାନ୍ସ କରିଛି। ଅର୍ଥାତ ଗୋଟିଏ ଘରକୁ ପୌରପାଳିକା ଓ ଇବିଟିପିଏଲ ପକ୍ଷରୁ ୩ ବର୍ଷ ମଧରେ ନିର୍ମାଣ ଓ ମରାମତି କରାଯାଇଛି। ଘଟଣା ସମ୍ପର୍କରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ କୁହନ୍ତି, କମ୍ପାନୀ ସେଠାରେ ଆଉ ଏକ ଟିଣ ରୋଷେଇଘର କରିଛି। ସେଠାରେ ଫଳକ ନ ଲଗାଇ ପୌରପାଳିକା ଘରେ ଲଗାଇବା ଘଟଣା ନିନ୍ଦନୀୟ। ଏହାର ଯାଞ୍ଚ କରାଯିବ।

## ୭ ନଭେମ୍ବରରୁ ଅନଶନ ଚେତାବନୀ

### ଶାରଳା ସମବାୟ ସୂତାକଳର ପୁନରୁଦ୍ଧାର ଦାବି

ତିର୍ତ୍ତୋଲ,୧୮।୧୦ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିକଟ ନାଉସିରାସ୍ଥିତ ଶାରଳା ସମବାୟ ସୂତାକଳ ପୁନରୁଦ୍ଧାର ଓ ରଣ ମୁକ୍ତି ଲାଗି ମଙ୍ଗଳବାର କଂଗ୍ରେସ ତରଫରୁ ଦାବି ହୋଇଛି। ସରକାର ଏଦିଗରେ ୧୫ ଦିନ ମଧରେ ପଦକ୍ଷେପ ନ ନେଲେ ଦଳ ତରଫରୁ ନଭେମ୍ବର ୭ରୁ ଆମରଣ ଅନଶନ କରାଯିବ ବୋଲି ଘୋଷଣା କରାଯାଇଛି। ବ୍ଲକ କଂଗ୍ରେସ କମିଟି ତରଫରୁ ତରଜଙ୍ଗା ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଏଥିରେ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ ଅଧକ୍ଷତା କରିଥିଲେ। ସୂତାକଳରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରଣ ବକେୟାଥିବା ଦର୍ଶାଇ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏହାକୁ ସିଲ କରାଯାଇଛି। ଏହାକୁ ରଣ ମୁକ୍ତକରି ପୁନରୁଦ୍ଧାର ପାଇଁ କଂଗ୍ରେସ ପକ୍ଷରୁ ଦାବି ହୋଇଆସୁଛି। ଏନେଇ ପୂର୍ବରୁ ଧାରଣା, ପ୍ରତିବାଦ, ପଦଯାତ୍ରା ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୧୦ ହଜାର ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଏକ ପ୍ରେସ ଇସ୍ତାହାରରେ ସରକାରଙ୍କୁ ଜଣାଇଛନ୍ତି। ଗୋବିନ୍ଦପୁର ସମିତି ସଭ୍ୟ ଦେବ ପ୍ରସାଦ ନାୟକ ଅନଶନକୁ ସଫଳ କରିବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧରେ ବୈଠକରେ ବ୍ଲକ କଂଗ୍ରେସ ଉପସଭାପତି ଧନଞ୍ଜୟ ସୁତାର, ଅଶ୍ୱିନୀ ସ୍ୱାଇଁ, ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି, ମୂଳିସିଂ ସରପଞ୍ଚ ସଫିଆଜମ, ସମିତି ସଭ୍ୟ ରଞ୍ଜନ ସାହୁ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ସାଇ ପ୍ରଭଞ୍ଜନ ମହାପାତ୍ର, ବେଣୁଧର ବିଶ୍ୱାଳ , ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ପରିଜା, ପ୍ରମୁଖ ସାମିଲ ହୋଇଥିଲେ।


କଂଗ୍ରେସ ବୈଠକରେ ହିମାଂଶୁ ମଲ୍ଲିକ ଓ ଅନ୍ୟମାନେ।

# ଜିଲାପାଳ, ଏସ୍‌ପିଙ୍କ ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ


ଜିଲାପାଳ ଓ ଏସ୍‌ପି ଚିକିତ୍ସାଳୟରେ ବିଏସ୍‌କେୱାଇ ଯୋଜନାର ଅନୁଧ୍ୟାନ କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୮।୧୦

### ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ

ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏସବୁ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ ଅନୁଧ୍ୟାନ କରିବାକୁ ପ୍ରତ୍ୟେକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଧାରରେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀ ଓ ଏସ୍‌ପି ଅଖିଳେଶ୍ୱର ସିଂହ ମଙ୍ଗଳବାର ଜଗତ୍‌ସିଂହପୁର ସହରରେ ଥିବା ବିଏସ୍‌କେୱାଇ ତାଲିକାଭୁକ୍ତ ଓ ବେସରକାରୀ ଚିକିତ୍ସାଳୟଗୁଡ଼ିକୁ ପରିଦର୍ଶନ କରିଥିଲେ। ବିଶେଷକରି ରୋଗୀଙ୍କ ସ୍ୱାସ୍ଥ୍ୟ କାର୍ଡ କିପରି ବୁକିଂ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ କେସ ରେକର୍ଡ ଓ ରୋଗୀଙ୍କ ଇଣ୍ଡୋର ରେଜିଷ୍ଟ୍ରେସନ୍ ଆଦି ଦେଖିଥିଲେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ୧।୯।୨୧ରୁ ୧୨।୯।୨୨ ପର୍ଯ୍ୟନ୍ତ ମୋଟ ୩୯,୧୨୮ ଜଣ ଯୋଜନାରେ ଉପକୃତ ହୋଇଛନ୍ତି। । ସେଥିରୁ ଜିଲାରେ ୧୦,୫୫୭, ବାହାର ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୮,୫୫୪ ଏବଂ ଓଡ଼ିଶା ବାହାରେ ୧୭ ଜଣ ବ୍ୟକ୍ତି ରହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୮୯୫ଜଣ ଅନ୍ୟ ବିଏସ୍‌କେୱାଇ ତାଲିକାଭୁକ୍ତ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ଜିଲାରେ ୧୫ଟି ବେସରକାରୀ ଚିକିତ୍ସାଳୟ ଏହି ଯୋଜନାରେ ତାଲିକାଭୁକ୍ତ ହୋଇଛନ୍ତି । ଯୋଜନାରେ ପ୍ରଚାର ପ୍ରସାର ନିମନ୍ତେ ଲିଫଲେଟ୍ ବଣ୍ଟନ କରାଯାଇଛି । ବିଏସ୍‌କେୱାଇ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟ ଜାରି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ବିଏସ୍‌କେୱାଇ ହୋଡିଂ ମାଧମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ମିଶନ ଶକ୍ତି ମହିଳା, ଆଶା, ଅଙ୍ଗନୱାଡୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସ୍ୱାସ୍ଥ୍ୟ ସଚେତନତା ରଥ ପରିକ୍ରମା ସାଙ୍ଗକୁ ତାଲିକାଭୁକ୍ତ ଚିକିତ୍ସାଳୟଗୁଡିକରେ ବିଏସ୍‌କେୱାଇ ହେଲ୍ପ ଡେସ୍କ ସ୍ଥାପନ କରାଯାଇଛି। ବେସରକାରୀ ହସ୍ପିଟାଲଗୁଡିକରେ ସ୍ୱାସ୍ଥ୍ୟ ମିତ୍ର ନିଯୁକ୍ତି କରାଯାଇଛି। ଜିଲାପାଳଙ୍କ ପରିଦର୍ଶନ ସମୟରେ ନୋଡାଲ ଅଫିସର ଡ. ନିମାଇଁ ଚରଣ ନାୟକ, ବିଏସ୍‌କେୱାଇ ଜିଲା କୋ-ଅର୍ଡିନେଟର ପ୍ରଶାନ୍ତ କୁମାର ସାହୁ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୁ ସୁନାଗହଣା ନଗଦ ୩୦ ହଜାର ଟଙ୍କା ଚୋରି

ରଘୁନାଥପୁର,୧୮।୧୦(ଡି.ଏନ୍.ଏ.)

ରଘୁନାଥପୁର ଥାନା ଚିକିଣିଆ ଜୋରକୁଳ ଗ୍ରାମର ପ୍ରଶାନ୍ତ ସାହୁଙ୍କ ଘରେ ସୋମବାର ରାତିରେ ଦୁର୍ବୃତ୍ତମାନେ ପଶି ସୁନାଗହଣା ସହ ନଗଦ ୩୦ ହଜାର ଟଙ୍କା ଚୋରିକରି ନେଇଛନ୍ତି। ଏନେଇ ପ୍ରଶାନ୍ତ ଥାନାରେ ଅଭିଯୋଗ କରିବା ପରେ ଏଏସଆଇ ଦେବରାଜ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ଏଥିସହ ସନ୍ଧାନୀ କୁକୁର ଜରିଆରେ ଘଟଣାସ୍ଥଳରେ ଯାଞ୍ଚ କରାଯାଇଛି। ପ୍ରଶାନ୍ତଙ୍କ ପରିବାର ଭୁବନେଶ୍ୱରରେ ରୁହନ୍ତି। ଏହି ଘରେ ସୋମବାର ରାତିରେ ମା' ଓ ଭଣଜା ରାଜୁ ଶୋଇଥିଲେ। ଏହି ସମୟର ଦୁର୍ବୃତ୍ତମାନେ ଆସି ବାଡ଼ିପଟ କବାଟ ତାଡି ଭିତରେ ପଶିବା ସହ ପ୍ରଥମେ ଆଇ ଓ ନାତି ଶୋଇଥିବା ଗୃହକୁ ବାହାର ପଟ ବନ୍ଦ କରିଦେଇଥିଲେ। ଏଥିସହ ଅନ୍ୟ ଘରେ ପଶି ନକଲି ଚାବିରେ ଆଲମିରା ଖୋଲି ସୁନା ଗହଣା ସହ ୩୦ ହଜାର ଟଙ୍କା ନେଇଯାଇଥିଲେ। ବନ୍ଦ ଥିବା ଗୃହରୁ ଭଣଜା ରାଜୁ ୧୧୨କୁ ଫୋନ ଯୋଗେ ଜଣାଇବା ପରେ ପୋଲିସ ଗାଡି ଆସି ବିଳମ୍ବରେ ପହଞ୍ଚିଥିଲା। ସେତେବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ।

## ସୌମ୍ୟ ସ୍ୱପ୍ନସରିତ ବିଜୁ ଯୁବ ସାଧାରଣ ସମ୍ପାଦକ

ରଘୁନାଥପୁର,୧୮।୧୦(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତର ଯୁବ ନେତୃତ୍ୱ ସୌମ୍ୟ ସ୍ୱପ୍ନସରିତ ରାଟସିଂ ଜଗତ୍‌ସିଂହପୁର ଜିଲା ବିଜୁ ଯୁବ ସାଧାରଣ ସମ୍ପାଦକଭାବେ ମନୋନୀତ ହୋଇଛନ୍ତି।

## ଘର ଭିତରୁ ୩୦ ଝରକା ଗ୍ରିଲ୍ ଚୋରି

ବିରିଡି,୧୮।୧୦ (ଡି.ଏନ.ଏ.)

ବିରିଡି ଥାନା ଅନ୍ତର୍ଗତ କଣ୍ଟିଆର ଗ୍ରାମର ପ୍ରିୟ କୁମାର ମହାପାତ୍ରଙ୍କ ଘରୁ କୌଣସି ଦୁର୍ବୃତ୍ତ ।ତିରେ ପଶି ୩୦ ଝରକା ଗ୍ରିଲ୍ ଚୋରି କରିନେଇଛନ୍ତି। ମହାପାତ୍ରଙ୍କ ନିଜ ଘର ବୋଦର ଗ୍ରାମରେ ହୋଇଥିବାବେଳେ ସେ କଣ୍ଟିଆରଠାରେ ଏକ ନୂତନ ଘର ନିର୍ମାଣ କରୁଛନ୍ତି। ଉକ୍ତ ନିର୍ମାଣାଧୀନ ଗୃହରେ ଗ୍ରିଲ୍‌ଗୁଡ଼ିକ ଲଗାଯିବା ପାଇଁ ରଖାଯାଇଥିଲା। ଏନେଇ ମହାପାତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା ନଂ. ୨୩୧ /୨୨ ରୁଜୁ କରାଯାଇଛି।

## ୩୧ ସୁଦ୍ଧା ସତ୍ୟ ଉନ୍ମୋଚନ ନ ହେଲେ ନୀରବ ଧାରଣା



ଖବରଦାତା ସମ୍ମିଳନୀରେ ନୀହାର ବସ୍ତିଆ ଓ ଅନ୍ୟମାନେ।

ନାଉଗାଁ,୧୮।୧୦(ସ୍ୱ.ପ୍ର)

### ଶ୍ରୀତମ ନାୟକଙ୍କ ମୃତ୍ୟୁ ଘଟଣା

ନାଉଗାଁ ଥାନା ଅନ୍ତର୍ଗତ ଘୋଡାଂଶ ଗ୍ରାମର ଶ୍ରୀତମ ନାୟକଙ୍କ ମୃତ୍ୟୁକୁ ଇତିମଧରେ ୧୭ ଦିନ ବିତିଯାଇଛି। ମାତ୍ର ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଠିକ୍‌ଭାବେ ତଦନ୍ତ କରାଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ସତ୍ୟତା ଲୋକଲୋଚନକୁ ଆଣିବା ଦାବିରେ ମଙ୍ଗଳବାର ଉକ୍ତ ପଞ୍ଚାୟତ ପକ୍ଷରୁ ନିହାର ବସ୍ତିଆଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ୩୧ ଅକ୍ଟୋବର ମଧରେ ଶ୍ରୀତମଙ୍କ ମୃତ୍ୟୁ ଘଟଣାର ପରଦା ନ ହଟିଲେ ବ୍ଲକରେ ଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପଞ୍ଚାୟତର ବହୁ ମହିଳା ନିରବତାର ସହ ଧାରଣା ଦେବେ ଚେତବନୀ ଦିଆଯାଇଛି। ଶ୍ରୀତମ ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଦିନ ବିଦ୍ୟାଳୟକୁ ଯାଇ ଘରକୁ ଫେରି ନଥିଲେ। ବିଦ୍ୟାଳୟ ପରିସରରେ ଥିବା ପୋଖରୀରୁ ତାଙ୍କ ମୃତଦେହ ମିଳିଥିଲା। ଏହାପରେ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ଜାତୀୟ ରାଜପଥ କର୍ତ୍ତୃପକ୍ଷର ଓଡ଼ିଶା ମୁଖ୍ୟଙ୍କୁ ଦାବିପତ୍ର ପ୍ରଦାନ

### ଉପକୂଳ ରାଜପଥ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ

ବାଲିକୁଦା,୧୮।୧୦(ସ୍ୱ.ପ୍ର.)

ଭାରତ ସରକାରଙ୍କ ଭାରତମାଳା ପରିଯୋଜନା ଅଧୀନରେ ପ୍ରସ୍ତାବିତ ଗୋପାଳପୁର-ଦୀଘା ଉପକୂଳ ରାଜପଥକୁ ଜଗତ୍‌ସିଂହପୁର ଜିଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ଉପକୂଳଠାରୁ ୫ କିମି ମଧରେ କରା ନ ଯାଇ ସ୍ଥାନାନ୍ତର କରାଯାଇଛି। ଉପକୂଳ ଠାରୁ ୨୫ କିମି ଦୂରତ୍ୱରେ ଏହାକୁ ନିର୍ମାଣ କରିବାକୁ ଥିବା ପ୍ରସ୍ତାବ ଦିଆଯାଇଛି। ଏହାକୁ ବ୍ଲକର ୮ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଏନେଇ ଗଠିତ ଉପକୂଳ କ୍ରୀୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓଡ଼ିଶା ମୁଖ୍ୟ ଡ. ରାମପ୍ରସାଦ ପଣ୍ଡାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଏହି ପ୍ରତିନିଧି ଦଳ ଡ. ପଣ୍ଡାଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିବାସହ ପୂର୍ବ ନିର୍ଦ୍ଧାରିତ ପ୍ରସ୍ତାବକୁ କାୟମ ରଖି ରାଜପଥ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି। ଏଥିରେ କମିଟିର ସଦସ୍ୟ ଦିଲୀପ ସ୍ୱାଇଁ, ବୃନ୍ଦାବନ ଜେନା, ଯୁଧିଷ୍ଠୀର ସ୍ୱାଇଁ, କେଦାରନାଥ ସ୍ୱାଇଁ, ଶିଶିର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ବିଶେଶ୍ୱର ଟୁଡୁ ଓ ରାଜପଥ ମନ୍ତ୍ରୀ ନିତିନ୍ ଗଡ଼ଗରୀଙ୍କୁ କମିଟି ପକ୍ଷରୁ ଦାବିପତ୍ର ଦିଆଯାଇଛି। ଏହା ପରେ ମଧ ଯଦି ପୂର୍ବ ପ୍ରସ୍ତାବିତ ଉପକୂଳ ଠାରୁ ୫ କିମି ଦୂରତା ମଧରେ ଏହା ନିର୍ମାଣ କରା ନ ଯାଏ ତେବେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।


ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓଡ଼ିଶା ମୁଖ୍ୟ ଡ. ରାମପ୍ରସାଦ ପଣ୍ଡାଙ୍କୁ ଦାବିପତ୍ର ଦିଆଯାଉଛି।

# ଭତ୍ତା ପାଇବାରୁ ବଞ୍ଚିତ ଦିବ୍ୟାଙ୍ଗ କଳାକାର

ନାଉଗାଁ,୧୮।୧୦ (ସ୍ୱ.ପ୍ର)

### ଦାସକାଠିଆ କରି ପ୍ରତିଷ୍ଠିତ ହୋଇଥିଲେ

ରାଜ୍ୟ ସରକାର ପ୍ରାଚୀନ ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଏନେଇ ଗାଁ ଗହଳିର ସଂକୀର୍ତ୍ତନ ମଣ୍ଡଳୀ,ଭାଗବତ ଟୁଙ୍ଗୀ,ପାଲା , ଦାସକାଠିଆରେ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କୁ କଳାକାର ମାନ୍ୟତା ଦେବା ସହ ଭତ୍ତା ପ୍ରଦାନ କରୁଛନ୍ତି। ମାତ୍ର ନାଉଗାଁ ବ୍ଲକରେ ଏମିତି ଜଣେ କଳାକାର ଅଛନ୍ତି, ଯିଏ ସରକାରଙ୍କ କଳକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ହେଲେ ନାଉଗାଁ ପଞ୍ଚାୟତ ମହିଷାମୁଣ୍ଡ ଗ୍ରାମର ପ୍ରଭାକର ମହାନ୍ତି (୬୭)। ପିଲାଟି ଦିନରୁ ସେ ଅନ୍ଧ ଥିଲେ। ପରିବାର ଚଳାଇବା ପାଇଁ ୧୮ ବର୍ଷରୁ ଦାସକାଠିଆକୁ ବୃତ୍ତି ରୂପେ ଗ୍ରହଣ କରିଥିଲେ। ବିଭିନ୍ନ ପୁରାଣରୁ କଥା ସଂଗ୍ରହ କରି ତାକୁ ମନେ ରଖି ଦାସକାଠିଆ ମାଧମରେ ପରିବେଷଣ କରୁଥିଲେ। କେବଳ ଏହି ଅଞ୍ଚଳରେ ନୁହେଁ ସେ ଜଗତ୍‌ସିଂହପୁର, ପୁରୀ,ଖୋର୍ଦ୍ଧା, ଯାଜପୁର ଓ ବାଲେଶ୍ୱର ଆଦି ବହୁ ଜିଲା ବୁଲି ଦାସକାଠିଆ କରିଛନ୍ତି। ଆକାଶବାଣୀ କଟକ କେନ୍ଦ୍ରରେ ବହୁବାର ଦାସକାଠିଆ ଗୀତ ପରିବେଷଣ କରିଛନ୍ତି। ରାଜ୍ୟ ବାହାରେ ମଧ ସେ ଦାସକାଠିଆ ପରିବେଷଣ କରିଥିବା କହିଛନ୍ତି। ଜଣେ ପ୍ରତିଷ୍ଠିତ କଳାକାର ହିସାବରେ ବିଭିନ୍ନ କ୍ଲବ ତଥା ମା'ସରସ୍ୱତୀ ୟୁଥ କ୍ଲବ ଗୋଠଦା, ମା'ଜାଗୁଳାଇ ମନ୍ଦିର ପରିଚାଳନା କମିଟି ତିହୁଡା ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଜଣେ ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ପାଇଛନ୍ତି। ଏବେ ତାଙ୍କ ବୟସ ବଢ଼ିବା ସହ ଦାସକାଠିଆର ଚାହିଦା କମିଛି। ଏଭଳି ସ୍ଥିତିରେ ସେ ବାରମ୍ବାର କଳାକାର ଭତ୍ତା ପାଇଁ ଆବେଦନ କଲେ ମଧ ପ୍ରଶାସନ ଗୁହାରି ଶୁଣୁ ନ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। କେବଳ ଭିନ୍ନକ୍ଷମ ଭତ୍ତା ହିସାବରେ ମାସିକ ୭୦୦ ଟଙ୍କା ମିଳୁଥିବା ସେ ଅଭିଯୋଗ କରିଛନ୍ତି। ଏତେ କମ୍ ଟଙ୍କାରେ ପରିବାର ଚଳାଇବା କଷ୍ଟ ସାଧ ବୋଲି ପ୍ରଭାକର କହିଛନ୍ତି। ଘରେ ସ୍ତ୍ରୀ ଓ ପୁଅ ଅଛନ୍ତି। ବହୁ ସମୟରେ ସ୍ତ୍ରୀଙ୍କ ଦେହ ଖରାପ ରହୁଥିଲେ ମଧ ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁନାହାନ୍ତି। ଜଣେ ପ୍ରତିଷ୍ଠିତ କଳାକାର ହୋଇ ବି ପ୍ରଶାସନ ପକ୍ଷରୁ ପ୍ରଭାକର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଜଣେ ଭିନ୍ନକ୍ଷମ ହୋଇଥିବାରୁ ବାରମ୍ବାର ଭତ୍ତା ପାଇଁ ସରକାରୀ କାର୍ଯ୍ୟାଳୟକୁ ଯିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଏ ସମ୍ପର୍କରେ ବ୍ଲକ ସମାଜ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ କହିଛନ୍ତି, ମୁଁ ଏବେ ନୂଆ ଆସିଛି। ଅଭିଯୋଗ ବିଷୟରେ ମୁଁ ଅବଗତ ନଥିଲି। କାହିଁକି ଭତ୍ତା ପ୍ରଦାନ କରାଯାଉନାହିଁ ସେ ସମ୍ପର୍କରେ ବୁଝିବା ପରେ ପଦକ୍ଷେପ ନିଆଯିବ।


ଦିବ୍ୟାଙ୍ଗ କଳାକାର ପ୍ରଭାକର ମହାନ୍ତି।

# ନଦୀ ଉପରେ ଶତାଧିକ ବାଉଁଶ ଭାଡ଼ି ଶୌଚାଳୟ

**■ ୨ ଥର ବାହ୍ୟ ମଳମୁକ୍ତ ଶିଳ୍ପସହର ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଛି**
**■ ନଦୀ ଜଳ ପ୍ରଦୂଷିତ ହେଉଛି**

ପାରାଦୀପ,୧୮।୧୦(ସ୍ୱ.ପ୍ର.)


ନଦୀ ଉପରେ ବାଉଁଶ ଭାଡ଼ିରେ ନିର୍ମିତ ହୋଇଥିବା ଶୌଚାଳୟ।

ଜଗତ୍‌ସିଂହପୁର ଜିଲାର ପ୍ରମୁଖ ଶିଳ୍ପସହର ପାରାଦୀପ ପୌରାଞ୍ଚଳକୁ ୨୦୧୮ରେ ବାହ୍ୟ ମଳମୁକ୍ତ ଭାବେ ଘୋଷଣା କରାଯାଇଛି। ଏପରି କି ସ୍ୱଚ୍ଛ ସହର ଭାବେ ଦୁଇଥର ରାଷ୍ଟ୍ରପତି ପୁରସ୍କାର ପାଇସାରିଲାଣି। ବାସ୍ତବରେ ତା'ର ବିପରୀତ ଚିତ୍ର ପୌରାଞ୍ଚଳରେ ଦେଖିବାକୁ ମିଳୁଛି। ଏବେ ବି ଅନେକ ବସ୍ତିର ଲୋକମାନେ ଖୋଲାରେ ଶୌଚ କରୁଛନ୍ତି। ଷଣ୍ଢକୁଦ ବସ୍ତି, ନୂଆବଜାର ଲୋକମାନେ ସମୁଦ୍ର ବେଳାଭୂମିରେ ଏସବୁ ଘଟଣା ଦେହସୁହା ହୋଇଗଲାଣି। ଏବେ ଅଠରବାଙ୍କି ଲକପଡା ବସ୍ତିରେ କୌତୂହଳପୂର୍ଣ୍ଣ ଶୌଚାଳୟ ଦେଖିବାକୁ ମିଳିଛି। ଏହି ବସ୍ତି ସଂଲଗ୍ନ କାଳିଆବୁଦା ନଦୀ ଉପରେ ବାଉଁଶ ଭାଡିରେ ଶତାଧିକ ଶୌଚାଳୟ ନିର୍ମାଣ କରାଯାଇଛି। ଉପରୋକ୍ତ ବସ୍ତିର ପ୍ରାୟ ୧୮୫ ପରିବାର ଏସବୁ ଶୌଚାଳୟକୁ ଯାଉଛନ୍ତି। ନଦୀ ଉପରେ ବାଉଁଶ ବନ୍ଧାହୋଇ ଛୋଟ ଘର ଭଳି କରାଯାଇଛି। ତା'ର ଚତୁଃପାର୍ଶ୍ୱରେ କଳା ପଲିଥିନ ଘେରା ଯାଇଛି। ସେଠାକୁ ଯିବା ପାଇଁ କୂଳଠାରୁ ବାଉଁଶ ପୋଲ ହୋଇଛି। ସେଥିରେ କୌଣସି ପାଇଖାନା ଲାଗିନାହିଁ। ମଳତ୍ୟାଗ ପାଇଁ ଭାଡିରେ କିଛି ଅଂଶ ଫାଙ୍କା ରହିଛି। ଏମିତି ହାଇଟେକ ମଡେଲ ଶୌଚାଳୟ ଦ୍ୱାରା ସମ୍ପୃକ୍ତ ନଦୀ ଜଳ ପ୍ରଦୂଷିତ ହେଉଥିବା ସାଧାରଣରେ ଅଭିଯୋଗ ହୁଏ। କୈବର୍ତ୍ତ ଷୋଳଭାଇ ସଭା ସଂଗଠନ ପକ୍ଷରୁ ଉକ୍ତ ନଦୀକୁ ନିଲାମରେ ନିଆଯାଇ ମାଛଚାଷ କରାଯାଉଛି।

ସୂଚନାଯୋଗ୍ୟ, ବସ୍ତି ଲୋକଙ୍କ ପାଇଁ ପାରାଦୀପ ପୌରପାଳିକା ପକ୍ଷରୁ ଏପର୍ଯ୍ୟନ୍ତ ୨୫୨୭ ବକ୍ତିଗତ ଶୌଚାଳୟ କରାଯାଇଛି। ଏହାବାଦ ଗୋଷ୍ଠୀ ଓ ସର୍ବସାଧାରଣରେ ବ୍ୟବହାର ନିମନ୍ତେ ୪୭ ଶୌଚାଳୟ କରାଯାଇଛି। ସେଥିରୁ ୩୯ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୮ଟି ସୁଲଭ ଶୌଚାଳୟ ପରିଚାଳନା କରୁଛନ୍ତି। ଅଠରବାଙ୍କି ଲକ୍‌ପଡା ପାଇଁ ପ୍ରାୟ ୩୦୦ ବ୍ୟକ୍ତିଗତ ଶୌଚାଳୟ ଓ ୩ ଗୋଷ୍ଠୀଗତ ଶୌଚାଳୟ ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଏସାରଷ୍ଟିଲ (ଏବେର ଏଏମ୍‌ଏନ୍‌ଏସ୍) ପକ୍ଷରୁ ମଧ୍ୟ ଶତାଧିକ ଶୌଚାଳୟ ନିର୍ମାଣ କରାଯାଇଥିବା ନେଇ ବିଭିନ୍ନ କାନ୍ଥ ବାଡରେ ଲଗାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ଏତେପରେ ମଧ୍ୟ ଲୋକମାନେ ନଦୀ ଉପରେ ଅସ୍ଥାୟୀ ଶୌଚାଳୟ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି, ପୌରପାଳିକା ପକ୍ଷରୁ ଏପରି ଶୌଚାଳୟକୁ ୨୦୧୯ ଓ ୨୦ରେ ଦୁଇଥର ଉଚ୍ଛେଦ କରାଯାଇଥିଲା। ଏହାସତ୍ତ୍ୱେ ଲୋକମାନେ ଅଭ୍ୟାସ ବଦଳାଉ ନାହାନ୍ତି। ଏନେଇ ସେଗୁଡ଼ିକୁ ପୁଣି ଉଚ୍ଛେଦ କରାଯିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ।

## ଆଜିଠୁ ପିଜି ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ): ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ପିଜି ସ୍ପଟ୍ ନାମଲେଖା ପାଇଁ ମଙ୍ଗଳବାର ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇଛି। ମନୋନୀତ ଛାତ୍ରୀଛାତ୍ରମାନେ ବୁଧବାରଠାରୁ ନାମ ଲେଖାଇପାରିବେ। ୨୦ ତାରିଖ ସ୍ପଟ୍ ନାମଲେଖା ଶେଷ ହେବ। ୨୧ତାରିଖ ଅପରାହ୍ନ ୫ଟା ସୁଦ୍ଧା ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ସ୍ପଟ୍ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ଇ-ସ୍ପେସ୍‌ରେ ଉପଲବ୍ଧ ହେବ। ସୂଚନାଯୋଗ୍ୟ, ପିଜି ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୧୬ରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ନାମଲେଖା ୧୭ ତାରିଖରେ ସରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୫ତାରିଖରେ ଶେଷ ହୋଇଥିଲା। ଏହାପରେ ପିଜି ପାଠପଢ଼ା ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଗତ ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ କ୍ଲାସ୍ ଆରମ୍ଭ ହୋଇଯାଇଛି।

## ଆଜି ସରିବ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ): ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ବୁଧବାର ଶେଷ ହେବ। ବୁଧବାର ରାତି ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ୨୭ ତାରିଖ ଅପରାହ୍ନ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୨୮, ୨୯ ଏବଂ ୩୧ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ। ସେହିଭଳି ନଭେମ୍ବର ୭ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ୯ରୁ ୧୧ତାରିଖ ଅପରାହ୍ନ ୫ଟା ଭିତରେ ଏହି ମନୋନୀତ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ। ସୂଚନାନୁସାରେ, ରାଜ୍ୟରେ ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨,୫୨,୯୯୭ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧,୬୦,୨୭୭ ଜଣ ନାମ ଲେଖାଇ ସାରିଛନ୍ତି। ଏବେ ୯୨,୭୨୦ ସିଟ୍ ବଳକା ପଡ଼ିଛି। ଏଥିମଧ୍ୟରେ କଳାରେ ୪୦,୮୮୫, ଫିଜିକାଲ ସାଇନ୍ସରେ ୨୧,୩୫୦, ବାୟୋଲୋଜିକାଲ ସାଇନ୍ସରେ ୧୧,୧୬୮, ବାଣିଜ୍ୟରେ ୧୩,୮୬୨, ସେଲ୍ଫ ଫାଇନାନ୍ସିଂରେ ୭୨୧ ଏବଂ ସଂସ୍କୃତରେ ୪,୭୩୪ ସିଟ୍ ଖାଲିପଡ଼ିଛି। ଏହିସବୁ ବଳକା ସିଟ୍‌ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟା ଚାଲିଛି। ସୂଚନାଯୋଗ୍ୟ, ଯୁକ୍ତ୩ ପ୍ରଥମ ବର୍ଷର ପାଠପଢ଼ା ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବାବେଳେ ବହୁ ଛାତ୍ରୀଛାତ୍ର ଆବେଦନରୁ ବଞ୍ଚିତ ହୋଇଥିଲେ। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ତେବେ କେବଳ ଏହି ଛାତ୍ରୀଛାତ୍ର ନୁହନ୍ତି, ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ମନୋନୀତ ହୋଇ ନାମ ଲେଖାଇପାରି ନ ଥିଲେ ଏବଂ ଆଦୌ ମନୋନୀତ ହୋଇ ନ ଥିଲେ ସେମାନେ ମଧ୍ୟ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ଗାଇଡ୍‌ଲାଇନ ଜାରି କରାଯାଇଛି।

## ବାଲେଶ୍ୱରରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ): କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଏବଂ ବାଲେଶ୍ୱର ପୋଲିସ ମିଳିତ ଭାବେ ଚଢ଼ାଉ କରି ବାଲେଶ୍ୱର ରେଳଷ୍ଟେଶନ ନିକଟରୁ ୧ କେଜି ୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିସହ ୨ଜଣ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ପୋଲିସ ଲାଇନ୍ ପିଡବ୍ଲ୍ୟୁଡି କଲୋନୀର ଏସ୍.କେ. ରାଜୁ ଏବଂ ଖପରାପଦାର ଅମ୍‌ଜାଦ ଖାନ୍। ଜବତ ବ୍ରାଉନ ସୁଗାରର ମୂଲ୍ୟ କୋଟିଏରୁ ଅଧିକ ଟଙ୍କା ହେବ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ଏକ ବାଇକ ଓ ଅନ୍ୟ କିଛି ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ନିଶା କାରବାର ବିରୋଧରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖି ୨୦୨୦ରୁ ଏଯାବତ ୬୦ କେଜିରୁ ଅଧିକ ବ୍ରାଉନ୍ ସୁଗାର ଓ ହେରୋଇନ, ୨୦୨ ଗ୍ରାମ କୋକେନ୍, ୧୧୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଓ ୭୫୦ ଗ୍ରାମ ଅଫିମ ଜବତ କରିଛି। ଏପର୍ଯ୍ୟନ୍ତ ଏହି ମାମଲାରେ ୧୬୨ ଜଣଙ୍କୁ ଗିରଫ କରାଯାଇଛି।

## ଟ୍ରାଫିକ ନିୟମ ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ

**ଜାତୀୟ ରାଜପଥରେ ସ୍ପେଶାଲ ଡ୍ରାଇଭ ଆରମ୍ଭ**

**■ ୨୧ରେ ଶେଷ ହେବ ସ୍ପେଶାଲ ଡ୍ରାଇଭ**
**■ ଆର୍‌ଟିଓଙ୍କ ସହ ପୋଲିସ ମିଶି ଚଳାଇଛି ଡ୍ରାଇଭ**

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଯାଇଛି। ଏବେ ଟ୍ରାଫିକ ନିୟମ ଖିଲାପକାରୀଙ୍କ ବିରୋଧରେ ଧରପଗଡ଼ ଜୋର୍‌ଦାର ନିଆଯିବା ସହିତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ଏନେଇ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚିଠି ପରେ କାର୍ଯ୍ୟାନୁଷ୍ଠାନ ଜୋର୍‌ଦାର କରାଯାଉଛି। ଏହି ସ୍ପେଶାଲ ଡ୍ରାଇଭ କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ସକାଳ ୯ଟାରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଜ୍ୟ ରାଜପଥ, ଜାତୀୟ ରାଜପଥଗୁଡ଼ିକରେ ଚେକିଂ କଡ଼ାକଡ଼ି ଆରମ୍ଭ ହୋଇଛି। ଏହି ଅଭିଯାନରେ ପୋଲିସ ମଧ୍ୟ ସାମିଲ ହୋଇଛି। ବିନା ହେଲମେଟ୍‌ରେ ଗାଡ଼ି ଚାଳନା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା, ସିଟ୍ ବେଲ୍ଟ ନ ପିନ୍ଧିବା ଏବଂ ସର୍ବାଧିକ ବେଗରେ ଗାଡ଼ି ଚଳାଇବା କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିଲେ ଉକ୍ତ ବ୍ୟକ୍ତିଙ୍କଠାରୁ ଯାନ ଜବତ କରାଦିଆଯିବ। ସେହିପରି ବିନା ହେଲମେଟ୍‌ରେ ଯାତ୍ରା କରୁଥିବା ବ୍ୟକ୍ତିଙ୍କ ୩ ମାସ ଲାଗି ଲାଇସେନ୍ସ ବାତିଲ କରିଦିଆଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ତେବେ ସ୍ପେଶାଲ ଡ୍ରାଇଭ ଜରିଆରେ କେତେଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ କି ପ୍ରକାର ଦଣ୍ଡ କେତେଜଣ ବ୍ୟକ୍ତିଙ୍କୁ ମିଳିଛି ସେନେଇ ତଥ୍ୟ ମିଳିପାରି ନାହିଁ।

# ଏମ୍‌କେସିଜି ମେଡିକାଲରୁ ୬ ଦଲାଲ ଗିରଫ

**ରୋଗୀ ବେଶରେ ପୋଲିସର ଚଢ଼ାଉ**

ବ୍ରହ୍ମପୁର ଅଫିସ,୧୮।୧୦

ବ୍ରହ୍ମପୁର ବଡ ମେଡିକାଲରେ ଦଲାଲ ସକ୍ରିୟ ରହିଥିବା ଏବଂ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ନାନା ପ୍ରକାର ଠକେଇ କରିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ଏପରି କି ଏମ୍‌କେସିଜିରୁ ରୋଗୀଙ୍କୁ ଘରୋଇ ନର୍ସିଂହୋମ୍ ଚାଲାଣ ହେଉଥିବା ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଆଧାର କରି ବ୍ରହ୍ମପୁର ଏସ୍‌ପି ଦଲାଲଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଥିଲେ। ବ୍ରହ୍ମପୁର ପୋଲିସର ଏହି ଟିମ୍ ମଙ୍ଗଳବାର ଏମ୍‌କେସିଜି ମେଡିକାଲରେ ଚଢ଼ାଉ କରିଥିଲା। ରୋଗୀ ବେଶରେ ପୋଲିସ ଚଢ଼ାଉ କରି ୬ଜଣ ଦଲାଲ୍‌ଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହି ୬ଜଣଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ନମ୍ବର ୩୬୧/୨୨ରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡିଆକୁମୁଟି ସାହିର ମନୋରଞ୍ଜନ ପଣ୍ଡା, ଭାବିନିପୁରର ବସନ୍ତ କୁମାର ସାହୁ, କଞ୍ଜୁରର ବିଶିକେଶନ ନାୟକ ଓ କୈଳାସ ନାୟକ, ସିଦ୍ଧାର୍ଥନଗରର ନିରଞ୍ଜନ ବରାଡ଼ ଓ ନୟାଗଡ଼ର ଭାବଗ୍ରାହୀ ଶ୍ରୀଚନ୍ଦ ରାୟ ବୋଲି ପୋଲିସ କହିଛି। ଏମାନଙ୍କ ନିକଟରୁ ଗୋଟିଏ ଅଟୋରିକ୍ସା ଓ ୫ ମୋବାଇଲ୍ ଫୋନ ଜବତ କରିଛି। ଏଭଳି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଏସ୍‌ପି ଡା.ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ଚଢ଼ଉରେ ସାମିଲ ହୋଇଥିବା ଜଣେ କନ୍‌ଷ୍ଟେବଳ କାହ୍ନା ଡାକୁଆଙ୍କ କହିବା ଅନୁସାରେ ମଙ୍ଗଳବାର ସକାଳ ୭ଟାରୁ ଅପରେଶନ ଆରମ୍ଭ ହୋଇଥିଲା। ପୋଲିସ କର୍ମଚାରୀଙ୍କ ୧୫ଜଣିଆ ଟିମ୍ ସାଧାରଣ ଲୋକଙ୍କ ଭଳି ଡାକ୍ତରଙ୍କୁ ଦେଖା କରିବା ପାଇଁ ଯାଇଥିଲୁ। କାହ୍ନା ଆଉଟଡୋର୍ ଟିକଟ କରି ସର୍ଜରି ବିଭାଗକୁ ଯାଇଥିଲେ। ପେଟ କାଟୁଥିବା ନେଇ ଡାକ୍ତରଙ୍କୁ କହିଥିଲେ। ଡାକ୍ତର ତାଙ୍କର ଚିକିତ୍ସା କରିବା ପରେ ଅଲଟ୍ରାସାଉଣ୍ଡ୍ ପାଇଁ କହିଥିଲେ। ଫଳରେ କାହ୍ନା ଅଲଟ୍ରାସାଉଣ୍ଡ୍ କରିବାକୁ ଯାଇଥିଲେ। ସେଠାରେ ଧାଡ଼ିରେ ଛିଡ଼ା ହୋଇଥିବା ବେଳେ ଜଣେ ଦଲାଲ ତାଙ୍କ ପାଖକୁ ଆସି ସୁବିଧାରେ କମ୍ ଖର୍ଚ୍ଚରେ ଅଲଟ୍ରାସାଉଣ୍ଡ୍ କରାଇ ଦେବାକୁ କହିଥିଲେ। ଅଲଟ୍ରାସାଉଣ୍ଡ କରିବା ପାଇଁ କାହ୍ନାଙ୍କୁ ନେଉଥିବା ବେଳେ ସାଦା ପୋଷାକରେ ଥିବା ଅନ୍ୟ ପୋଲିସ କର୍ମଚାରୀ ସମ୍ପୃକ୍ତ ଦଲାଲକୁ ମାଡ଼ି ବସିଥିଲେ। ଏଭଳି ସ୍ତ୍ରୀ ଓ ପ୍ରସୂତି, ନ୍ୟୁରୋଲୋଜି, ରେଡିଓ ଡାଇଗ୍ନୋଷ୍ଟିକ୍ ବିଭାଗ ଓ ନିରାମୟ କେନ୍ଦ୍ର ନିକଟରୁ ଅନ୍ୟ ଦଲାଲମାନଙ୍କୁ ଧରାଯାଇଛି। ପୋଲିସ ଟିମ୍‌ର ପ୍ରାୟ ୫ଘଣ୍ଟିଆ ଅପରେଶନରେ ୬ଜଣ ଦଲାଲ୍ ଧରାପଡ଼ିଛନ୍ତି। ବ୍ରହ୍ମପୁର ଟାଉନ୍ ଏସଡିପିଓ ରାଜୀବଲୋଚନ ପଣ୍ଡା, ବୈଦ୍ୟନାଥପୁର ଥାନା ଅଧିକାରୀ ରାମ କୁମାର ମୁର୍ମୁ, ବଡ଼ ଡାକ୍ତରଖାନା ଫାଣ୍ଡି ଏସ୍‌ଆଇ ଭୌରବ କୁମାର ଭୂୟାଁ ଟିମ୍‌ର ନେତୃତ୍ୱ ନେଇଥିଲେ।

# ମୃତ ବାଛୁରି ପୋଡ଼ିବାରୁ ଉତ୍ତେଜନା

ବାରିପଦା ଅଫିସ,୧୮।୧୦

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ପୋଡ଼ାଅସ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ମୃତ ବାଛୁରିକୁ ନିଆଁ ଲଗାଇ ପୋଡ଼ିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ଓ ଗୋ ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲଗାଇଥିବା ଜଣେ ବୃଦ୍ଧଙ୍କୁ ମାଡ଼ ମାରିବା ସହିତ ବାରିପଦା-ଉଦଳା ରାସ୍ତା ଅବରୋଧ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୯୦୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।ସୂଚନାଯୋଗ୍ୟ, ପୋଡ଼ାଅସ୍ତିଆ ବିଦ୍ୟାଳୟ ପରିସରରେ ଏକ ବାଛୁରିର ମୃତଦେହ ପଡ଼ି ଦୁର୍ଗନ୍ଧ ହେଉଥିଲା। ସ୍କୁଲ ପଛପାର୍ଶ୍ୱରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବୃଦ୍ଧ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ମୃତ ବାଛୁରି ଶରୀରରେ ନିଆଁ ଲଗାଇ ପଳାଇଯାଇଥିଲେ। ଫଳରେ ସ୍କୁଲ ପରିସର ଧୂଆଁମୟ ହେବା ସହିତ ପୋଡ଼ା ଗନ୍ଧ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ସଙ୍ଗଠନ ପ୍ରତିବାଦ କରିଥିଲେ। ଏନେଇ ବୃଦ୍ଧ ଜଣକ ଭୁଲ ମାଗିବା ପରେ ମଧ୍ୟ କିଛି କର୍ମକର୍ତ୍ତା ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବା ସହ ଉତ୍ତ୍ୟକ୍ତ ଲୋକେ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ବାରିପଦା ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପ୍ପୋ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯିବା ସହ ସମ୍ପୃକ୍ତ ବୃଦ୍ଧଙ୍କୁ ପୋଲିସ ଥାନାକୁ ନେଇଥିବା ସୂଚନା ମିଳିଛି। ତେବେ ଏକ ଜୀବନ୍ତ ଗାଈକୁ ପୋଡ଼ି ମାରି ଦିଆଯାଇଥିବା ସ୍ଥାନୀୟ ଅଞ୍ଚଳର ଦୀପକ ସିଂ, ବାଘା ସିଂ, ନିତ୍ୟସିଦ୍ଧା ନାୟକ, ମାନସ କୁମାର ମହାନ୍ତ ଓ ସାନୁ ରଣା ପ୍ରମୁଖ ଥାନାରେ ଅଭିଯୋଗ କରିଛନ୍ତି।

## ପାସେଞ୍ଜର ଟ୍ରେନ୍ ଇଞ୍ଜିନରେ ଲାଗିଲା ନିଆଁ




ଝାରସୁଗୁଡ଼ା ଅଫିସ,୧୮।୧୦

ଗୁନ୍ଦିଆରୁ ଝାରସୁଗୁଡ଼ା ଆସୁଥିବା ଜେଡି ନାମକ ୦୮୮୬୧ନଂ ପାସେଞ୍ଜର ଟ୍ରେନ୍ ମଙ୍ଗଳବାର ରାତି ସାଢେ ୮ଟାରେ ବ୍ରଜରାଜନଗର ରେଳଷ୍ଟେଶନର ୩ନଂ ପ୍ଲାଟଫର୍ମରେ ପହଞ୍ଚିବା ପରେ ହଠାତ୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଏହା ଜଣାପଡିବା ପରେ ଲୋକ ପାଇଲଟ୍ ତଳକୁ ଓହ୍ଲାଇପଡି ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ। ଏ ସମ୍ପର୍କରେ ଷ୍ଟେଶନ କର୍ତ୍ତୃପକ୍ଷ ଖବରପାଇ ଗ୍ୟାସ୍ ସିଲିଣ୍ଡର ମାଧ୍ୟମରେ ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ପରେ ଦମକଳ ଗାଡି ପହଞ୍ଚି ନିଆଁ ଲିଭାଇଥିଲା। ଇଞ୍ଜିନରେ ନିଆଁ କିଭଳି ଲାଗିଲା ତାହା ଜଣାପଡି ନାହିଁ। ଖବରପାଇ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି।

# ଶାଳପତ୍ରରେ ସୁସ୍ୱାଦୁ ବ୍ୟଞ୍ଜନ

**■ ଶିମିଳିପାଳ ଖୋଲିବା ନେଇ ୨୦ରେ ବିଜ୍ଞପ୍ତି**
**■ ୨୫ରେ ୱେବ୍‌ସାଇଟ ଉନ୍ମୋଚନ**
**■ ମାଟିପାତ୍ରରେ ଚା'ର ମଜା ନେବେ ପର୍ଯ୍ୟଟକ**
**■ ପ୍ଲାଷ୍ଟିକ, ମାଦକଦ୍ରବ୍ୟ ଓ ଆମିଷ ଉପରେ ନିଷେଧାଦେଶ**

ବାରିପଦା ଅଫିସ, ୧୮।୧୦




ସଜେଇ ହେଉଛି ବିଶ୍ୱ ଐତିହ୍ୟ ଶିମିଳିପାଳ ଜାତୀୟ ଉଦ୍ୟାନ। ଆସନ୍ତା ନଭେମ୍ବର ୧ରେ ବିଧିବଦ୍ଧ ଭାବେ ପର୍ଯ୍ୟଟକଙ୍କ ପାଇଁ ଏହି ଅଭୟାରଣ୍ୟ ଖୋଲିବ। ଏନେଇ ୨୦ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଚଳିତବର୍ଷ ପର୍ଯ୍ୟଟକମାନଙ୍କୁ ଶାଳପତ୍ର ପ୍ଲେଟ୍ ଓ ଦନାରେ ସୁସ୍ୱାଦୁ ଖାଦ୍ୟ ପରଷାଯିବା ସହିତ ମାଟି ପାତ୍ରରେ ଚା' ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ସେହିପରି ଶିମିଳିପାଳ ମଧ୍ୟକୁ ପ୍ରବେଶ ନିମନ୍ତେ ଅନଲାଇନ ଯୋଗେ ଯାନବାହନ ଓ ରହିବା ପାଇଁ କଟେଜ୍ ବ୍ୟବସ୍ଥା କରାଯାଇଛି। ସାନ୍ତାଳୀ ଆଦିବାସୀ କଟେଜ୍, ଟ୍ରି ହାଉସ୍ ଓ ବାଉଁଶ ଘର ସହିତ ସୁସ୍ୱାଦୁ ଖାଦ୍ୟ ଲାଗି ଅଗ୍ରୀମ ବ୍ୟବସ୍ଥା କରାଯାଇଛି । ୨୫ତାରିଖରେ ସ୍ୱତନ୍ତ୍ର ୱେବ୍‌ସାଇଟ ଉନ୍ମୋଚନ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଟି. ଅଶୋକ କୁମାର କହିଛନ୍ତି। ୨୭୫୦ବର୍ଗ କି.ମି. ପରିମିତ ଶିମିଳିପାଳ ଅଭୟାରଣ୍ୟ ଅନନ୍ୟ ସୌନ୍ଦର୍ଯ୍ୟର ଗନ୍ତାଘର। ଏଠାକାର ବୃକ୍ଷଲତା, ଝରଣା, ଜଳପ୍ରପାତ, ହ୍ରଦ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରିଥାଏ। ବାରିପଦାର ପିଠାବଟା ଓ ଯଶିପୁରର କାଳିଆମୀ ପ୍ରବେଶ ପଥ ଦେଇ ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ରାସ୍ତାଘାଟ ମରାମତି କାର୍ଯ୍ୟ ଚାଲୁ ରହିଛି। ଶିମିଳିପାଳରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ ବନ ସୁରକ୍ଷା ସମିତି ମାଧ୍ୟମରେ ଖାଦ୍ୟ ପରଷିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜେନାବିଲ, ଜାମୁଆଣି, କୁମାରୀ, ଗୁଡୁଗୁଡ଼ିଆ, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ୫ଟି ନେଚର କ୍ୟାମ୍ପ ରହିଛି। ୫ଟି ବଫର ଜୋନ୍‌ରେ ରାତ୍ରୀଯାପନ କରିବା ପାଇଁ ମୋଟ ୫୯ଟି କୁଟୀର ବା କଟେଜ ରହିଥିବା ବେଳେ ପର୍ଯ୍ୟଟକଙ୍କ ମନମୋହିବା ପାଇଁ ସାନ୍ତାଳୀ ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶ କୁଟୀର ଓ ଟ୍ରି ହାଉସ ଭଳି ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି। ଏହାର ବୁକିଂ ପାଇଁ ନୂତନ ଭାବେ ଅନ୍‌ଲାଇନ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଶିମିଳିପାଳ ଡଟ୍ ଓଆର୍‌ଜି ୱେବ୍ ସାଇଟ୍ ଜରିଆରେ ପର୍ଯ୍ୟଟକମାନେ ରହିବା ଓ ଖାଇବାର ମଜା ନେଇପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମାଟି ପାତ୍ରରେ ଚା' ସହିତ କଞ୍ଚା ଶାଳପତ୍ରର ପ୍ଲେଟ୍ ଓ ଦନାରେ ଖାଦ୍ୟ ପରଷିବାର ବ୍ୟବସ୍ଥା କରାଯାଇଛି।

ଅଭୟାରଣ୍ୟ ଭିତରକୁ ପଶିବା ପାଇଁ ସାଥିରେ ଗାଇଡ୍ ନେବା ବାଧ୍ୟତାମୂଳକ। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି। ଅପରାହ୍ନ ୩ଟା ପୂର୍ବରୁ ପର୍ଯ୍ୟଟକମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ପୂର୍ବରୁ ସମସ୍ତେ ଚହଲା ସ୍ଥାନ ଛାଡ଼ିବା ପାଇଁ ବାଧ୍ୟତାମୂଳକ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୨ବର୍ଷ ହେଲା କରୋନା କଟକଣା ପାଇଁ ଶିମିଳିପାଳରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଥିଲା। ୨୦୨୧-୨୨ରେ ମୋଟ ୨୯,୮୯୯ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ଓଡ଼ିଶାରୁ ୧୮,୯୩୦ ଏବଂ ରାଜ୍ୟ ବାହାରୁ ୧୧,୬୧୦ ଓ ୩ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି । ସେମାନଙ୍କଠାରୁ ମୋଟ ୪୩,୩୧,୪୬୦ଟଙ୍କା ରାଜସ୍ୱ ଆଦାୟ ହୋଇଛି।

# ମହିଳା ଅଭିଯୁକ୍ତ ଗିରଫ, ୯ଲକ୍ଷ ଜବତ

**୧୧ଲକ୍ଷ ଲୁଟ୍ ଘଟଣାରେ ଏରୋଗୁଲା ଦଳ**

ସମ୍ବଲପୁର,୧୮।୧୦(ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ପାଣିଟାଙ୍କି ଛକ ନିକଟସ୍ଥ ଜଣେ ଏସି ମିସ୍ତ୍ରିଙ୍କଠାରୁ ୧୧ଲକ୍ଷ ଲୁଟ୍ ଘଟଣାରେ ଗଞ୍ଜାମ ଜିଲା ଆସ୍କା ଏରୋଗୁଲା ଦଳର ସମ୍ପୃକ୍ତି ରହିଛି। ପୋଲିସ ଟିମ୍ ଏରୋଗୁଲା ସାହିରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତଙ୍କ ମାଆ ଏମ୍ ଲିଲି(୪୫)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ୯ଲକ୍ଷ ଟଙ୍କା ଜବତ ହୋଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଅଫିସ ପରିସରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ଅକ୍ଟୋବର ୧୧ତାରିଖରେ ଏସି ମିସ୍ତ୍ରି ମହମ୍ମଦ ଜାସିମ୍ ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପାଖରେ ଲୁଟ୍ ସମୟର ସିସିଟିଭି ଫୁଟେଜ୍ ରହିଥିଲା। ଏହାକୁ ଆଧାରକରି ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବାଇକ୍‌ରେ ଥିବା ଦୁଇ ଅଭିଯୁକ୍ତ ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ବୋଲି ଜଣାପଡ଼ିଥିଲା। ପୋଲିସ ସେଠାରେ ଚଢ଼ାଉ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତାଙ୍କ ମା'ଙ୍କୁ ଗିରଫ ସହ ନଗଦ ଟଙ୍କା ଜବତ ହୋଇଥିଲା। ଏହି ଡକାୟତ ଦଳ ରାଜ୍ୟ ତଥା ରାଜ୍ୟ ବାହାରେ ସକ୍ରିୟ ରହିଛନ୍ତି। ବିଭିନ୍ନ ସ୍ଥାନରେ ଏକାଧିକ ଘଟଣାରେ ସମ୍ପୃକ୍ତି ରହିଛି। ବଲାଙ୍ଗୀର ଜିଲା ଟିଟିଲାଗଡ଼ ଓ ବରଗଡ଼ ଜିଲାରେ ଘଟିଥିବା ଡକାୟତି ଓ ଲୁଟ୍ ଘଟଣାରେ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଥିବା ସେ କହିଥିଲେ। ଜବତ ୯ଲକ୍ଷ ଟଙ୍କା ଅଭିଯୋଗକାରୀ ମହମ୍ମଦ ଜାସିମଙ୍କୁ ଏସ୍‌ପି ଗଙ୍ଗାଧର ଫେରାଇ ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ଉପସ୍ଥିତ ଥିଲେ।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ସତ୍ତ୍ୱେ ଶେୟାର ବଜାର କାରବାର କ୍ରମାଗତ ୨ୟ ଦିନ ଲାଗି ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖାଯାଇଛି। ଏପରିକି ଚଳିତ ସପ୍ତାହର ୨ୟ ଦିନର କାରବାର ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୫୦ (୫୪୯.୬୨) ପଏଣ୍ଟ ବୃଦ୍ଧି ପାଇ ୫୮,୯୬୧ (୫୮,୯୬୦.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭୫ (୧୭୫.୧୫) ପଏଣ୍ଟ ବଢ଼ି ୧୭,୪୮୭ (୧୭,୪୮୬.୯୫) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି।

# ୧୫୦ କୋଟି ଟଙ୍କା ନିବେଶ କରିବ ଭି -ମାର୍ଟ

## ଲାଇମ୍‌ରୋଡ୍ ଡଟ୍ କମ୍‌କୁ ଅଧିଗ୍ରହଣ କରିବ କମ୍ପାନୀ

ନୂଆଦିଲ୍ଲୀ,୧୮।୧୦




ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଭି-ମାର୍ଟ ରିଟେଲ ଲିମିଟେଡ୍ (ଭି-ମାର୍ଟ) ପକ୍ଷରୁ ଲାଇମ୍‌ରୋଡ୍‌କୁ ଅଧିଗ୍ରହଣ କରିବା ଲାଗି ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏହା ଜରିଆରେ କମ୍ପାନୀ ଭାରତରେ ଡିଜିଟାଲ ଶପିଙ୍ଗ୍ କରୁଥିବା ୫ କୋଟିରୁ ଅଧିକ ଗ୍ରାହକଙ୍କ ନିକଟରେ ନୂଆ ଫ୍ୟାଶନ ଧାରାକୁ ପହଞ୍ଚାଇପାରିବ। ସେହିଭଳି ଲାଇମ୍‌ରୋଡ୍ ପକ୍ଷରୁ ୧.୭କୋଟି ଭାଲ୍ୟୁ ଶପିଙ୍ଗ୍ କରୁଥିବା ଗ୍ରାହକଙ୍କୁ ଷ୍ଟାଇଲ୍ ଓ ସ୍ୱତନ୍ତ୍ର ଅଣ ବ୍ରାଣ୍ଡେଡ୍ ଉତ୍ପାଦ ପ୍ରଦାନ କରାଯାଉଛି। ଏହା ସବୁଠୁ ହାଲୁକା ଆପ୍ ଓ ଦ୍ରୁତ ୱେବ୍ ସ୍ପିଡ୍ ପ୍ରଦାନ କରୁଥିବା ବେଳେ ସହଜ ଅନ୍‌ଲାଇନ ସେବା ମଧ୍ୟ ପ୍ରଦାନ କରୁଛି। ଲାଇମ୍‌ରୋଡ୍ ଦୈନିକ ୨,୫୦,୦୦୦ ଆପ୍ ଡାଉନ୍‌ଲୋଡ୍ ପ୍ରଦାନ କରୁଥିବା ବେଳେ ସର୍ବଭାରତୀୟ ଶପିଙ୍ଗ୍ ପ୍ଲେ ଷ୍ଟୋରରେ ୩ ନମ୍ବର ର୍‍ୟାଙ୍କ୍‌ରେ ରହିଛି। ଏକ ଦୃଢ଼ ମାର୍ଜିନ ସହ ୭୦୦ କୋଟି ଟଙ୍କାରୁ ଅଧିକ ଜିଜିଏମ୍ ମଧ୍ୟ ପ୍ରଦାନ କରୁଛି। ଫଳରେ ଅନ୍‌ଲାଇନ ବ୍ୟବସାୟରେ ମହିଳାଙ୍କ ଭାଗ ୬୫% ରହିଥିବା ବେଳେ ଏହାର ୫୦୦-୧୦୦୦ ଟଙ୍କା ବର୍ଗରେ ଦୃଢ଼ ଉପସ୍ଥିତି ରହିଛି। ଲାଇମ୍‌ରୋଡ୍‌କୁ ବ୍ୟାପକ କରିବା ଏବଂ ନିରନ୍ତର ଲାଭ ପଥରେ ସ୍ଥାପିତ କରିବା ଲାଗି ସେଥିରେ ମୋଟ ୧୫୦କୋଟି ଟଙ୍କା ନିବେଶ କରିବାକୁ ଭି-ମାର୍ଟ ଯୋଜନା କରୁଛି।

ଏ ସମ୍ପର୍କରେ ଭି-ମାର୍ଟ ରିଟେଲ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଲଳିତ ଅଗ୍ରୱାଲ କହିଛନ୍ତି, ଏହି ଅଧିଗ୍ରହଣ ଜରିଆରେ ଆମେ କେବଳ ଡିଜିଟାଲ ପ୍ରଥମ ନୂଆ ପିଢ଼ିର ଗ୍ରାହକଙ୍କ ନିକଟରେ ପହଞ୍ଚିବୁ ନାହିଁ ବରଂ ଏକ ଓମ୍‌ନି ଚ୍ୟାନେଲ ବିଶେଷତା ମଧ୍ୟ ଗଠନ କରିପାରିବୁ। ସେହିପରି ଭି-ମାର୍ଟ ପରିବାରରେ ଲାଇମ୍‌ରୋଡ୍‌କୁ ସାମିଲକରି ଆମେ ଗର୍ବିତ ମନେକରୁଛୁ। ସେହିଭଳି ଲାଇମ୍‌ରୋଡ୍‌ର ପ୍ରତିଷ୍ଠାତା ଓ ସିଇଓ ସୁଚି ମୁଖାର୍ଜୀ କହିଛନ୍ତି, ଷ୍ଟାଇଲ ସହ ମୂଲ୍ୟ ଏବଂ ମାନ ସହ ଅଭିଳାଷ ଖାପଖାଇବା ଲାଗି ଭାଲ୍ୟୁ ଗ୍ରାହକମାନେ ବଡ଼ ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି। ମାନକୁ ମୂଲ୍ୟ ପୂରଣ କରୁଥିବା ବର୍ଗରେ ଭି-ମାର୍ଟ ହେଉଛି ଅଗ୍ରଣୀ।

# ବିଓଏମ୍‌ର ସୁଧ ହାର ହ୍ରାସ

ନୂଆଦିଲ୍ଲୀ,୧୮।୧୦

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍) ଗୃହଋଣ ସୁଧ ହାରରେ ୩୦ରୁ ୭୦ ବିପିଏସ୍ ହ୍ରାସ କରିଛି। ସେହିପରି ବ୍ୟାଙ୍କର ବ୍ୟକ୍ତିଗତ ଋଣ ହାରରେ ମଧ୍ୟ ୨୪୫ ବିପିଏସ୍ ହ୍ରାସ ହୋଇଥିବା ଜଣାପଡ଼ିଛି। ବିଶେଷକରି ବର୍ତ୍ତମାନ ଗୃହଋଣ ସର୍ବନିମ୍ନ ଶତକଡ଼ା ୮ % ସୁଧହାର ଥିବା ବେଳେ ବ୍ୟକ୍ତିଗତ ଋଣ ୮.୯% ସୁଧ ହାରରେ ଉପଲବ୍ଧ। ପୂର୍ବରୁ ଗୃହଋଣ ପାଇଁ ୮୦୦ରୁ ଅଧିକ କ୍ରେଡିଟ୍ ସ୍କୋର୍ ଥିବା ଋଣଗ୍ରହୀତାମାନଙ୍କୁ ସର୍ବନିମ୍ନ ୮.୩୦ % ହାରରେ ଏବଂ ୭୦୦ରୁ ତଦୂର୍ଦ୍ଧ୍ୱ କ୍ରେଡିଟ୍ ସ୍କୋର୍ ଥିବା ଋଣଗ୍ରହୀତାମାନଙ୍କୁ ୮.୭% ହାରରେ ସୁଧ ଦେବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ସର୍ବନିମ୍ନ ୭୦୦ କ୍ରେଡିଟ୍ ସ୍କୋର ଥିବା ଋଣଗ୍ରହୀତାମାନଙ୍କୁ ୮% ସୁଧ ହାରରେ ଗୃହଋଣ ଉପଲବ୍ଧ ହେବା କଥା ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ପାନାସୋନିକ୍‌ର 'ଫେଷ୍ଟିଭାଲ ଅଫ୍ ଲାଇଫ୍'




ଭୁବନେଶ୍ୱର,୧୮।୧୦

ଦେଶର ପ୍ରମୁଖ ହୋମ୍ ଆପ୍ଲାଏନ୍ସ ସାମଗ୍ରୀ ବିକ୍ରେତା କମ୍ପାନୀ 'ପାନାସୋନିକ୍' ପକ୍ଷରୁ ଚଳିତ ବର୍ଷର ପାର୍ବଣ ଉପଲକ୍ଷେ 'ଫେଷ୍ଟିଭାଲ ଅଫ୍ ଲାଇଫ୍' ସମ୍ପର୍କରେ ଘୋଷଣା କରାଯାଇଥିଲା। ଓଡ଼ିଶାର ଗ୍ରାହକ ସୁଜାତା ମହାପାତ୍ର କମ୍ପାନୀର ଉକ୍ତ ଅଫର ଜରିଆରେ ୨.୫ ଲକ୍ଷ ଟଙ୍କା ମୂଲ୍ୟର ପାନାସୋନିକ୍ ୧୫ ହୋମ୍‌ମେକର ପ୍ୟାକେଜ ଜିତିଛନ୍ତି। ଏ ସମ୍ପର୍କରେ କମ୍ପାନୀର ଭୁବନେଶ୍ୱର ଶାଖା ମାର୍କେଟିଂ ମ୍ୟାନେଜର ଶୋଭିତ ରାୟଜାଦା କହିଛନ୍ତି, କମ୍ପାନୀର ଉକ୍ତ ଅଫର ଜରିଆରେ ୧୫ ଜଣ ଗ୍ରାହକଙ୍କୁ ୨ଲକ୍ଷ ୫୦ହଜାର ଟଙ୍କାର ପାନାସୋନିକ୍ ୧୫ଟି ହୋମ୍‌ମେକର ପ୍ୟାକେଜ ପ୍ରଦାନ କରାଯିବ। ବିଶେଷକରି ନୟାଗଡ଼ର ପାନାସୋନିକ୍ ଷ୍ଟୋର 'ଲକ୍ଷ୍ମୀ ବାସନ ଭଣ୍ଡାର'ର ସ୍ୱତ୍ୱାଧିକାରୀ ପ୍ରମୋଦ କୁମାର ସାହୁ କହିଛନ୍ତି, ଉକ୍ତ ସ୍କିମ୍ କେବଳ ତାଙ୍କ ଶୋ'ରୁମ୍‌ରେ ଉପଲବ୍ଧ। ଏହି ୨.୫ ଲକ୍ଷର ଉପହାର ଆହୁରି ୧୪ ଜଣଙ୍କ ପାଇଁ ବାକି ରହିଛି।

# ଭୁବନେଶ୍ୱରରେ ଜିଡିସି କରିବ ସିକ୍ୟୁରଆଇସ୍

ନୂଆଦିଲ୍ଲୀ,୧୮।୧୦

ଦେଶର ପ୍ରମୁଖ ସାଇବର ସୁରକ୍ଷା ସଂସ୍ଥା (ଏକ ବହୁରାଷ୍ଟ୍ରୀୟ କମ୍ପାନୀ) ସିକ୍ୟୁରଆଇସ୍ ଓଡ଼ିଶାର ଭୁବନେଶ୍ୱରଠାରେ ତା'ର ବିଶ୍ୱ ବିତରଣ କେନ୍ଦ୍ର (ଜିଡିସି) ଖୋଲିବାକୁ ଯୋଜନା କରିଛି। ସାଇବର ଅପରାଧ ଅଧିକ ବ୍ୟାପିବାରେ ଲାଗିଛି। ବିଶେଷକରି ଅଗ୍ରଣୀ ଶୀର୍ଷସ୍ତରୀୟ (ସି-ସୁଇଟ୍) ସଂସ୍ଥାଙ୍କ ପାଇଁ ଏକ ଦୃଢ଼ ସାଇବର ସୁରକ୍ଷା ରଣନୀତି ପ୍ରସ୍ତୁତ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ ସିକ୍ୟୁରଆଇସ୍‌ର ସିଟିଓ ଏବଂ ସହ-ପ୍ରତିଷ୍ଠାତା ସୀମନ୍ତ ପଟ୍ଟନାୟକ କହିଛନ୍ତି, ଆମ ଲକ୍ଷ୍ୟ ହେଉଛି ସମଗ୍ର ବିଶ୍ୱରେ ସରକାରଙ୍କ ପାଇଁ ସାଇବର ସୁରକ୍ଷା କ୍ଷେତ୍ରରେ ସହଭାଗୀ ହେବା। ଏପରିକି ସମ୍ଭାବ୍ୟ ଆଶଙ୍କା ଏବଂ ତୃତୀୟ ପକ୍ଷ ବିପଦକୁ ଚିହ୍ନଟକରି ଆମେ ଆମର ଗ୍ରାହକମାନଙ୍କୁ ପ୍ରଶାସନ, ପ୍ରକ୍ରିୟା, ପ୍ରଯୁକ୍ତିବିଦ୍ୟା ଏବଂ ସାଙ୍ଗଠନିକ କାର୍ଯ୍ୟକାରିତାକୁ ଉନ୍ନତ କରିବା ପାଇଁ କିଭଳି ପଦକ୍ଷେପ ଆବଶ୍ୟକ ତାହା ନିର୍ଣ୍ଣୟ କରିବାରେ ସହାୟତା ପ୍ରଦାନ କରୁଛୁ। ଏହା ବ୍ୟବସାୟର ସୁରକ୍ଷା ଏବଂ ଏହାର ପ୍ରତିଷ୍ଠା ବିଷୟରେ ଶୀଘ୍ର ଡାଟା ଡ୍ରିଭେନ ନିଷ୍ପତ୍ତି ନେବାକୁ ସହାୟତା ପ୍ରଦାନ କରିଥାଏ। ଏକ ପ୍ରଭାବଶାଳୀ ପ୍ରତିଭା ଆଧାର ଏବଂ ତ୍ୱରିତ ପ୍ରଯୁକ୍ତିବିଦ୍ୟା ଗ୍ରହଣ ସହିତ ଆମେ ଭୁବନେଶ୍ୱରକୁ ଆମର ଜିଡିସି ସ୍ଥାପନ ପାଇଁ ଏକ ଆଦର୍ଶ ସ୍ଥାନ ଭାବେ ଅନୁଭବ କରୁଛୁ। ଓଡ଼ିଶାରେ ସିକ୍ୟୁରଆଇସ୍‌ର ଦୃଢ଼ ଉପସ୍ଥିତି ରହିଛି। ୨୦୧୭ରେ କମ୍ପାନୀ ଭୁବନେଶ୍ୱରଠାରେ ସିକ୍ୟୁରଆଇସ୍ ସାଇବର ସିକ୍ୟୁରିଟି ଏକାଡେମୀ ସ୍ଥାପନ କରିଥିଲା। ୨୦୧୮ରେ ଏହା ଏକ କୋ-ବ୍ରାଣ୍ଡେଡ୍ ସାଇବର ସିକ୍ୟୁରିଟି ସାର୍ଟିଫିକେଶନ ପ୍ରୋଗ୍ରାମ ପାଇଁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ସହ ମଧ୍ୟ ଏକ ଏମ୍ଓୟୁ ସ୍ୱାକ୍ଷର କରିଥିଲା। ସେବେଠାରୁ ଏହି ସାଇବର ସିକ୍ୟୁରିଟି କମ୍ପାନୀ ଓକାକ୍ ସହିତ ୫ଟି ବ୍ୟାଚ୍‌ର ଦକ୍ଷତା ବିକାଶ ତାଲିମ ସମାପ୍ତ କରିଛି।

# ଜିଓ ଫାଇବରରେ 'ଡବଲ ଫେଷ୍ଟିଭାଲ ବୋନାଞ୍ଜା'

ନୂଆଦିଲ୍ଲୀ,୧୮।୧୦




ରିଲାଏନ୍ସ ଜିଓ ପକ୍ଷରୁ 'ଜିଓ ଫାଇବର ଡବଲ ଫେଷ୍ଟିଭାଲ ବୋନାଞ୍ଜା' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷ ଅକ୍ଟୋବର ୧୮ ରୁ ୨୮ ମଧ୍ୟରେ ନୂଆ ଜିଓ ଫାଇବର ପ୍ଲାନ୍ ଏବଂ ନୂଆ ସଂଯୋଗ ବୁକିଂ କରୁଥିବା ଗ୍ରାହକମାନଙ୍କୁ ଏଥିରେ ୬୫୦୦ ଟଙ୍କା ମୂଲ୍ୟର ଲାଭ ମିଳିବ। ଡବଲ ଫେଷ୍ଟିଭାଲ ବୋନାଞ୍ଜା ଅଫର ୨ଟି ପ୍ଲାନ୍‌ରେ ଉପଲବ୍ଧ, ଯାହା ହେଉଛି ମାସିକ ୫୯୯ ଟଙ୍କିଆ ପ୍ଲାନ୍‌ର ୬ ମାସିଆ ରିଚାର୍ଜ ଏବଂ ମାସିକ ୮୯୯ ଟଙ୍କିଆ ପ୍ଲାନ୍‌ର ୬ ମାସିଆ ରିଚାର୍ଜ ସୁବିଧା ରହିଛି। ଏହି ଅଫରର ଲାଭ ପାଇବାକୁ ହେଲେ ଗ୍ରାହକମାନଙ୍କୁ ଏକ ନୂଆ ସଂଯୋଗ ନେବା ସହ ଉପରୋକ୍ତ ୨ ପ୍ଲାନ୍ ମଧ୍ୟରୁ ଯେକୌଣସି ଗୋଟିଏ ସବ୍‌ସ୍କ୍ରାଇବ୍ କରିବାକୁ ହେବ। ଏହି ଦୁଇ ପ୍ଲାନ୍ ବ୍ୟତୀତ ୮୯୯ ଟଙ୍କିଆ ପ୍ଲାନ୍‌ର ୩ ମାସିଆ ରିଚାର୍ଜ ମଧ୍ୟ ୧୦୦% ଭାଲ୍ୟୁ ବ୍ୟାକ୍ ଅଫର ପାଇଁ ଯୋଗ୍ୟ ବିବେଚିତ ହେବ। ତେବେ ଏଥିସହିତ ୧୫ ଦିନର ଅତିରିକ୍ତ ବୈଧତା ମିଳିବ ନାହିଁ। ଜିଓ ଫାଇବର ଡବଲ ଫେଷ୍ଟିଭାଲ ବୋନାଞ୍ଜା ଅଫର ୨୦୨୨ ରେ ଯେଉଁ ଗ୍ରାହକମାନେ ଏକ ନୂଆ ଜିଓ ଫାଇବର ସଂଯୋଗ ଏବଂ ୫୯୯ ଟଙ୍କିଆ କିମ୍ବା ୮୯୯ ଟଙ୍କିଆ ପ୍ଲାନ୍‌ର ୬ ମାସିଆ ରିଚାର୍ଜ ବୁକିଂ କରିବେ ସେମାନଙ୍କୁ ୨ ଅତିରିକ୍ତ ଲାଭ ମିଳିବ। ତାହା ହେଉଛି ୧୦୦% ଭାଲ୍ୟୁ ବ୍ୟାକ୍ ଓ ୧୫ ଦିନର ଅତିରିକ୍ତ ବୈଧତା। ଯେଉଁ ଗ୍ରାହକମାନେ ଏହି ପ୍ଲାନ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ପ୍ଲାନ୍‌କୁ କିଣିବେ ତାଙ୍କୁ ବିନା କୌଣସି ଅତିରିକ୍ତ ଚାର୍ଜରେ ୬୦୦୦ ଟଙ୍କା ମୂଲ୍ୟର ୪-କେ ଜିଓ ଫାଇବର ସେଟ୍ ଟପ୍ ବକ୍ସ ମିଳିବ।

# ଆଇଡିଏଫ୍‌ସିର ୨ ଡିବିୟୁ ଉଦ୍‌ଘାଟିତ

ନୂଆଦିଲ୍ଲୀ,୧୮।୧୦

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ୨ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ) ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବ୍ୟାଙ୍କର ଓଡ଼ିଶା କ୍ଷେତ୍ରର କେନ୍ଦୁଝର ଏବଂ ନାଗାଲାଣ୍ଡ କ୍ଷେତ୍ରର ଦିମାପୁରର ଗୋଟିଏ ଲେଖାଏ ୟୁନିଟ୍ ସାମିଲ ରହିଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭିଡିଓ କନ୍‌ଫରେନ୍ସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କେନ୍ଦୁଝର ଡିବିୟୁରେ ବିଧାୟକ ମୋହନ ମାଝି ଏବଂ ଦିମାପୁର ଡିବିୟୁରେ ମନ୍ତ୍ରୀ ଟେମଜେନ ଇମନା ଆଲଙ୍ଗ ଲଙ୍ଗକୁମାର ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ମୁଖ୍ୟ (ରିଟେଲ ଓ ଶାଖା ବ୍ୟାଙ୍କିଙ୍ଗ୍) ସୁମିତ ମଦନ କହିଛନ୍ତି, ବ୍ୟାଙ୍କର ଉଭୟ ଦିମାପୁର ଓ କେନ୍ଦୁଝରଠାରେ ଡିବିୟୁ ୟୁନିଟ୍ ଖୋଲିଥିବାରୁ ଆମେ ବେଶ୍ ଆନନ୍ଦିତ। ବିଶେଷକରି ଏହି ଡିବିୟୁଗୁଡ଼ିକ ବ୍ୟାପକ ଡିଜିଟାଲ ରେଞ୍ଜର ଉତ୍ପାଦ ଓ ସେବା ପ୍ରଦାନ କରିବ। ଏପରିକି ଖାତା ଖୋଲିବାଠାରୁ ଆରମ୍ଭକରି ପାଣ୍ଠି ସ୍ଥାନାନ୍ତର, ଋଣର ଚୂଡ଼ାନ୍ତସ୍ତରୀୟ ପ୍ରକ୍ରିୟାକରଣ, ଇଣ୍ଟରନେଟ ବ୍ୟାଙ୍କିଙ୍ଗ୍, ଡିଜିଟାଲ ଅଭିଯୋଗ ନିବାରଣ ପଦ୍ଧତି, ଏଟିଏମ୍ ଓ ସେବା ସମ୍ବନ୍ଧିତ ଆହୁରି ଅନେକ ସୁବିଧା ପ୍ରଦାନ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଅକ୍ଟୋବର ୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଭିଡିଓ କନ୍‌ଫରେନ୍ସରେ ଦେଶର ୭୫ ଜିଲାରେ ୭୫ଟି ଡିବିୟୁ ୟୁନିଟ୍‌ର ଶୁଭାରମ୍ଭ କରିଥିଲେ। ସେଥି ମଧ୍ୟରୁ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର କେନ୍ଦୁଝର ଓ ଦିମାପୁର ଡିବିୟୁ ୟୁନିଟ୍ ଅନ୍ୟତମ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାର ୭୫ ଜିଲାରେ ୭୫ ଡିବିୟୁ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ।

## ଫୁର୍‌ସତ୍

# ସେନାରେ ସାମିଲ ହେବେ ବ୍ୟାଣ୍ଡ୍ ସଦସ୍ୟ





ବିଟିଏସ୍ ସଦସ୍ୟ ଜିନ୍

ସେଉଲ୍

ବିଶ୍ୱର ଖ୍ୟାତନାମା ସାଉଥ୍ କୋରିଆ ମ୍ୟୁଜିକ୍ ବ୍ୟାଣ୍ଡ ବିଟିଏସ୍‌ର ସଦସ୍ୟ ସେନାରେ ଯୋଗେ ହେବେ। ସାଉଥ୍ କୋରିଆର ଲୋକପ୍ରିୟ ମ୍ୟୁଜିକ୍ କମ୍ପାନୀ ବିଗ୍ ହିଟ୍ ମ୍ୟୁଜିକ୍ ଏହାର ସୂଚନା ଦେଇଛି। ବିଗ୍ ହିଟ୍‌ର ସୂଚନାନୁସାରେ ବିଟିଏସ୍‌ର ଜିନ୍ ପ୍ରଥମେ ସାଉଥ୍ କୋରିଆ ମିଲିଟାରିରେ ଯୋଗ ଦେବେ। ଏହା ଦ୍ୱାରା ବିଟିଏସ୍ ଗ୍ରୁପ୍‌ର ମେମ୍ବରମାନେ ଏକାଠି ଆଉ କାମ କରିପାରିବେ ନାହିଁ। ସେନାରେ ଯୋଗ ଦେବା ନେଇ ସେମାନଙ୍କୁ ଏକ ଚୁକ୍ତି ସ୍ୱାକ୍ଷର କରିବାକୁ ପଡ଼ିବ। ଏହି ରାଜିନାମା ଅନୁସାରେ ୨୦୨୫ ବେଳକୁ ବିଟିଏସ୍‌ର ସମସ୍ତ ସଦସ୍ୟ ଏକାଠି ମ୍ୟୁଜିକ୍ ବ୍ୟାଣ୍ଡରେ କାମ କରିପାରିବେ। ବିଟିଏସ୍‌ର ଜିନ୍ ପ୍ରଥମ କରି ମିଲିଟାରିରେ ସାମିଲ୍ ହେବାକୁ ଯାଉଥିବାରୁ ମ୍ୟୁଜିକ୍ ବ୍ୟାଣ୍ଡର ସମସ୍ତ କନ୍‌ସର୍ଟ ସାରିବା ସହ ତାଙ୍କର ଏକ ସୋଲୋ ଗୀତର କାମ ଅକ୍ଟୋବର ୩୦ ସୁଦ୍ଧା ସାରି ସେନାରେ ଯୋଗ ଦେବା ଲାଗି ଜିନ୍ ଯୋଜନା ରଖିଥିବା କୁହାଯାଉଛି। ବ୍ୟାଣ୍ଡର ଅନ୍ୟ ସଦସ୍ୟମାନେ ମଧ୍ୟ ବ୍ୟକ୍ତିଗତ କାମ ସବୁ ସାରି ମିଲିଟାରିରେ ସାମିଲ ହେବା ଲାଗି ପ୍ରସ୍ତୁତ ହେଉଥିବା କୁହାଯାଉଛି। ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କୁ ସହଯୋଗ କରିବା ଲାଗି ବିଟିଏସ୍ ବ୍ୟାଣ୍ଡ୍ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ସାଉଥ୍ କୋରିଆର ନିୟମ ଅନୁସାରେ ପ୍ରତ୍ୟେକ ସୁସ୍ଥ ପୁରୁଷ ସହଯୋଗ ପାଇଁ ସେନାରେ ସାମିଲ ହୋଇପାରିବେ। ପୂର୍ବରୁ ଅନେକ ଆଥଲେଟ୍ ଏବଂ ଗୀତିକାର ମିଲିଟାରିରେ ଯୋଗ ଦେଇଥିବାବେଳେ କୌଣସି ମ୍ୟୁଜିକ୍ ବ୍ୟାଣ୍ଡ ବର୍ତ୍ତମାନ ସୁଦ୍ଧା ସେନାରେ ଯୋଗ ଦେଇ ନ ଥିବା କୁହାଯାଉଛି।

# ବିଜ୍ଞାପନରେ ଅକ୍ଷୟ୍ ନଂ ୧

**ମୁମ୍ବାଇ:** ଖାଲି ଚଳଚ୍ଚିତ୍ର ନୁହେଁ, ବିଜ୍ଞାପନ ଜଗତରେ ଅକ୍ଷୟ କୁମାର ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ଜୋତାଠାରୁ ଆରମ୍ଭ କରି ଗୁଟଖା ସବୁ ପ୍ରକାର ଆଡ୍‌ରେ ଏବେ ଅକ୍ଷୟଙ୍କୁ ଦେଖିବାକୁ ମିଳିଛି। ତେବେ ଟୋଟାଲ ଆଡ୍ରେସେବୁଲ୍ ମାର୍କେଟ୍ (ଟିଏଏମ୍) ପକ୍ଷରୁ ଜାରି ଆଡ୍‌ଏକ୍ସ ରିପୋର୍ଟ ଅନୁସାରେ ଅକ୍ଷୟ କୁମାର ର୍‍ୟାଙ୍କ ୧ରେ ଅଛନ୍ତି। ଚଳିତବର୍ଷ ଜାନୁୟାରୀ ଓ ଜୁନ୍ ମାସ ମଧ୍ୟରେ ପ୍ରତ୍ୟେକ ଟେଲିଭିଜନ୍‌ରେ ଅକ୍ଷୟଙ୍କ ଆଡ୍ ଦେଖାଯାଇଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ଟିଏଏମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅମିତାଭ ବଚ୍ଚନ ଏବଂ ଆଲିଆ ଭଟ୍ଟ। ତେବେ ଅକ୍ଷୟଙ୍କ ସ୍ତ୍ରୀ ଟ୍ୱିଙ୍କିଲ୍ ଖାନ୍ନା ମଧ୍ୟ ଏହି ସୂଚୀରେ ଅନ୍ତର୍ଭୁକ୍ତ। ଟେଲିଭିଜନ୍‌ରେ ପ୍ରସାରିତ ୫୦% କପୁଲ ଆଡ୍‌ରେ ଅକ୍ଷୟ ଓ ଟ୍ୱିଙ୍କିଲ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅମିତାଭ ଓ ଜୟା ବଚ୍ଚନ ଦ୍ୱିତୀୟ ସ୍ଥାନରେ ଏବଂ ଆଲିଆ ଓ ରଣବୀର ତୃତୀୟ ସ୍ଥାନ ଅଧିକାର କରିଛନ୍ତି।



# ୩୨ ଏକର ଜମିର ମାଲିକ ମାଙ୍କଡ଼

ମୁମ୍ବାଇ



ମହାରାଷ୍ଟ୍ରର ଓସ୍‌ମାନାବାଦ୍‌ର ଉପଲା ଗ୍ରାମବାସୀ ମାଙ୍କଡ଼ଙ୍କ ନାଁରେ ୩୨ ଏକର ଜମି ରେଜିଷ୍ଟର କରିଛନ୍ତି। ଶତାଧିକ ମାଙ୍କଡ଼ ଏହି ସ୍ଥାନରେ ରହୁଥିବାବେଳେ ଖାଦ୍ୟ ସନ୍ଧାନରେ ସେମାନେ ଗାଁ ଭିତରକୁ ମଧ୍ୟ ଚାଲିଆସିଥାନ୍ତି। ତେବେ ଉପଲା ଗ୍ରାମର ଲୋକେ ସେମାନଙ୍କୁ ନିରାଶ ହେବାକୁ ଦିଅନ୍ତି ନାହିଁ। ଘରେ ଯାହା ଥିଲେ ବି ସେମାନେ ତାଙ୍କୁ ଖାଇବାକୁ ଦେଇଥାନ୍ତି। ଉପଲା ଗ୍ରାମରେ ବାସ କରୁଥିବା ଲୋକଙ୍କ ପୂର୍ବଜମାନେ ମାଙ୍କଡଙ୍କୁ ପୂଜା କରୁଥିବା ସରପଞ୍ଚ ବାପ୍ପା ପଦୱାଲ କହିଛନ୍ତି। ଏଠାକାର ମାଙ୍କଡ଼ମାନେ ଗୋଟିଏ ସ୍ଥାନରେ ଅଧିକ ଦିନ ରହିପାରନ୍ତି ନାହିଁ। ଏମାନେ ସବୁବେଳେ ଏଣେତେଣେ ବୁଲୁଥାନ୍ତି। ମାଙ୍କଡ଼ମାନଙ୍କ ଜମିରେ ସ୍ଥାନୀୟ ବନ ବିଭାଗ ଗଛ ରୋପଣ ପାଇଁ ଯୋଜନା କରୁଥିବା କୁହାଯାଇଛି। ପୂର୍ବ ପରମ୍ପରା ଅନୁସାରେ ଗ୍ରାମରେ କୌଣସି ବ୍ୟକ୍ତିଙ୍କ ବାହାଘର ଅନୁଷ୍ଠିତ ହେଲେ ପ୍ରଥମେ ମାଙ୍କଡ଼ମାନଙ୍କୁ ଉପହାର ଦିଆଯାଏ, ତା'ପରେ ବିଧି ମୁତାବକ ବାହାଘର କାର୍ଯ୍ୟ ଆଗକୁ ବଢ଼େ।

# ଫ୍ଲାଇଟ୍ ଆଟେଣ୍ଡାଣ୍ଟଙ୍କ ଅଙ୍ଗୁଳି କାମୁଡ଼ି ଦେଲେ ଯାତ୍ରୀ

ଜାକାର୍ତ୍ତା

ତୁର୍କୀସ୍ ଏୟାର୍‌ଲାଇନ୍ସରେ ଜଣେ ଯାତ୍ରୀ ଅଜବ କାଣ୍ଡ ଭିଆଇଛନ୍ତି। ଇଣ୍ଡୋନେସିଆର ଜନ୍ ଜେଜ୍ ବୋଡେୱିଜିନ୍ ବିମାନରେ ଯାତ୍ରା କରୁଥିବାବେଳେ ଫ୍ଲାଇଟ୍ ଆଟେଣ୍ଡାଣ୍ଟଙ୍କ ଅଙ୍ଗୁଳି କାମୁଡ଼ି ଦେଇଥିବା ଖବର ପ୍ରକାଶ ପାଇଛି। ଏହାପରେ ପାଇଲଟ ମେଦାନ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ବିମାନର ଜରୁରୀ ଅବତରଣ କରାଇଥିଲେ। ସୂଚନାଯୋଗ୍ୟ, ୪୮ ବର୍ଷୀୟ ଜନ୍ ମଦ୍ୟପାନ କରି ବିମାନର ବାତାବରଣ ଖରାପ କରିବାକୁ ଚେଷ୍ଟା କରୁଥିବାବେଳେ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ଜନ୍ ହଠାତ୍ ତାଙ୍କ ଉପରକୁ ଆକ୍ରମଣ କରିବା ସହ ଅଙ୍ଗୁଳି କାମୁଡ଼ି ଦେଇଥିଲେ। ବିମାନଟି ଇସ୍ତାନବୁଲରୁ ଜାକାର୍ତ୍ତା ଅଭିମୁଖେ ଯାତ୍ରା କରୁଥିଲା। ଜନ୍‌ଙ୍କୁ ମେଦାନ ଏୟାରପୋର୍ଟରେ ଓହ୍ଲାଇଦେବା ପରେ ଘଟଣା ସମ୍ପର୍କରେ ବିମାନ କର୍ତ୍ତୃପକ୍ଷ ଜାକାର୍ତ୍ତା ମେଟ୍ରୋ ପୋଲିସକୁ ଜଣାଇଥିଲେ। ଘଟଣାର ଭିଡିଓ ଇଣ୍ଟରନେଟ୍‌ରେ ବହୁଳ ପ୍ରସାରିତ ହେବାରେ ଲାଗିଥିବାବେଳେ ଉଭୟ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଏବଂ ଯାତ୍ରୀ ଆହତ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### କଳାବୁଦାଠାରେ ଦାଦାବଟି ପାଇଁ ଗୁଳି ଫୁଟିଲା

କେନ୍ଦ୍ରାପଡ଼ା ଅଫିସ, ୧୮।୧୦
କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ବଡ କଳାବୁଦାଠାରେ ମଙ୍ଗଳବାର ଦୁଇ ରାଉଣ୍ଡ ଗୁଳି ଫୁଟିଛି। ବାଲିଘାଟରୁ ଦାଦା ବଟି ଟଙ୍କା ଆଦାୟ ପାଇଁ ଦୁର୍ବୃତ୍ତମାନେ ଗୁଳି ଫୁଟାଇଥିବା କୁହାଯାଉଛି। ତେବେ ଏଥିରେ କାହାର କିଛି କ୍ଷତି ହୋଇନାହିଁ। ତେବେ ଏହି ଘଟଣା ଏବେ ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଏଠାରେ ଥିବା ନଦୀ ପଠା ପୂର୍ବରୁ ବାଲି ଉଠାଣ ପାଇଁ ନିଲାମ ହେଉଥିଲା। ଦୁଇବର୍ଷ ହେବ ଏହି ବାଲି ସଇରାତ ନିଲାମ ହୋଇ ନ ଥିଲେ ମଧ ବେଆଇନ ଭାବେ ବାଲି ଉଠାଣ ଚାଲିଛି। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏହାକୁ ପରିଚାଳନା କରୁଥିବା ବେଳେ ଜଣେ ଟ୍ରାକ୍ଟର ମାଲିକଙ୍କୁ ବାଲି ଉଠାଣ ପାଇଁ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେବାରୁ ବାଲି ସଇରାତ ନିକଟରେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଡରାଇବା ଉଦ୍ଦେଶ୍ୟରେ ଅପରାହ୍ଣରେ ଦୁର୍ବୃତ୍ତମାନେ ଦୁଇ ରାଉଣ୍ଡ ଗୁଳି ଫୁଟାଇ ଥିବା ସ୍ଥାନୀୟ ଅଞ୍ଚଳରୁ ସୂଚନା ମିଳିଛି। ଏହି ଗୁଳିକାଣ୍ଡ ସମ୍ପର୍କରେ କୌଣସି ଖବର ଆସି ନ ଥିବା ଆଇଆଇସି ସରୋଜ ସାହୁ କହିଛନ୍ତି।

### ମେଲଣ ବାଣ ଫୁଟି ଜଣେ ଗୁରୁତର

ଡେରାବିଶ, ୧୮।୧୦(ସ୍ୱ.ପ୍ର.) : ଛତା ଓ ଓଲଡିରେ ମେଲଣ ଚାଲିଥିବା ବେଳେ ମା'ଙ୍କ ଶୋଭାଯାତ୍ରାରେ ଫୁଟାଯାଉଥିବା ବାଣରେ ବ୍ଲକ ଅଧୀନ ବାଲିଆ ପଞ୍ଚାୟତର ଜଣେ ବ୍ୟକ୍ତି ଗୁରୁତର ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ମେଲଣ ଦେଖିବାକୁ ଆସିଥିବା ବେଳେ ଛତା ଛକରେ ଏକ ଗୋଲା ବାଣ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ପଡ଼ିଥିଲା ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା।

### ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ପଦୋନ୍ନତି ଦାବି

କେନ୍ଦ୍ରାପଡ଼ା ଅଫିସ, ୧୮।୧୦: ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଏପ୍ରିଲରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ପଦୋନ୍ନତି ତାଲିକା ପ୍ରଦାନ ପାଇଁ ଜିଲା ଶିକ୍ଷା ବିଭାଗକୁ ଚିଠି କରିଥିଲେ। ଏହି ଚିଠିକୁ ଇତିମଧ୍ୟରେ ୬ ମାସ ବିତି ଯାଇଥିଲେ ମଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରି ଅଭିଯୋଗ ଆଣି ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏକ ଦାବିପତ୍ର ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସଭାପତି ଦୀପକ କୁମାର ମହାନ୍ତି କହିଛନ୍ତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ପଦୋନ୍ନତି କ୍ଷେତ୍ରରେ ବହୁ ଅବହେଳା ଦେଖାଦେଇଛି। ସମସ୍ତ ଯୋଗ୍ୟ ଶିକ୍ଷକଙ୍କ ଲେଭଲକୁ ତନଖି କରାଯାଇ ପରିବର୍ତ୍ତନ କରିବା ଓ ଏହାର ପ୍ରୋଭିଜିନାଲ ତାଲିକା ପ୍ରକାଶ ପାଇଁ ଏହି ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ଅଭୟ କୁମାର ପୋଥାଳ, କର୍ମକର୍ତ୍ତା ନରେଶ କୁମାର ପାତ୍ର, ଅଶୋକ ପତି, ମନୋଜ କୁମାର ବାରିକ, ବିନୋଦ ବିହାରୀ ଦାସ, ସଦାଶିବ ସାହୁ, ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ୍ ତାର ଲାଗି ଜଣେ ମୃତ

- ଉଦ୍ଧାର କରିବାକୁ ଯାଇ ୪ ଗୁରୁତର
- ଡିଜେ ଗାଡ଼ି ଲୁହା ଆଙ୍ଗେଲରେ ଲାଗିଲା ୩୩ କେଭି ତାର
- ବିଦ୍ୟୁତ୍ ବିଭାଗର ଅବହେଳା ଦାୟୀ କଲେ ଗ୍ରାମବାସୀ
- ଉତ୍ତେଜନା, ଥାନାରେ ମାମଲା ରୁଜୁ

ମାର୍ଶାଘାଇ, ୧୮।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କଣକଷଟି ଗାଁରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭଯାତ୍ରା ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଶୋଭାଯାତ୍ରାରେ ଯାଉଥିବା ଡିଜେ ଗାଡ଼ିର ଲୁହା ଆଙ୍ଗେଲରେ ୩୩ କେଭି ବିଦ୍ୟୁତ୍ ତାର ଲାଗିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କଣକଷଟି ଗ୍ରାମର ବିଶ୍ୱଜିତ ଲେଙ୍କା (୨୮)। ଆହତମାନେ ହେଲେ ସେହି ଗ୍ରାମର ପର୍ଶୁରାମ ଦାସ (୪୫), ଅଂଶୁମାନ ଲେଙ୍କା (୧୩), ମନୋଜ ସେଠୀ (୧୪), ସାଇଲ ଦାସ(୧୩)। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିପାଇଁ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଦାୟୀ କରିବା ସହିତ ମୃତ ଓ ଆହତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର କଣକଷଟି ଗାଁର ମା' ଗଜଲକ୍ଷ୍ମୀ ଭୋଗଖାଇ ଭସାଣି ଶୋଭାଯାତ୍ରାରେ ପାଖ ପେହେଣ୍ଡା ଗାଁକୁ ଯାଉଥିଲେ। ମେଢ଼ ପଛରେ ଆସୁଥିବା ଡିଜେ ଗାଡିଟି ଗାଁ ଦେଇ ଯାଉଥିବା ସମୟରେ ଲୁହା ଆଙ୍ଗେଲରେ ଥିବା ସାଉଣ୍ଡ ବକ୍ସ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଏହି ସମୟରେ ବିଶ୍ୱଜିତ୍ ଡିଜେ ଗାଡ଼ି ଉପରକୁ ଯାଇ ବାଉଁଶ ସହାୟତାରେ ବିଦ୍ୟୁତ୍ ତାରକୁ ଟେକିବାକୁ ଚେଷ୍ଟା କରିଥିଲେ। ହେଲେ ବିଦ୍ୟୁତ୍ ଶକ୍ତ ଆଘାତ ଲାଗିବାରୁ ସେ ତଳକୁ ଛିଟିକି ପଡିଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ପର୍ଶୁରାମ, ଅଂଶୁମାନ, ମନୋଜ ଓ ସାଇଲ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନଙ୍କ ମଧ ବିଦ୍ୟୁତ୍ ଆଘାତ ଲାଗିଥିଲା। ଏହି ଘଟଣା ପରେ ଖୁବ୍ ଧୁମ୍‌ଧାମରେ ଚାଲିଥିବା ଭସାଣି ଶୋଭାଯାତ୍ରା ବନ୍ଦ ହୋଇଯାଇଥିଲା। ତୁରନ୍ତ ସମସ୍ତ ଆହତଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ବିଶ୍ୱଜିତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଅନ୍ୟ ୪ ଜଣଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବିଶ୍ୱଜିତ୍‌ଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାନ୍ଦ ବୋବାଳିରେ ମୃତକଙ୍କ ଘର ଫାଟି ପଡ଼ିଥିଲା। ସୂଚନାଯୋଗ୍ୟ, ବିଶ୍ୱଜିତ୍ ଶତ୍ରୁଘ୍ନ ଲେଙ୍କାଙ୍କ ଏକମାତ୍ର ପୁଅ ଥିଲେ। ସେ ବାଙ୍ଗାଲୋରରେ ଚାକିରି କରୁଥିଲେ। ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଛୁଟିରେ ଘରକୁ ଆସିଥିଲେ। ହେଲେ ଏପରି ଘଟଣା ସବୁ ଯେମିତି ଓଲଟପାଲଟ କରି ଦେଇଥିଲା। ଅନ୍ୟପକ୍ଷେ ପୂଜା କମିଟି କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ପ୍ରସ୍ତୁତି ବୈଠକ ବେଳେ ଭସାଣି ଶୋଭାଯାତ୍ରା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ପାଇଁ ଟାଟା ପାୱାରକୁ ଅନୁରୋଧ କରାଯାଇଥିଲା। ବିଭାଗର ଖାମଖିଆଲ ନୀତି ଯୋଗୁ ଜଣଙ୍କ ଜୀବନ ଗଲା ବୋଲି କମିଟି କର୍ମକର୍ତ୍ତା କହିଛନ୍ତି। ଏ ନେଇ ଗ୍ରାମବାସୀ ଟାଟା ପାୱାର କମ୍ପାନୀ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିବା ଆଇଆଇସି ଜ୍ୟୋତି ରଞ୍ଜନ ସାମନ୍ତରାୟ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।


ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଡିଜେ।

# ଯୌତୁକ ପାଇଁ ବୋହୂଙ୍କୁ ମାରି ଦେବାକୁ ଉଦ୍ୟମ ଅଭିଯୋଗ

ରାଜନଗର, ୧୮।୧୦(ଡି.ଏନ.ଏ.)

ଯୌତୁକ ପାଇଁ ବୋହୂଙ୍କୁ ଶାଶୁ ଘର ଲୋକ ମାନସିକ ଓ ଶାରିରୀକ ନିର୍ଯାତନା ଦେବା ସହ ମାରି ଦେବାକୁ ଉଦ୍ୟମ କରିଥିଲେ। ଏଭଳି ଘଟଣା ରାଜନଗର ଥାନା ଅଞ୍ଚଳରେ ମଙ୍ଗଳବାର ଘଟିଛି। ଥାନା ଅନ୍ତର୍ଗତ ରାଜନଗର ଗାଁର ଅଲେଖ ମଲିକଙ୍କ ଝିଅ ସୁଷମା ସ୍ଥାନୀୟ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁର ସୁଲଭ ମଲିକଙ୍କ ପୁଅ ସୁବାସଙ୍କୁ ୧୨ବର୍ଷ ତଳେ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଶାଶୁଘର ଲୋକେ ସୁଷମାଙ୍କୁ ଅଧିକ ଯୌତୁକ ଦାବି କରି ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ସୁଷମା ବାପ ଘରକୁ ଜଣାଇଥିଲେ। ବାପଘର ଲୋକେ ଦାବି ମୁତାବକ ଯୌତୁକ ଦେବା ପରେ ବି ଅଧିକ ଦାବି କରିଥିଲେ। ସେମାନେ ଯୌତୁକ ନ ଦେବାରୁ ସୁଷମାଙ୍କ ପ୍ରତି ଶାଶୁଘର ଲୋକେ ମାରି ଦେବାକୁ ଉଦ୍ୟମ କରିଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସୁଷମାଙ୍କ ସ୍ୱାମୀ ସୁବାସ, ଦିଅର ସୁକାନ୍ତ, ଶାଶୁ ଭଗି ପ୍ରମୁଖ ମିଳିମିଶି ତାଙ୍କ ତଣ୍ଟି ଚିପିବା ସହ ରଶି ଲଗାଇ ଟଙ୍ଗାଇ ଦେଇଥିଲେ। ସୁଷମାଙ୍କ ବଡ ପାଟି ଶୁଣି ତାଙ୍କ ଝିଅ ଚିତ୍କାର କରିଥିଲା। ପାଟି ଶୁଣି ସ୍ୱାମୀ ସୁବାସ ବେକରୁ ରଶି କାଟି ଦେବାରୁ ତଳେ ପଡି ଯାଇଥିଲି। ଏହି ସମୟରେ ଅମାନୁସିକ ଭାବେ ଦିଅର ସୁକାନ୍ତ ଶରୀରର ବିଭିନ୍ନ ସ୍ଥାନକୁ ଗୋଇଠା ମାରୁଥିବାବେଳେ ଶାଶୁ ତଣ୍ଟିକୁ ଚାପି ଦେବାକୁ ଉଦ୍ୟମ କରିଥିଲେ। ଏତିକିରେ ତାଙ୍କର ନିର୍ଯାତନା ସରି ନ ଥିଲା। ପରେ ମୋ ବାପା, ଭାଇଙ୍କୁ ଫୋନ କରି ଶୀଘ୍ର ଆସି ତମ ଭଉଣୀକୁ ନିଅ, ନଚେତ୍ କିରୋସିନ୍ ଢାଳି ପୋଡି ଦେବେ ବୋଲି ଧମକ ଦେଇଥିବା ନେଇ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ଥାନାରେ ଦଫା ୪୯୮ ଏ, ୩୨୩, ୩୦୭, ୩୫୪, ୫୦୬, ୩୪ ଆଇପିସି, ୪ ଡିପି ଆକ୍ଟରେ ନଂ. ୩୬୭/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ନେଇ ଏଏସ୍ଆଇ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି। ସୁଷମାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପୋଖରୀର ନିଲାମ ବନ୍ଦ କରିବାକୁ ବିଡିଓଙ୍କୁ ଅଭିଯୋଗ


ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ପୋଖରୀ ନିଲାମ ବନ୍ଦ କରିବା ଲାଗି ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

ରାଜନଗର, ୧୮।୧୦(ଡି.ଏନ.ଏ.)

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତସ୍ଥିତ କହ୍ନୁଆ ଗାଁରେ ଥିବା ପଞ୍ଚାୟତ ପୋଖରୀର ନିଲାମ ବନ୍ଦ କରିବାକୁ ଗାଁରେ ଥିବା ୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଗ୍ରାମବାସୀ ମଙ୍ଗଳବାର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କହ୍ନୁଆ ଗାଁରେ ଥିବା ୫ଟି ପୋଖରୀ ଯାହା ଗ୍ରାମ ଦେବଦେବୀ ଓ ଠାକୁରାଣୀଙ୍କ ନାମରେ ଦୀର୍ଘଦିନ ହେବ ଦଖଲରେ ଅଛି। କିଛି ସରକାରୀ ଜମିକୁ ମିଶାଇ ପୋତି ହୋଇପଡିଥିବା ପୋଖରୀର ପଙ୍କ ଉଦ୍ଧାର କରି ସେଥିରେ ଦେଶୀ ମାଛ ଚାଷ କରି ସେଥିରୁ ଉପାର୍ଜିତ ଅର୍ଥରେ ଠାକୁରାଣୀଙ୍କ ସମସ୍ତ ପୂଜା ନୀତି ଓ ବିଭିନ୍ନ ପର୍ବରେ ହେଉଥିବା ଖର୍ଚ୍ଚ ତୁଲାଇ ଆସୁଛି। ଏହି ପୋଖରୀଗୁଡିକ ପୂର୍ବରୁ କେବେ ନିଲାମ କରାଯାଏନାହିଁ। ଚଳିତବର୍ଷ ପୋଖରୀକୁ ନିଲାମ କରିବା ନିମନ୍ତେ ଧାର୍ଯ୍ୟ କରାଯାଇଥିବାରୁ ଆମେମାନେ ଭୟଭୀତ ଓ ଆଶଙ୍କାରେ ଅଛୁ। ଯଦି ଏହି ପୋଖରୀଗୁଡିକୁ ନିଲାମ କରାଯାଏ, ତା'ହେଲେ ମାଛ ମାଫିଆମାନେ ଏହି ପୋଖରୀକୁ ନିଲାମ ନେଇ ଆଧୁନିକ ପ୍ରଣାଳିରେ ଅଧିକ ଲାଭ ପାଇବା ଆଶାରେ ବିଭିନ୍ନ ରାସାୟନିକ ଔଷଧ ବ୍ୟବହାର କରିବେ। ଫଳରେ ପୋଖରୀର ପାଣି ଦୂଷିତ ହେବା ସହ ଗ୍ରାମବାସୀ ଏହି ପୋଖରୀର ପାଣିକୁ ବ୍ୟବହାର କରିପାରିବେ ନାହିଁ। ଏ ନେଇ କହ୍ନୁଆ ନିମ ନାହାକାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ରଞ୍ଜୁଲତା ପ୍ରଧାନ, ସମ୍ପାଦିକ ଲତା ପ୍ରଧାନ, ନାଗେଶ୍ୱର ବାବା ଏସ୍ଏଚଜିର ସୁନତୀ ପ୍ରଧାନ, ସୁଲୋଚନା ପ୍ରଧାନ, ନୀଳକଣ୍ଠେଶ୍ୱର ଏସ୍ଏଚଜିର ଅନ୍ନପୂର୍ଣ୍ଣା ପ୍ରଧାନ, ଝରଣା ପ୍ରଧାନ, ପଞ୍ଚୁବରାହୀ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଭାତୀ ରାଉତ, ପ୍ରଭାତୀ ପ୍ରଧାନ, ସୀମାରାଣୀ ପ୍ରଧାନ, ଭଗବତୀ ଏସ୍ଏଚଜିର ବାସନ୍ତୀ ପ୍ରଧାନ, ସୁମିତ୍ରା ପ୍ରଧାନ, ଶନିଶ୍ଚର ସ୍ୱୟଂ ସହାୟକ ଗୋଷ୍ଠୀର ବଉଳି ପ୍ରଧାନ, ଜୟନ୍ତୀ ଜେନା, ବାସୁଦେବ ସ୍ୱୟଂ ସହାୟକ ଗୋଷ୍ଠୀର ଶ୍ରୀମତୀ ପ୍ରଧାନ, ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ଶତାଧିକ ମହିଳା ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ ଗିରଫ

ମାର୍ଶାଘାଇ,୧୮।୧୦ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ଜୁଣ ଛକରେ ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଚାଲିଥିବା ମେଲୋଡି କାର୍ଯ୍ୟକ୍ରମରେ ଜଣେ ଯୁବକଙ୍କୁ ସୋମବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଜୁଣ ଗ୍ରାମର ମନୋରଞ୍ଜନ ବେହେରା ଓରଫ ହୁନା (୨୩) ଓ ସେହି ଗ୍ରାମର ପ୍ରକାଶ ବେହେରା ଦୁଇ ଭିନ୍ନ ଗ୍ୟାଙ୍ଗ ପାଇଁ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ରାତିରେ ପ୍ରକାଶ ଜୁଣ ଛକରେ ଚାଲିଥିବା ମେଲୋଡି ଦେଖୁଥିବା ବେଳେ ମନୋରଞ୍ଜନ ପଛରୁ ଆସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଥାନାରେ ଗ୍ରାମବାସୀଙ୍କ ଅଭିଯୋଗ ପରେ ପୋଲିସ ଦଫା ୩୪୧ / ୩୨୩/ ୨୯୪/ ୩୨୫/ ୩୦୭/ ୩୭୯/ ୪୨୭ ଓ ୩୪ ଆଇପିସି ନଂ. ୪୦୪/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ମନୋରଞ୍ଜନଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ରାଜନଗର, ୧୮।୧୦(ଡି.ଏନ.ଏ.)

ରାଜନଗର ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ସୋସିଆଲ ଅଡିଟର କମଳାକାନ୍ତ ପଣ୍ଡା, ବିଏସ୍ଏସ୍ଓ ମନୋଜ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ୩୨ନଂ. ଜୋନ ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ନିର୍ବାହୀ ଅଧିକାରୀ ଜଳଧର ବେହେରା ପ୍ରମୁଖ ଯୋଗଦେଇ ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା କାର୍ଯ୍ୟଗୁଡିକ ସମ୍ପର୍କରେ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଆଗାମୀ ଦିନରେ ବାକିଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଗୁଡିକ ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍‌ମାନେ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ନାବାଳିକା ସହାୟିକାଙ୍କୁ ନିର୍ଯାତନା ଘଟଣା: ଅଭିଯୁକ୍ତ ଗିରଫ

## ସିଡବ୍ଲ୍ୟୁସି, ଓଏସ୍‌ସିପିସିଆର୍ ଦ୍ୱାରସ୍ଥ ହେବ ଚାଇଲ୍ଡ ଲାଇନ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ):

ବେଆଇନ ଭାବେ ଜଣେ ନାବାଳିକାଙ୍କୁ ଘରେ ରଖି କାମ କରାଇବା ସହ ମାଡ଼ ମାରିବା ଓ ନିର୍ଯାତନା ଦେବା ଘଟଣାରେ ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟବିହାର ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ରଶ୍ମିରଞ୍ଜନ ଜେନା। ଏନେଇ ପୋଲିସ ଏକ ମାମଲା (ନଂ. ୩୮୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ରଶ୍ମିରଞ୍ଜନଙ୍କ ସ୍ତ୍ରୀଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ସିଆର୍‌ପିସି ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ରୋଜଗାରକ୍ଷମ କରାଇଦେବା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ରଶ୍ମିରଞ୍ଜନଙ୍କ ଶ୍ୱଶୁର ଅନନ୍ତ ନାୟକ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ନାବାଳିକା ପୀଡ଼ିତାଙ୍କୁ କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ଆଣିଥିଲେ। ଏହାପରେ ଅନନ୍ତ ସତ୍ୟବିହାରରେ ରହୁଥିବା ତାଙ୍କ ଝିଅ ପ୍ରତିମା ନାୟକଙ୍କ ଘରେ ନାବାଳିକାଙ୍କୁ କାମ କରିବାକୁ ଛାଡ଼ିଦେଇଥିଲେ। ସେଠାରେ ନାବାଳିକାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିଲା। କାମରେ ତ୍ରୁଟି ହେଲେ ରୁଟି ସେକରେ ଚେଙ୍କ, ବେଲଣା କାଠିରେ ମୁଣ୍ଡ ଓ ପିଠି ଆଦିକୁ ମାଡ଼ ମାରୁଥିଲେ। ଏ ସଂକ୍ରାନ୍ତରେ ସୋମବାର ଚାଇଲ୍ଡ ଲାଇନ ଖବର ପାଇ ପୋଲିସ ଓ ଶ୍ରମ ଅଧିକାରୀଙ୍କ ମିଳିତ ଉଦ୍ୟମରେ ନିର୍ଯାତିତା ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିଥିଲା। ଏନେଇ ମଞ୍ଚେଶ୍ୱର ଥାନାରେ ଶ୍ରମ ଅଧିକାରୀ ଓ ଚାଇଲ୍ଡ ଲାଇନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏ ନେଇ ପୋଲିସ ତଦନ୍ତ କରି ଅଭିଯୁକ୍ତ ରଶ୍ମିରଞ୍ଜନଙ୍କୁ ପଚରାଉଚରା ପରେ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଶିଶୁ ଚାଲାଣ ଅଭିଯୋଗ ନେଇ ପୋଲିସ ଆଇପିସିର ୩୭୦ ଦଫା ଲାଗୁ କରି ନ ଥିବାରୁ ଚାଇଲ୍ଡ ଲାଇନ୍ କ୍ଷୋଭ ପ୍ରକାଶ କରିଛି। ଚାଇଲ୍ଡ ଲାଇନ୍ କର୍ତ୍ତୃପକ୍ଷ ଏହି ମାମଲାରେ ୩୭୦ ଦଫା ଯୋଡ଼ିବା ପାଇଁ ଡିସିପି ଏବଂ ମଞ୍ଚେଶ୍ୱର ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେବାକୁ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଦ୍ୱାରସ୍ଥ ହେବେ। ଏଥିସହ ସମ୍ପୃକ୍ତ ନାବାଳିକାଙ୍କୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ସେବା ଯୋଗାଇଦେବାକୁ ସିଡବ୍ଲ୍ୟୁସି ନିକଟରେ ନିବେଦନ କରାଯିବ ବୋଲି ଚାଇଲ୍ଡ ଲାଇନ୍ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି।


ଗିରଫ ଅଭିଯୁକ୍ତ ରଶ୍ମିରଞ୍ଜନ ଜେନା।

# ଛତା, ଓଲଢ଼ିରେ ମା' ଗଜଲକ୍ଷ୍ମୀଙ୍କୁ ମେଲାଣି

ଡେରାବିଶ, ୧୮।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ଭାବେ ପାଳିତ ହେଉଥିବା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପବିତ୍ର ପୂଜା ଉପଲକ୍ଷେ କୁମାର ପୂର୍ଣ୍ଣିମାଠାରୁ ଦୀର୍ଘ ୯ ଦିନ ଧରି ଉତ୍ସବ ମୁଖର ହୋଇଥିଲା। ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ଠାକୁରାଣୀଙ୍କ ପୂଜା ଉତ୍ସବ ଶନିବାର ସରି ଯାଇଥିବା ବେଳେ ଜିଲାରେ ସ୍ୱତନ୍ତ୍ରତା ବହନ କରୁଥିବା ଡେରାବିଶର ପ୍ରସିଦ୍ଧ ଛତା ଓ ଓଲଢିର ମା ଗଜଲକ୍ଷ୍ମୀ ଠାକୁରାଣୀ ସୋମବାର ମେଲାଣି ନେଇଛନ୍ତି। ଏହି ଅବସରରେ ଛତା ଓ ଓଲଢିଠାରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମେଳଣ ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସୋମବାର ରାତିରୁ ଆରମ୍ଭ ହୋଇଥିବା ଏହି ମେଳଣ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଯାପିତ ହୋଇଛି। ଛତା ଓ ଓଲଢିରେ ହୋଇଥିବା ବିଭିନ୍ନ ପୂଜା ମଣ୍ଡପରୁ ମେଢଗୁଡିକ ପାରମ୍ପରିକ ବାଦ୍ୟ, ସଙ୍କୀର୍ତ୍ତନ, ଘଣ୍ଟ ଓ ଆତସବାଜି ଶୋଭାଯାତ୍ରା ମଧ୍ୟରେ ମେଳଣ ସ୍ଥଳକୁ ଆସିଥିଲେ। ଏଥି ନିମନ୍ତେ ଜିଲା ବାହାରରୁ ଆସିଥିବା ବାଦ୍ୟ ଓ ବାଣରେ ରାତିରୁ ସକାଳ ପର୍ଯ୍ୟନ୍ତ ଅଞ୍ଚଳ ଦୁଲୁକି ଯାଇଥିଲା। ଏହି ମେଳଣ ବ୍ଲକ ଅଞ୍ଚଳର ବହୁ ପ୍ରାଚୀନ। ମେଳଣ ଅବସରରେ ଉଭୟ ଛତା ଓ ଓଲଢି ପୂଜା କମିଟି ପକ୍ଷରୁ କରାଯାଉଥିବା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଙ୍ଗବେରଙ୍ଗର ଆତସବାଜି ଦେଖିବା ପାଇଁ ଶ୍ରଦ୍ଧାଳୁମାନେ ବର୍ଷର ଏହି ଦିନକୁ ଅପେକ୍ଷା କରିଥାନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏହି ମେଳଣ ଏକ ସ୍ୱତନ୍ତ୍ରତା ବହନ କରୁଥିବାରୁ ଚଳିତବର୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ରହି ମେଳଣ ଓ ଭସାଣି ଉତ୍ସବ ଦେଖିବା ସହିତ ମା ଲକ୍ଷ୍ମୀ ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ସକାଳ ୯ ଟାରେ ୫୩ନଂ (କ) ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଛତା ବଟ ମହାପୁରୁଷଙ୍କ ପୀଠରେ ପାରମ୍ପରିକ ରୀତିନିତି ଅନୁଯାୟୀ ମା ଗଜଲକ୍ଷ୍ମୀଙ୍କ ମେଢ ନିକଟରେ ଭୋଗ ଲାଗି କରାଯିବା ପରେ ମେଢ ଗୁଡିକୁ ବିସର୍ଜନ କରାଯାଇଥିଲା। ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଡେରାବିଶ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ, ଏସ୍ଆଇ ନାରାୟଣ ମହାରଣାଙ୍କ ନେତୃତ୍ୱରେ ଦୁଇପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ଶାନ୍ତି ଶୃଙ୍ଖଳାର ସହ ଏହି ପୂଜା ଉତ୍ସବ ଓ ମେଳଣ ଶେଷ କରିବାରେ ସମସ୍ତ ପୂଜା କମିଟି କର୍ମକର୍ତ୍ତା, ଅଞ୍ଚଳବାସୀ, ଶ୍ରଦ୍ଧାଳୁ ଓ ପୁଲିସ ପ୍ରସାସନ ସାହାଯ୍ୟ ସହଯୋଗ କରିଥିବାରୁ ଛତା ପୂଜା କମିଟି ଉପଦେଷ୍ଟା ରଞ୍ଜନ କୁମାର ସାହୁ ଓ ଓଲଢି ଲକ୍ଷ୍ମୀ ପୂଜା କମିଟି ସଭାପତି ଗୌରାଙ୍ଗ ଚରଣ ସ୍ୱାଇଁ, ପ୍ରଭାତ ପ୍ରଧାନ, ଗଣେଶ୍ୱର ବେହେରା ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।


ମା' ଗଜଲକ୍ଷ୍ମୀଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

# ‘ପଡ଼ିଆରୁ ମିଳିଥିବା ଶିକ୍ଷା ଗୁରୁତ୍ୱପୂର୍ଣ୍ଣ’

କଳିଙ୍ଗ ଷ୍ଟାଡିୟମରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ। ଏଠାରେ ଆୟୋଜକ ଭାରତ ଗ୍ରୁପ୍ ‘ଏ’ରେ ୩ଟି ମ୍ୟାଚ ଖେଳିଥିବାବେଳେ ଆମେରିକାଠାରୁ ୦-୮, ମରକ୍କୋଠାରୁ ୦-୩ ଓ ବ୍ରାଜିଲଠାରୁ ୦-୫ ଗୋଲରେ ପରାଜିତ ହୋଇଥିଲା। ଓଡ଼ିଶା ଦର୍ଶକ କଳିଙ୍ଗରେ ଭାରତୀୟ ଦଳକୁ ଭରପୂର ସମର୍ଥନ ଜଣାଇଥିଲେ। ଭାରତୀୟ ଦଳ ପ୍ରଥମଥର ପାଇଁ ଏପରି ଏକ ବଡ଼ ପ୍ରତିଯୋଗିତାରେ ଖେଳିବା ସୁଯୋଗ ପାଇଥିବାରୁ ଅନେକ କିଛି ଶିଖିଥିଲା। ଘରୋଇ ଦଳର ପ୍ରଦର୍ଶନ ଏବଂ ଭବିଷ୍ୟତକୁ ନେଇ ନିଜର ମତ ରଖିଛନ୍ତି ମୁଖ୍ୟ କୋଚ୍ ଥୋମାସ ଡେନର୍ବି।



ଥୋମାସ ଡେନର୍ବି

**● ବିଶ୍ୱକପ୍‌ରେ ୩ଟି ମ୍ୟାଚର ଫଳାଫଳକୁ ନେଇ କ’ଣ କହିବେ ?**

▶▶ ପ୍ରଥମ ଭାରତୀୟ ଦଳ ଭାବେ ଫିଫା ବିଶ୍ୱକପ୍‌ରେ ପଏଣ୍ଟ ହାସଲ କରିବା ଆମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହା ହୋଇପାରିଲା ନାହିଁ। ଆମେ ଅନେକ ଯୋଜନା କରିଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ତେବେ ଭାରତୀୟ ମହିଳାମାନେ ଯେପରି ମ୍ୟାଚ ପରେ ମ୍ୟାଚ ଉନ୍ନତ ପ୍ରଦର୍ଶନ ଦେଲେ ସେଥିରେ ମୁଁ ଗର୍ବିତ। ବିଶେଷ କରି ବ୍ରାଜିଲ ବିପକ୍ଷ ମ୍ୟାଚରେ ଦଳ ଯେପରି ଲଢୁଆ ପ୍ରଦର୍ଶନ କଲା ସେଥିରୁ ଅଧିକାଂଶ ଭାରାତୀୟ ନିଶ୍ଚିତ ଗର୍ବ ଅନୁଭବ କରିଥିବେ। ଅନେକ ସମୟରେ ଭାରତ ଉତ୍ତମ କମ୍ବିନେଶନରେ ଖେଳିଥିଲା। ତେଣୁ ଆମେ ଠିକ୍ ପଥରେ ଅଛୁ ବୋଲି କହିହେବ।

**● ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନର ସକାରାତ୍ମକ ଦିଗ କ’ଣ ଥିଲା ?**

▶▶ ଆମେ ଭଲଭାବେ ଡିଫେଣ୍ଡ କରିଥିଲୁ। ୯୦ ମିନିଟ ଖେଳରେ ଅଧିକାଂଶ ସମୟ ଶୃଙ୍ଖଳିତ ପ୍ରଦର୍ଶନ ମଧ୍ୟ ଦେଇଥିଲୁ। କେତେକ ସମୟରେ ଆମେ ସାମାନ୍ୟ ଭୁଲ କରିଥିଲୁ। ଆମେ ଯଦି ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ତାହା କରିବୁ ତେବେ ସେମାନେ ନିଶ୍ଚିତ କ୍ଷତି ପହଞ୍ଚାଇବେ। ଆମକୁ ଏଥିରୁ ଶିଖିବାର ଅଛି। କେବଳ କ୍ଲାସ୍‌ରୁମ୍‌ରେ ଶିଖିବା ସବୁକିଛି ନୁହେଁ, ପଡ଼ିଆରେ ମଧ୍ୟ ବହୁତ କିଛି ଶିଖିବାକୁ ପଡ଼ିବ। ସର୍ବଦା ମୁଣ୍ଡକୁ ଥଣ୍ଡା ରଖିପାରିଲେ ଛୋଟଛୋଟ ତ୍ରୁଟି କମ୍ ହେବ। ପରାଜୟ ପାଇଁ ପିଲାମାନଙ୍କୁ ଦୋଷ ଦେବା ଉଚିତ ନୁହେଁ। ସେମାନେ ଲଢ଼େଇ କରିଛନ୍ତି ଏବଂ ଯେତେଦୂର ସମ୍ଭବ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପିଲାମାନେ କେବେ କ୍ଳାନ୍ତ ହୋଇ ନ ଥିଲେ। ତେଣୁ ଖେଳାଳିଙ୍କ ଫିଟ୍‌ନେସ ସ୍ତରରେ ମୁଁ ବହୁତ ଖୁସି।

**● କ’ଣ ସବୁ ଶିଖିବାକୁ ମିଳିଲା ?**

▶▶ ଖେଳବେଳେ ନିଜକୁ ଯେତେ ସହଜ ମଣିବ ସେତେ ଭଲ ଖେଳିପାରିବ। ନିଜର ଶକ୍ତି ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଉଚିତ ଏବଂ ତାକୁ ଉପଯୋଗ କରି ଆଗକୁ ବଢ଼ିବା ଆବଶ୍ୟକ। ଫିଟ୍‌ନେସ ସ୍ତର, ସହନଶକ୍ତି ହେଉ କିମ୍ବା ସ୍ପିଡ୍ ଓ ସ୍ପ୍ରିଣ୍ଟ ଆମ ପାଇଁ ଏହା ଏବେ ଆଉ ସମସ୍ୟା ହୋଇ ନାହିଁ ବୋଲି ଅନୁଭବ କରୁଛି। ଆମକୁ ଆକ୍ରମଣାତ୍ମକ ଦିଗ ଉପରେ ଅଧିକ କାମ କରିବାକୁ ପଡ଼ିବ। ବିପକ୍ଷ ଦଳର ବକ୍ସରେ ବଲ୍ ରଖିବା, ପାସ୍, ଫିନିଶିଂ, ଅନ୍ତିମ ପାସ୍ ଦେବାବେଳେ ଉପସ୍ଥିତ ବୁଦ୍ଧି ଖଟାଇବା ଆଦି ଉପରେ ଫୋକସ କରିବାକୁ ହେବ। ତେବେ ଏଥିପାଇଁ ସମୟ ଲାଗିବ।

**● ଟୁର୍ନାମେଣ୍ଟରୁ ପିଲାମାନଙ୍କୁ କିପରି ଫାଇଦା ମିଳିଛି ?**

▶▶ ପ୍ରତି ଗେମ୍ ଖେଳିବା ପରେ ସେମାନଙ୍କ ଅଭିଜ୍ଞତା ବଢ଼ିଛି। ଏବେ ସେମାନଙ୍କ ମନରେ ବିଶେଷ ଭୟ ନାହିଁ। ଆମେରିକା ବିପକ୍ଷ ମ୍ୟାଚରେ ପିଲାମାନେ ଅଧିକ ଭୟଭୀତ ହୋଇ ଯାଇଥିଲେ ବୋଲି ମୋର ଅନୁଭବ ହୋଇଥିଲା। ମାତ୍ର ପରବର୍ତ୍ତୀ ମ୍ୟାଚଗୁଡ଼ିକରେ ତାହା କମିଥିଲା। ପିଲାମାନେ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲେ। ତେବେ ୧୪-୧୫ ବର୍ଷର ପିଲାଙ୍କୁ ୫ ମାସ ଟ୍ରେନିଂ ଦେଇ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ପ୍ରସ୍ତୁତ କରିବା ପର୍ଯ୍ୟାପ୍ତ ନୁହେଁ। ଏଥିରେ ଅନେକ କିଛି ପରିବର୍ତ୍ତନ ହୋଇପାରିବ ନାହିଁ କିମ୍ବା ଶିଖି ହେବନାହିଁ। ସାମଗ୍ରିକ ଦୃଷ୍ଟିକୋଣରୁ ଦେଖିଲେ ଏବଂ ଅନ୍ୟ ଦଳଗୁଡ଼ିକର ପ୍ରସ୍ତୁତିକୁ ବିଚାରକୁ ନେଲେ କମ୍ ଦିନ ଟ୍ରେନିଂ ନେଇ ପିଲାମାନେ ଭଲ ଖେଳିଛନ୍ତି।

**● ଭାରତୀୟ ଦଳକୁ ସମର୍ଥନ ପାଇଁ ଷ୍ଟାଡିୟମ ଆସିଥିବା ପ୍ରଶଂସକଙ୍କୁ କ’ଣ ବାର୍ତ୍ତା ଦେବେ ?**

▶▶ ଦର୍ଶକଙ୍କ ଯେପରି ସମର୍ଥନ ରହିଲା ସେଥିରେ ମୁଁ ବହୁତ ଖୁସି। ବିଶେଷ କରି ଚାପ ସ୍ଥିତିରେ ସମର୍ଥନ ମିଳିବା ସହଜ ହୋଇ ନ ଥାଏ। ପୂରା ମ୍ୟାଚରେ ଦର୍ଶକମାନେ ଆମ ସହିତ ରହିଥିଲେ। ସମ୍ଭବତଃ ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଆମ ଦଳ ଖେଳିବା କେତେ କଷ୍ଟ ସେମାନେ ତାହା ଅନୁଭବ କରିପାରିଥିଲେ। ଏଥିପାଇଁ ସମସ୍ତ ଦର୍ଶକଙ୍କୁ ହୃଦୟରୁ ଧନ୍ୟବାଦ। ସେମାନେ ପିଲାମାନଙ୍କ ଉପରେ ଭରସା ରଖନ୍ତୁ। ଭାରତୀୟ ଦଳ ନିଶ୍ଚିତ ପ୍ରତ୍ୟାବର୍ତ୍ତନ କରିବ ଏବଂ ଅଧିକରୁ ଅଧିକ ମ୍ୟାଚ ଜିତିବ।

BIRTHDAY WISH



Happy Birthday ANUJ
Best wishes From:
BAPA,MAMA,JEJE,MAA and all family members.
Address-Naranpur, Balibil, Jajpur
D-1793

9th Happy Birthday



(RANNI)
Himadri Behera
(Kukudanga Salipur)
Sending Lot's of love and happiness you a way to help celebrate this special day wishing you a very happy birthday
Lot's love from Baba, Mama, Babuni and all relatives.
D-73884

## ସ୍ପେନ୍, କଲମ୍ବିଆ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୧୮।୧୦ (କ୍ରୀଡ଼ା ପ୍ରତିନିଧି)

ଭାରତରେ ପ୍ରଥମଥର ପାଇଁ ଆୟୋଜନ ହେଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମଙ୍ଗଳବାର ଶେଷ ହେଉଛି। ଗ୍ରୁପ୍ ‘ସି’ର ୨ଟି ମ୍ୟାଚରେ ବିଜୟୀ ହୋଇ ସ୍ପେନ୍ ଓ କଲମ୍ବିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନଭି ମୁମ୍ବାଇରେ ଅନୁଷ୍ଠିତ ମ୍ୟାଚରେ ସ୍ପେନ୍ ୧-୦ ଗୋଲରେ ଚାଇନାକୁ ହରାଇ ଦେଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ୬୧ତମ ମିନିଟରେ ସ୍ପେନ୍‌ର ମାରିନା ଅର୍ଟେରୋ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ସେହିପରି ଗୋଆର ମାର୍ଗାଓରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କଲମ୍ବିଆ ୨-୧ ଗୋଲରେ ମେକ୍ସିକୋକୁ ହରାଇ ନକ୍‌ଆଉଟରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଜୁଆନା ଅର୍ଟେଗନ ୪୧ ଓ ଲିଣ୍ଡା ଲିଜେଥ କାଇସେଡୋ ଆଲେଗ୍ରିଆ ୭୪ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କାଓସେଡୋ ୮୧ତମ ମିନିଟରେ ଏକ ଆତ୍ମଘାତୀ ଗୋଲ କରିଥିଲେ। ଏହି ଗ୍ରୁପ୍‌ରେ କଲମ୍ବିଆ ଓ ସ୍ପେନ୍ ୬ ପଏଣ୍ଟ ଲେଖାଏ ପାଇ ଆଗକୁ ବଢ଼ିଥିବାବେଳେ ମେକ୍ସିକୋ ଓ ଚାଇନା ୩ ପଏଣ୍ଟରେ ରହି ବିଦାୟ ନେଇଛନ୍ତି। ଗୋଲ ବ୍ୟବଧାନରେ କଲମ୍ବିଆ ଶୀର୍ଷସ୍ଥାନ ଅଧିକାର କରିଛି।

## ଦେବୀ, ସୁଷମାଙ୍କୁ ସ୍ୱର୍ଣ୍ଣ, ଦେବାଶିଷଙ୍କ ଜାତୀୟ ରେକର୍ଡ



ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

ଭୁବନେଶ୍ୱର, ୧୮।୧୦ (କ୍ରୀଡ଼ା ପ୍ରତିନିଧି)

ଗତ ୧୨ରୁ ୧୬ ପର୍ଯ୍ୟନ୍ତ ନାଗପୁରରେ ଅନୁଷ୍ଠିତ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ଦଳଗତ ଭାବେ ତୃତୀୟସ୍ଥାନ ଅଧିକାର କରିଛି। ସିନିୟର ମହିଳା ବିଭାଗରେ ଦେବୀ ସିଂ ୬୬ କେଜି ଓ ସୁଷମା ରାୟ ୪୭ କେଜି ବର୍ଗରେ ସ୍ୱର୍ଣ୍ଣ

**ଜାତୀୟ ଶକ୍ତି ଉତ୍ତୋଳନରେ ଓଡ଼ିଶା ତୃତୀୟ**

ପଦକ ଲାଭ କରିଛନ୍ତି। ସିନିୟର ପୁରୁଷ ବିଭାଗରେ ଦେବାଶିଷ ମହାନ୍ତି ୭୪ କେଜି ବର୍ଗରେ ରୌପ୍ୟ ଓ ଅଭିଷେକ ମହନ୍ତ ୬୬ କେଜିରେ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ମାଷ୍ଟର-୨ ବିଭାଗରେ ସୁଜିତ ଗିରି ୫୯ କେଜିରେ ରୌପ୍ୟ ଓ ନାରାୟଣ ସେଠୀ ୬୬ କେଜିରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ଲିଫ୍ଟ କଥା ଦେଖିବାକୁ ଗଲେ ଦେବାଶିଷ ମହାନ୍ତି ୭୪ କେଜି ସ୍କ୍ୱାଟ୍‌ରେ ସ୍ୱର୍ଣ୍ଣ ପଦକ ସହ ଜାତୀୟ ରେକର୍ଡ କରିଛନ୍ତି। ରାକେଶ ଶତପଥୀ ୮୩ କେଜି ବେଞ୍ଚପ୍ରେସ୍‌ରେ ସ୍ୱର୍ଣ୍ଣ, ଦୀପକ କୁମାର ନାୟକ ୯୩ କେଜି ସ୍କ୍ୱାଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ସିନିୟର ମହିଳା ବର୍ଗରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ସ୍ୱାଇଁ ୪୭ କେଜି ସ୍କ୍ୱାଟ୍‌ରେ ରୌପ୍ୟ, ସ୍ୱାଗତିକା ଖଟେଇ ୬୯ କେଜି ଡେଡ୍‌ଲିଫ୍ଟରେ ରୌପ୍ୟ, ତନୟା ପଣ୍ଡା ୮୪ କେଜି ବେଞ୍ଚପେସ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଟିମ୍ ମ୍ୟାନେଜର ଓ କୋଚ୍ ସମରେନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ନାଗପୁର ଯାଇଥିବା ଓଡ଼ିଶା ଦଳ ଫେରିବା ପରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ରୋଜର ବିନ୍ନି ବିସିସିଆଇ ସଭାପତି

ମୁମ୍ବାଇ,୧୮।୧୦(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ୩୬ ତମ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି ପୂର୍ବତନ କ୍ରିକେଟର ରୋଜର ବିନ୍ନି। ମଙ୍ଗଳବାର ବିଦାୟୀ ସଭାପତି ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବା ନେଇ ବିସିସିଆଇର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ଘୋଷଣା କରାଯାଇଛି। ସମ୍ପାଦକ ଜୟ ଶାହଙ୍କ ସହିତ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ବିସିସିଆଇର ୯୧ ତମ ଏଜିଏମ୍‌ରେ ଆଇସିସି ଚେୟାରମ୍ୟାନ୍ ପଦବୀ ସମ୍ପର୍କିତ କୌଣସି ଆଲୋଚନା ହୋଇନାହିଁ। ଏହା ବ୍ୟତୀତ କୋଷାଧ୍ୟକ୍ଷ ଭାବେ ଆଶିଷ ଶେଲାର, ଉପସଭାପତି ଭାବେ ରାଜୀବ ଶୁକ୍ଳା ଓ ଯୁଗ୍ମ ସମ୍ପାଦକ ଭାବେ ଦେବଜିତ୍ ସାଇକିଆ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ବିଦାୟୀ କୋଷାଧ୍ୟକ୍ଷ ଅରୁଣ ଧୂମଲଙ୍କୁ ଆଇପିଏଲ୍ ଚେୟାରମ୍ୟାନ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୭ ଟେଷ୍ଟ ଓ ୭୨ ଦିନିକିଆ ଖେଳିଥିବା ବିନ୍ନିଙ୍କୁ ଭାରତରେ ଖେଳାଯିବାକୁ ଥିବା ୨୦୨୩ ଦିନିକିଆ ବିଶ୍ୱକପ ପୂର୍ବରୁ ବିସିସିଆଇ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ବୈଠକରେ ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ଆଲୋଚନା ହେବା ନେଇ ଆକଳନ କରାଯାଉଥିଲା। ତେବେ ଏଜିଏମ୍‌ରେ ଏ ସମ୍ପର୍କରେ ଆଦୌ ଆଲୋଚନା ହୋଇ ନ ଥିଲା। ନଭେମ୍ବର ୧୨ ତାରିଖରେ ମେଲବୋର୍ନରେ ଆଇସିସିର ବୋର୍ଡ ମିଟିଂରେ ଚେୟାରମ୍ୟାନଙ୍କ ନିଷ୍ପତ୍ତି ନିଆଯିବ। ତେବେ ବିସିସିଆଇର ନୀରବତା ଗ୍ରେଗ୍ ବାର୍କଲେଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆଡକୁ ସ୍ପଷ୍ଟ ଇଙ୍ଗିତ କରୁଛି। ଏହା ସହିତ ଆଇସିସିରେ କିଏ ଭାରତର ପ୍ରତିନିଧି ରହିବେ ତା ଉପରେ ମଧ୍ୟ ଆଲୋଚନା ହୋଇ ନ ଥିବା ପ୍ରକାଶ। ପରବର୍ତ୍ତୀ ସମୟରେ ବିସିସିଆଇ ପକ୍ଷରୁ ଏହାର ପ୍ରତିନିଧି ଚୟନ କରାଯିବ। ଅକ୍ଟୋବର ୨୦ ତାରିଖରେ ଏଥିପାଇଁ ନାମାଙ୍କନ ଦାଖଲ କରାଯିବ।

ବିସିସିଆଇର ବିଦାୟୀ କୋଷାଧ୍ୟକ୍ଷ ଅରୁଣ ଧୂମଲଙ୍କୁ ଆଇପିଏଲ୍ କମିଟିର ଚେୟାରମ୍ୟାନ ଘୋଷଣା କରାଯାଇଛି। ବ୍ରିଜେଶ ପଟେଲଙ୍କ ସ୍ଥାନରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଭିଷେକ ଡାଲମିୟାଙ୍କ ସହିତ ସେ ଆଇପିଏଲ୍ ଗଭର୍ନିଂ କାଉନସିଲକୁ ନିର୍ବାଚିତ ହୋଇଛନ୍ତି। ସାଧାରଣ ପରିଷଦର ପ୍ରତିନିଧି ଭାବରେ ଏମ୍‌କେଜେ ମଜୁମଦାର ଆପେକ୍ସ କାଉନସିଲକୁ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ବିସିସିଆଇର ସମସ୍ତ ବିଦାୟୀ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ସେହିପରି ଏହି ବୈଠକରେ ପ୍ରଥମ ସଂସ୍କରଣର ମହିଳା ଆଇପିଏଲକୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଆସନ୍ତା ମାର୍ଚ୍ଚରେ ୫ଟି ଦଳକୁ ନେଇ ଏହା ଆରମ୍ଭ କରାଯିବ। ତେବେ ଦଳ କିଣା ସହିତ ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି ପରବର୍ତ୍ତୀ ବୈଠକରେ ଗ୍ରହଣ କରାଯିବ।



ରୋଜର ବିନ୍ନିଙ୍କୁ ଓସିଏ ସମ୍ପାଦକ ଓ ସଭାପତି ସମ୍ବର୍ଦ୍ଧିତ କରୁଛନ୍ତି।

### ବିସିସିଆଇ ସଭାପତି, ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କଲା ଓସିଏ

ଭୁବନେଶ୍ୱର, ୧୮।୧୦ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୧ତମ ବାର୍ଷିକ ସାଧାରଣ ବୈଠକ ମଙ୍ଗଳବାର ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପ୍ରତିନିଧିଭାବେ ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେଇଥିଲେ। ପରେ ସମ୍ପାଦକ ସଞ୍ଜୟ ଓ ସଭାପତି ପଙ୍କଜ ଲୋଚନ ମହାନ୍ତି ବିସିସିଆଇର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରୋଜର ବିନ୍ନି ବିସିସିଆଇର ସଭାପତି, ଜୟ ଶାହା ସମ୍ପାଦକ, ଅରୁଣ କୁମାର ଧୂମାଲ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ଅଧ୍ୟକ୍ଷଭାବେ ନିର୍ବାଚିତ ହୋଇଛନ୍ତି।

## ବେଞ୍ଜେମା, ପୁଟେଲାସ୍‌ଙ୍କୁ ବାଲନ ଡି’ଅର ପୁରସ୍କାର

ପ୍ୟାରିସ, ୧୮।୧୦ (ଏପି)

କରିମ ବେଞ୍ଜେମା ପୁରୁଷ ପ୍ରଥମ ଥର ବାଲାନ ଡି’ଅର ପୁରସ୍କାର ଲାଭ କରିଛନ୍ତି। ସିଜନରେ ରିଅଲ ମାଡ୍ରିଡର ଚାମ୍ପିୟନ୍ସ ଲିଗ୍ ଓ ସ୍ପାନିଶ ଟାଇଟଲ ହାସଲରେ ତାଙ୍କର ବିଶେଷ ଭୂମିକା ରହିଥିଲା। ସ୍ପାନିଶ ଖେଳାଳି ଆଲେକ୍ସିଆ ପୁଟେଲାସ୍ ବାର୍ସିଲୋନା ସହିତ ଆଉ ଏକ ସିଜନରେ ଚମତ୍କାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ମହିଳା ଟ୍ରଫି ଜିତିଛନ୍ତି। ମାଡ୍ରିଡ୍ ଦଳରେ ବେଞ୍ଜେମାଙ୍କର ଏହା ଶ୍ରେଷ୍ଠ ସିଜନ ଥିଲା। ସେ ଉଭୟ ଲିଗ୍‌ରେ ଟପ୍ ସ୍କୋରର ରହିଥିଲେ। ମାଡ୍ରିଡ ତରଫରୁ ସେ ୪୪ ଗୋଲ ସ୍କୋର କରିଥିଲେ। ତନ୍ମଧ୍ୟରେ ୟୁରୋପର ଟପ୍ ପ୍ରତିଯୋଗିତାରେ ୧୫ ଗୋଲ୍ ସାମିଲ। ବର୍ତ୍ତମାନ ସେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପଛରେ ରହିଥିବା ଦଳର ଦ୍ୱିତୀୟ ସର୍ବାଧିକ ଗୋଲ୍ ସ୍କୋରର ରାଉଲ ଗୋଞ୍ଜାଲେଜ୍‌ଙ୍କ ସମକକ୍ଷ ହୋଇଛନ୍ତି। ୧୯୫୪ରେ ଷ୍ଟାନ୍‌ଲି ମାଥ୍ୟୁସଙ୍କ ପଛକୁ ୩୪ ବର୍ଷୀୟ ବେଞ୍ଜେମା ଏହି ପୁରସ୍କାର ଜିତିବାରେ ସବୁଠାରୁ ବୟସ୍କ ଖେଳାଳି। ପୁରସ୍କାର ଜିତିବା ପରେ ବେଞ୍ଜେମା କହିଛନ୍ତି, ତାଙ୍କ ଦୃଷ୍ଟିରେ ବୟସ ହେଉଛି ଏକ ସଂଖ୍ୟା। ତାଙ୍କର ଏବେସୁଦ୍ଧା ଫୁଟ୍‌ବଲ ନିଶା ଛାଡ଼ି ନାହିଁ। ଯେପର୍ଯ୍ୟନ୍ତ ଫିଟ୍ ଥିବେ ଖେଳ ଜାରି ରଖିଥିବେ। ପୁରସ୍କାର ଦୌଡ଼ରେ ବେଞ୍ଜେମା ସାଡିଓ ମାନେ ଓ ମାଞ୍ଚେଷ୍ଟର ସିଟି ପ୍ଲେମେକର କେଭିନ୍ ଡି’ ବ୍ରୁଇନ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ଗତ ସିଜନରେ ଲିଭରପୁଲ୍ ପାଇଁ ଖେଳିଥିବା ମାନେ ଗ୍ରୀଷ୍ମଋତୁରେ ବେୟର୍ନ ମ୍ୟୁନିକ୍‌ରେ ଯୋଗ ଦେଇଛନ୍ତି। ଗତବର୍ଷ ରେକର୍ଡ ୭ମ ଥର ପାଇଁ ବାଲାନ ଡି’ଅର ପୁରସ୍କାର ଜିତିଥିବା ଲିଓନେଲ ମେସିଙ୍କ ନାମ ଏଥର ମନୋନୟନ ତାଲିକାରେ ସ୍ଥାନ ପାଇ ନ ଥିଲା। ପ୍ୟାରିସ ସେଣ୍ଟ ଜର୍ମେନ ଦଳ ପାଇଁ ସେ ପ୍ରଥମ ଥର ଖେଳୁଛନ୍ତି। ଚଳିତ ବର୍ଷ ପ୍ରଥମ ଥର ବାଲନ ଡି’ଆର ପୁରସ୍କାର ବିଗତ ସିଜନର ସଫଳତାକୁ ଭିତ୍ତି କରି ପ୍ରଦାନ କରାଯାଇଛି। ପୂର୍ବରୁ ଏହା କ୍ୟାଲେଣ୍ଡର ବର୍ଷ ପ୍ରଦର୍ଶନକୁ ଭିତ୍ତି କରି ଦିଆଯାଉଥିଲା। ସୂଚନାଯୋଗ୍ୟ, ଫ୍ରାନ୍ସ ଫୁଟ୍‌ବଲ ମାଗାଜିନ୍ ତରଫରୁ ବାଲନ ଡି’ଅର ପୁରସ୍କାର ପୁରୁଷ ଖେଳାଳିଙ୍କୁ ୬୬ବର୍ଷ ହେଲା ଦିଆଯାଇ ଆସୁଛି। ୨୦୧୮ରୁ ମହିଳା ଟ୍ରଫି ସୃଷ୍ଟି କରାଯାଇଥିଲା। ରେମଣ୍ଡ କୋପା, ମିଶେଲ ପ୍ଲାଟିନି, ଜିନ୍ ପିଏରେ ପାପିନ୍ ଓ ଜିନେଡିନ୍ ଜିଡାନଙ୍କ ପରେ ବେଞ୍ଜେମା ୫ମ ଫ୍ରେଞ୍ଚ ଭାବେ ପୁରସ୍କାର ଲାଭ କରିଛନ୍ତି।

## ‘ଏସିଆ କପ୍ ଖେଳିବାକୁ ପାକିସ୍ତାନ ଯିବନି ଭାରତ’

ମୁମ୍ବାଇ,୧୮।୧୦(ପି.ଟି.)

ପାକିସ୍ତାନ ମାଟିରେ ଭାରତ ଏସିଆ କପ୍ ଖେଳିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ବିସିସିଆଇର ନବନିର୍ବାଚିତ ସମ୍ପାଦକ ଜୟ ଶାହା। ପୁନଃ ନିର୍ବାଚିତ ହେବା ପରେ ମଙ୍ଗଳବାର ଶାହା ଏହି ମନ୍ତବ୍ୟ ଦେଇଛନ୍ତ। ୨୦୨୩ ଏସିଆ କପ୍ ଆୟୋଜନ ପାକିସ୍ତାନକୁ ମିଳିଥିବା ବେଳେ ଏହା ୫୦ ଓଭର ଫର୍ମାଟରେ ଖେଳାଯିବ। ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ସମାପ୍ତ ହେବା ପରେ ଶାହ ଏହି ମନ୍ତବ୍ୟ ଦେବା ସହିତ ଭାରତ କେବଳ ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ ଖେଳିବ। ଭାରତ ଓ ପାକିସ୍ତାନ ମଧ୍ୟରେ ରହିଥିବା ରାଜନୈତିକ ତିକ୍ତତା କାରଣରୁ ଉଭୟ ଦେଶ କୌଣସି ଦ୍ୱିପାକ୍ଷିକ ସିରିଜ ଖେଳୁ ନ ଥିବା ବେଳେ କେବଳ ବିଶ୍ୱକପ୍ ଓ ଏସିଆ କପ୍ ପରି ଟୁର୍ନାମେଣ୍ଟରେ ମୁହାଁମୁହିଁ ହୋଇଥାନ୍ତି। ୨୦୨୨ରେ ଏସିଆ କପ୍ ଶ୍ରୀଲଙ୍କାରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା।



ଜୟ ଶାହା

ତେବେ ଶ୍ରୀଲଙ୍କାର ଆର୍ଥିକ ସଙ୍କଟ କାରଣରୁ ଏହାକୁ ୟୁଏଇ ସ୍ଥାନାନ୍ତର କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ବିସିସିଆଇର ସମ୍ପାଦକ ଶାହ ବର୍ତ୍ତମାନ ଏସିଆନ୍ କ୍ରିକେଟ କାଉନସିଲର ସଭାପତି ମଧ୍ୟ ରହିଛନ୍ତି। ଉଭୟ ଦଳ ଏସିଆ କପ୍‌ରେ ଦୁଇ ଥର ପରସ୍ପର ସହିତ ଖେଳିଥିବା ବେଳେ ଟି୨୦ ବିଶ୍ୱକପ୍‌ରେ ଆଉଥରେ ମୁହାଁମୁହିଁ ହେବେ।

ବିଗତ ୩ ବର୍ଷରେ ବିସିସିଆଇର ସମ୍ପତ୍ତି ପ୍ରାୟ ୬ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ୯୧ ତମ ଏଜିଏମ୍‌ରେ ବିଦାୟୀ କୋଷାଧ୍ୟକ୍ଷ ତଥା ବର୍ତ୍ତମାନର ଆଇପିଏଲ ଚେୟାରମ୍ୟାନ୍ ଅରୁଣ ଧୂମଲ ଏହି ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସୌରଭ ଗାଙ୍ଗୁଲି ବିସିସିଆଇର ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ୩୩ ମାସର ଗାଙ୍ଗୁଲିଙ୍କ କାର୍ଯ୍ୟକାଳରେ ବିସିସିଆଇର ସମ୍ପତ୍ତି ପରିମାଣ ୬ ହଜାର କୋଟି ବଢ଼ିଛି। ୨୦୧୯ରେ ସିଓଏ ହାତରୁ ବିସିସିଆଇ ନିକଟକୁ କ୍ଷମତା ଆସିବା ସମୟରେ ୩୬୪୮ କୋଟିର ଅର୍ଥରାଶି ରହିଥିଲା। ଏହି ସମୟ ମଧ୍ୟରେ ଅର୍ଥରାଶିର ପରିମାଣ ପ୍ରାୟ ୩ ଗୁଣ ବୃଦ୍ଧି ପାଇ ୯୬୨୯ କୋଟିରେ ପହଞ୍ଚିଛି। ସେହିପରି ବିଭିନ୍ନ ରାଜ୍ୟର କ୍ରିକେଟ ବୋର୍ଡମାନଙ୍କୁ ଦିଆଯାଉଥିବା ଅନୁଦାନ ରାଶି ୫ ଗୁଣ ବୃଦ୍ଧିପାଇଛି। ରାଜ୍ୟ ଆସୋସିଏଶନଗୁଡିକୁ ପୂର୍ବରୁ ୬୮୦ କୋଟି ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଚଳିତ ବର୍ଷରୁ ଏହାକୁ ୩୨୯୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

## ଦିନିକିଆ ବିଶ୍ୱକପ୍‌ରୁ ଓହରିଯିବା ଲାଗି ପାକିସ୍ତାନର ଧମକ

କରାଚୀ, ୧୮।୧୦ (ପି.ଟି.)

ଭାରତ ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ ଖେଳିବାକୁ ପସନ୍ଦ କରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏକଥା ପ୍ରକାଶ କରିବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତ ଏସିଆ କପ୍ ଖେଳିବା ଲାଗି ଯଦି ପାକିସ୍ତାନ ନ ଆସେ ତେବେ ଆସନ୍ତାବର୍ଷ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯିବାକୁ ନିଷ୍ପତ୍ତି ନେଇ ପାରେ ବୋଲି ପିସିବି ଚେୟାରମ୍ୟାନ ରମିଜ ରାଜାଙ୍କ ନିକଟତମ ମହଲରୁ ପ୍ରକାଶ। ମଙ୍ଗଳବାର ମୁମ୍ବାଇରେ ବିସିସିଆଇର ବାର୍ଷିକ ସାଧାରଣ ବୈଠକ ପରେ ଶାହା ଖବରଦାତାମାନଙ୍କୁ କହିଥିଲେ ଯେ, ଭାରତ ଏସିଆ କପ୍ ଏକ ନିରପେକ୍ଷ ଭେନ୍ୟୁରେ ଖେଳିବ। ସୂଚନାଯୋଗ୍ୟ, ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ନିଷ୍ପତ୍ତି ଅନୁସାରେ ପାକିସ୍ତାନ ଏସିଆକପ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ କରିବ। ଘଟଣାକ୍ରମେ ଶାହା ଏସିସିର ସଭାପତି ଅଛନ୍ତି। ରମିଜ ରାଜାଙ୍କ ନିକଟତମ ମହଲରୁ ପ୍ରକାଶ ଯେ ପିସିବି ଏକ କଠୋର ନିଷ୍ପତ୍ତି ନେବାକୁ ପ୍ରସ୍ତୁତ ହେଉଛି। ଆଇସିସି କିମ୍ବା ଏସିସି ଇଭେଣ୍ଟରେ ଭାଗ ନେଲେ ଆର୍ଥିକ ଫାଇଦା ରହିଛି। ପାକିସ୍ତାନ ଯଦି ଭାରତରେ ହେବାକୁଥିବା ବିଶ୍ୱକପ୍‌ରେ ଅଂଶଗ୍ରହଣ ନ କରେ ତେବେ ଏଥିରୁ ବଞ୍ଚିତ ହେବ। ଭାରତ ଓ ପାକିସ୍ତାନ ଗ୍ଲୋବାଲ ଓ କଣ୍ଟିନେଣ୍ଟାଲ ଇଭେଣ୍ଟରେ ପରସ୍ପରକୁ ଭେଟୁଛନ୍ତି। ହେଲେ ୨୦୦୮ ଏସିଆ କପ୍ ପରେ ସେମାନେ ପଡୋଶୀ ଦେଶକୁ ଗସ୍ତ କରୁ ନାହାନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବେଣୁଧର ସାହୁ
ତିରୋଧାନ : ୦୯/୧୦/୨୦୨୨
IRC Village, Nayapalli, Bhubaneswar
ଏକାଦଶାହ ଉପଲକ୍ଷେ ପରିବାର ପକ୍ଷରୁ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ତ୍ୟାଗ, ସମାଜ ସେବା, କର୍ତ୍ତବ୍ୟ ଓ ଧର୍ମ ପରାୟଣ ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୩୮୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ ଜଗନ୍ନାଥ ବଲ୍ଲଭ ଜଗଦେବ
ସ୍ୱ ଶରତ କୁମାରୀ ଜଗଦେବ
ଝାଁଳା, ଭୁବନେଶ୍ୱର
ଆପଣ ଦୁହିଁଙ୍କ ମହାନ୍ ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ପରମାତ୍ମାଙ୍କ ସହ ମିଳିତ ହେଉ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ କୁଟୁମ୍ବ ଓ ଶୋକସନ୍ତପ୍ତ ଜଗଦେବ ପରିବାରବର୍ଗ।
ଶୋକସଭା ଝାଁଳା ପଞ୍ଚାୟତ ପରିସର।
ଧ-୬୦୯୭୨

ଏକାଦଶାହ ଉପଲକ୍ଷେ



ସ୍ୱ ନରୋତ୍ତମ ସାମନ୍ତସିଂହାର
ଉଦୟରାଗ: ୦୭.୦୧.୧୯୪୯
ଅସ୍ତରାଗ: ୦୯.୧୦.୨୦୨୨
ପ୍ଲଟ୍ ନଂ. ୨୦୭, ରୋଡ୍ ନଂ-୮, ୟୁନିଟ୍-୯, ଭୁବନେଶ୍ୱର
ହେ ଜୀବାତ୍ମା ! ତୁମର ଚକ୍ଷୁଶକ୍ତି ସୂର୍ଯ୍ୟଙ୍କୁ ପ୍ରାପ୍ତ ହେଉ। ଯେଉଁ ପାର୍ଥିବ ଦେହ ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀରୁ ଗଠିତ, ତାହାର ବିଭିନ୍ନ ଅଂଶ ସେ ସମସ୍ତର ଘଟକ ତତ୍ତ୍ୱରେ ମିଶିଯାଉ।
ଆପଣଙ୍କ ଅବର୍ତ୍ତମାନରେ ଶୋକସନ୍ତପ୍ତ
ଜ୍ୟୋତିର୍ମୟୀ ସାମନ୍ତସିଂହାର(ଧର୍ମପତ୍ନୀ), ଶୁଭକାନ୍ତ- ରଶ୍ମିରେଖା, ସୌମ୍ୟକାନ୍ତ- ବନ୍ଦିତା, ସ୍ମିତିକାନ୍ତ- ପୁଷ୍ପାଞ୍ଜଳି, ଗାର୍ଗୀ, ଅରଭ୍, ଆଦି, ଅନୟ, ଭଣଜା-ଭାଣିଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୧୮୯

# ମାଛଙ୍କ କୃତ୍ରିମ ଖାଦ୍ୟ

**୧** ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ। ପ୍ରତିଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ। କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ



ତିଆରି କରାଯାଇଥାଏ। ୧୦୦ କି.ଗ୍ରା. କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦କି.ଗ୍ରା. ବାଦାମ/ସୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କି.ଗ୍ରା. ଶୁଖୁଆଗୁଣ୍ଡ, ୨୮ କି.ଗ୍ରା. କାଣ୍ଡିଆକୁଣ୍ଡା, ୧୦ କି.ଗ୍ରା. ଅଟା ଓ ୨ କି.ଗ୍ରା. ମିନେରାଲ ମିକ୍ସଚର ଆବଶ୍ୟକ। ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ।

# ଖରିଫ ଚିନାବାଦାମ



**ଖ**ରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ତିନି ଚାରୋଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ। ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ସ୍ମୃତି, ଦେବୀ, ଧରଣୀ, ଟିଜି-୩୮, ଟିଏସ୍‌ଭି-୨ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ।

# କୁକୁଡ଼ାଙ୍କୁ ବୁଷ୍ଟର ଟିକା

**ରା**ଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ରୁ ୭ ଦିନର କୁକୁଡ଼ା ଛିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ। ୫୬ ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ୧୧୨ ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ାଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଛିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜ୍‌ବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ। ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା'ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ, ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ।



# ଧାନରେ ମାଟିଆଗୁଣ୍ଡି ପୋକ

**ଚିହ୍ନିବେ କିପରି:** ମାଟିଆଗୁଣ୍ଡି ପୋକ ଦେଖିବାକୁ ଈଷତ୍ ମାଟିଆ ରଙ୍ଗର ଓ ୩-୪ ମିଲିମିଟର ଲମ୍ବା। ପୂର୍ଣ୍ଣାଙ୍ଗ ଅବସ୍ଥାରେ ଏମାନେ ଉଭୟ ଲମ୍ବା ଓ ଛୋଟ ଡେଣାଯୁକ୍ତ ହୋଇଥାନ୍ତି। ଅନୁକୂଳ ପାଗରେ ବିଶେଷ ଭାବରେ ଛୋଟ ଡେଣାଯୁକ୍ତ କୀଟ ଭଳି ଦେଖାଯାଆନ୍ତି ଏବଂ କ୍ଷିପ୍ର ଗତିରେ ବଂଶ ବିସ୍ତାର କରିଥାନ୍ତି। ସାଧାରଣତଃ ପୂର୍ଣ୍ଣାଙ୍ଗ ଓ ଅର୍ଭକ କୀଟଗୁଡ଼ିକ ଧାନବୁଦାର ମୂଳ ଭାଗରେ ମେଞ୍ଚା ମେଞ୍ଚା ହୋଇଲାଗିଥାନ୍ତି।

**ପୋକ କିପରି ବୃଦ୍ଧି ପାଏ:** ଠିଆ ପାଣି, ଅତ୍ୟଧିକ ଯବକ୍ଷାରଜାନ ସାର ପ୍ରୟୋଗ ଓ ଅଧିକ ଘଞ୍ଚ ଧାନ ଥିବା କ୍ଷେତ୍ରରେ ଏମାନେ ଶୀଘ୍ର ବଢ଼ିଥା'ନ୍ତି। ବର୍ଷାଦିନେ ଅତ୍ୟଧିକ ଆର୍ଦ୍ରତା ସହ ୨୮-୩୦° ସେଲ୍‌ସିୟସ ଉତ୍ତାପ ଏହି ପୋକର ବଂଶ ବିସ୍ତାରରେ ସାହାଯ୍ୟ କରେ। ଏଥିଯୋଗୁ ଧାନ ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଥାଏ।

**କ୍ଷତିର ଲକ୍ଷଣ:** ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ବହୁ ସଂଖ୍ୟାରେ ଗଛମୂଳେ ରହି ଗଛରୁ ରସ ଶୋଷି ଖାଇବା ଦ୍ୱାରା ଗଛ ଶୁଖି ମରିଯାଏ, ଯାହାକୁ ଗଣ୍ଡିଜ୍ୱଳନ ବା ହପର୍‌ବର୍ନ କୁହାଯାଏ। ସାଧାରଣତଃ ଏ ପ୍ରକାର ଲକ୍ଷଣ ଚକଡ଼ା ଚକଡ଼ା ହୋଇ ଧାନ ବିଲରେ ଦେଖାଯାଏ ଓ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କିଆରିକୁ ମାଡ଼ିଯାଏ।

**ପରିଚାଳନା ପଦ୍ଧତି:** ଧାନ ଫସଲ କ୍ଷୀର ଢୋକିବା ବା ଏହାର ପୂର୍ବ ଅବସ୍ଥାରେ ଥିଲେ ଏବଂ ବୁଦା ପ୍ରତି ୫-୧୦ଟି କିମ୍ବା ତା' ଠାରୁ ଅଧିକ ପୋକ ଦେଖାଦେଲେ, ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରିବା ଆବଶ୍ୟକ।

- ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ।
- ଫସଲ କ୍ଷୀର ଢୋକିବା ଅବସ୍ଥାରେ ଥିଲେ ଅଦଳବଦଳ କରି ଜଳସେଚନ କରନ୍ତୁ।
- ପ୍ରତି ୬ ଫୁଟ୍ ଅନ୍ତରରେ କନ୍ଦି/ପାହି ତିଆରି କରିବା ଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।



ନିମ୍ନଲିଖିତ କୀଟନାଶକକୁ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରି କୀଟ ନିୟନ୍ତ୍ରଣ କରନ୍ତୁ।

| କୀଟନାଶକର ନାମ | ଏକର ପ୍ରତି ମାତ୍ରା | ଏକର ପ୍ରତି କୀଟନାଶକ ଦ୍ରବଣର ମାତ୍ରା | |
|---|---|---|---|
| | | ହସ୍ତଚାଳିତ ସିଞ୍ଚନ ଯନ୍ତ୍ର ପାଇଁ | ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ର ପାଇଁ |
| - କ୍ଲୋଥିଆନିଡିନ୍ ୫୦% ଡବ୍ଲୁ.ଜି. | ୮-୧୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. | ୬୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଡାଇନେଟୋଫ୍ୟୁରାନ୍ ୨୦% ଏସ୍.ଜି. | ୮୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୧୨୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| - ଟ୍ରାଇଫ୍ଲୁମେଜୋପାଇରିନ୍ ୧୦% ଏସ୍.ସି. | ୧୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| - ଏଥିପ୍ରୋଲ୍ ୪୦% + ଇମିଡାକ୍ଲୋପ୍ରିଡ୍ ୪୦% ଡବ୍ଲୁ.ଜି. | ୫୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଫ୍ଲୁପାଇରିମିନ୍ ୧୦% ଏସ୍.ସି. | ୪୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |

ଉପରୋକ୍ତ କୀଟନାଶକଗୁଡ଼ିକୁ ୧୦ ଦିନ ଅନ୍ତରରେ ଅଦଳବଦଳ କରି ଗଛର ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ। ଏହି ପୋକର ପୁନରୁତ୍ଥାନ କରୁଥିବା କୀଟନାଶକ ଯଥା କ୍ଲୋରୋପାଇରିଫସ୍, କ୍ୱିନାଲ୍‌ଫସ୍, ମନୋକ୍ରୋଟୋଫସ୍ ଓ ସଂଶ୍ଳିଷ୍ଟ ପାଇରେଥ୍ରଏଡ୍ ଗୋଷ୍ଠୀର କୀଟନାଶକଗୁଡ଼ିକ ଧାନ ଫସଲର ଅନ୍ୟ କୀଟ ନିୟନ୍ତ୍ରଣ ପାଇଁ ବ୍ୟବହାର କରନ୍ତୁ ନାହିଁ। କ୍ଷେତରେ ଯେ ପର୍ଯ୍ୟନ୍ତ ଅନିଷ୍ଟକାରୀ ପୋକ ଏବଂ ଉପକାରୀ କୀଟର ଅନୁପାତ ୨:୧ ଥିବ ସେ ପର୍ଯ୍ୟନ୍ତ କୌଣସି ରାସାୟନିକ କୀଟନାଶକ ବ୍ୟବହାର କରନ୍ତୁ ନାହିଁ। ଏକାଧିକ କୀଟନାଶକକୁ ମିଶ୍ରଣ କରି ପ୍ରୟୋଗ କରିବା ଅନୁଚିତ।

-**ଡ. ଜୟରାଜ ପାଢ଼ୀ,** ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ,
କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ,ଓୟୁଏଟି, ଭୁବନେଶ୍ୱର

# ଶୀତଋତୁ ପାଇଁ ଉନ୍ନତ ଫସଲ



ପ୍ର. ସୁବୋଧ କୁମାର ସାହୁ



**ପା**ଣିପାଗ ବିଶେଷଜ୍ଞମାନେ ବର୍ଷକୁ ୬ ଋତୁରେ ବିଭକ୍ତ କରିଛନ୍ତି। ଶୀତଋତୁ ସେଥିମଧ୍ୟରୁ ଅନ୍ୟତମ। ବିଶ୍ୱତାପନ ଯୋଗୁ ବର୍ତ୍ତମାନ ଜଳବାୟୁର ଅଶେଷ ପରିବର୍ତ୍ତନ ଘଟୁଛି। ତେଣୁ ୬ ଋତୁ ବଦଳରେ ଆମେ ମୁଖ୍ୟତଃ ୩ ଗୋଟି ଋତୁ ଉପଭୋଗ କରୁଛୁ। ଶୀତଋତୁ ସେଥିମଧ୍ୟରୁ ଅନ୍ୟତମ। କାର୍ତ୍ତିକ ଓ ମାର୍ଗଶିର ହେମ ବା ପ୍ରାକ୍ ଶୀତଋତୁ। ଉକ୍ତ ୨ମାସରେ ବାୟୁମଣ୍ଡଳର ଉତ୍ତାପ ୨୧° ରୁ ୨୫° ସେଲ୍‌ସିୟସରେ ରହିବା କଥା। କିନ୍ତୁ ଏହି ସମୟରେ ଉତ୍ତାପ ବଢ଼ି ୨୬° ରୁ ୩୧° ସେଲ୍‌ସିୟସ ରହୁଛି। ପୌଷ ଓ ମାଘ ଶୀତଋତୁ। ଏହି ସମୟରେ ସର୍ବନିମ୍ନ ଉତ୍ତାପ ୧୦° ରୁ ୧୫° ସେଲ୍‌ସିୟସ ଏବଂ ସର୍ବୋଚ୍ଚ ଉତ୍ତାପ ୨୦° ରୁ ୨୨° ସେଲ୍‌ସିୟସ ରହିବା କଥା। କିନ୍ତୁ ଉତ୍ତାପ ବଢ଼ି ୨୫° ରୁ ୨୭° ସେଲ୍‌ସିୟସ ରହୁଛି। ପ୍ରକୃତ ଶୀତଋତୁ ଦୁଇମାସରୁ ଆମେ ଦେଢ଼ମାସ ଅନୁଭବ କରୁଛୁ। ଉକ୍ତ ଛୋଟ ଶୀତଋତୁ ସମୟରେ ହୋଇ ପାରିଥିବା ଫସଲକୁ ବାଛି ଚାଷୀ ଉନ୍ନତ ପ୍ରଣାଳୀରେ ଚାଷକଲେ ଲାଭବାନ୍ ହୋଇପାରିବେ। ଶୀତଦିନିଆ ଫସଲ ସମ୍ପୂର୍ଣ୍ଣ ଜଳସେଚନ ଉପରେ ନିର୍ଭରକରେ। ତେଣୁ ସ୍ୱଳ୍ପ ସମୟ ନିମ୍ନ ଉତ୍ତାପ ଏବଂ ଜଳସେଚନର ସୁବିଧାକୁ ନେଇ ବିଭିନ୍ନ ଫସଲ ବାଛିବା ଜରୁରୀ। ଶୀତଦିନିଆ ଫସଲ ମଧ୍ୟରେ ଶସ୍ୟ ଜାତୀୟ ଗହମ ଏବଂ ମାଣ୍ଡିଆ, ଡାଲି ଜାତୀୟ ଫସଲ ବୁଟ ଓ ମଟର, ତୈଳବୀଜ ଫସଲ ଚିନାବାଦାମ, ସୋରିଷ ଓ କୁସୁମୀ ମୁଖ୍ୟ। ଏହାଛଡ଼ା କେତେକ ପରିବା ଫସଲ ଶୀତଦିନେ ଲାଭଜନକଭାବେ ଚାଷ କରାଯାଇପାରିବ। ନିମ୍ନରେ ସେସବୁ ଫସଲର ଚାଷ ସମ୍ବନ୍ଧରେ ସଂକ୍ଷେପରେ ସୂଚନା ଦିଆଗଲା।

**ଶସ୍ୟ ଜାତୀୟ ଫସଲ:** ବାୟୁମଣ୍ଡଳର ଉତ୍ତାପ ୧୬° ସେଲ୍‌ସିୟସରୁ ୨୫° ସେଲ୍‌ସିୟସ ମଧ୍ୟରେ ଗହମ ଭଲ ବଢ଼େ। ଗହମ ଗଜା ସମୟରେ ଉତ୍ତାପ ୧୬° ରୁ ୨୧° ସେଲ୍‌ସିୟସ ଏବଂ କେଣ୍ଡା ବାହାରିବା ସମୟରେ ଉତ୍ତାପ ୨୨° ରୁ ୨୫° ସେଲ୍‌ସିୟସ ରହିଲେ ଭଲ ଅମଳ ଦିଏ। ରାଜ୍ୟର ଆଭ୍ୟନ୍ତରଣୀୟ ଜିଲାଗୁଡ଼ିକରେ ଉପରୋକ୍ତ ଉତ୍ତାପ ଏବଂ ଜଳସେଚନର ସୁବିଧା ଥିବାରୁ ଗହମ ଚାଷ ଲାଭଜନକ ହେବ। ସ୍ୱଳ୍ପ ସମୟ ଶୀତ ଯୋଗୁ ୟୁପି-୨୬୨, ଜନକ, ସାଗରିକା ଏବଂ ଉତ୍କଳିକା ୯୦ ରୁ ୧୦୦ ଦିନିଆ ଗହମ ବାଛିବା ଭଲ। ଗହମ ବୁଣାର ଉପଯୁକ୍ତ ସମୟ ମାର୍ଗଶିର ମାସ ଦ୍ୱିତୀୟ ସପ୍ତାହ। ମାଟିରେ କ୍ଷେତ୍ରୀୟ ଜଳ ଥିବା ସମୟରେ ଏକରକୁ ୫୦ କିଲୋ ବିହନ ଧାଡ଼ିରେ ବୁଣାଯାଏ। ଏକରକୁ ୨ଟନ୍ ଗୋବରଖତ ସହ ଯବକ୍ଷାରଜାନ, ଫସ୍‌ପେଟ୍ ଏବଂ ପଟାସ୍ ପ୍ରତ୍ୟେକରୁ ୧୬ କିଲୋ ଲେଖାଏଁ ଲଙ୍ଗଳ ସିଆରରେ ପ୍ରୟୋଗ କରାଯାଇ ଗହମ ବୁଣାଯାଏ। ବିହନ ଗଜାହେବାର ୨୧ ଦିନ ପରେ ଗଛର ଶିଖା ଚେର ବାହାରିବା ସମୟରେ କୋଡ଼ାଖୁସା କରି ଆଉ ୧୬ କିଲୋ ଯବକ୍ଷାରଜାନ ପ୍ରୟୋଗ କରାଯାଇ ପ୍ରଥମ ଜଳସେଚନ କରାଯାଏ। ପିଲଦେବା ଏବଂ କେଣ୍ଡା ବାହାରିବା ସମୟରେ ଜଳସେଚନ କରିବା ଜରୁରୀ। ଗହମ ବୁଣାଠାରୁ ପାକଳ ହେବା ପର୍ଯ୍ୟନ୍ତ ମାଟିର ବତର ଦେଖି ୬ ରୁ ୭ ଥର ଜଳସେଚନ ଆବଶ୍ୟକ ହୁଏ। ଏକର ପିଛା ଅମଳ ୬ ରୁ ୭ କୁଇଣ୍ଟାଲ ହୁଏ।

ରାଜ୍ୟର ଆଦିବାସୀମାନଙ୍କର ପ୍ରିୟ ଖାଦ୍ୟ ମାଣ୍ଡିଆ। ରାଜ୍ୟ ସରକାର ଉକ୍ତ ଫସଲର ଉନ୍ନତି ପାଇଁ ମାଣ୍ଡିଆ ମିଶନ ଗଠନ କରିଛନ୍ତି। ଉକ୍ତ ଫସଲ ଶୀତଦିନେ ସ୍ୱଳ୍ପ ଜଳସେଚନ ଏବଂ କମ୍ ଖର୍ଚ୍ଚରେ ଚାଷ କରାଯାଇପାରିବ। ଉନ୍ନତ ମାଣ୍ଡିଆ କିସମ ମଧ୍ୟରେ ଦିବ୍ୟସିଂହ, ଗୋଦାବରୀ, ନୀଳାଚଳ, ଏକେପି ୨,୩ କିମ୍ବା ୭ କିସମ ଉତ୍କୃଷ୍ଟ। ତଳି ଘେରାରେ ଚାରା ଉଠାଇ ୨୫ ରୁ ୩୦ ଦିନର ତଳି ରୋଇଲେ ଭଲ ଅମଳ ମିଳେ। କମ୍ ଉତ୍ତାପରେ ତଳି ବଢ଼ିବା ପାଇଁ ବର୍ଗମିଟର ପିଛା ୧୦ଗ୍ରାମ ଯବକ୍ଷାରଜାନ ଏବଂ ଫସ୍‌ଫେଟ ପ୍ରୟୋଗ କରାଯାଏ। ୧ ଏକର ମାଣ୍ଡିଆ ରୋଇବା ପାଇଁ ୪କିଲୋ ମିଟର ତଳି ଘେରା ଆବଶ୍ୟକ ହୁଏ। ସ୍ୱଳ୍ପ ଜଳସେଚନ ଦ୍ୱାରା ବିହନ ଗଜା ହୋଇ ଏକ ମାସ ମଧ୍ୟରେ ଚାରା ରୋଇବାକୁ ପ୍ରସ୍ତୁତ ହୋଇଥାଏ। ଧାଡ଼ିକୁ ଧାଡ଼ି ୧୫ ସେ.ମି .ବ୍ୟବଧାନରେ ଏକର ପ୍ରତି ଯବକ୍ଷାରଜାନ ଫସ୍‌ଫେଟ ଏବଂ ପଟାସ୍ ପ୍ରତ୍ୟେକରୁ ୮କିଲୋ ପ୍ରୟୋଗ କରି ଗଛକୁ ଗଛ ୮ ରୁ ୧୦ ସେ.ମି. ବ୍ୟବଧାନରେ ବୁଦା ପିଛା ୨ ରୁ ୩ ତଳି ରୁଆଯାଏ। ତଳି ରୁଆର ୨୧ଦିନ ପରେ କୋଡ଼ାଖୁସାକରି ଅବଶିଷ୍ଟ ୮ କିଲୋ ଯବକ୍ଷାରଜାନ ପ୍ରୟୋଗକରି ସ୍ୱଳ୍ପ ଜଳସେଚନ କରାଯାଏ। ଶୀତଦିନିଆ ମାଣ୍ଡିଆ ୧୦୦ ରୁ ୧୨୦ ଦିନ ମଧ୍ୟରେ ଅମଳ ଉପଯୋଗୀ ହୁଏ ଏବଂ ୪ ରୁ ୫ ଥର ଜଳସେଚନ ଆବଶ୍ୟକ କରିଥାଏ। ଏକର ପ୍ରତି ୮ ରୁ ୧୦ କୁଇଣ୍ଟାଲ ଅମଳ ମିଳିଥାଏ।

**ଡାଲି ଜାତୀୟ ଫସଲ:** ଡାଲି ଜାତୀୟ ଫସଲ ମଧ୍ୟରେ ଶୀତଦିନେ ବୁଟ, ମଟର ଏବଂ ମସୁର ୧୬°ରୁ ୨୧° ସେଲ୍‌ସିୟସରେ ଭଲ ବଢ଼େ। ମାର୍ଗଶିର ମାସ ପ୍ରଥମ ସପ୍ତାହରେ ବୁଟ, ମଟର ଏବଂ ମସୁର ବୁଣାଯାଏ। ଗଛ ନିମ୍ନ ଉତ୍ତାପରେ ଭଲ ବଢ଼ି ପୌଷ ଶେଷ ଏବଂ ମାଘ ମାସକୁ ଫୁଲ ଆସି ଛୁଇଁ ଧରେ। ବୁଟ ପାଇଁ ରାଧେ କିମ୍ବା ଆନ୍ନେଗିରି-୧ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଉକ୍ତ ୨ କିସମ ୯୫ ରୁ ୧୦୦ ଦିନରେ ଅମଳ ହୁଏ। ମଟର ମଧ୍ୟରେ ଟି-୧୬୩ ଏବଂ ଜିସି-୬୬ କିସମ ୯୦ ରୁ ୧୦୦ ଦିନରେ ଅମଳ ହେଉଥିବା ବେଳେ ରଚନା କିସମ ୧୨୦ ରୁ ୧୭୫ ଦିନରେ ଅମଳ ହୁଏ। ମସୁର ବି ୭୭ କିସମ ସ୍ୱଳ୍ପ ସମୟ ଅର୍ଥାତ୍ ୮୦ ଦିନରେ ଅମଳ ହୁଏ। ଉପରୋକ୍ତ ଡାଲି ଜାତୀୟ ଫସଲ ଜଳସେଚନ ଆବଶ୍ୟକ ନ କରି ମାଟିରେ ଥିବା ଅବଶିଷ୍ଟ ଜଳରେ ଭଲ ବଢ଼େ। ଏଥିପାଇଁ କର୍ଦ୍ଦମ କିସମ ମାଟି ବାଛିବା ଭଲ। ମଧ୍ୟମ ଖାଲ କିସମ ଜମିରେ ଧାନ କଟା ପରେ ସଙ୍ଗେ ସଙ୍ଗେ ମାଟିକୁ ହଳକରି ଏକର ପ୍ରତି ୧୬ କିଲୋ ଫସ୍‌ଫେଟ୍ ସାର ପ୍ରୟୋଗ କରି ଏକରକୁ ବୁଟ ଏବଂ ମଟର ପ୍ରତ୍ୟେକରୁ ୨୦ କିଲୋ ଏବଂ ମସୁର ୧୬ କିଲୋ ବିହନ ବୁଣାଯାଏ। ନଚେତ୍ ଧାନ କଟାର ୧୫ ଦିନ ପୂର୍ବରୁ ଉପରୋକ୍ତ ଡାଲି ଜାତୀୟ ବିହନକୁ ଛଟାବୁଣା କରାଯାଏ। ଏଥିପାଇଁ ଆବଶ୍ୟକ ବିହନର ଦେଢ଼ ଗୁଣ ବୁଣିବାକୁ ପଡ଼େ। ଛଟାବୁଣା ହେବାର ଥିଲେ ଧାନର କେଣ୍ଡା ସାର ପାଇଁ ଏକରକୁ ୨୦ ରୁ ୨୫ କିଲୋ ଡିଏପି ପ୍ରୟୋଗକଲେ ଫସ୍‌ଫେଟ୍‌ର ଅଭାବ ଦୂର ହୁଏ। ଫସ୍‌ଫେଟ ସାର ଆବଶ୍ୟକ ହୁଏ ନାହିଁ।



**ତୈଳବୀଜ:** ଶୀତଦିନେ ଚାଷ ହେଉଥିବା ତୈଳବୀଜ ଫସଲ ମଧ୍ୟରେ ଚିନାବାଦାମ, ସୋରିଷ ଓ କୁସୁମୀ ମୁଖ୍ୟ। ନଦୀପଠା ଜମିରେ ଛୋଟରୁ ମଧ୍ୟମ କିସମ ଧାନ କଟା ପରେ ବିନା ଜଳସେଚନରେ ଚିନାବାଦାମ ଚାଷ କରାଯାଇପାରିବ। ମାର୍ଗଶିର ମାସ ପ୍ରଥମ ସପ୍ତାହରେ ଏକେ-୧୨-୨୪, ଜେଏଲ୍ ୨୪ କିମ୍ବା ଜୱାର କିସମ ଲଙ୍ଗଳ ସିଆରରେ ଏକରକୁ ୧୬ କିଲୋ, ଫସ୍‌ଫେଟ୍ ସାର ଏବଂ ୮ କିଲୋ ପଟାସ୍ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୦ସେ.ମି. ଏବଂ ବିହନକୁ ବିହନ ୧୦ ସେ.ମି. ବ୍ୟବଧାନରେ ୫ସେ.ମି. ଗଭୀରରେ ବୁଣାଯାଏ। ଏକରକୁ ପ୍ରାୟ ୫୦ କି.ଗ୍ରା. ଛଡ଼ା ବିହନ ଦରକାର ହୁଏ। ମାଟିର ଅମ୍ଳତ୍ୱ ୬.୦ରୁ କମ୍ ହୋଇଥିଲେ ବୁଣା ପୂର୍ବରୁ ଏକରକୁ ୨ କୁଇଣ୍ଟାଲ ଚୂନକୁ ଖତ ସହ ମିଶାଇ ଧାଡ଼ିରେ ପ୍ରୟୋଗକଲେ ଅମଳ ୨ ଗୁଣ ହୁଏ। ଶୀତଦିନେ ବୁଣାଯାଇଥିବା ବିହନ ଗଜାହୋଇ ଧୀରେ ବଢ଼ି ବୁଦା ମାରେ। ମାଘ ମାସକୁ ଉତ୍ତାପ ବଢ଼ିଲେ ଗଛରେ ଆସୁଥିବା ସମସ୍ତ ଫୁଲ ପରାଗ ସଂଗମ ହୋଇ ଅଧିକ ଫଳ ଧରେ। ପ୍ରାୟ ୧୨୦ ଦିନରେ ଏକରକୁ ୪ ରୁ ୫ କୁଇଣ୍ଟାଲ ଚୋପାଲଗା ଚିନାବାଦାମ ଅମଳ ହୁଏ। ନଦୀପଠା ବ୍ୟତୀତ ଜଳସେଚିତ ଜମିର ଦୋରସା ମାଟିରେ ଶୀତଦିନିଆ ଚିନାବାଦାମ ସଫଳଭାବେ ମଧ୍ୟ ଚାଷ ହୋଇପାରିବ। (କ୍ରମଶଃ..)

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

# ପନିପରିବା ଚାଷରେ ରୋଗପୋକ ଦମନ

**ଲ**ଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ। ପିଆଜ ପାଇଁ ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମର ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ। ଓଡ଼ିଶା ଜଳବାୟୁ ପାଇଁ ଏବେଠାରୁ ୨-୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ।



# ବିଳମ୍ବ ରୁଆ ଧାନରେ ସାର ପ୍ରୟୋଗ

**ବି**ଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ୍ ଅନ୍ତରରେ କନ୍ଦି/ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।



କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି/ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ଶୁଖା ବନାମ ପ୍ରାଚୁର୍ଯ୍ୟ

- ମୃତପ୍ରାୟ ଦେଢ଼ଶହ ବର୍ଷର ଯୋକଡ଼ିଆ କେନାଲ
- ଖରସ୍ରୋତାର ପୂର୍ବରେ ଚାଷ, ପଶ୍ଚିମରେ ଶୁଖିଲା




ବ୍ୟାରେଜ ଓ ପୋତା କେନାଲ ।

ଯାଜପୁର ଅଫିସ,୧୮।୧୦

ଯାଜପୁର ଜିଲାର ଖରସ୍ରୋତା ନଦୀର ପୂର୍ବ ଦିଗରେ ପନିପରିବା ଚାଷ ଚାଲିଛି। ହେଲେ ପଶ୍ଚିମରେ ନଦୀ ଶୁଖିଲା ପଡିଛି। ଖରସ୍ରୋତା ନଦୀର ଯୋକଡିଆ ବ୍ୟାରେଜରୁ ଉତ୍ପତ୍ତି ହୋଇଥିବା ପ୍ରାୟ ଦେଢ ଶହ ବର୍ଷ ପୁରୁଣା ହାଇଲେଭଲ କେନାଲ ପୋତି ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପୁନରୁଦ୍ଧାର କରିବାକୁ ପ୍ରଶାସନିକସ୍ତରରେ କୌଣସି ଯୋଜନା ପ୍ରସ୍ତୁତ ନ କରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଉଛି। ଜଳ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ବ୍ୟବସ୍ଥା ସହ ଜଳସେଚନର ସୁବିଧା ପାଇଁ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ କୋରେଇ ଏବଂ ଯାଜପୁର ନିର୍ବାଚନ ମଣ୍ଡଳୀର ପ୍ରାୟ ୧୫ ପଞ୍ଚାୟତର ଲୋକେ କେନାଲ ଥାଇ ବି ଚାଷ ପାଇଁ ସମ୍ପୂର୍ଣ୍ଣ ଭାବେ ବର୍ଷା ଉପରେ ନିର୍ଭର କରିଥାନ୍ତି।

ନଅଙ୍କ ଦୁର୍ଭିକ୍ଷ ପରେ ମହାନଦୀଠାରୁ ଧାନମଣ୍ଡଳ, ଜେନାପୁର ଓ ଖରସ୍ରୋତା ନଦୀର ଯୋକଡିଆଠାରୁ ଟିକର ଓ ରୁଢିଆ ଦେଇ ହାଇଲେବୁଲ କେନାଲ ବ୍ରିଟିଶ ଅମଳରେ ନିର୍ମାଣ କରାଯାଇଥିଲା। ଏଥିପାଇଁ ଯୋକଡିଆଠାରେ ଏକ ବ୍ୟାରେଜ ନିର୍ମାଣ ହୋଇଥିଲା। ଯାହାକି ଏଯାଏ ତାହା ଦେଖିବାକୁ ମିଳିଛି। ଏହାଦ୍ୱାରା ଚାଷୀମାନେ କିପରି ଜଳସେଚନର ସୁବିଧା ପାଇ ପାରିବେ ସେ ନେଇ ଇଂରେଜ ଅମଳରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ହୋଇଥିଲା । ଏହି କେନାଲ ପାଣିରେ ଲକ୍ଷ୍ମୀନଗର, ପହଙ୍ଗା, ବଡ ବିରୁଆଁ, ଗୋଳେଇପୁର, ପାଣିକୋଇଲି ପ୍ରଭୃତି ଅଞ୍ଚଳ ସେତେବେଳେ ଶସ୍ୟଶ୍ୟାମଳରେ ଭରପୁର ହେଉଥିଲା। ଚାଷୀ ନିଜ କଷ୍ଟପାର୍ଜିତ ଫସଲକୁ ବଜାରରେ ବିକ୍ରୀ କରି ସ୍ୱାବଲମ୍ବୀ ହୋଇ ପାରୁଥିଲେ। ତେବେ ୪୦ ବର୍ଷ ପୂର୍ବେ ଯୋକଡିଆ ବ୍ୟାରେଜ ନଷ୍ଟ ହୋଇ ପଡିବାରୁ କେନାଲଗୁଡିକ ଏବେ ମୃତ ଅବସ୍ଥାରେ ପଡି ରହିଛି। ଅନ୍ୟପକ୍ଷେ ଏହି ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଚାଷୀମାନେ ପନିପରିବା ଚାଷ କରି ରୋଜଗାର କରୁଛନ୍ତି। ଏଠାକାର ପନିପରିବା ସାରା ରାଜ୍ୟରେ ନାମ କରିଛି। ଏପରିକି ଏଠାରୁ ରାଜ୍ୟ ବାହାରକୁ ପନିପରିବା ପରିବହନ ହେଉଛି। କିନ୍ତୁ କୋରେଇ ନିର୍ବାଚନ ମଣ୍ଡଳୀରେ କୌଣସି ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ ପ୍ରାୟ ବର୍ଷ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ୨୦୨୦ ସେପ୍ଟେମ୍ବରରେ ଯୋକଡିଆଠାରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲେ ବି ଏଯାଏ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। କିନ୍ତୁ ସେହି ସମୟରେ ବୈତରଣୀ ନଦୀରେ ପରିକଳ୍ପିତ ବ୍ୟାରେଜ ନିର୍ମାଣାଧୀନ ରହିଛି।

ବ୍ରିଟିଶ ଅମଳରେ ଜଳପଥରେ ବେପାର ବଣିଜ ପାଇଁ ଏହି ଯୋକଡିଆ ହାଇଲେଭଲ କେନାଲକୁ ବ୍ୟବହାର କରାଯାଉଥିଲା । ଏଥିରେ ଛୋଟ ଛୋଟ ଡଙ୍ଗା ଦ୍ୱାରା ଯାଜପୁର କିଆନାଳିକୂଳ ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ପରିବହନ ହେଉଥିଲା। ଏବେ କିନ୍ତୁ ଏହି କେନାଲରେ ଦଳ ଭର୍ତ୍ତି ହୋଇ ସମ୍ପୂର୍ଣ୍ଣ ପୋତି ହେବାକୁ ବସିଛି। ବ୍ୟାରେଜରେ ବ୍ୟବହୃତ କାଠ ଆଉ ଅନ୍ୟାନ୍ୟ ସାମଗ୍ରୀ ଅନେକ ବର୍ଷ ହେଲା ଆଉ ଦେଖିବାକୁ ମିଳୁନାହିଁ। ଜିଲାରେ ୧ ଲକ୍ଷ ୪୫ ହଜାର ୪୫୦ ହେକ୍ଟର ଚାଷ ଜମି ରହିଛି। ସେଥିରୁ ୧ ଲକ୍ଷ ୧୧ ହଜାର ଜମିରେ ଧାନ ଚାଷ ହୋଇଥାଏ । କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବୋରୱେଲ, ଉଠା ଜଳସେଚନ ପ୍ରଭୃତି ପ୍ରକଳ୍ପ ସହାୟତାରେ ଖରିଫ ଋତୁରେ ୬୫ହଜାର ହେକ୍ଟର ଓ ରବି ଋତୁରେ ୩୦ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ହେଲେ ବାସ୍ତବପକ୍ଷେ ଏତେ ପରିମାଣ ଜମିରେ ଜଳସେଚନ ହୋଇ ପାରୁ ନ ଥିବାରୁ ଚାଷୀ ମରୁଡ଼ିର ସମ୍ମୁଖୀନ ହୋଇ ଆସୁଛନ୍ତି। ସାଧାରଣତଃ ଚାଷୀ ଧାନ ଚାଷ ପାଇଁ ଜୁନ, ଜୁଲାଇ ଓ ଅଗଷ୍ଟ ମାସର ବର୍ଷା ଉପରେ ନିର୍ଭର କରିଥାଏ । କିନ୍ତୁ ଏହି ଜିଲାରେ କ୍ରମାଗତ ଭାବେ ବର୍ଷାର ଅନିୟମିତା ଦେଖା ଦେଇଛି । ତେଣୁ ଯୋକଡିଆ କେନାଲର ପୁନରୁଦ୍ଧାର ପାଇଁ ୨୦୦୭ରେ ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଅର୍ଜ୍ଜୁନ ସେଠୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ମଧ୍ୟ କାର୍ଯ୍ୟକାରୀ ନ ହେବାରୁ ଚାଷୀ ଜଳସେଚନ ପାଇଁ ଚାହିଁ ରହିଛନ୍ତି। ସାମାଜିକ କର୍ମୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ଜିଲାର ଚାଷୀମାନଙ୍କ ପାଇଁ ସରକାରଙ୍କ ଦରଦ ନ ଥିଲା ଭଳି ଲାଗୁଛି। ଏହା ଏହି ପୋତା ହାଇଲେବୁଲ କେନାଲରେ ଜଳଜଳ ହୋଇ ଦିଶୁଛି। ତେଣୁ ଯୋକଡିଆ ବ୍ୟାରେଜ ସହ କେନାଲ କାର୍ଯ୍ୟକାରୀ ହେଲେ କୋରେଇ ଅଞ୍ଚଳର ଚାଷୀମାନେ ଉପକୃତ ହୋଇ ପାରିବେ ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କଳିଙ୍ଗନଗର,୧୮।୧୦(ଡି.ଏନ.ଏ.):** ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳଗଡ଼ ପଞ୍ଚାୟତର ଧପଙ୍କି ଗ୍ରାମ ଜଙ୍ଗଲରୁ ମଙ୍ଗଳବାର ଝୁଲନ୍ତା ଅବସ୍ଥାରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ କରାଯାଇଛି। ଦାନଗଦି ଫାଣ୍ଡି ପୋଲିସ ମୃତଦେହ ଜବତ କରି ଦାନଗଦି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ଚିହ୍ନଟ ପାଇଁ ସବାଗାରରେ ରଖିଛି। ଯୁବକଙ୍କ ବୟସ ୩୦/୩୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ସେ ଏକ କଳା ରଙ୍ଗର ସର୍ଟ ପ୍ୟାଣ୍ଟ ଓ ଧଳା ଟି ସାର୍ଟ ପିନ୍ଧିଥିଲେ। ୩/୪ ଦିନ ହେବ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ସକାଳେ ଗାଁ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ଏକ ସୁନାରି ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ଦାନଗଦି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁ ସାଇଣ୍ଟିଫିକ ଟିମ ସହ ପହଞ୍ଚି ମୃତଦେହ ଜବତ କରିଥିଲେ।

### ବାଲି ବୋଝେଇ ଟ୍ରାକ୍ଟର ଜବତ, ମାଲିକ ଗିରଫ

**ଧର୍ମଶାଳା,୧୮।୧୦(ଡି.ଏନ.ଏ.):** ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମଣୀ ନଦୀର ନୂଆହାଟ ଘାଟରୁ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ପୋଲିସ ଜବତ କରିବା ସହ ଏହାର ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୃଷ୍ଣପୁର ଗ୍ରାମର ଶରତ ଚନ୍ଦ୍ର ପ୍ରଧାନ। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି। ଶରତ ନିଜ ଟ୍ରାକ୍ଟର ନଂ. ଓଡି-୦୪-ଏଚ୍-୮୦୧୭ରେ ବେଆଇନ ଭାବେ ବାଲି ପରିବହନ କରୁଥିଲେ। ଜେନାପୁର ରେଳଷ୍ଟେଶନ ନିକଟରେ ପୋଲିସ ଗାଡ଼ି ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ହେଲେ ଶରତ କୌଣସି କଗଜପତ୍ର ଦେଖାଇ ପାରି ନଥିଲେ। ଫଳରେ ପୋଲିସ ଟ୍ରାକଟ୍ରକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ଚୋରି ବାଇକ୍ ଜବତ, ଜଣେ ଗିରଫ

**ଧର୍ମଶାଳା,୧୮।୧୦(ଡି.ଏନ.ଏ.):** ଜେନାପୁର ଥାନା କମ୍ପାଲୁ ଗ୍ରାମରୁ ସୋମବାର ରାତିରେ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ଚଣା ଥାନା କୋହ୍ଲାସିଂ ଗ୍ରାମର ମାଧବ ଓଝା। ବାଇକ୍‌ଟି ତାଙ୍କ ଘରୁ ଜବତ କରାଯାଇଛି। ସୂଚନା ଅନୁସାରେ, କମ୍ପାଲୁ ଗ୍ରାମର ଅଜୟ କୁମାର ସାହୁଙ୍କ ଘର ନିକଟରେ ରାତିରେ ରଖାଯାଇଥିବା ଓଡି-୩୪-ଇ-୩୨୮୬ନମ୍ବର ଗ୍ଲାମର ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଅଜୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୯୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ମାଧବଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।



୧୬ନଂ. ଜାତୀୟ ରାଜପଥର ଜାରକା ଛକରେ ନିର୍ମିତ ଓଭର ବ୍ରିଜ୍‌ରେ ମଙ୍ଗଳବାରଠାରୁ ଗାଡ଼ି ଚଳାଚଳ ଆରମ୍ଭ ହୋଇଛି।

## ଜାରକା ଓଭର ବ୍ରିଜ୍‌ରେ ଗଡ଼ିଲା ଗାଡ଼ି

ଧର୍ମଶାଳା,୧୮।୧୦(ଡି.ଏନ.ଏ.)

ବହୁ ପ୍ରତୀକ୍ଷାର ଅବସାନ ଘଟିଛି। ଧର୍ମଶାଳା ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ଜାରକା ଛକରେ ନିର୍ମିତ ଓଭର ବ୍ରିଜ୍‌ରେ ମଙ୍ଗଳବାରଠାରୁ ଗାଡ଼ି ଚଳାଚଳ ଆରମ୍ଭ ହୋଇଛି। ଗାଡ଼ିଗୁଡ଼ିକ ବାଇପାସ ରାସ୍ତାରେ ଚଳାଚଳ କରୁଥିବାରୁ ଜାରକା ବଜାର ବ୍ୟବସାୟୀ ଓ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ୨୮ ମାସ ପରେ ଗାଡ଼ିଗୁଡ଼ିକ ମୁଖ୍ୟରାସ୍ତା ଦେଇ ଚଳାଚଳ କରିବାରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ୨୦୧୮ରେ ଦ୍ୱିତୀୟ ଥର ଲାଗି ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରାଜନୈତିକ ବ୍ୟକ୍ତି ଓ ସାମ୍ବାଦିକମାନଙ୍କୁ ନେଇ ଧର୍ମଶାଳା ଡେଭଲପମେଣ୍ଟ କମିଟି ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଉଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା ଓ ଆନ୍ଦୋଳନ ପରେ ଏଠାରେ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜି ହୋଇଥିଲେ। ୨୦୨୦ ଜୁନରେ ଏହାର କାମ ଆରମ୍ଭ ହୋଇଥିଲା। ଓଭରବ୍ରିଜ ପାଇଁ ୧୬ ନମ୍ବର ଜାତୀୟ ରାଜପଥକୁ ଖୋଳାଯାଇଥିଲା। ଫଳରେ ମୁଖ୍ୟରାସ୍ତାରେ କାମ ହେବାରୁ ଗାଡ଼ିଗୁଡ଼ିକ ବାଇପାସ ରାସ୍ତା ଦେଇ ଯାତାୟାତ ଆରମ୍ଭ ହୋଇଥିଲା। ଏଠାରେ ୧୮ ମାସ ମଧ୍ୟରେ ଓଭରବ୍ରିଜ ନିର୍ମାଣ କାମ ଶେଷ ହେବା ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଇଥିଲା। ହେଲେ ମନ୍ଥର ଗତିରେ କାମ ଚାଲୁଥିବାରୁ ଡେଭଲପମେଣ୍ଟ କମିଟି କର୍ମକର୍ତ୍ତା ଓ ବଜାର କମିଟି ସଦସ୍ୟ ଜିଲା ପ୍ରଶାସନ ଓ ସମ୍ପୃକ୍ତ ଠିକାସଂସ୍ଥାକୁ ଭେଟି ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଦାବି କରିଥିଲେ।

### ବହୁ ପ୍ରତୀକ୍ଷାର ଅବସାନ

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଧର୍ମଶାଳା,୧୮।୧୦(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଭବାନୀପୁର ବ୍ରାହ୍ମଣସାହିର ମୂରବି ତଥା ଅବିଭକ୍ତ କାଏମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ଶଶିଭୂଷଣ ପାଢୀ(୭୯)ଙ୍କ ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ କଟକସ୍ଥିତ ଏକ ନର୍ସିଂହୋମରେ ରହି ଚିକିତ୍ସିତ ହେଉଥିଲେ। ସୋମବାର ସେଠାରେ ତାଙ୍କର ପରଲୋକ ହୋଇଥିଲା। ସେ କଂଗ୍ରେସର ବ୍ଲକ ସଭାପତି ଭାବେ କାର୍ଯ୍ୟ କରିଥିଲେ। ପେସାରେ ସେ ଜଣେ ମୋହରିର ଥିଲେ। ଧର୍ମଶାଳା ମୁନସୀମେଲଣ କମିଟି, ମୋହରିର ସଙ୍ଘ ସଭାପତି ଭାବେ କାମ କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ କାର୍ଯ୍ୟଧାରରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପରିଡ଼ା, ବିଜେଡି ବ୍ଲକ ସଭାପତି ଜଳଧର ମହାନ୍ତି, ଭବାନୀପୁର ସରପଞ୍ଚ ଜ୍ୟୋତିର୍ମୟୀ ନାୟକ, ସମିତିସଭ୍ୟା ସରୋଜିନୀ ମହାନ୍ତି, ବିଜେଡି ଯୁବ ସଙ୍ଗଠକ ଅକ୍ଷୟ ନାୟକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ପ୍ରଣବ ବଳବନ୍ତରାୟ, ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ, ଗୁରୁଚରଣ ଟିକାୟତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। କଟକରୁ ମରଶରୀର ଆସି ଧର୍ମଶାଳା ବଜାରରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ତାଙ୍କ ବାସଭବନକୁ ନିଆଯାଇଥିଲା। ଗ୍ରାମଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅତୁଲ



@ ଜିତୁ



@ ମାଣିକ୍ୟ



@ ସୁଚିସ୍ମିତା



@ ସୁସ୍ମିତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗମ୍ଭୁଁ ଉଚ୍ଚ ବିଦ୍ୟାଳୟରେ ଫୁଟବଲ ବଣ୍ଟନ

ବରୀ,୧୮।୧୦(ଡି.ଏନ.ଏ.)

ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟିଙ୍କ ନିର୍ଦ୍ଦେଶନୁଯାୟୀ ୧୭ ବର୍ଷ ବୟସରୁ କମ୍ ମହିଳା ବିଶ୍ୱ କପ୍‌କୁ ଆଖି ଆଗରେ ରଖି ଆନ୍ତଃ ବିଦ୍ୟାଳୟ (ବାଳକ-ବାଳିକା) ପ୍ରତିଯୋଗିତା ପାଇଁ ପ୍ରତି ସ୍କୁଲରେ ଫୁଟବଲ ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥାନ ପାଇଥିବା ୫-ଟି ବିଦ୍ୟାଳୟକୁ ଫୁଟବଲ ମିଳିଛି । ଏହି କ୍ରମରେ ସୋମବାର ବରୀ ବ୍ଲକ୍ ଅନ୍ତର୍ଗତ ଗମ୍ଭୁଁ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଫୁଟବଲ ବଣ୍ଟନ କରାଯାଇଛି।

ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ କୁମାର ମହାପାତ୍ର, ସରପଞ୍ଚ ଜଗଦୀଶ ଜେନା, ମୋ ସ୍କୁଲ ଅଭିଯାନର ସଭାପତି ପ୍ରତାପ କୁମାର ଦାସ, ସଭ୍ୟ ସୁବାସ ଚନ୍ଦ୍ର ଜେନା, ଶିକ୍ଷକ ସତ୍ୟ ରଞ୍ଜନ ମହାନ୍ତି, କ୍ରୀଡା ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଅତିଥିଙ୍କ ହସ୍ତରେ ଫୁଟବଲ ଗ୍ରହଣ କରିଥିବା ଛାତ୍ରୀଛାତ୍ର ।

## ଗିରିଗୋବର୍ଦ୍ଧନ ପୂଜା ବନ୍ଦକଲା ପ୍ରଶାସନ

ରସୁଲପୁର,୧୮।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗୋପାଳ ସାହିରେ ପଞ୍ଚାୟତ ନିର୍ବାଚନ ସମୟରେ ଗୋଷ୍ଠୀ ବିବାଦ ହୋଇଥିବାରୁ ହରିଗୋବିନ୍ଦ ମନ୍ଦିରରେ ଗିରିଗୋବର୍ଦ୍ଧନ ପୂଜାକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। କେବେଳ ପୂଜକ ଓ ସେବକଙ୍କ ଦ୍ୱାରା ମନ୍ଦିରରେ ନୀତିକାନ୍ତି ଅନୁଷ୍ଠିତ ହେବ। ଗ୍ରାମର କୌଣସି ପକ୍ଷ ମନ୍ଦିରରେ ପ୍ରବେଶ କରିପାରିବେ ନାହିଁ। ମନ୍ଦିରର ୧୦୦ମିଟର ବ୍ୟବଧାନରେ କୌଣସି ଭକ୍ତ ଓ ଶ୍ରଦ୍ଧାଳୁ ପ୍ରବେଶ ନ କରିବାକୁ କୁଆଖିଆ ପୋଲିସ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଯାଜପୁର ଉପଜିଲାପାଳଙ୍କ କୋର୍ଟରୁ ୧୫-୧୦-୨୨ରେ ଜାରି କରାଯାଇଥିବା ୧୪୪ଧାରା ନୋଟିସକୁ ପୋଲିସ ପକ୍ଷରୁ ମନ୍ଦିର କାନ୍ଥରେ ଲଗାଯାଇଛି। ଡେଙ୍ଗୁରା ଜରିଆରେ ଗ୍ରାମବାସୀଙ୍କୁ ସତର୍କ କରାଇ ଦିଆଯାଇଛି। ଫଳରେ ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତା ମନୋଭାବରେ ଭଙ୍ଗା ପଡ଼ିଯାଇଛି। ଘଟଣାସ୍ଥଳରେ ପୋଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି। ନୋଟିସରେ ଖିଲାପ ଘଟିଲେ ଅଥବା କୌଣସି ଗୋଷ୍ଠୀ ପ୍ରଶାସନ ନିର୍ଦ୍ଦେଶକୁ ଅବମାନନା କଲେ ଉପଯୁକ୍ତ କାରଣ ସହ ଚଳିତ ମାସ ୩୧ ତାରିଖରେ ଉପଜିଲାପାଳଙ୍କ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ନିଶେଧାଷ ଚଳିତ ମାସ ୨୫ରୁ ୩୧ତାରିଖ ସପ୍ତାହେ ବ୍ୟାପୀ ବଳବତ୍ତର ରହିବ ବୋଲି ନୋଟିସରୁ ସ୍ପଷ୍ଟ ହୋଇଛି।

ସୂଚନା ମୁତାବକ, ପଞ୍ଚାୟତ ନିର୍ବାଚନ-୨୦୨୨ ସମୟରେ ବ୍ରାହ୍ମଣବାଡ଼ ଗ୍ରାମରେ ଗୋଷ୍ଠୀ ବିବାଦ ଉପୁଜିଥିଲା। ଏହାକୁ କେନ୍ଦ୍ରକରି ଚଳିତମାସ ୨୫ରୁ ଆରମ୍ଭ ହେବାକୁ ଥିବା ଗିରି ଗୋବର୍ଦ୍ଧନ ପୂଜା ପ୍ରଭାବିତ ହୋଇଛି। ଏ ନେଇ ଗତମାସ ଶେଷ ସପ୍ତାହରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଉଭୟ ପକ୍ଷର ଲୋକଙ୍କୁ ୧୦୭ ନୋଟିସ ଜାରି କରାଯାଇଥିଲା। ଏହାସତ୍ତ୍ୱେ ଉଭୟ ପକ୍ଷରୁ ହରିଗୋବିନ୍ଦ ମନ୍ଦିର ପରିସରରେ ପୂଜା ପାଇଁ ପ୍ରସ୍ତୁତି କରାଯାଇଥିଲା। ତେବେ ପୂଜା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ସମ୍ଭାବନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ୧୪୪ ଧାରା ଲାଗୁ କରିବା ପାଇଁ ଉପଜିଲାପାଳଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ଏନେଇ କୋର୍ଟ ପକ୍ଷରୁ ଯାଜପୁର ଜିଲାପାଳ, ଯାଜପୁର ଆରକ୍ଷୀ ଅଧୀକ୍ଷକ, ରସୁଲପୁର ତହସିଲଦାର ଓ କୁଆଖିଆ ଥାନାକୁ ଅବଗତ କରାଯାଇଛି।



ପୋଲିସ ଅଧିକାରୀମାନେ ନୋଟିସ ଲଗାଇବାକୁ ଆସିଛନ୍ତି।

### ପଞ୍ଚାୟତ ନିର୍ବାଚନ ଗୋଷ୍ଠୀ ବିବାଦ ମାମଲା

# ଟଙ୍କା ନ ଦେଲେ ପଞ୍ଜୀକରଣ ବନ୍ଦ

ନୟାଗଡ଼ ଅଫିସ,୧୮।୧୦



■ ମାଗଣା ନୁହେଁ, ଖର୍ଚ୍ଚ ହେଉଛି ୧୨ଶହ ଟଙ୍କା
■୧୦ରୁ ୨୦ ଟଙ୍କାରେ ଫର୍ମ ବିକ୍ରି
■ନୟାଗଡ଼ ଜିଲାରେ କୃଷି ଶ୍ରମିକ ଉପେକ୍ଷିତ
■ମାତ୍ର ୧୩୮୫ ଜଣଙ୍କ ନାମ ପଞ୍ଜୀକରଣ ହୋଇଛି

ଅଣସଙ୍ଗଠିତ ଶ୍ରମିକଙ୍କ ନାମ ପଞ୍ଜୀକରଣ ଓ ସେମାନଙ୍କୁ ମାଗଣାରେ ଫର୍ମ ଯୋଗାଇ ଦିଆଯାଉଛି ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି । ତେବେ ନୟାଗଡ଼ ଜିଲାରେ କୃଷି ଶ୍ରମିକଙ୍କ ନାମ ପଞ୍ଜୀକରଣ କରିବା ପାଇଁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଆସିଲେ ୭୦୦ରୁ ୧୨୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ପୁଣି ଫର୍ମ କିଣିବାକୁ ୧୦ରୁ ୨୦ ଟଙ୍କା ପୃଥକ୍ ଭାବେ ଦେବାକୁ ହେଉଛି । ତଥାପି ଗୋଟିଏ ଦିନରେ ନାମ ପଞ୍ଜୀକରଣ ହୋଇ ପାରୁନାହିଁ । ଏଥିପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ କୁହାଯାଉଛି। ଏଣୁ ଜିଲାରେ କୃଷି ଶ୍ରମିକଙ୍କ ପଞ୍ଜୀକରଣ ବଢ଼ି ପାରୁନାହିଁ । ପୁଣି ସଚେତନତାର ଅଭାବ ଯୋଗୁ ଅନେକ କୃଷି ଶ୍ରମିକ ସେମାନଙ୍କ ନାମ ପଞ୍ଜିକୃତ କରୁ ନାହାନ୍ତି । ଜିଲାରେ ୨୦୨୨ ଜୁଲାଇ ୩୧ ପର୍ଯ୍ୟନ୍ତ ମାତ୍ର ୧୩୮୫ ଜଣ କୃଷି ଶ୍ରମିକ ନାମ ପଞ୍ଜିକରଣ କରିଥିବା ସୂଚନା ମିଳିଛି ।

କୃଷି ପ୍ରଧାନ ଜିଲା ନୟାଗଡ଼ । ତେବେ ବନ୍ୟା, ବାତ୍ୟା ଓ ମରୁଡ଼ି କୃଷି ପାଇଁ ଏଠାରେ ବାଧକ ସାଜିଛି । ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ । ଧିରେ ଧିରେ ଚାଷ ପ୍ରତି ବିତସ୍ପୃହ ହୋଇ କୃଷକମାନେ ଚାଷ ଛାଡି ଅନ୍ୟ ଧନ୍ଦାକୁ ଆପଣେଇବାରେ ଲାଗିଛନ୍ତି। ତଥାପି ବହୁ ଲୋକ ଚାଷ କରୁଛନ୍ତି । ହେଲେ ସେମାନେ ନିଜେ ଜମିରେ କାମ କରି ନ ଥାନ୍ତି । ପାରିଶ୍ରମିକ ନେଇ କୃଷି ଶ୍ରମିକମାନେ ସେହି କାମ କରୁଛନ୍ତି। ମହିଳା କୃଷି ଶ୍ରମିକମାନେ ବି କାମ କରୁଛନ୍ତି । ସରକାର କୃଷି ଶ୍ରମିକଙ୍କୁ ଅଣସଙ୍ଗଠିତ ଶ୍ରମିକର ମାନ୍ୟତା ଦେଇ ସେମାନଙ୍କ ପାଇଁ ପଞ୍ଜୀକରଣ ବ୍ୟବସ୍ଥା କରିଛନ୍ତି । ହେଲେ ମାଗଣାରେ ଫର୍ମ ଓ ପଞ୍ଜୀକରଣ ପାଇଁ ବ୍ୟବସ୍ଥା ନାହିଁ । କେତେଜଣ ଦଲାଲ ଜିଲା ଶ୍ରମ କାର୍ଯ୍ୟାଳୟରେ ଧରାଧରି କରି କୃଷି ଶ୍ରମିକମାନଙ୍କୁ ଲୁଟି ଚାଲିଛନ୍ତି । ଦଲାଲମାନଙ୍କୁ ଜିଲା ଶ୍ରମ କାର୍ଯ୍ୟାଳୟ କର୍ମଚାରୀଙ୍କ ସହଯୋଗ ବି ମିଳୁଛି । ଫଳରେ କୃଷି ଶ୍ରମିକମାନେ ଉପେକ୍ଷିତ ହୋଇ ଚାଲିଛନ୍ତି । ଜିଲା କୃଷି କାର୍ଯ୍ୟାଳୟରେ ମାଗଣାରେ ଫର୍ମ ଦିଆଯାଉ ନ ଥିବାରୁ ଦଲାଲମାନେ ଏହାର ଫାଇଦା ଉଠାଇ ଚାଲିଛନ୍ତି ବୋଲ ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ରାଜ୍ୟରେ ୧ ଲକ୍ଷ ୧୮ ହଜାର ୬୫୯ ଜଣ କୃଷି ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଇଛି । ସେଥିରୁ ନୟାଗଡ଼ ଜିଲାରେ ମାତ୍ର ୧୩୮୫ ଜଣ ଅଛନ୍ତି । ସବୁଠାରୁ ଅଧିକ କେନ୍ଦ୍ରାପଡ଼ା ଜିଲାରେ ୨୫ ହଜାର ୯୯ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିବାବେଳେ ବଲାଙ୍ଗୀର ଜିଲାରେ କୌଣସି କୃଷି ଶ୍ରମିକଙ୍କ ନାମ ପଞ୍ଜୀକରଣ ଆଜି ପର୍ଯ୍ୟନ୍ତ ହୋଇନାହିଁ । ସେହିଭଳି ଝାରସୁଗୁଡ଼ାରେ ୭ଜଣ, ସୁନ୍ଦରଗଡ଼ରେ ୫୪୯, ସମ୍ବଲପୁରରେ ୫୬୯, ମୟୂରଭଞ୍ଜରେ ୬୩୬, ଖୋର୍ଦ୍ଧାରେ ୭୩୧, ଦେଓଗଡ଼ରେ ୮୩୪, ଅନୁଗୋଳରେ ୧୪୩୯, ବାଲେଶ୍ୱରରେ ୩୯୩୮, ଭଦ୍ରକରେ ୪୧୫୧, ବରଗଡ଼ରେ ୨୪୭୮, ବୌଦ୍ଧରେ ୧୦୨୨୩, ଛତ୍ରପୁରରେ ୨୬୧୩, କଟକରେ ୪୦୬୧, ଢେଙ୍କାନାଳରେ ୧୦୯୨, ଗଜପତିରେ ୧୫୪୬, ଗଞ୍ଜାମରେ ୪୯୯୮, ଜଗତସିଂହପୁରରେ ୨୪୭୫, ଯାଜପୁରରେ ୨୯୭୧, କଳାହାଣ୍ଡିରେ ୧୩୩୫, କନ୍ଧମାଳରେ ୨୦୨୭, କେନ୍ଦୁଝରରେ ୨୭୧୭ କୋରାପୁଟରେ ୪୯୨୭, ମାଲାକାନାଗିରିରେ ୭୩୭୧, ନବରଙ୍ଗପୁରରେ ୧୦୯୪୦, ନୂଆପଡ଼ାରେ ୮୧୮୭, ପୁରୀରେ ୧୮୩୭, ରାୟଗଡ଼ାରେ ୩୮୨୭, ସୁବର୍ଣ୍ଣପୁରରେ ୨୫୮୮, ତାଳଚେରରେ ୧୧୦୮ଜଣ କୃଷି ଶ୍ରମିକଙ୍କ ନାମ ପଞ୍ଜୀକୃତ ହୋଇଛି ।

ଏନେଇ ନୂଆଗାଁର ରମାମଣି ମଲ୍ଲିକ କୁହନ୍ତି, ସରକାରୀ ଯୋଜନା ସମ୍ପର୍କରେ ଅନେକ କୃଷି ଶ୍ରମିକ ଜାଣି ନାହାନ୍ତି । ସେମାନଙ୍କୁ ସଚେତନ କରାଯାଉ ନାହିଁ । ଦଶପଲ୍ଲାର ଭମା ସାହୁ କୁହନ୍ତି, ମାଗଣା ପଞ୍ଜୀକରଣ ଓ ଫର୍ମ ଯୋଗାଣ କହି ୧ ହଜାରରୁ ୧୫ଶହ ଟଙ୍କା ଖର୍ଚ୍ଚ ହେଉଛି । ପୁଣି ଗୋଟିଏ ଦିନରେ ପଞ୍ଜୀକରଣ କରାଯାଉନାହିଁ । ସରକାରଙ୍କ କିଛି ସହାୟତା ନାହିଁ । ଓଡ଼ଗାଁର ଉଲ୍ଲାସ ପାତ୍ର କୁହନ୍ତି, ଆମ ଜାତିର ମହିଳାମାନେ କୃଷି ଶ୍ରମିକ ଭାବେ କାମ କରନ୍ତି । ହେଲେ ସେମାନଙ୍କ ନାମ ପଞ୍ଜୀକରଣ ନେଇ କେହି କେବେ କହି ନାହାନ୍ତି । ରଣପୁରର ବୁଢ଼ା ସ୍ୱାଇଁ କୁହନ୍ତି, କୃଷି ଶ୍ରମିକମାନେ କାହିଁକି ପଞ୍ଜୀକରଣ କରୁ ନାହାନ୍ତି ତା'ର ସମୀକ୍ଷା ହେଉନି । ସମୀକ୍ଷା ହେଲେ ସେମାନେ କିପରି ଦଲାଲଙ୍କ ଦ୍ୱାରା ଲୁଟ୍‌ର ଶିକାର ହେଉଛନ୍ତି ତାହା ଜଣାପଡିବ । ଖାଲି ସରକାର ଯୋଜନା କରି ବାହାବା ନେଲେ କୃଷି ଶ୍ରମିକମାନେ ଉପକୃତ ହେବେ ନାହିଁ ବୋଲି ସେ କହିଛନ୍ତି । ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, ମୁଁ ଅଳ୍ପ ଦିନ ହେଲା କାମରେ ଯୋଗ ଦେଇଛି । ନୟାଗଡ଼ରେ କୃଷି ଶ୍ରମିକଙ୍କ ନାମ ପଞ୍ଜୀକରଣ ଭଲ ନାହିଁ । କିପରି ଅଧିକ କୃଷି ଶ୍ରମିକଙ୍କ ନାମ ପଞ୍ଜୀକୃତ ହେବ ସେ ନେଇ ଶ୍ରମ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅତୁଲ



@ ଜିତୁ



@ ମାଣିକ୍ୟ



@ ସୁଚିସ୍ମିତା



@ ସୁସ୍ମିତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଜେଲ୍ ଗଲେ ୫ ଜୁଆଡ଼ି

**ନୟାଗଡ଼ ଅଫିସ,୧୮।୧୦:** ନୟାଗଡ଼ ସଦର ଥାନା ପୋଲିସ ୫ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ସୋମବାର ଯଦୁପୁରର ବୈକୁଣ୍ଠ ସ୍ୱାଇଁ ଓ ସନ୍ତୋଷ କୁମାର ପାତ୍ର, ରାଉତରାପୁର ଗାଁର ପ୍ରଭାକର ଦାଶ, ବୋଦାପଡ଼ାର ମହନ୍ତ ଷଣ୍ଡ ଓ ରଣଜିତ ଭୂୟାଁଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ଡାହୁକା ନଦୀ କୂଳ ବନିସି ତୋଟାରେ ଜୁଆ ଖେଳ ଚାଲୁଥିଲା । ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ପୋଲିସକୁ ଚକ୍‌ମା ଦେଖାଇ ୩ ଜୁଆଡ଼ି ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରୁ ୫ଜଣଙ୍କୁ କାବୁ କରିଥିଲା । ସେମାନଙ୍କଠାରୁ ୭ ହଜାର ଟଙ୍କା, ୪ ବାଇନ୍, ତାସ୍ ଜବତ କରାଯାଇଛି ।

### କାର୍ତ୍ତିକରେ କୋଶଳା ବିଡ଼ା ୨୦ ଟଙ୍କା

**ନୟାଗଡ଼ ଅଫିସ,୧୮।୧୦:** କାର୍ତ୍ତିକ ମାସରେ ପନି ପରିବାର ଦର ଆକାଶ ଛୁଆଁ ହୋଇଛି । ନୟାଗଡ଼ ସହରରେ କୋଶଳା ଶାଗ ବିଡ଼ା ୨୦ ଟଙ୍କାରେ ବିକ୍ରି ହେଉଛି । ପୂର୍ବରୁ ୩ ବିଡ଼ା ଶାଗକୁ ୨୦ ଟଙ୍କାରେ ବିକ୍ରି ହେଉଥିଲା । ଏବେ ନିରାମିଶ ଖାଦ୍ୟ ସହିତ ସୋମବାର ପୂଜାରେ ଶାଗ ଦରକାର ପଡୁଥିବାରୁ ଖାଉଟି ଅଧିକ ଦାମ ଦେଇ କିଣିବାକୁ ବାଧ ହେଉଛନ୍ତି । ବାରମ୍ବାର ବର୍ଷା ଯୋଗୁ ଶାଗ ସହିତ ଅନ୍ୟାନ୍ୟ ପରିବା ଉତ୍ପାଦନ କମିଛି । ବାଇଗଣ, କଖାରୁ, ଝୁଡୁଙ୍ଗ, ସାରୁ, ବିଲାତି, ଫୁଲ କେବି ଓ ମାଟି ଆଳୁ ଦର ବି ଆକାଶ ଛୁଆଁ ହୋଇଛି । କୌଣସି ପରିବାର ଦର ୬୦ଟଙ୍କା ତଳକୁ ନାହିଁ । ଆଗକୁ ବାତ୍ୟା ଆଶଙ୍କା ଥିବାରୁ ପରିବା ଦର ଆହୁରି ବଢ଼ିବ ବୋଲି ବ୍ୟବସାୟୀମାନେ କହିଛନ୍ତି ।

### ବନ୍ଧୁକ ଜବତ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୮।୧୦:** ଅବକାରୀ ଗୋଇନ୍ଦା ପୋଲିସ ପକ୍ଷରୁ ବେଆଇନ ମଦ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ମଙ୍ଗଳବାର କାବୁ କରାଯାଇଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଲୋଚାପଡା ରାମକୃଷ୍ଣ ନଗରର ସାଗର ଗୌଡ଼। ପୋଲିସ ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଜବତ କରିଥିବା ବେଳେ ଏକ ସ୍କୁଟିରୁ ୬୦ଲିଟର ଦେଶୀ ମଦ ଜବତ କରିଛି। ମାମଲା ନମ୍ବର ୭୪୨/୨୨-୨୩ ରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ ହୋଇଥିଲା ବୋଲି ଅବକାରୀ ଡେପୁଟି କମିଶନର ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। ଦିଗପହଣ୍ଡି ଥାନା ଅନ୍ତର୍ଗତ ବିକାଶପୁରରୁ ବେଆଇନ ଭାବେ ଦେଶୀ ମଦ ବ୍ରହ୍ମପୁର ଚାଲାଣ ହେଉଥିବା ନେଇ ଅବକାରୀ ପୋଲିସକୁ ସୂଚନା ମିଳିଥିଲା। ଅବକାରୀ ଏଏସ୍‌ଆଇ ଅନ୍ତର୍ଯ୍ୟାମୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବୁରଗାଁ ଛକରେ ସାଦା ପୋଷାକରେ ଛକି ରହିଥିଲା।

## ଜଳ ଯୋଗାଣ ବନ୍ଦ,ଚାଉପଲ୍ଲୀ ଗ୍ରାମବାସୀ ହନ୍ତସନ୍ତ

ଖଣ୍ଡପଡ଼ା,୧୮।୧୦(ସ୍ୱ.ପ୍ର.)

ଗତ ୪ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ପମ୍ପ ହାଉସରେ ତାଲା ଝୁଲୁଛି । ଫଳରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣି ବାଲ୍‌ଟିଏ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ପମ୍ପ ହାଉସ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀ କହିଛନ୍ତି। ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଉପରୋକ୍ତ ସମସ୍ୟା ସମ୍ପର୍କରେ ଭଲଭାବେ ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ପାନୀୟ ଜଳ ଯୋଗାଣ ବନ୍ଦ ଯୋଗୁ ଗ୍ରାମବାସୀ ବାଧ ହୋଇ ବିଭିନ୍ନ ଜଳଉତ୍ସରୁ ଜଳ ସଂଗ୍ରହ କରି ବ୍ୟବହାର କରୁଛନ୍ତି । ଆସନ୍ତା ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଗ୍ରାମବାସୀଙ୍କୁ ପାଇପ୍‌ରେ ଜଳ ଯୋଗାଣ ନ ହେଲେ ଚାଉପଲ୍ଲୀ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।




ପମ୍ପ ହାଉସରେ ତାଲା ଝୁଲୁଛି ।

## ସଫା କରିବା ଆଳରେ ସୁନା ଅଳଙ୍କାର ଲୁଟ୍

ଓଡ଼ଗାଁ,୧୮।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପାଣ୍ଡେରିପଡ଼ା ପଞ୍ଚାୟତ ଦେଓଗାଁ ଗ୍ରାମର ୩ ପରିବାର ଠକେଇର ଶିକାର ହୋଇଛନ୍ତି। ଏକ କମ୍ପାନୀର ପ୍ରଚାର କରିବାକୁ ଆସିଥିବା ୨ ଯୁବକ ପ୍ରାୟ ୨ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଥିବା ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଛି । ହେଲେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଅପରାଧୀଙ୍କ ପାଖରେ ପହଞ୍ଚି ପାରିନାହିଁ । ସୂଚନା ଅନୁଯାୟୀ, ମଙ୍ଗଳବାର ଦ୍ୱିପ୍ରହରରେ ୨ ଯୁବକ ମାସ୍କପିନ୍ଧି ଦେଓଗାଁକୁ ଆସି ଏକ କମ୍ପାନୀର ଉତ୍ପାଦର ପ୍ରଚାର କରିବା ସହିତ ସୁନା ଅଳଙ୍କାର ସଫା କରି ଦେବାକୁ କହିଥିଲେ। ସେମାନଙ୍କ କଥାରେ ପ୍ରଲୋଭିତ ହୋଇ ଗ୍ରାମର ପ୍ରିୟମ୍ବଦା ନାୟକ ୧ହଳ କାନଫୁଲ ,ଗୋଟିଏ ମଙ୍ଗଳସୂତ୍ର,ଅର୍ପିତା ପ୍ରଧାନ ୧ହଳ କାନ ରିଙ୍ଗ, ମଙ୍ଗଳସୂତ୍ର ଓ ଭଗବାନ ନାୟକ ୧ହଳ କାନଫୁଲ ସଫା କରିବାକୁ ଦେଇଥିଲେ । ହେଲେ ସମ୍ପୃକ୍ତ ଯୁବକ ଦ୍ୱୟ କୌଶଳ କ୍ରମେ ସମସ୍ତ ଅଳଙ୍କାର ନେଇ ସେଠାରୁ ଫେରାର ହୋଇଯାଇଥିଲେ । ସମ୍ପୃକ୍ତ ଯୁବକ ଦ୍ୱୟ ନାଲିରଙ୍ଗର ଡ୍ରେସ୍ ପିନ୍ଧିବା ସହିତ ମାସ୍କ ପିନ୍ଧିଥିଲେ ଏବଂ କଳା ରଙ୍ଗର ବାଇକ୍ ବ୍ୟବହାର କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ବାରମ୍ବାର ଏପରି ଠକେଇ ଘଟଣା ଘଟୁଥିଲେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି ।

## ବାଇକ୍‌ରୁ ପଡ଼ି ମହିଳା ଗୁରୁତର

ଭାପୁର,୧୮।୧୦(ଡି.ଏନ.ଏ.)



ଫତେଗଡ଼ ଥାନା କେନ୍ଦୁପଲ୍ଲୀ ପଞ୍ଚାୟତ ଅଧୀନ କେନ୍ଦୁପଲ୍ଲୀ ଗ୍ରାମର ଗଦାଧର ବେହେରାଙ୍କ ସ୍ତ୍ରୀ ପୂଜା (୩୪) ବାଇକ୍‌ରୁ ପଡି ଆହତ ହୋଇଛନ୍ତି । ଫତେଗଡ଼-କଣ୍ଟିଲୋ ୪୮ନଂ. ରାଜ୍ୟ ରାଜପଥର ଚାରିଛକ ନିକଟ ଝରଣା ପୋଖରୀ ରାସ୍ତାରେ ବିରାଟ ଗାତ ସୃଷ୍ଟି ହୋଇଛି । ସେହି ଗାତରେ ବାଇକ୍ ପଡ଼ିଯିବାରୁ ପଛରେ ବସିଥିବା ପୂଜା ରାସ୍ତାରେ ଛିଟିକି ପଡ଼ିଥିଲେ । ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ଗତ ୨ମାସ ଭିତରେ ସେହି ରାସ୍ତାରେ ୩୦ରୁ ଉର୍ଦ୍ଧ୍ୱ ଛୋଟବଡ଼ ଦୁର୍ଘଟଣା ଘଟିଛି । ସୁନାଖଳା ଗ୍ରାମର ଯୁବକମାନେ ବାଲି ଗୋଡି ପକାଇ ସେହି ଗାତ ପୋତି ଥିଲେ । ହେଲେ ଏବେ ଅନେକ ଛୋଟ ବଡ଼ ଖାଲ ରହିଛି । ପୂଜା ପୁଅ ସହିତ ବାଇକ୍‌ରେ ଏକ ଦଶାହ କାମରେ ଯୋଗଦେବା ପାଇଁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ସୁନାଖଳା ଗ୍ରାମର ଯୁବକମାନେ ତାଙ୍କୁ ପ୍ରଥମେ ଭାପୁର ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଛି ।

## ପୋଲିସ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ ମାମଲା: ଅଭିଯୁକ୍ତଙ୍କୁ ଜେଲ

ବ୍ରହ୍ମପୁର ଅଫିସ,୧୮।୧୦

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ଅନୁପମ ପାତ୍ର ମଙ୍ଗଳବାର ଜନୈକ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡରେ ସେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଜଗତସିଂହପୁର ତିର୍ତ୍ତୋଲ ଥାନା ଅଞ୍ଚଳର ଗଣେଶ ସିଂ। ଏସିଜେଏମ୍ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ ସହ ୨୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୨୧ରେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରର ବସନ୍ତ କୁମାର ଶତପଥୀ ଜଣେ ପୋଲିସ କର୍ମଚାରୀ ଭାବେ କାମ କରୁଥିଲେ। ବସନ୍ତଙ୍କର କିଛିବର୍ଷ ପୂର୍ବେ ଗଣେଶ ସିଂଙ୍କ ସହ ବନ୍ଧୁତା ହୋଇଥିଲା। ୨୦୨୧ ଡିସେମ୍ବର ୧୧ରେ ଗଣେଶ ବ୍ରହ୍ମପୁରରେ ରହୁଥିବା ବସନ୍ତଙ୍କ ଘରକୁ ଆସି ସେଠାରେ ରହୁଥିଲେ। ୧୨ ତାରିଖ ବିଳମ୍ବିତ ରାତିରେ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଗୋଷାଣୀନୂଆଗାଁ ପୋଲିସ ଖବର ପାଇଥିଲା। ଗୁରୁତର ବସନ୍ତଙ୍କୁ ଉଦ୍ଧାର କରି ପ୍ରଥମେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ଏନେଇ ଅଭିଯୋଗ କରିବା ପରେ ପୋଲିସ ନଂ.୧୭୫/୨୧ ରେ ଏକ ମାମଲା ରୁଜୁ କରିଥିଲା। ଆହତ ବସନ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଅଭିଯୁକ୍ତ ଗଣେଶଙ୍କୁ ବ୍ରହ୍ମପୁର ରେଳଷ୍ଟେଶନରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

## ବେଆଇନ ପଥର ବ୍ଲାଷ୍ଟିଂର ପ୍ରତିବାଦ

### ଦଶପଲ୍ଲାରେ ଶୋଭାଯାତ୍ରା, ପ୍ରତିବାଦ ସଭା

ନୟାଗଡ଼ ଅଫିସ/ଦଶପଲ୍ଲା, (ଡି.ଏନ.ଏ.)୧୮।୧୦

ବେଆଇନ ପଥର ବ୍ଲାଷ୍ଟିଂର ପ୍ରତିବାଦରେ ମଙ୍ଗଳବାର ଦଶପଲ୍ଲାରେ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ତହସିଲ ଅଧୀନ ପୋଇବାଡ଼ି ନିକଟରେ ଥିବା ମାଳିକ ପାହାଡ଼ରେ ଲିଜ୍‌ଧାରୀ କମ୍ପାନୀ ପକ୍ଷରୁ ବେଆଇନ ପଥର ବ୍ଲାଷ୍ଟିଂ ଚାଲିଛି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ପୋଇବାଡ଼ି, ନୂଆସାହି ଓ ପଙ୍କଳସାହିର ବାସଗୃହ,ବିଦ୍ୟାଳୟ ଓ ମନ୍ଦିରରେ ଫାଟ ସୃଷ୍ଟି ହୋଇଛି । କୁଅ,ପୋଖରୀର ପାଣି ଉପରେ ପଥର ଗୁଣ୍ଡର ଆସ୍ତରଣ ସୃଷ୍ଟି ହେଉଛି । ଚାଷ ଜମିରେ ପଥର ଛିଟିକି ପଡ଼ି ବ୍ୟାପକ ଫସଲହାନୀ ହେଉଛି। ଏପରି କି ଗୃହପାଳିତ ପଶୁ ଓ ମଣିଷଙ୍କ ଯାତାୟାତ ବେଳେ ପଥର ଖଣ୍ଡ ପଡୁଛି । ଏନେଇ ସ୍ଥାନୀୟ ଲୋକେ ପ୍ରତିବାଦ କରିବା ପରେ ୨ ବର୍ଷ ହେଲା ପଥର ଫଟାଇବା କାମ ବନ୍ଦ ଥିଲା । ଚଳିତ ବର୍ଷ କମ୍ପାନୀର କର୍ମଚାରୀମାନେ ଲୋକଙ୍କୁ ଧମକଚମକ ଦେଇ ବିସ୍ଫୋରକ ବ୍ୟବହାର କରି ବ୍ଲାଷ୍ଟିଂ କରୁଛନ୍ତି। ଏହାର ପ୍ରତିବାଦରେ ମେଳିଆ ତୋଟାଠାରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇଥିଲେ । ସେଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଦଶପଲ୍ଲା ସହର ପରିକ୍ରମା କରି ତହସିଲ ଅଭିମୁଖେ ଯାଇଥିଲା । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ ,ସିପିଏମ୍‌ର ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଭାଜପା ନେତା ରାଘବ ମଲ୍ଲିକ, ଡିଆଇଏଫ୍‌ଆଇର ବିପିନ ବାଜୁ, କଂଗ୍ରେସ ବ୍ଲକ ସଭାପତି ଲୁଲୁ ପରିଡା, ରାଜୁ ମିଶ୍ର, ନାରାୟଣ ସାହୁ ,ପୋଇବାଡ଼ି ଗାମ ସଭାପତି ବ୍ରଜବନ୍ଧୁ ପ୍ରଧାନ, ନୂଆସାହି ଗ୍ରାମ ସଭାପତି ମାଗୁଣି ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ପ୍ରଶାସନକୁ ସମାଲୋଚନା ସହ ତୁରନ୍ତ ବ୍ଲାଷ୍ଟିଂ ବନ୍ଦ କରିବାକୁ ଦାବି କରିଥିଲେ ।




ପ୍ରତିବାଦ ଶୋଭାଯାତ୍ରାରେ ବିଭିନ୍ନ ଦଳର ନେତା ଓ ଗ୍ରାମବାସୀ ।

## ସଂକ୍ଷେପରେ

### ଛୁରା ମାଡ଼ରେ ୨ ଯୁବକ ଗୁରୁତର

**କଳିଙ୍ଗନଗର,୧୮।୧୦(ଡି.ଏନ.ଏ.):** ରାସ୍ତା ସାଇଡ୍ ମରାକୁ ନେଇ ଛୁରାମାଡ଼ ହୋଇଛି। ଏଥିରେ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ମାନପୁର ସିଙ୍ଗାଗାଡ଼ିଆ ଗାଁ ଛକରେ ଉତ୍ତର ପ୍ରଦେଶ ଗୋରଖପୁରର ଲକ୍ଷ୍ମୀକାନ୍ତ ଗୋସ୍ୱାମୀ ନିଶାସକ୍ତ ଅବସ୍ଥାରେ ଆସି ରାସ୍ତା ପଚାରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହେବାରୁ ସେ ସିଙ୍ଗାଗାଡ଼ିଆ ଗାଁର ନାରାୟଣ ମଣ୍ଡଳ(୩୮)ଙ୍କ ବେକରେ ଛୁରି ଭୁସି ଦେଇଥିଲେ। ପାଖରେ ଥିବା ଜଣେ ଯୁବକ ଅଟକାଇ ବାକୁ ଆସିବାରୁ ତାଙ୍କ ପେଟରେ ଆଘାତ ଲାଗିଛି। ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଛୁରି ଭୁସିଥିବା ଯୁବକଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି।

### ବାଲିଚନ୍ଦ୍ରପୁର ବଜାର ଗଜଲକ୍ଷ୍ମୀ ଭସାଣି ଆଜି

**ଚଣ୍ଡିଖୋଲ,୧୮।୧୦(ଡି.ଏନ.ଏ.):** ଯାଜପୁର ଜିଲାର ବାଲିଚନ୍ଦ୍ରପୁରଠାରେ ହେଉଥିବା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ବୁଧବାର ଶେଷ ହେବ। ଏହି ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟି ତରଫରୁ ସ୍ଥିରୀକୃତ ହୋଇଛି। ସକାଳେ ପୂଜା, ନିତିକାନ୍ତି ପରେ ବିସର୍ଜନ କରାଯାଇ ମେଢ଼ଗୁଡ଼ିକୁ ଭସାଣି ପାଇଁ ପ୍ରସ୍ତୁତ କରାଯିବ। ରାତି ୧୦ଟା ସୁଦ୍ଧା ସମସ୍ତ ମେଢ଼ ଭସାଣି ଯାତ୍ରାରେ ଯାଇ ପଟ୍ଟାମୁଣ୍ଡାଇ କେନାଲରେ ବିସର୍ଜନ କରାଯିବ। ଏଥିପାଇଁ ବାଲିଚନ୍ଦ୍ରପୁର ଥାନା ପୋଲିସ ଓ ବିଭିନ୍ନ ପୂଜା କମିଟି ପକ୍ଷରୁ ଆଲୋଚନା କରାଯାଇ ନିଷ୍ପତ୍ତି ନିଆ ଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ସମସ୍ତ ମେଢ଼ ଜାତୀୟ ରାଜପଥ କଡ଼ରୁ ଏକା ସାଥିରେ ସାମିଲ ହୋଇ ଭସାଣି ଉତ୍ସବରେ ଯାତ୍ରା କରିବେ।

### ନଳିତା ବିଡ଼ାକୁ ନେଇ ମାରପିଟ୍ ଘଟଣାରେ ୫ ଗିରଫ

**ଧର୍ମଶାଳା,୧୮।୧୦ (ଡି.ଏନ.ଏ.):** ଧର୍ମଶାଳା ଥାନା ପଟୁଣିଆ ପଞ୍ଚାୟତ ଢିଅନରସିଂହପୁର ଗ୍ରାମରେ ନଳିତା ବିଡ଼ାକୁ ନିଜର ବୋଲି ଦାବିକରି ୨ ପରିବାର ମଧ୍ୟରେ ଗତ ୧୩ ତାରିଖରେ ହୋଇଥିବା ମାରପିଟ ଘଟଣାରେ ପୋଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋଟିଏ ଗୋଷ୍ଠୀର ବିନୋଦ ଦଲେଇଙ୍କ ପୁଅ ବାଇଧର ଦଲେଇ(୨୩), ବୁଦ୍ଧିଆ ଦଲେଇ (୨୫), ମାନଗୋବିନ୍ଦ ଦଲେଇଙ୍କ ପୁଅ ମିଥୁନ ଦଲେଇ(୨୮) ଓ ଚନ୍ଦନ ଦଲେଇ(୨୧) ଏବଂ ଅନ୍ୟ ଏକ ଗୋଷ୍ଠୀର ଚଇନ ଦଲେଇଙ୍କ ପୁଅ ସାଗର ଦଲେଇ(୨୧)। ସୂଚନା ମୁତାବକ, ନଳିତା ବିଡ଼ାକୁ ନେଇ ହୋଇଥିବା ମାରପିଟରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଥିବା ବେଳେ ଅନ୍ୟ ଏକ ପରିବାରର ଜଣେ ଆହତ ହୋଇଥିଲେ। ଏନେଇ ଚଇନଙ୍କ ସ୍ତ୍ରୀ ଲକ୍ଷ୍ମୀ ଦଲେଇ ଓ ପ୍ରତିପକ୍ଷ ଗୋଷ୍ଠୀର ବିନୋଦ ଦଲେଇ ଉଭୟ ପରିବାରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପେଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା କୋଠପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି।

# ଆରମ୍ଭ ହେଉନି ଉନ୍ନତୀକରଣ କାର୍ଯ୍ୟ

**ବରୀ,୧୫।୧୦ (ଡି.ଏନ.ଏ.)**

**ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଗୀ
- ସ୍ୱର ଉତ୍ତୋଳନ କରୁନାହାନ୍ତି ରାଜନେତା

ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବା ସହ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଯାଜପୁର ଜିଲାର ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର ଦେଖିଲେ ଲାଗୁଛି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ରାଜନେତା ଏହାର ଉନ୍ନତୀକରଣ ନିମନ୍ତେ ଆଖି ବୁଜି ଦେଇଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଅଭିମନ୍ୟୁ ବାଲିଆ, ରତ୍ନଗିରି, କୃଷ୍ଣନଗର, କଳାମାଟିଆ ଓ ଅଙ୍ଗାଲୋ ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିଛି। ଏହାବାଦ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବରୀ ବ୍ଲକ୍‌ର ଲକ୍ଷାଧିକ ଲୋକ ନିର୍ଭର କରିଥାନ୍ତି। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଛି। ଏହାର ବିନିଯୋଗ ନିମନ୍ତେ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ବିଭାଗ ତରଫରୁ ଟେଣ୍ଡର କରାଯିବା ପରେ ଠିକାଦାର ଚିକିତ୍ସାକେନ୍ଦ୍ରର ବହିର୍ବିଭାଗ ସମେତ ଅନ୍ୟ ଗୃହଗୁଡିକୁ ଭାଙ୍ଗି ଦେଇଛନ୍ତି। ହେଲେ କାର୍ଯ୍ୟ ଶେଷର ଅବଧି ସରିବା ପରେ


ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ବି କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ଫଳରେ ଡାକ୍ତରମାନେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପକ୍ଷରେ ବରୀ ଭଳି ଏକ ବନ୍ୟା ବାତ୍ୟା ପ୍ରପିଡ଼ିତ ଅଞ୍ଚଳରେ ଚିକିତ୍ସା କେନ୍ଦ୍ରର ଉନ୍ନତିକରଣ ନିମନ୍ତେ ଆସିଥିବା ଅର୍ଥ ବିନିଯୋଗ ନ ହେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମାତ୍ର ରାଜନୈତିକଦଳଗୁଡ଼ିକ ଏ ଦିଗରେ ଚୁପ୍ ରହିଛନ୍ତି। ଫଳରେ ଏଠାକାର ଭିତ୍ତିଭୂମି ସଜାଡ଼ିବାକୁ ବିଭିନ୍ନ ଦଳର ରାଜନେତା ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଉଥିବା ବେଳେ ତାହା ଧର୍ମକୁ ଆଖିଠାର ସଦୃଶ ବୋଲି ପ୍ରମାଣିତ ହୋଇଛି। ଏତଦ୍‌ବ୍ୟତୀତ ଅନ୍ତର୍ବିଭାଗରେ ପଞ୍ଜୀକୃତ ହେଉଥିବା ରୋଗୀଙ୍କୁ ଶୁଖିଲା ଖାଦ୍ୟ ଦିଆଯିବାର ନିୟମ ରହିଛି। କିନ୍ତୁ ଏଠାରେ ତାହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ରୋଗୀଙ୍କ ସହ ଆସୁଥିବା ସହାୟକମାନେ ପାନୀୟ ଜଳ ଟୋପାଏ ପାଉନଥିବା ଅଭିଯୋଗ ହୋଇଆସୁଛି। ନିରାମୟରେ ଔଷଧ ଗଚ୍ଛିତ ଥିବା ବେଳେ କେତେଜଣ ଅସାମାଜିକ ବ୍ୟକ୍ତି ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଡ୍ଡା ଜମାଇ ଡାକ୍ତରଙ୍କୁ ନିର୍ଦ୍ଦିଷ୍ଟ କମ୍ପାନୀର ଔଷଧ ଲେଖିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି। ସେହିପରି ଆସାମାଜିକ ବ୍ୟକ୍ତିଙ୍କ ପ୍ରରୋଚନାରେ ଦାୟିତ୍ୱରେ ଥିବା କିଛି ଅସ୍ଥାୟୀ କର୍ମଚାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଉପରୁ ରୋଗୀଙ୍କ ଭରଷା ତୁଟୁଛି। କେବଳ ସତିକି ନୁହେଁ ବିଭିନ୍ନ କାରଣରୁ ରୋଗୀ ଏଠାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବ୍ୟସାଚୀ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ବହିର୍ବିଭାଗ ଭଙ୍ଗା ଯାଇଥିବାରୁ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇରେ ଅସୁବିଧା ହେଉଛି। ଏହାର ଶୀଘ୍ର ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। କାର୍ଯ୍ୟ ଆରମ୍ଭ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।


ବଡ଼ଚଣାସ୍ଥିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅଙ୍ଗନୱାଡି କର୍ମୀମାନେ ଧାରଣାରେ ବସିଛନ୍ତି।

## ସିଡିପିଓ ଅଫିସ ଆଗରେ ଧାରଣା ଦେଲେ କର୍ମୀ

**ଚଣ୍ଡିଖୋଲ,୧୮।୧୦(ଡି.ଏନ.ଏ.)**

**ଅଙ୍ଗନୱାଡି କେନ୍ଦ୍ରର ଗ୍ୟାସ୍ କିଣାକୁ ନେଇ ବିବାଦ**

ଅଙ୍ଗନୱାଡି କେନ୍ଦ୍ରର ଗ୍ୟାସ୍ କିଣାକୁ ନେଇ ବିବାଦ ଦେଖାଦେଇଛି। ଫଳରେ ବଡ଼ଚଣାସ୍ଥିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅଙ୍ଗନୱାଡି କର୍ମୀମାନେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଯେ, ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଗତ ୧୦ ତାରିଖ ସୁଦ୍ଧା ରୋଷେଇ ନିମନ୍ତେ ଗ୍ୟାସ ସିଲିଣ୍ଡର ଓ ଚୁଲା କିଣିବାକୁ ୭ହଜାର ୫ଶହ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଆସିଥିଲା। ମାତ୍ର ସିଡିପିଓ କର୍ମୀଙ୍କୁ ଏକ ନିର୍ଦ୍ଦିଷ୍ଟ ଏଜେନ୍ସି ନିକଟରୁ ଗ୍ୟାସ କିଣିବାକୁ ଚିଠି ଲେଖି ଜଣାଇଛନ୍ତି। ମାତ୍ର ସେମାନେ ନିକଟସ୍ଥ ଗ୍ୟାସ ଏଜେନ୍ସିରୁ ଗ୍ୟାସ କିଣିବା ପରେ ସିଡିପିଓ ସେମାନଙ୍କୁ ତାଗିଦ କରିଛନ୍ତି।

ଏଠାରେ ମିଶନ ଶକ୍ତିର ସଭାନେତ୍ରୀ ହସ୍ତକ୍ଷେପ କରିବା ଓ ଗ୍ୟାସ କିଣା ପାଇଁ ସିଡିପିଓ ଚାପ ପ୍ରୟୋଗ କରିବା ନିୟମ ବହିର୍ଭୁତ। ତେବେ ଧାରଣା ଚାଲିଥିଲେ ମଧ୍ୟ ସିଡିପିଓ ସେଠାକୁ ଆସି ନ ଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ମିଟିଂ ରହିଥିବା କହି ମିଶନ ଶକ୍ତି ସଭାନେତ୍ରୀଙ୍କୁ ପଠାଇଥିଲେ। ସଭାନେତ୍ରୀଙ୍କୁ ଅଙ୍ଗନୱାଡ଼ି କର୍ମୀମାନେ ତୁମେ କିଏ ଯେ, ତୁମ ସହିତ ଆଲୋଚନା କରିବୁ କହି କୌଣସି କଥା ଶୁଣି ନ ଥିଲେ। ଶେଷରେ ସିଡିପିଓ ଭଗବତୀ ଗୁରୁ ଆସି ପ୍ରତିଶ୍ରୁତି ଦେଇଥିଲେ କି ଜିଲା ଶିଶୁ ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥଲା। ପୂର୍ବରୁ ସିଡିପିଓ ପିଲାଙ୍କ ପୋଷାକ କିଣା ଓ ଖେଳନା କ୍ରୟରେ ମିଶନ ଶକ୍ତିର ହସ୍ତକ୍ଷେପ ନେଇ ଅଙ୍ଗନୱାଡ଼ି କର୍ମୀମାନେ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ସିଡିପିଓ ଗୁରୁଙ୍କୁ ପଚାରିବାରୁ ସେ କହିଛନ୍ତି, ଧାରଣା ସମ୍ପର୍କରେ ମୁଁ ଜାଣିନାହିଁ। କୌଣସି ମିଶନ ଶକ୍ତିର କର୍ମକର୍ତ୍ତାଙ୍କୁ ସେଠାକୁ ପଠାଇ ନାହିଁ।

## ଜାରକା ଅଞ୍ଚଳରୁ ଟିପ୍ପର ଚୋରି ଘଟଣାରେ ୫ ଅଟକ

**ଧର୍ମଶାଳା,୧୮।୧୦(ଡି.ଏନ.ଏ.)**

ଏକ ଟିପ୍ପର ନଂ.ଓଆର-୦୯-ଡି-୯୪୭୬ ଚୋରି ଘଟଣାରେ ପୋଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗତ ମାସ ୨୭ ତାରିଖ ରାତିରେ ଧର୍ମଶାଳା ଥାନା ଜାରକା ଫାଣ୍ଡି ନିକଟସ୍ଥ ଜଳଧର ସାହୁଙ୍କ ଘର ଆଗରେ ଥିବା ତାଙ୍କ ଟିପ୍ପର ଗାଡ଼ି ଚୋରି ହୋଇଥିଲା। ଡ୍ରାଇଭର ଗାଡ଼ି ଆଣି ସାହୁଙ୍କ ଘର ନିକଟରେ ରଖି ଘରକୁ ଯାଇଥିଲେ। ମାତ୍ର ସକାଳୁ ଏହି ଗାଡିଟି ସେଠାରେ ନ ଥିବା ମାଲିକ ଜାଣିବା ପରେ ସିସିଟିଭି ଯାଞ୍ଚ କରିଥିଲେ। ସିସିଟିଭି ଫୁଟେଜରେ ରାତି ସାଢ଼େ ୩ଟାରେ ୨ଜଣ ଦୁର୍ବୃତ୍ତ ଗାଡି ଡୋର ଭାଙ୍ଗି ଚୋରି କରି ନେଉଥିବା ଜଣାପଡିଥିଲା। ଏନେଇ ଗାଡିମାଲିକ ଥାନାରେ ଅଭିଯୋଗ କରିଥିଲେ। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ ଅଧିକ ତଥ୍ୟ ଦେବାକୁ ମନା କରିଦେଇଛି।

## ଯୁବକଙ୍କ ମୃତଦେହ ଜବତ

**କେନ୍ଦୁଝର,୧୮।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦୈତାରୀ ଥାନା ରେମାଳ ଡ୍ୟାମରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଯାଜପୁର ଜିଲା ସୁକିନ୍ଦା ଥାନା ଦଳକି ଗ୍ରାମର କୃପାସିନ୍ଧୁ ମହାନ୍ତ ବୋଲି ଜଣାପଡ଼ିଛି। ସେ ସୋମବାର ମାଛ ଆଣିବାକୁ କହି ବାଇକ୍‌ରେ ଘରୁ ଆସିଥିଲେ। ଫେରିବାରେ ବିଳମ୍ବ ହେବାରୁ ଘରଲୋକ ଖୋଜାଖୋଜି କରିଥିଲେ। ତାଙ୍କର ପତା ପାଇ ନ ଥିଲେ। ପରେ ସୁକିନ୍ଦା ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ଦୈତାରୀ ଥାନା ଅଧୀନ ରେମାଳ ଡ୍ୟାମରେ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ପୋଲିସ ଅଗ୍ନିସେବା ବାହିନୀ ସହାୟତାରେ ଡ୍ୟାମରୁ ମୃତଦେହ ଜବତ କରିଥିଲା।

## ବନ୍ଦୋବସ୍ତ କାର୍ଯ୍ୟାଳୟ ଶାଖା ଖୋଲିବାକୁ ଦାବି

**କଳିଙ୍ଗନଗର,୧୮।୧୦ (ଡି.ଏନ୍.ଏ.)**

କଳିଙ୍ଗନଗର ଅଞ୍ଚଳରେ ଥିବା ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚ ତରଫରୁ ଜିଲାପାଳଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ମଞ୍ଚର ପୂର୍ବ ପ୍ରସ୍ତାବ ଅନୁଯାୟୀ ୨୯ ମୌଜା ଅଞ୍ଚଳରେ ଜମି ବନ୍ଦୋବସ୍ତ ଆରମ୍ଭ ଓ କଳିଙ୍ଗ ନଗର ଅଞ୍ଚଳରେ ବନ୍ଦୋବସ୍ତ କମିଶନରଙ୍କ ଶାଖା କାର୍ଯ୍ୟାଳୟ ତୁରନ୍ତ ଖୋଲିବାକୁ ଦାବି ଉପସ୍ଥାପନ କରାଯାଇଥିଲା। ଜିଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତରେ କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର ଓ କଳିଙ୍ଗ ନଗର ସହକାରୀ ଆରକ୍ଷୀ ଅଧୀକାରୀ ଓ ଦାନଗଦି ତହସିଲଦାର ଆଜିର ଶୁଣାଣୀ ଶିବିରରେ ଉପସ୍ଥିତ ଦାବିପତ୍ର ଗ୍ରହଣ କରିଥିଲେ। ଆସନ୍ତା ନଭେମ୍ବର ଓ ଡିସେମ୍ବର ମାସରେ ବନ୍ଦୋବସ୍ତ ଶିବିର ଉଭୟ ଦାନଗଦୀ ଓ ସୁକିନ୍ଦା ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ କାର୍ଯ୍ୟାରମ୍ଭ ହେବ ବୋଲି ମଞ୍ଚର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ମିଳିଥିଲା। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ସମ୍ପାଦକ ଗୁଣବନ୍ତ ମହାନ୍ତ,କାର୍ଯ୍ୟକାରୀ ସଭାନେତ୍ରୀ ସ୍ୱର୍ଣ୍ଣଲତା ବାନାରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଓଏମ୍‌ସି ପକ୍ଷରୁ କୁପୋଷଣମୁକ୍ତ ଅଭିଯାନ

**କାଳିଆପାଣି,୧୮।୧୦(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ କୁପୋଷଣମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଓଏମ୍‌ସି ପାରିପାର୍ଶ୍ୱିକ ପ୍ରତିବଦ୍ଧତା ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ ନଗଡ଼ାରୁ କୁପୋଷଣ ଦୂର କରିବା ପାଇଁ ଏହି ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଉପର ନଗଡ଼ାରେ ଏନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଖଣି ନିଗମର ପାରିପାର୍ଶ୍ୱିକ କାର୍ଯ୍ୟ ତଦାରଖ କରୁଥିବା ମଧୁସ୍ମିତା ଦାସଙ୍କ ନେତୃତ୍ୱରେ ସହ କର୍ମୀ ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମୁଖ୍ୟଅତିଥି ଓ ଖଣି ନିଗମ ମୁଖ୍ୟ ଡାକ୍ତରଖାନାର ଡା. ବିଶ୍ୱରଞ୍ଜନ ପଟ୍ଟନାୟକ, ୩୭ ନମ୍ବର ଜିଲା ପରିଷଦ ସଭ୍ୟା ଜେମା ଟାଣ୍ଡି, ସୁକିନ୍ଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଟିଙ୍ଗୁଡିପାଳ ସରପଞ୍ଚ, ସମିତିସ୍ୟଙ୍କ ସହ ଖବରଦାତା ରବିନାରାୟଣ କର, ଅସିତ ମହାନ୍ତ ଓ ଦୟାନିଧି ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ପଟ୍ଟନାୟକ କୁପୋଷଣର କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନ କରାଇଥିଲେ। କିପରି ଆଗାମୀ ଦିନରେ ନଗଡ଼ା ସମ୍ପୂର୍ଣ୍ଣ କୁପୋଷଣ ମୁକ୍ତ ହୋଇପାରିବ ସେ ନେଇ ଖଣି ନିଗମ ସଚେତନତା ଜାରି ରଖିବା ସହ ପୁଷ୍ଟିକର ଖାଦ୍ୟ ଯୋଗାଇବ ବୋଲି ଦାସ ପ୍ରତିଶ୍ରୁତି ଦେଇଥିଲେ। ପାଲା ପରିବେଷଣ ଦ୍ୱାରା କୁପୋଷଣ ମୁକ୍ତ ସଚେତନତା ଓ ପୁଷ୍ଟିକର ଖାଦ୍ୟ ସମ୍ବନ୍ଧରେ ଲୋକଙ୍କୁ ଉପଦେଶ ଦିଆଯାଇଥିଲା। ଆଗାମୀ ଦିନରେ ନଗଡ଼ାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ଖଣି ନିଗମ ପକ୍ଷରୁ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩ ନଗଡ଼ା ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ।

## ଅନ୍ଧାରି ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ପଞ୍ଚାୟତବାସୀ।

**କୋରେଇ,୧୮।୧୦(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତରେ ମଙ୍ଗଳବାର ସଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟଙ୍କ ଆୟୋଜନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କାଚରାସାହି ସରପଞ୍ଚ ଗୌରୀଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ ରଞ୍ଜନ କୁମାର ପରିଡା, ସମ୍ମାନିତ ଅତିଥି ୧ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା ସସ୍ମିତା ତରାଇ, ଗ୍ରାମୀଣ ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସୁଧାକର ପଣ୍ଡା, ତଳଗଡ଼ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସ, କନ୍ତୋର ସରପଞ୍ଚ ସାରଙ୍ଗ ଧର ପ୍ରଧାନ ଓ ପଛିକୋଟ ସରପଞ୍ଚ ପ୍ରତିନିଧି ଦିଲୀପ କୁମାର ସାଇଁ ପ୍ରମୁଖ ଯୋଗ ଦେଇଥିଲେ। ପରିବେଶର ସୁରକ୍ଷା ପ୍ରତି ଦାୟିତ୍ୱବାନ ହେବାକୁ ବିଡିଓ ପରିଡା ବକ୍ତବ୍ୟ ରଖିଥିଲେ। ଜିଆର୍‌ଏସ୍ ଓ ଆରଡବ୍ଲ୍ୟୁଏସଏସର କର୍ମଚାରୀ ଉପସ୍ଥିତ ଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଗଣେଶ୍ୱର ଦାସ, ଅଜୟ କୁମାର ସ୍ୱାଇଁ, ବିଚିତ୍ର ରାଉତ, ତାପସ କୁମାର ଦାଶ, ଅଜୟ ମଲ୍ଲିକ, ଲିଟୁନ ପଣ୍ଡା, ଜତିଶ ମଲ୍ଲିକ ଓ ଶେଷଦେବ ଆଚାର୍ଯ୍ୟ ପ୍ରମୁଖ ସ୍ଥାନୀୟ ଅଧିବାସୀ ସଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ରଗଡି ବଜାର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀବତ୍ସ ରାଉତ ଧନ୍ୟବାଦ ଦେଇଥିଲେ।

## ମନ ଜିଣୁଛି ଗଛ ଦୀପ, ରାଜସ୍ଥାନୀ କଣ୍ଢେଇ

**ରସୁଲପୁର,୧୮।୧୦(ଡି.ଏନ.ଏ.)**

**ଏକାମ୍ରହାଟ ହସ୍ତଶିଳ୍ପ ମେଳା**

ଭୁବନେଶ୍ୱରସ୍ଥିତ ଏକାମ୍ରହାଟରେ ଆରମ୍ଭ ହୋଇଥିବା ହସ୍ତଶିଳ୍ପ ମେଳାରେ ବିଭିନ୍ନ ହସ୍ତକଳାର ସାମଗ୍ରୀ ଶୋଭାପାଉଛି। ସେଗୁଡ଼ିକ ମଧ୍ୟରେ ଟେରାକୋଟା ସାମଗ୍ରୀର ଚାହିଦା ବିଶେଷ ରହିଛି। ଦୀପାବଳି ଉତ୍ସବକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବାରୁ ଟେରାକୋଟାର ଦୀପ ସାମଗ୍ରୀ ଗ୍ରାହକଙ୍କୁ ବିଶେଷ ଆକର୍ଷିତ କରିପାରିଛି। ସେଥିମଧ୍ୟରେ ଯାଜପୁର ଜିଲା ରସୁଲପୁର ବ୍ଲକ ଇଚ୍ଛାପୁର ଗ୍ରାମର ଜୟଜଗନ୍ନାଥ ଟେରାକୋଟା ସଂଘର କାରିଗର ଶ୍ୟାମସୁନ୍ଦର ରଣାଙ୍କ ଗଛ ଦୀପ, ରାଜସ୍ଥାନୀ କଣ୍ଢେଇ, ଝୁଲା କୁଣ୍ଡ, ମାଟି କୁଡ଼ିଆ ଓ ବିଭିନ୍ନ ରଂଗ ବେରଙ୍ଗର ଦୀପ ସାମଗ୍ରୀ ଗ୍ରାହକଙ୍କ ମନ ଜିଣିପାରୁଛି। ଏହି ସାମଗ୍ରୀକୁ ନେଇ ହସ୍ତଶିଳ୍ପ କାରିଗର ଶ୍ୟାମସୁନ୍ଦର ବେଶ ଉତ୍ସାହିତ ଥିବାବେଳେ ଭଲ ବ୍ୟବସାୟକୁ ନେଇ ମଧ୍ୟ ଆଶାବାଦୀ ଅଛନ୍ତି। ସେ ପ୍ରତ୍ୟେକବର୍ଷ ଗ୍ରାହକଙ୍କୁ ମେଳା ଓ ଯାତ୍ରା ଜରିଆରେ ନୂଆ କିସମର ସାମଗ୍ରୀ ଭେଟି ଦେବାକୁ ପ୍ରୟାସ କରିଆସୁଛନ୍ତି। ଉନ୍ନତ କାରବାର ପାଇଁ ଏହାଏକ ମାଧ୍ୟମ। ମାନ୍ୟତା ମିଳିପାରିଲେ ସେ କଳାକୃତିରେ ଆହୁରି ଭଲ ପ୍ରଦର୍ଶନ କରିପାରନ୍ତେ ବୋଲି ପ୍ରକାଶ କରିଛନ୍ତି।


ମେଳାରେ ବିକ୍ରି ହେଉଥିବା ବିଭିନ୍ନ ହସ୍ତକଳା ସାମଗ୍ରୀ।

ଚଳିତ ମାସ ୧୫ରୁଠାରୁ ହସ୍ତଶିଳ୍ପ ମେଳା ଆରମ୍ଭ ହୋଇଛି। ଏହା ୭ଦିନ ବ୍ୟାପୀ ଚାଲିବ। ମେଳାରେ ଶ୍ୟାମସୁନ୍ଦର ପ୍ରାୟତଃ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ସ୍ଥାନ ଦେଇଛନ୍ତି। ଷ୍ଟଲ୍‌କୁ ପରିଚାଳନା ପାଇଁ ୩ଜଣ ସହଯୋଗୀଙ୍କୁ ନିୟୋଜିତ କରିଛନ୍ତି। ମେଳାରେ ଛୁଟି ଦିନରେ ପ୍ରବଳ ଭିଡ଼ ଜମୁଛି। ଏହି ସୁଯୋଗରେ ଭଲ ବ୍ୟବସାୟ ହେଉଛି ମଧ୍ୟ। ଏହାକୁ ନେଇ କାରିଗରମାନେ ବିଶେଷ ଉତ୍ସାହିତ ଅଛନ୍ତି। ପ୍ରଦର୍ଶନୀ ଶେଷରେ ଆୟୋଜଙ୍କ ପକ୍ଷରୁ ପ୍ରତ୍ୟେକ କାରିଗରଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ମେଳାରେ ରାଜ୍ୟର ୩୦ଟି ଜିଲାରୁ ୨୨୦ଟି ଷ୍ଟଲ ସ୍ଥାନ ପାଇଥିବା ବେଳେ ଯାଜପୁର ଜିଲାରୁ ୧୨ଟି ଷ୍ଟଲ୍ ସ୍ଥାନ ପାଇଛି। ମେଳାରେ ଟେରାକୋଟା ସାମଗ୍ରୀ ସମେତ ବାଉଁଶ, କାଠ, କାଇଁଚ, ପିକୋ, ପଟ୍ଟଚିତ୍ର, ଚାନ୍ଦୁଆ, ଯାତ୍ରା ପୋଷାକ ଭଳି ବିଭିନ୍ନ ହାତତିଆରି ସାମଗ୍ରୀ ସ୍ଥାନ ପାଉଛି। ଗ୍ରାହକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ସାମଗ୍ରୀ ଗଢ଼ି ପାରିଲେ ବଜାର ଚାହିଦା ଭଲ ରହିବ। ସେ ତାଙ୍କର କାରିଗରୀ କଳାକୌଶଳକୁ ଅଧିକ ପ୍ରସାରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କୁ ମାଷ୍ଟର ଟ୍ରେନର(ଏମ୍‌ସିଏ)ର

## କୋର୍ଟ ନିର୍ଦ୍ଦେଶ ମାନୁନାହାନ୍ତି ପୋଲିସ ଅଧିକାରୀ

**ଯାଜପୁର ଅଫିସ/ଚଣ୍ଡିଖୋଲ/କୋରେଇ (ଡି.ଏନ.ଏ/ସ୍ୱ.ପ୍ର.),୧୮।୧୦**

- ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ ହେଲାନାହିଁ
- ନିର୍ଯାତନା ଅଭିଯୋଗକୁ ଚାବି ଦେବାକୁ ଉଦ୍ୟମ

ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ କରୁନାହାନ୍ତି ପୋଲିସ ଅଧିକାରୀ। ଟ୍ରାଫିକ ଥାନା ଆଇଆଇସି ହୃଦାନନ୍ଦ ବେହେରାଙ୍କ ନାମରେ ଏକ ଅପରାଧିକ ମାମଲାରେ ଜାମିନ ବିହୀନ ଗିରଫ ପରୱାନାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ସେହିପରି କୋରେଇ ଥାନାଧିକାରୀଙ୍କ ନାମରେ ହୋଇଥିବା ନିର୍ଯାତନା ଅଭିଯୋଗ ମଧ୍ୟ ଫାଇଲ ତଳେ ଚାପି ହୋଇ ରହିଛି। ସାଧାରଣ ଲୋକଙ୍କ ନାମରେ ମାମଲା ହେଲେ ପୋଲିସ ତୁରନ୍ତ ଗିରଫ କରୁଥିବାବେଳେ ପୋଲିସ ଅଧିକାରୀଙ୍କ ପାଇଁ ଆଇନ ମୂଲ୍ୟହୀନ ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଚଣ୍ଡିଖୋଲର ଆଇନଜୀବୀ ଉଦୟନାଥ ସାହୁଙ୍କ କାର ଉପରେ ମୋଟା ଅଙ୍କର ଚାଲାଣ କାଟିବାର ଭୟ ଦେଖାଇ ତାଙ୍କୁ ୨୦୨୧ ଅକ୍ଟୋବରରେ ଦଶହରା ଖର୍ଚ୍ଚ ପାଇଁ ବଟି ମାଗିବା ଅଭିଯୋଗ ହୋଇଥିଲା। ସେ ପ୍ରତିବାଦ କରିବାରୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କୁ ଆର୍ଥିକ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଚକ୍ରାନ୍ତପୂର୍ଣ୍ଣ ଭାବେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ଆରୋପ ଲଗାଇ ୨ହଜାର ଟଙ୍କାର ଅନ୍‌ଲାଇନ ଚାଲାଣ ନିଆଯାଇଥିଲା। ଏହି ଘଟଣାକୁ ନେଇ ଚଣ୍ଡିଖୋଲ ଟ୍ରାଫିକ ଥାନା ଆଇଆଇସି ହୃଦାନନ୍ଦ ବେହେରାଙ୍କ ନାମରେ ଆଇନଜୀବୀ ସାହୁ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ଏକ ଅଭିଯୋଗ ଫର୍ଦ୍ଦ ମାମଲା ଆଇସିସି ନଂ. ୨୪୭/୨୦୨୧ ରୁଜୁ କରିଥିଲେ। ତାହା ଉପରେ ଆଇଆଇସି ବେହେରା ଏବଂ ତାଙ୍କ ୨ ସହଯୋଗୀ କନ୍‌ଷ୍ଟେବଲଙ୍କ ବିରୋଧରେ କୋର୍ଟ ଆଇପିସିର ଧର୍ତ୍ତବ୍ୟ ଅପରାଧ ଧାରା ୩୮୫/୨୯୪/୨୧୧/୪୧୮/୪୬୯/ ୩୪ରେ ଏକ ବିଚାରଯୋଗ୍ୟ ମାମଲା ରୁଜୁ ହୋଇଥିଲା। ଏହାପରେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଟ୍ରାଫିକ ଆଇଆଇସିଙ୍କୁ ସମନ ଜାରି କରିଥିଲେ। କିନ୍ତୁ କୋର୍ଟରେ ହାଜର ନ ହୋଇ ସେ ଜଣେ କର୍ତ୍ତବ୍ୟରତ ଲୋକସେବା ଅଧିକାରୀ ହୋଇଥିବାରୁ ବ୍ୟକ୍ତିଗତ ହାଜରରୁ ତାଙ୍କୁ ରିହାତି ଦେବା ପାଇଁ ସିଆରପିସିର ଧାରା ୨୦୫ ଆଧାରରେ ତାଙ୍କ ଦ୍ୱାରା ନିଯୁକ୍ତ ଓକିଲଙ୍କ ମାଧ୍ୟମରେ ଏକ ଦରଖାସ୍ତ କରିଥିଲେ। ତେବେ ଜେଏମ୍‌ଏଫ୍‌ସି ସେହି ଦରଖାସ୍ତକୁ ଖାରଜ କରିଦେବା ସହ କୋର୍ଟରେ ଆସି ବ୍ୟକ୍ତିଗତ ଭାବେ ହାଜର ହେବାକୁ ଆଦେଶ ଦେଇଥିଲେ। ଏହି କାରଣରୁ ବେହେରାଙ୍କ ଅତିରିକ୍ତ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଥିଲାବେଳେ ଗତ ଡିସେମ୍ବର ୩୧ରେ ବସିଥିବା ପୋଲିସ ବୋର୍ଡ ତାଙ୍କ ନାମକୁ ପଦୋନ୍ନତି ତାଲିକାରୁ ବାଦ ଦେଇଥିଲେ ବୋଲି ସୂଚନା ମିଳିଛି। ଏହାପରେ ବି ସେ କୋର୍ଟଙ୍କ ଆଦେଶକୁ ଅବଜ୍ଞା କରି ନିର୍ଦ୍ଧାରିତ ତାରିଖରେ କୋର୍ଟରେ ଆଉ ହାଜର ହେଲେ ନାହିଁ। କୋର୍ଟ ଆଦେଶକୁ ଅବଜ୍ଞା କରିବା ଯୋଗୁ ଗତ ମାର୍ଚ୍ଚ ୮ରେ କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରାୱାନା ଜାରି କରି ତାହା ବଳରେ ମାର୍ଚ୍ଚ ୨୯ମଧ୍ୟରେ ତାଙ୍କୁ ଗିରଫ କରିବାକୁ ବଡ଼ଚଣା ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଡ଼ଚଣା ପୋଲିସ ନିର୍ଦ୍ଧାରିତ ତାରିଖ ମଧ୍ୟରେ ସେହି ଏନବିଡ଼ବ୍ଲ୍ୟୁକୁ କାର୍ଯ୍ୟକାରୀ ନ କରିବା କାରଣରୁ ପୁନଶ୍ଚ କୋର୍ଟ ଏକ ରିମାଣ୍ଡର ଦେଇ ଗତ ଜୁନ ୨୦ ମଧ୍ୟରେ ପୂର୍ବରୁ ଜାରି ହୋଇଥିବା ଏନବିଡ଼ବ୍ଲ୍ୟୁକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ସେ ତାହାକୁ ଭ୍ରୂକ୍ଷେପ କଲେ ନାହିଁ। ତେବେ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି ଗତ ଅଗଷ୍ଟ ୧୬ରେ ତାହା ଉପରେ ବଡ଼ଚଣା ଆଇଆଇସିଙ୍କୁ ପୁଣି ଦ୍ୱିତୀୟ ବାର ଏକ ରିମାଣ୍ଡର ଦେଇ ଆସନ୍ତା ଡିସେମ୍ବର ୧୨ତାରିଖ ମଧ୍ୟରେ ସେହି ଜାମିନ ବିହୀନ ଗିରଫ ପରୱାନାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଟ୍ରାଫିକ ଥାନାଧିକାରୀ ହୃଦାନନ୍ଦ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଉକ୍ତ ମାମଲା ବିରୋଧରେ ସେ ହାଇକୋର୍ଟରେ ଆଶ୍ରୟ ନେଇଛନ୍ତି।

ଅନ୍ୟପକ୍ଷେ କୋରେଇ ଥାନାଧିକାରୀ ଶ୍ରବଣ ମହାରଣା ନିଜ ନାମରେ ମାମଲା ରୁଜୁ କରିବାର ପ୍ରାୟ ୩ ସପ୍ତାହ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ କ୍ଷମାର ପାତ୍ର ହୋଇଛନ୍ତି। ପୋଲିସ ଅଧିକାରୀଙ୍କ ପ୍ରତି ଏଭଳି ସହାନୁଭୂତି ଉଚ୍ଚ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଆଇନଜୀବୀ ସାହୁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବୁଗୁଡ଼ା,୧୮।୧୦(ଡି.ଏନ.ଏ.)-ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ବୀରଧନଞ୍ଜୟପୁର ଶାସନର ଏକ ପୋଖରୀରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ସେ ହେଲେ ବୁଗୁଡା ଥାନା ଅଧୀନ ହରିଶରଣପୁର ଗ୍ରାମର ବାସୁଦେବ ମିଶ୍ର (୩୫)। ବାସୁଦେବ ଦୁଇ ଦିନ ହେଲା ଘରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ସକାଳେ ବୀରଧନଞ୍ଜୟପୁର ଗ୍ରାମ ଚାନ୍ଦିନୀ ପୋଖରୀରେ ବାସୁଦେବଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା।ସ୍ଥାନୀୟ ଦମକଳବାହିନୀ ପହଞ୍ଚି ମୃତଦେହକୁ ବାହାର କରିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲା। ଏନେଇ ବୁଗୁଡ଼ା ଥାନାରେ ୨୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

### ମଦ ଜବତ, ଜଣେ ଗିରଫ

ପାତ୍ରପୁର,୧୮।୧୦(ଡି.ଏନ.ଏ.)- ଜରଡ଼ା ଥାନା ଏସ ନୂଆଗାଁ ଗ୍ରାମରେ ସୋମବାର ରାତିରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୧୨୦ ଲିଟର ମଦ ଜବତ କରିବା ସହ ଜଣକୁ ଗିରଫ କରାଯାଇଛି। ସେ ହେଲେ ପିଣ୍ଟୁ ସେଠୀ (୩୦)। ପୋଲିସ ପକ୍ଷରୁ ଏକ ମାମଲା ନଂ. ୩୧୭/୨୨ ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଜରଡ଼ା ଥାନା ଅଧିକାରୀ ସୁନୀଲ କୁମାର ବେହେରା ସୂଚନା ଦେଇଛନ୍ତି।

### ୧୫ ଫୁଟ୍ର ଅଜଗର ଉଦ୍ଧାର

ପାତ୍ରପୁର,୧୮।୧୦(ଡି.ଏନ.ଏ.)-ପାତ୍ରପୁର ବ୍ଲକ ଏସ୍ ନୂଆଗାଁ ଗ୍ରାମର କେ. ଲାବନ୍ୟଙ୍କ ଧାନବିଲରୁ ମଙ୍ଗଳବାର ଏକ ଅଜଗର ସାପ ଉଦ୍ଧାର ହୋଇଛି। ଗ୍ରାମବାସୀ ବିଲରେ କାମ କରୁଥିବା ବେଳେ ସାପକୁ ଦେଖି ସ୍ନେକ ହେଲ୍ପଲାଇନରେ ଖବର ଦେଇଥିଲେ। ଖବର ପାଇ ସ୍ନେକ ହେଲ୍ପଲାଇନର କର୍ମୀ ଆସି ସାପ ଉଦ୍ଧାର କରିଥିଲେ। ଅଜଗରର ଓଜନ ପ୍ରାୟ ୬୦ କିଲୋଗ୍ରାମ ଥିବା ଅନୁମାନ କରାଯାଇଛି।

### ଯୋଗାଣ ସହାୟକଙ୍କୁ ଧମକ ଦେଇ ଚାଉଳ ଲୁଟ୍

ଧରାକୋଟ,୧୮।୧୦(ଡି.ଏନ୍.ଏ.)-ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତର ଯୋଗାଣ ସହାୟକଙ୍କୁ ମଙ୍ଗଳବାର ଜଣେ ଯୁବକ ଧମକ ଦେଇ ଗୋଦାମରୁ ଚାଉଳ ଲୁଟ କରିଥିବା ଅଭିଯୋଗ ହୋଇଛି। ବାହାରପୁର ପଞ୍ଚାୟତର ଯୋଗାଣ ସହାୟକ ସମିତା ସାହୁ ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ଗୋଦାମ ଗୃହରେ ହିତାଧିକାରୀଙ୍କୁ କାର୍ଡ ଅନୁଯାୟୀ ଚାଉଳ ଓ ମାଣ୍ଡିଆ ସାଧାରଣ ବଣ୍ଟନ କରୁଥିଲେ। ପଦ୍ମପୁର ଗ୍ରାମର ଯୁବକ ଯୋଗାଣ ସହାୟକଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ସମସ୍ତଙ୍କ ଉପସ୍ଥିତିରେ ଗୋଦାମ ଗୃହ ମଧ୍ୟରୁ ଜବରଦସ୍ତ ଚାଉଳ ଭର୍ତ୍ତି ଅଖାବସ୍ତା ଲୁଟି ନେଇଥିଲେ। ପ୍ରକାଶ ଯୋଗ୍ୟ ସମ୍ପୃକ୍ତ ମିଟୁ ଗତ ଦୁଇଦିନ ପୂର୍ବେ ନିଜର କାର୍ଡ ଅନୁଯାୟୀ ଚାରି ମାସର ଚାଉଳ ୪୦ କେଜି ନେଇଥିବା ବେଳେ ମଙ୍ଗଳବାର ପୁଣି ଆସି ଚାଉଳ ମାଗିଥିଲା। ଯୋଗାଣ ସହାୟକ ସମିତା ସାହୁ ମନା କରିବାରୁ ହଠାତ୍ ସେ ଏକ ଖଣ୍ଡା ଦେଖାଇ ଭୟଭୀତ କରି ଚାଉଳ ନେଇଯାଇଥିଲେ। ଏ ସମ୍ପର୍କରେ ଯୋଗାଣ ସହାୟକ ବଡଗଡ ଥାନା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟଙ୍କୁ ଖବର ଦେବାପରେ ସମସ୍ତେ ଘଟଣାସ୍ଥଳକୁ ଆସିଥିଲେ। ସରକାରୀ ନିୟମ ଅନୁସାରେ ବଡଗଡ ଥାନାରେ ଏ ବିଷୟରେ ଅଭିଯୋଗ ହୋଇଛି।

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

## ବ୍ରହ୍ମପୁର ସହରରେ ରାସ୍ତା ମରଣଯନ୍ତା

ଛତ୍ରପୁର,୧୮।୧୦(ଡି.ଏନ୍.ଏ.)


ଧାରଣା ଦିଆଯାଇଛି।

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଦୂରବସ୍ଥା ପାଇଁ ପ୍ରତିଦିନ ଜନସାଧାରଣ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ସହରର ସମସ୍ତ ବିପଦସଙ୍କୁଳ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ପାଇଁ ଦାବି ହୋଇଛି । ରାସ୍ତା ସମସ୍ୟା ନେଇ ମଙ୍ଗଳବାର ବ୍ରହ୍ମପୁରର ବିନୋଦ ସାବତଙ୍କ ନେତୃତ୍ୱରେ କେତେଜଣ ଲୋକ ଛତ୍ରପୁର ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଜିଲା ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ । କାର୍ଯ୍ୟାଳୟରେ ଜିଲାପାଳ ଅନୁପସ୍ଥିତ ଥିବାରୁ ଦିନତମାମ ଧାରଣାରେ ଦେଇଥିଲେ । ତେବେ ସରକାରୀ ଅଫିସ୍ ସମୟ ସରିବା ପରେ ଧାରଣାରତଙ୍କ ଅନ୍ୟମାନେ ଫେରିଥିବାବେଳେ ବିନୋଦ ସାବତ ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଜିଲାପାଳଙ୍କୁ ଅପେକ୍ଷା କରିଥିବା ଦେଖାଯାଇଥିଲା। ବିଜିପୁର ଠାରୁ ଗୋଷାଣିନୂଆଗାଁ ରାସ୍ତା, ସେଣ୍ଟ ଭିନସେଣ୍ଟ କନଭେନ୍ଟ ସ୍କୁଲ ରାସ୍ତା, ପ୍ରେମନଗର ରାସ୍ତା, ଗୁଡସେଡ୍ ରୋଡ, ଗାନ୍ଧୀ ନଗର ରାସ୍ତା, ଲକ୍ଷ୍ମୀ ନୃସିଂହ ସାହି ରାସ୍ତା, ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା ସମେତ ଅନେକ ରାସ୍ତା ଏବେ ସମ୍ପୂର୍ଣ୍ଣ ବିପଦସଙ୍କୁଳ ରହିଛି । ଦୀର୍ଘ ବର୍ଷ ଧରି ରାସ୍ତାଗୁଡିକ ଶୋଚନୀୟ ହୋଇଥିଲେ ସୁଦ୍ଧା ବ୍ରହ୍ମପୁର ମହାନଗର ନିଗମ କିମ୍ବା ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବାରମ୍ବାର ଏ ନେଇ ଅଭିଯୋଗ କଲେ ମଧ ବିଭିନ୍ନ କାରଣ ଦର୍ଶାଯାଇ ଅଭିଯୋଗଗୁଡିକୁ ଚାପି ଦିଆଯାଉଥିବା ଅଭିଯୋଗ କରାଯାଇଛି। ଧାରଣାରେ ଜେ.ଦୀନେଶ, ଧିଦେନ୍ଦ୍ର ପାଣିଗ୍ରାହୀ, ହାଡୁବନ୍ଧୁ ମହାରଣା, ଶିଶିର କୁମାର ସାହୁ, ସନ୍ତୋଷ କୁମାର ସାହୁ, ରାଜେଶ ପାଣିଗ୍ରାହୀ ସାମିଲ ଥିଲେ ।

# ପେଟ ବ୍ୟଥାରୁ ମୁକ୍ତି ପାଇଁ ଚେଙ୍କ

## ସଚେତନତା ଅଭାବରୁ ଅନ୍ଧବିଶ୍ୱାସ ଦୂର ହେଉନି

ଆର.ଉଦୟଗିରି,୧୮।୧୦(ଡି.ଏନ.ଏ.)


ଗୁଞ୍ଜିପାଟାଙ୍ଗ ମଳିକଙ୍କ ପେଟରେ ଚେଙ୍କ ଦିଆଯାଇଛି।

ଗଜପତି ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ସଚେତନତା ଅଭାବରୁ ଏବେ ବି ଲୋକଙ୍କ ମଧ୍ୟରେ ଅନ୍ଧ ବିଶ୍ୱାସ ଲାଗିରହିଛି। କୌଣସି ରୋଗ ହେଲେ ଲୋକେ ଝଡାଫୁଙ୍କାରେ ବିଶ୍ୱାସ ରଖି ତାନ୍ତ୍ରିକଙ୍କ ପାଖକୁ ଯାଉଛନ୍ତି। ପେଟରେ ଚେଙ୍କ ଦେଇ ଆରୋଗ୍ୟ ଲାଭ କରିବା ଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଛନ୍ତି। ଏଭଳି ଏକ ଘଟଣା ମୋହନା ବ୍ଲକ ଗୁଲୁବା ପଞ୍ଚାୟତ ଅଟାଗଣ୍ଡା ଗ୍ରାମରେ ଦେଖିବାକୁ ମିଳିଛି। କିଛିଦିନ ତଳେ ଅଟାଗଣ୍ଡା ଗ୍ରାମର ଗୁଞ୍ଜିପାଟାଙ୍ଗ ମଳିକଙ୍କ ପେଟ ବ୍ୟଥା ଆରମ୍ଭ ହୋଇଥିଲା। ଚିକିତ୍ସା ପାଇଁ ସେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ ସୁସ୍ଥ ହେବା ସକାଶେ ପେଟରେ ଚେଙ୍କ ଦେଇଛନ୍ତି। ପେଟରେ ଚେଙ୍କ ଦେବା ବହୁ ସ୍ଥାନରେ ଚିହ୍ନ ହେବା ସହିତ ସେ ଯନ୍ତ୍ରଣାରେ କଲବଲ ହେଉଛନ୍ତି। ଏପରି ପେଟ ବ୍ୟଥା ବେଦନାରୁ ଆରୋଗ୍ୟ ପାଇଁ ପ୍ରଶାସନ ପକ୍ଷରୁ ଦୁର୍ଗମ ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଚେତନତା ସୃଷ୍ଟି କରିବା, ଚେଙ୍କ ଏବଂ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସକୁ ଦୂର କରିବା ସଚେତନତା କାର୍ଯ୍ୟକ୍ରମ ଜରୁରି ହୋଇଛି। ଗୁରୁତର ଥିବା ଗୁଞ୍ଜିପାଟାଙ୍ଗଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାପାଇଁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ଜିଲାପାଳ


ପ୍ରକଳ୍ପ ଉଦ୍‌ଘାଟନୀରେ ଜିଲାପାଳ ଓ ଅନ୍ୟମାନେ।

ଆର.ଉଦୟଗିରି,୧୮।୧୦(ଡି.ଏନ.ଏ.)

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ମଙ୍ଗଳବାର ମୋହନା ବ୍ଲକର ୨ଟି ପଞ୍ଚାୟତକୁ ଆସି ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିଛନ୍ତି। ଜିଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଚନ୍ଦ୍ରଗିରି ସଉରା ଉନ୍ନୟନ ସଂସ୍ଥା ପକ୍ଷରୁ ବାଘମାରୀ ପଞ୍ଚାୟତ ଜାଲିବାଡ଼ି ଗ୍ରାମବାସୀ ଚାଷଜମିକୁ ପାଇପ୍ ଯୋଗେ ଜଳଯୋଗାଣ କରାଯିବା ସହ ଶିକୁଲିପଦର ଗ୍ରାମର ପ୍ରତ୍ୟେକ ଘରକୁ ପାନୀୟ ଜଳ, ଗର୍ଭବତୀ ଓ ପ୍ରସୂତିଙ୍କ ଖାଦ୍ୟ କେନ୍ଦ୍ର, ଶସ୍ୟଖଳା ଓ କୁକୁଡା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଚନ୍ଦ୍ରଗିରିସ୍ଥିତ ସଉରା ଉନ୍ନୟନ ସଂସ୍ଥା ପରିସରରେ ୧୫ଜଣ ହିତାଧିକାରୀଙ୍କୁ ସାଇକେଲ ଓ ୩୪ଜଣ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର, ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟ ସୁନିଲ କୁମାର ବିଷୋୟୀ, ଚନ୍ଦ୍ରଗିରି ସଉରା ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ବନମାଳୀ ଭୂୟାଁ, ପ୍ରକଳ୍ପ ପରିଚାଳକ ଶ୍ରୀଧର ସାହୁ, ବାଘମାରୀ ସରପଞ୍ଚ ଜୟସେନ ଶବର, ଚନ୍ଦ୍ରଗିରି ସ୍ୱାସ ସଂସ୍ଥା ସଭାପତି ବି.ଜଗନ୍ନାଥ ରାଓଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଏସ୍‌ଆଇଙ୍କୁ ଆକ୍ରମଣ ମାମଲାରେ ଜଣେ ଗିରଫ

ଗୋପାଳପୁର,୧୮।୧୦(ଡି.ଏନ୍.ଏ.)

ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ତୁଲୁ ରୋଡ଼ରେ ପୋଲିସ ଏସ୍ଆଇଙ୍କୁ ଆକ୍ରମଣ, ଦୁର୍ବ୍ୟବହାର କରିବା ମାମଲାରେ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ତୁଲୁ ରୋଡ଼ର ରାମଚନ୍ଦ୍ର ରାଉତ ବୋଲି ପୋଲିସ ସୂଚନା ଦେଇଛି। ମିଳିଥିବା ସୂଚନାନୁଯାୟୀ, ସୋମବାର ରାମଚନ୍ଦ୍ରଙ୍କ ସ୍ତ୍ରୀ ସବିତା ରାଉଳ ଥାନାକୁ ଫୋନ କରି ମୋ ସ୍ୱାମୀ ମୋତେ ଘର ଭିତରକୁ ଛାଡୁନାହାନ୍ତି ଓ ଧମକ ଦେଉଛନ୍ତି ବୋଲି କହିଥିଲେ। ଗୋଳନ୍ଥରା ଥାନା ଏସ୍ଆଇ ଅଭିଷେକ ପାଣ୍ଡବ ଘଟଣାସ୍ଥଳକୁ ଯାଇ ପଚରାଉଚରା କରୁଥିବା ସମୟରେ ରାମଚନ୍ଦ୍ର ଉତ୍କ୍ଷିପ୍ତ ହୋଇ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଆକ୍ରମଣ କରିଥିଲେ। ଏ ନେଇ ପାଣ୍ଡବ ଗୋଳନ୍ଥରା ଥାନାରେ ଲିଖିତ ଏତଲା ଦେବା ପରେ ନଂ. ୩୭୭/୨୨ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# ୪୫ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ


ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ।

ଟିକିଟି,୧୮।୧୦(ଡି.ଏନ.ଏ.)

ଟିକିଟି ବ୍ଲକ ନୂଆପଡା ଗ୍ରାମସ୍ଥିତ ସାନ୍ଦୀପନି ବିଦ୍ୟାନିକେତନ ଶିଶୁମନ୍ଦିର ପରିସରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଚାର୍ଯ୍ୟ ବିବେକାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ନୂଆପଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଉମାକାନ୍ତ ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ବିଜ୍ଞାନ ମେଳା ଦ୍ୱାରା ଶିକ୍ଷାର୍ଥୀମାନେ ବିଜ୍ଞାନର ଆବଶ୍ୟକତାକୁ ବୁଝାଇବା ସହ ବିଭିନ୍ନ ନୂତନ ସାମଗ୍ରୀର ଉଦ୍ଭାବନ ଓ ବ୍ୟବହାର ଜାଣିପାରିବେ। ଏଥିସହ ଶିକ୍ଷାର୍ଥୀଙ୍କ ଜ୍ଞାନର ପରିସର ବୃଦ୍ଧି ହୋଇପାରିବ ବୋଲି ସେ କହିଥିଲେ। ଏଥିରେ ୪୫ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ମେଳାକୁ ଶିଶୁ ମନ୍ଦିରର ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ଅଜିତ ପଣ୍ଡା, ଗୁରୁମା ରଶ୍ମିରେଖା, ଗୀତାଞ୍ଜଳି, ସସ୍ମିତା ଜେନା, ସନ୍ଦ୍ରଶ, ରାଜେଶ୍ୱରୀ, ପ୍ରଭାତୀ, ସୋନି, ଶିବାନୀ ଗୁରୁଜୀ ରଞ୍ଜନ, ସନ୍ତୋଷ, ଜଗନ୍ନାଥ, ମଣ୍ଟୁ, ଉମାକାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତାରେ ଡ୍ରେନ୍ ପାଣି, ଲୋକେ ହଟହଟା


ରାସ୍ତାରେ ଜମି ରହିଥିବା ପାଣି।

ଜି.ଉଦୟଗିରି,୧୮।୧୦(ଡି.ଏନ୍.ଏ.)

ଜି.ଉଦୟଗିରି ବନ୍ଧ ଛକଠାରୁ ସାରଙ୍ଗଗଡ ରାସ୍ତାର ବନ୍ଧ ପାଖରେ ଥିବା ଡ୍ରେନ୍ ପାଣି ଭାସି ରାସ୍ତାଟି ନଷ୍ଟ ହୋଇଯାଇଛି। ଡ୍ରେନ୍‌ଟି ପୋତି ହୋଇଯିବା ଯୋଗୁ ବନ୍ଧର ପାଣି ରାସ୍ତା ଉପରେ ଭାସୁଛି। ଫଳରେ ଲୋକମାନେ ଯିବାଆସିବା କଲାବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କେଦାର ନାୟକଙ୍କୁ ପଚାରିବାରେ ସେହି ଛକରେ କିଛି ଲୋକ ଡ୍ରେନ୍‌କୁ ବାରମ୍ବାର ପୋତି ଦେଉଛନ୍ତି। ତେଣୁ ଏ ସମସ୍ୟା ହେଉଛି, ଆମେ ପୁଣି ମରାମତି କରିଦେବୁ। କିନ୍ତୁ ଏହାର ସ୍ଥାୟୀ ସୁରକ୍ଷା ପାଇଁ ଏନ୍ଏସି ଅଧ୍ୟକ୍ଷାଙ୍କ ସହ ଆଲୋଚନା କରି ଆଇନଗତ ପଦକ୍ଷେପ ନେବୁ। କାରଣ ବାରମ୍ବାର ମରାମତି କଲେ ମଧ୍ୟ କିଛି ଲୋକ ଡ୍ରେନ୍ ପୋତି ଦେଉଥିବା ଯୋଗୁ ଏ ପ୍ରକାର ଅସୁବିଧା ହେଉଛି ବୋଲି ସେ କହିଥିଲେ। ଅନ୍ୟପଟେ ମଙ୍ଗଳବାର ଅପରାହ୍ଣରେ ଘଣ୍ଟାଏ ଧରି ବର୍ଷା ହେବାରୁ ସେହି ରାସ୍ତାରେ ଅଧିକ ପାଣି ଜମି ରହିଥିଲା। ତେଣୁ ଡ୍ରେନ୍ ମରାମତି ସହ ଭଲ ଭାବରେ ରାସ୍ତା ନିର୍ମାଣ କରିବା ପାଇଁ ସାହିବାସିନ୍ଦା କହିଛନ୍ତି।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ଆସିକା,୧୮।୧୦(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାଲକଷଣ୍ଡା ଗ୍ରାମର ମହେଶ୍ୱର ଗୌଡ । ମହେଶ୍ୱର ସବୁଦିନ ଭଳି ଗାଇଗୋଠ ଚରାଇବାକୁ ଯାଇଥିଲେ । ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ବର୍ଷା ହେବାରୁ ଏକ ଗଛମୂଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ । ତାଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଗାଙ୍ଗପୁର ଥାନାରେ ଅଭିଯୋଗ ପ୍ରକାରେ ପୋଲିସ ନଂ.୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# ସମର୍ଥକଙ୍କ ସହ ହୁମ୍ମା ସରପଞ୍ଚ ବିଜେଡିରେ ମିଶିଲେ

ଗଞ୍ଜାମ,୧୮।୧୦(ଡି.ଏନ.ଏ.)


ବିଜେଡିରେ ମିଶିଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ଗଞ୍ଜାମ ବ୍ଲକ ହୁମ୍ମା ପଞ୍ଚାୟତରେ ମଙ୍ଗଳବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଜିଲା ମହିଳା ସଭାନେତ୍ରୀ ତଥା ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇଙ୍କ ଉପସ୍ଥିତିରେ ହୁମ୍ମା ସରପଞ୍ଚ ଜାନକୀ ଦାସ ଓ ତାଙ୍କ ସମର୍ଥକମାନେ ବିଜୁ ଜନତା ଦଳରେ ମିଶିଥିଲେ। ବିଧାୟକ ବେହେରା ଦଳୀୟ ଉତ୍ତରୀୟଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ଜିଲା ପରିଷଦ ସଦସ୍ୟ ସନାତନ ବେହେରା, ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ବିଜେଡି ଯୁବନେତା ଅକ୍ଷୟ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ଗଞ୍ଜାମ ଏନଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ବ୍ଲକ ବିଜେଡି ସଭାପତି ବନବାସୀ ଖୁଣ୍ଟିଆ, ବାନାମ୍ବର ପଲାଇ, ବଟକୃଷ୍ଣ ପଣ୍ଡା, ମଲାଡ଼ ସରପଞ୍ଚ ମମତା ବେହେରା, ରାଜପୁର ସରପଞ୍ଚ ରଞ୍ଜନ ପଲାଇ, ପୋଇରାଶି ସରପଞ୍ଚ ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ବିରୋଧୀ ଗୋଷ୍ଠୀଙ୍କ ପଦଯାତ୍ରା

## ଛତ୍ରପୁର ବ୍ଲକ

ଛତ୍ରପୁର,୧୮ ।୧୦(ଡି.ଏନ.ଏ.)


ପଦଯାତ୍ରାରେ ଦଳୀୟ କର୍ମୀମାନେ ।

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ଓ ଉପାଧ୍ୟକ୍ଷା ସାଡି ଶାରଦା ରେଡ୍ଡୀଙ୍କ ନେତୃତ୍ୱରେ ପଦଯାତ୍ରାରେ ବହୁ ବରିଷ୍ଠ ନେତା ଓ ଦଳୀୟ କର୍ମୀ ଯୋଗ ଦେଇଥିଲେ। ବହୁ ନେତା ଓ କର୍ମୀ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ଖୋଲାଖୋଲି ବିରୋଧ କରିଥିଲେ। ଗତ ୨୦୧୯ ନିର୍ବାଚନ ପରଠାରୁ ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜେଡିରେ ଗୋଷ୍ଠୀ କନ୍ଦଳ କହୁଳୁଥିବା ଦେଖିବାକୁ ମିଳିଥିଲା। ବିଧାୟକ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମର ଦାୟିତ୍ୱ ନେଉଥିବା ବେଳେ ବହୁ ଦଳୀୟ କର୍ମୀଙ୍କୁ ଡକା ଯାଉ ନ ଥିବା କହିଛନ୍ତି ବିଧାୟକ ବିରୋଧୀ ଗୋଷ୍ଠୀ। ଗୋଟିଏ ପଟେ ସମାନ୍ତରାଳ ଭାବେ ବିଧାୟକଙ୍କ ନେତୃତ୍ୱରେ ପଦଯାତ୍ରା ଚାଲିଥିବା ବେଳେ ଏପଟେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କ ନେତୃତ୍ୱରେ ମଧ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ସାଧାରଣ ଲୋକଙ୍କ ଅସୁବିଧା ବୁଝିବାରେ ବିଧାୟକ ବିଫଳ ହୋଇଛନ୍ତି ବୋଲି ନେତାମାନେ ବଖାଣି ଥିଲେ। ପଦଯାତ୍ରାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ, ଏସ କିଶୋର ଚନ୍ଦ୍ର ରେଡ୍ଡୀ ଓ ପ୍ରମୋଦ କୁମାର ପ୍ରଧାନ, ପୂର୍ବତନ ଏମ୍ପି ପ୍ରତିନିଧି ଲକ୍ଷ୍ମୀ ପାଢ଼ୀ, ବରିଷ୍ଠ ବିଜେଡି ନେତା ଅଶୋକ ପାଣିଗ୍ରାହୀ, ନରେନ୍ଦ୍ରପୁର ସରପଞ୍ଚ ଜ୍ୟୋତି ସାହୁ, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ, ଉର୍ମିଳା ଦାସ, ସୁଜାତା ଦାସ ଓ ସମିତି ସଭ୍ୟାସଭ୍ୟ ଶଶି ଦାସ, ରାମଚନ୍ଦ୍ର ପରିଡା, ସୁନୀତା ବେହେରା, ପୂର୍ବତନ ବିଧାୟକ ପ୍ରତିନିଧି ୱଆର୍ଦାରଜୁଲୁ ରେଡ୍ଡୀ, ବରିଷ୍ଠ ଆଇନଜୀବୀ ପି ଧର୍ମା ରେଡ୍ଡୀ, ଦିଲେଶ୍ୱର ରେଡ୍ଡୀଙ୍କ, ବହୁ ପୁରୁଖା ଦଳୀୟ କର୍ମୀଙ୍କ ସମେତ ଶତାଧିକ ମହିଳା, ଯୁବ ଓ ଛାତ୍ର ଉପସ୍ଥିତ ଥିଲେ।

# ବେଲଗୁଣ୍ଠା ବିଜେଡିରେ ଗୋଷ୍ଠୀ କନ୍ଦଳ ବଢ଼ୁଛି

ଭଞ୍ଜନଗର,୧୮।୧୦(ଡି.ଏନ୍.ଏ.)

ରାଜ୍ୟରେ ବିଜେଡି ବହୁଦିନ କ୍ଷମତାରେ ରହିବାପରେ କର୍ମୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କିଛି ସୁବିଧା ନେବାକୁ ଚାହୁଁଛନ୍ତି। ଯେଉଁମାନେ ସୁବିଧା ପାଇଲେ ସନ୍ତୁଷ୍ଟ ହୋଇରହିଲେ। ଆଉ କିଛି ଦଳକୁ ଆନୁଗତ୍ୟ ଦେଖାଇ ନୀରବ ରହୁଛନ୍ତି। ଅନ୍ୟପଟେ କେତେଜଣ କିଛି ଅବହେଳାକୁ ସହ୍ୟ କରି ନ ପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଯାହାକୁ ନେଇ କେତେକ ସ୍ଥାନରେ ଦଳରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳୁଛି। ଗଞ୍ଜାମ ଜିଲା ସୋରଡ଼ା ଓ ଅନ୍ୟ କେତେକ ନିର୍ବାଚନମଣ୍ଡଳୀରେ ଏପରି ଦେଖିବାକୁ ମିଳିଛି। ହାଇକମାଣ୍ଡ ଏହାର ଠିକ୍ ମୁକାବିଲା କରି ନ ପାରିଲେ ଦଳର କ୍ଷତି ସମ୍ଭାବନା ରହିଛି।

ପୌର ନିର୍ବାଚନ ସମୟରେ ବେଲଗୁଣ୍ଠା ଏନ୍ଏସିରେ ଅନେକ ନେତା ଅନ୍ୟ ଦଳରୁ ଆସି ବିଜେଡ଼ିରେ ମିଶିଥିଲେ। ସେଥିମଧ୍ୟରୁ କେତେଜଣଙ୍କୁ ସ୍ଥାନୀୟ ନେତାଙ୍କ ଅଜାଣତରେ ମିଶାଯାଇଥିଲା। ବର୍ତ୍ତମାନ ପୁରୁଣା ଓ ନୂଆ ନେତାଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଯାହାକି, ବେଲଗୁଣ୍ଠାରେ ବିଭିନ୍ନ ଦଳର ନେତାଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ପୌର ନିର୍ବାଚନ ସମୟରେ ଏଠାରେ ଜଣେ ନୂଆ ନେତାଙ୍କୁ ବିଜେଡ଼ିରେ ମିଶା ଯାଇଥିଲା । ବିଜେଡ଼ି ସମସ୍ତ ୧୩ଟି ୱାର୍ଡ଼ରେ ବିଜୟୀ ହେବାସହ ଅଧ୍ୟକ୍ଷ ପଦବୀ ମଧ ହାତେଇଥିଲା। ବର୍ତ୍ତମାନ ଏନ୍ଏସି ବୈଠକରେ ବିଜେଡ଼ି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ କିଏ ନାହିଁ । କିନ୍ତୁ ବୈଠକ ବାହାରେ ପରୋକ୍ଷରେ ମାସକୁ ଏକାଧିକ ଅଭିଯୋଗ ଏନଏସି ବିରୋଧରେ ଆସୁଛି । ସେଥିମଧ୍ୟରୁ ଅଧିକାଂଶ ଅଭିଯୋଗ ବିଜେଡ଼ିର ଜଣେ ନେତାଙ୍କ ପ୍ରରୋଚନାରେ ହେଉଥିବା ଆଉ ଗୋଟିଏ ଗୋଷ୍ଠୀ ଅଭିଯୋଗ କରୁଛନ୍ତି । କିନ୍ତୁ ଗଣମାଧ୍ୟମ ଆଗରେ ଉଭୟ ଗୋଷ୍ଠୀ କନ୍ଦଳ ଅଭିଯୋଗକୁ ଖଣ୍ଡନ କରୁଛନ୍ତି । ସେହିଭଳି ବେଲଗୁଣ୍ଠା ବ୍ଲକ ଗୋବରାରୁ ସମିତିସଭ୍ୟ ହୋଇଥିବା ବିଜେଡ଼ିର ଯୁବନେତା ବିଭୁପାଦ ଜେନା ମଧ୍ୟ ବିଭିନ୍ନ ସମୟରେ ନିଜ ପଞ୍ଚାୟତରେ ଉନ୍ନତିରେ ଅବହେଳା ହେଉଥିବା ଦର୍ଶାଇ ବିଭିନ୍ନ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏଥିସହ ଉକ୍ତ ସମସ୍ୟା ଗୁଡ଼ିକୁ ସମାଧାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଥିଲେ । ବିଭୂଙ୍କ ଏହି ଅଭିଯୋଗ ପରେ ରାଜ୍ୟ ସରକାରଙ୍କ ଅଧିକାରୀମାନେ ତତ୍ପର ହୋଇ ତାଙ୍କର ସମସ୍ୟା ଗୁଡ଼ିକ ସମାଧାନ ପ୍ରତି ଗୁରୁତ୍ୱ ଦେଇଛନ୍ତି। ବିଭୂଙ୍କ ପଞ୍ଚାୟତର ପୂର୍ବତନ ବିଜେଡ଼ି ସମର୍ଥିତ ସରପଞ୍ଚ ତଥା ବର୍ତ୍ତମାନର ଜିଲା ପରିଷଦ ପ୍ରାର୍ଥିନୀ ପୂର୍ଣ୍ଣବାସୀ ନାୟକଙ୍କ ସ୍ୱାମୀ ଚନ୍ଦ୍ର ଶେଖର ନାୟକ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ବିରୋଧରେ ନିର୍ଦ୍ଦେଶକ ପଦବୀ ପାଇଁ ପ୍ରାର୍ଥୀ ହୋଇ ଦଳପାଇଁ ସମସ୍ୟା ପାଲଟିଥିଲେ । ଯାହାକୁ ନେଇ ଦଳୀୟ ନେତାଙ୍କ ମୁଣ୍ଡବ୍ୟଥା ବଢ଼ିଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ନେତାଙ୍କ ହସ୍ତକ୍ଷେପ ପରେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଏଥିସହ ଦଳରେ ରହିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଚନ୍ଦ୍ର ଶେଖର ଜଣେ ଟାଣୁଆ ଯୁବନେତା। ତାଙ୍କ ଅଞ୍ଚଳର ଅନେକ ସୋସାଇଟିର ନିର୍ଦ୍ଦେଶକ ଓ ସଭାପତିଙ୍କୁ ବିଜୟୀ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । କିନ୍ତୁ ଦଳ ଗାଙ୍ଗପୁର ଅଞ୍ଚଳରେ ଦଳୀୟ ସଙ୍ଗଠନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ସୁମନ୍ତ ବିଷୋୟୀଙ୍କୁ ପ୍ରାର୍ଥୀ କରିଛି । ତାଙ୍କ ବିରୋଧରେ ଭାଜପା ସମର୍ଥିତ ପ୍ରାର୍ଥୀ କେ. କ୍ରିଷ୍ଣମୂର୍ତ୍ତି ପାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏ ନେଇ ବ୍ଲକ ବିଜେଡ଼ି ସଭାପତି ଏସ୍.ରାମେଶ୍ୱର ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ପରିବାରରେ ବେଳେବେଳେ ମନୋମାଳିନ୍ୟ ହୁଏ। ପରବର୍ତ୍ତି ସମୟରେ ତାହା ସମାଧାନ ହେବ। ବିଜେଡ଼ି ଏକ ଶୃଙ୍ଖଳିତ ଦଳ। ବ୍ଲକ ଓ ଏନ୍ଏସିରେ ଦଳରେ ବର୍ତ୍ତମାନ ସେଭଳି କୌଣସି ଗୋଷ୍ଠୀ କନ୍ଦଳ ନାହିଁ ବୋଲି ଜଣାଇଛନ୍ତି।

## ସଂକ୍ଷେପରେ

### ଠିକା ସଂସ୍ଥାରୁ ଆଉଟସୋର୍ସିଂ ମୁକ୍ତ କରାଯାଉ

ବ୍ରହ୍ମପୁର ଅଫିସ,୧୮।୧୦
ରାଜ୍ୟ ସରକାର ବିଳମ୍ବରେ ହେଲେ ମଧ୍ୟ ଚୁକ୍ତିଭିତ୍ତିକ ପ୍ରଥା ଲୋପକରି ସେହି କର୍ମଚାରୀଙ୍କୁ ନିୟମିତ କରିଥିବା ସ୍ୱାଗତଯୋଗ୍ୟ ହୋଇଛି। ତେବେ ବିଭିନ୍ନ ବିଭାଗ ଏବଂ ନିଗମ ଗୁଡ଼ିକରେ କାର୍ଯ୍ୟରତ ଅଢ଼େଇ ଲକ୍ଷରୁ ଅଧିକ ଆଉଟସୋର୍ସିଂ କର୍ମଚାରୀଙ୍କୁ ଏଜେନ୍ସି ବା ଠିକାଦାରଙ୍କ କବଳରୁ ମୁକ୍ତ କରାଯିବା ଓ ସେମାନଙ୍କୁ ସରକାର ଥଇଥାନ କରିବାକୁ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭା ଓଡ଼ିଶା ଶାଖା ଦାବି କରିଛି। ସଂଗଠନ ରାଜ୍ୟ ଉପସଭାପତି ରବି ରଥ ସୋମବାର ବ୍ରହ୍ମପୁରରେ ଆହୁରି କହିଛନ୍ତି, ବେକାର ଯୁବତୀ ଓ ଯୁବକମାନେ ପେଟ ବିକଳରେ ଆଉଟସୋର୍ସିଂ କର୍ମଚାରୀ ହେଉଛନ୍ତି। ସ୍ୱଳ୍ପ ଦରମାରେ ଠିକା ସଂସ୍ଥାଗୁଡ଼ିକ ସେମାନଙ୍କୁ ବିଭିନ୍ନ ଭାବରେ ଶୋଷଣ କରୁଛନ୍ତି। ଶ୍ରମ ଆଇନକୁ ଉଲ୍ଲଙ୍ଘନ କରି ଗୋଟି ଶ୍ରମିକ ଭଳି ଖଟାଉଛନ୍ତି। ଏଜେନ୍ସିଗୁଡ଼ିକ ସରକାରୀ ଧାର୍ଯ୍ୟ ପ୍ରକାରେ ଦରମା ଦେଉନାହାନ୍ତି। ଇପିଏଫ ବ୍ୟବସ୍ଥାକୁ ଅବମାନନା କରୁଛନ୍ତି। ନିୟମ ମୁତାବକ ସାପ୍ତାହିକ ଛୁଟି ବ୍ୟବସ୍ଥା କାର୍ଯ୍ୟକାରୀ କରୁନାହାନ୍ତି। ସରକାରଙ୍କ ନିୟନ୍ତ୍ରଣ ନ ଥିବାରୁ ନିର୍ଦ୍ଦିଷ୍ଟ ସମୟରେ ଦରମା ମଧ୍ୟ ଦେଉନାହାନ୍ତି। ତେଣୁ ଚୁକ୍ତିଭିତ୍ତିକଙ୍କୁ ଯେଭଳି ନ୍ୟାୟ ମିଳିଲା ସେହିପରି ଆଉଟସୋର୍ସିଂଙ୍କ ପ୍ରତି ସମାନ ପଦକ୍ଷେପ ନେବାକୁ ଏଚ୍ଏମ୍ଏସ୍ ନେତା ରଥ ଗୁରୁତ୍ୱ ଦେଇଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ନେଇଥିବା ସୂଚାଇଛନ୍ତି।

### ଟେକ୍ସଟାଇଲ ଡିଜାଇନିଂ କର୍ମଶାଳା

ବ୍ରହ୍ମପୁର ଅଫିସ,୧୮।୧୦- ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ତ୍ରିଦିବସୀୟ ଟେକ୍ସଟାଇଲ ଡ଼ିଜାଇନିଂ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଡ଼.କାହ୍ନୁଚରଣ ପାଢ଼ୀ ଅଧକ୍ଷତା କରିଥିଲେ। ଗୃହବିଜ୍ଞାନ ବିଭାଗର ଡ଼.ନମିତା କୁମାରୀ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ପିଡ଼ିଲାଇଟର ବରିଷ୍ଠ ବିଶେଷଜ୍ଞ ଦୀପ୍ତି ମହୋନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଉପସ୍ଥିତ ଛାତ୍ରୀଙ୍କୁ ଟେକ୍ସଟାଇଲରେ ଶିଳ୍ପ, ବସ୍ତ୍ରର ରୂପାଙ୍କନ, ରଙ୍ଗ ବିଷୟରେ ତାଲିମ ଦେଇଥିଲେ। ବିଭାଗୀୟ ଅଧାପିକା ସନ୍ଧ୍ୟାରାଣୀ ଜେନା, ଜ୍ୟୋତିର୍ମୟ ରଥ, ପ୍ରମିଳା ବେଜ ଓ ସୁସଜ୍ଜିତା ସାହ ଉପସ୍ଥିତ ରହିଥିଲେ।

### ୧୦ମ ଦିନରେ ମା' ଗଜଲକ୍ଷ୍ମୀଙ୍କ ପୂଜା

ପାରଳାଖେମୁଣ୍ଡି, ୧୮।୧୦(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରୀ ସାହି ଛକ ଏବଂ କଣ୍ଡରାସାହିରେ ମହା ଆଡମ୍ବର ସହକାରେ ପୂଜା କମିଟି ଗୁଡିକ ପକ୍ଷରୁ ମା'ଗଜଲକ୍ଷ୍ମୀ ପୂଜା ଉତ୍ସବ ଚାଲିଛି। ସହରର ଉଭୟ ସ୍ଥାନରେ ଦୈନିକ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ପୂଜାର୍ଚ୍ଚନା କରୁଛନ୍ତି। ବିଶେଷ କରି ମହିଳାଭକ୍ତଙ୍କ ସମାଗମ ହେଉଥିବା ବେଳେ ସମଗ୍ର ଅଞ୍ଚଳ ଗୁଡିକ ଆଲୋକମାଳାରେ ଝଲସୁଥିବାର ଦେଖିବାକୁ ମିଳୁଛି। କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୧୦ଦିନରେ ପହଞ୍ଚିଛି। ଦୈନନ୍ଦିନ ବିଭିନ୍ନ ସାଂସ୍କୃତିକ ନାଚ କାର୍ଯ୍ୟକ୍ରମ ସହ କଟକ, ବ୍ରହ୍ମପୁର ଓ ସ୍ଥାନୀୟ ଅଞ୍ଚଳର ମେଲୋଡି କାର୍ଯ୍ୟକ୍ରମ ହେଉଛି।

### ବୃଦ୍ଧ ନିଖୋଜ

ଗୋପାଳପୁର,୧୮।୧୦(ଡି.ଏନ୍.ଏ.)- ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ବୃଦ୍ଧ ଗତ ପାଞ୍ଚ ଦିନ ହେଲା ନିଖୋଜ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନିଖୋଜ ବୃଦ୍ଧ ହେଲେ ତେରପେଣ୍ଡ ଗ୍ରାମର ବଂଶୀଧର ବେହେରା (୭୦)। ଏହି ଥାନା ଅଧୀନ ତେରପେଣ୍ଡ ଗ୍ରାମର ବଂଶୀଧର ଗତ ୧୩ ତାରିଖରେ ହଠାତ୍ କେଉଁ ଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ଆଖପାଖ ଓ ସମ୍ପର୍କୀୟ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ବଂଶୀଧରଙ୍କ ଟେର ପାଇନଥିଲେ। ଏ ନେଇ ବଂଶୀଧରଙ୍କ ଝିଅ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୮/୨୨ ମାମଲା ରୁଜୁ କରିଛି।

### ସଂସ୍କାରବାଦୀ ସଂଘ ବୈଠକ

ବ୍ରହ୍ମପୁର ଅଫିସ୍,୧୮।୧୦-ସଂସ୍କାରବାଦୀ ସଂଗଠନ ପକ୍ଷରୁ ଏକ ବୈଠକ ମଙ୍ଗଳବାର ବିଜିପୁର ସନ୍ତୋଷୀ ମା ମନ୍ଦିର କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ଭାଷା ଆନ୍ଦୋଳନ, ପ୍ରଶାସନିକ ସଂସ୍କାର, ବ୍ରହ୍ମପୁର ରେଳ ଷ୍ଟେଶନର ଉନ୍ନତି ଓ ରେଳଯାତ୍ରୀଙ୍କ ସୁବିଧା ନିମନ୍ତେ ହୋଇଥିବା ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ କସମୀର କୁମାର ଆଚାର୍ଯ୍ୟ, ଉପସଭାପତି ସଞ୍ଜୟ କୁମାର ମାଝି, ସାଧାରଣ ସମ୍ପାଦକ ହିମାଂଶୁ କୁମାର ପଟ୍ଟନାୟକ, ସମ୍ପାଦକ ରବି ନାରାୟଣ ସାବତ, କାର୍ଯ୍ୟକାରୀ ସଦସ୍ୟ ଲିଙ୍ଗରାଜ ମହାପାତ୍ର, ପରିକ୍ଷୀତ ବେହେରା, ଲଳିତ ମୋହନ ସାହୁ, ସନ୍ତୋଷ କୁମାର ମହାନ୍ତି, ପ୍ରଶାନ୍ତ କୁମାର ଶତପଥୀ, ବିଦ୍ୟାଧର ମହାରଣା ଓ ଉପଦେଷ୍ଟା ଭାବେ ପ୍ରଭାତ କୁମାର ମିଶ୍ର ନିର୍ବାଚିତ ହୋଇଛନ୍ତି।

# ପ୍ରମାଣ ପତ୍ର ନ ଥିବାରୁ ଅପାଠୁଆ ରହିଲେ ପିଲା

## ଦୁର୍ଦ୍ଦଶାରେ ଟାଟା କଲୋନୀ ବାସିନ୍ଦା

ଧରାକୋଟ,୧୮।୧୦(ଡି.ଏନ୍.ଏ.)

ଧରାକୋଟ ଗ୍ରାମପଞ୍ଚାୟତର ଟାଟା କଲୋନୀ ବା ଘୋଡ଼ାପଲି ବାସିନ୍ଦା ଏବେ ଦୁର୍ଦ୍ଦଶା ମଧ୍ୟରେ କାଳ କାଟୁଛନ୍ତି। ମୁଣ୍ଡ ଗୁଞ୍ଜି ରହିଥିବା ଘର ହେଉ ବା ପିଲାଙ୍କ ପାଠପଢ଼ା ସବୁ କିଛି ସମସ୍ୟା ମଧ୍ୟରେ ଗତି କରୁଛି। ୧୯୯୦ ମସିହାର ବନ୍ୟା ପାଣିରେ ଭାସିଯାଇଥିଲା ଘୋଡ଼ାପାଲି ଗ୍ରାମ। ଭିଟାମାଟି ଚାଲିଯିବା ପରେ ଗାଁର ୧୩୦ ପରିବାର ଋଷିକୁଲ୍ୟା କେନାଲ ହିଡକୁ ଉଠି ଆସିଥିଲେ। ସରକାରଙ୍କ ଉଦ୍ୟମ କ୍ରମେ ଟାଟା କମ୍ପାନୀ ପକ୍ଷରୁ ସମସ୍ତ ପରିବାରକୁ ୧୯୯୧ରେ ପକ୍କା ଗୃହ ଯୋଗାଇଦିଆଗଲା। ସମ୍ପ୍ରତି ୩୧ ବର୍ଷ ପରେ ସମସ୍ୟାରେ ସନ୍ତୁଳିତ ହୋଇ ଗାଁ ଲୋକେ ଅଣନିଃଶ୍ୱାସୀ ହୋଇ ପଡିଛନ୍ତି। ଜାତୀୟ ରାଜପଥ ନ.୫୯ ପାର୍ଶ୍ୱରେ ଅବସ୍ଥିତ ଏହି ଗ୍ରାମର ରାଜପଥକୁ ଲାଗି ରହିଥିବା ରୋଡ ସାହିର ୩୦ ପରିବାର ଘରପଟ୍ଟା ପାଇପାରୁ ନାହାନ୍ତି। ବାରମ୍ବାର ତହସିଲ ଅଫିସ ଓ ରାଜସ୍ୱ ନିରୀକ୍ଷକଙ୍କ ଅଫିସକୁ ଦୌଡୁଥିଲେ ମଧ୍ୟ ପଟ୍ଟା ମିଳୁନାହିଁ। ତଦନ୍ତ କରିବାରୁ ଏକ ଗ୍ରାମ୍ୟ ରାସ୍ତା ଉପରେ ସମ୍ପୃକ୍ତ ପରିବାରର ଗୃହ



ଟାଟା କଲୋନୀ ।

ନିର୍ମାଣ ହୋଇଛି। ଫଳରେ ସେମାନଙ୍କୁ ଗୃହପଟ୍ଟା ଦେବାପାଇଁ ତହସିଲଦାର ରାଜି ହେଉନାହାନ୍ତି। ପଟ୍ଟା ନ ଥିବାରୁ ସମ୍ପୃକ୍ତ ରୋଡ ସାହି ବାସିନ୍ଦା ବିଦ୍ୟୁତ୍ ସଂଯୋଗ, ଆବାସ ଯୋଜନା, ବ୍ୟାଙ୍କ ଖାତା, ଜାତି ପ୍ରମାଣ ପତ୍ର ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରମାଣ ପତ୍ର ନ ଥିବାରୁ ପିଲାଏ ଅଧାରୁ ପାଠ ଛାଡୁଛନ୍ତି। ସୁରଟ, କେରଳ, ଚେନ୍ନାଇ ଓ ଆନ୍ଧ୍ରପ୍ରଦେଶ ଅପାଠୁଆ ପିଲାଙ୍କ ଠିକଣା ପାଲଟିଛି। ସରକାରୀ ଡାକ ସଭିଏ ପଢ଼ିବେ ସଭିଏ ବଢ଼ିବେ କେବଳ ପଟ୍ଟା ଖଣ୍ଡିଏ ନ ଥିବାରୁ ଅଧୁରା ରହିଯାଇଛି। କାରଣ ବିଦ୍ୟାଳୟରେ ପିଲାମାନେ ଜାତି, ବାସସ୍ଥାନ ପ୍ରମାଣ ପତ୍ର ଦେଇ ପାରୁନାହାନ୍ତି। ଏଣୁ ଅପାଠୁଆ ହୋଇ ବୁଲୁଛନ୍ତି । ଅନ୍ୟ ପକ୍ଷରେ ଟାଟା କମ୍ପାନୀ ଦେଇଥିବା ବାସଗୃହ ସବୁକୁ ୩୧ ବର୍ଷ ପୂରିଲାଣି । ଅଧିକାଂଶ ଛାତ ଦୁର୍ବଳ ହୋଇ ସେଥିରୁ ପାଣି ଗଳୁଛି। କାନ୍ଥ ବାଡ଼ ଫାଟି ଆଁ କଲାଣି। ଘରଠାରୁ ରାଜପଥ ଦଶ ଫୁଟ ଉଚ୍ଚ ହୋଇଗଲାଣି । ଏଣୁ ରାସ୍ତାର ବର୍ଷା ପାଣି ଘରେ ପଶୁଛି । ବର୍ଷା ଦିନେ ସ୍ଥିତି ଅସମ୍ଭାଳ ହୋଇପଡୁଛି । ଘରର ବର୍ଷା ପାଣିକୁ ମଗ ଦ୍ୱାରା ବାହାର କରିବାକୁ ପଡୁଛି। ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବାସହ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। କିଛି ପରିବାର ଚାଳ ଛପର ଘର କରି ରହୁଛନ୍ତି। ବାରମ୍ବାର ଦାବି ପରେ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦିଆଯାଉନାହିଁ। ଗ୍ରାମର ସମସ୍ତ ପରିବାର ଭୂମିହୀନ ହୋଇଥିବା ବେଳେ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ଭୂମି ନାହିଁ, ବାସ ଥାଇ ମଧ୍ୟ ପଟ୍ଟା ନ ଥିବାରୁ ନ ଥିବାପରି, ବିଦ୍ୟାଳୟ ଥାଇ ମଧ୍ୟ ପ୍ରମାଣ ପାତ୍ର ନ ଥିବାରୁ ପିଲା ଅପାଠୁଆ ହେଲେ ବୁଝିବା ପାଇଁ କେହିନାହିଁ । ଲୋକଙ୍କ ଦୁଃଖ ଅସହ୍ୟ ହୋଇଥିବା ବେଳେ ପ୍ରଶାସନର ଅଧିକାରୀମାନେ ବେଶ୍ ସଂକ୍ଷିପ୍ତ ଉତ୍ତର ଦେଉଛନ୍ତି ପଟ୍ଟା ନାହିଁ ଆମେ କ'ଣ କରିପାରିବୁ । ଏ ସମ୍ପର୍କରେ ଧରାକୋଟ ତହସିଲଦାର କବିରାଜ ପ୍ରଧାନଙ୍କ ସହ ଯୋଗାଯୋଗ କରିବା ବେଳେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁସାରେ ପିଲାଙ୍କ ନିମନ୍ତେ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### କାଜୁ ତୋଟାରୁ ଝୁଲନ୍ତା ମୃତଦେହ ଜବତ

ଖଲ୍ଲିକୋଟ,୧୮।୧୦(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଟବ୍ରହ୍ମପୁର ଗ୍ରାମ ନିକଟ କାଜୁ ତୋଟାରୁ ମଙ୍ଗଳବାର ଏକ ଝୁଲନ୍ତା ମୃତଦେହ ଠାବ ହୋଇଛି। ସେ ହେଲେ ତାଳପଡା ପଞ୍ଚାୟତର ଆମ୍ବଝର ନୂଆପଲ୍ଲୀର ସୁଦର୍ଶନ ସ୍ୱାଇଁ । ଅପରାହ୍ନରେ ସ୍ଥାନୀୟ କିଛି ଲୋକେ କାଜୁ ଗଛରେ ସୁଦର୍ଶନଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଖଲ୍ଲିକୋଟ ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ପ୍ରଭାକର ଘଣ୍ଟ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ କାଜୁ ଗଛର ଡାଳରେ ଝୁଲୁଥିବା ବେଳେ ତଳେ ଏକ ବ୍ୟାଗରେ ତାଙ୍କର ପ୍ୟାଣ୍ଟ ସାର୍ଟ, ଲୁଙ୍ଗି, ଗାମୁଛା, ପାଉଁରୁଟି, ମିକ୍ସଚର ଓ ମୋବାଇଲ ଫୋନ ରହିଥିଲା। ନିକଟରେ ହଳେ ଚପଲ ମଧ୍ୟ ରହିଥିଲା। ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ତେବେ ସୁଦର୍ଶନ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରେ ରହୁଥିଲେ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା ନଂ. ୩୪/୨୦୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦାରିଙ୍ଗବାଡ଼ି/ଖଲ୍ଲିକୋଟ, ଆସିକା,୧୮।୧୦(ଡି.ଏନ୍.ଏ )

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ବୁଢ଼ାଗୁଡା ପଞ୍ଚାୟତରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ (କନ୍ଧମାଳ)ର ଅଧକ୍ଷ ରୋଦନ ମଲ୍ଲିକ, ଦାରିଙ୍ଗବାଡ଼ି ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ୧୦ନଂ. ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ଦଳର ବରିଷ୍ଠ ନେତା କ୍ଲେଶ ପ୍ରଧାନ, ଟିକାବାଲି ବ୍ଲକ ଅଧକ୍ଷ ଦିଲ୍ଲୀପ କହଁର, ବୁଢ଼ାଗୁଡା ସରପଞ୍ଚ ତାତୁରା ପ୍ରଧାନ, ସମିତି ସଭ୍ୟ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରୁ ପଦଯାତ୍ରା ଆରମ୍ଭ ହୋଇ ଶତାଧିକ ଦଳୀୟ କର୍ମୀ, ନେତା ବାହାରି ବୁଢ଼ାଗୁଡା ଗାଁ ବୁଲି ହାଟ ପଦାଠାରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭାରେ ଲୋକଙ୍କୁ ବିଧାୟକଙ୍କ ସହ ଅନ୍ୟମାନେ ସମ୍ବୋଧନ କରିଥିଲେ।

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୨ ନମ୍ବର ଜୋନରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରା ପଥପ୍ରାନ୍ତ ସଭାରେ ବିଧାୟିକା ବୈଦ୍ୟ ଓ ସାଂସଦ ପ୍ରତିନିଧି ରତ୍ନାକର ସାହୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଲୋକଙ୍କୁ ବୁଝିଥିଲେ। ପଦଯାତ୍ରାରେ ଖଲ୍ଲିକୋଟ ବ୍ଲକ ଅଧକ୍ଷ ଦୈତାରୀ ବେହେରା, ଉପାଧ୍ୟକ୍ଷା ଭାରତୀ ମହାରଣା, ବିଜେଡି ମହିଳା ବ୍ଲକ ସଭାପତି ମିତାଞ୍ଜଳୀ ମିଶ୍ର, ପୂର୍ବତନ ବ୍ଲକ ସଭାପତି ବିଣାପାଣୀ ମହାପାତ୍ର, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଖୁଣ୍ଟିଆ, ଜିଲା ପରିଷଦ ସଭ୍ଯା ଚନ୍ଦନା ସେଠୀ, କୈରାଶି ପୂର୍ବତନ ସରପଞ୍ଚ ପ୍ରଫୁଲ ସାହୁ, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ଅରୁଣ କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ।

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ମଙ୍ଗଳବାର ଆସିକା ବ୍ଲକର ବାଲିଛାଇ ଓ ଦେବଭୂମି ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ବାଲିଛାଇ ପଞ୍ଚାୟତର ବାଲିଛାଇ, ନିରାଳ, ରିଷିପୁର ଏବଂ ଦେବଭୂମି ପଞ୍ଚାୟତର ଦେବଭୂମି, ଝଗଡେଇ, ମାମୁଁଡିହ, କେ.ନୂଆପଲ୍ଲୀ, କର୍ପୂର ନୂଆଗାଁ ଗ୍ରାମରେ ଦଳୀୟ କର୍ମୀମାନେ ପଦଯାତ୍ରା କରିଥିଲେ । ରାଜ୍ୟର ଆହୁରି ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂକଳ୍ପବଦ୍ଧ ଉଦ୍ୟମରେ ଜନସାଧାରଣ ସାମିଲ ହେବା ଲାଗି ନିବେଦନ କରାଯାଇଥିଲା । ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ମନୋଜ ଦୋରା, ତନ୍ମୟୀ ନାହାକ, ଅନିମା ପରିଡା, ଅଭିମନ୍ୟୁ ନାହାକ, ବିଜୟ କୁମାର ଦଳାଇ, ସନ୍ତୋଷ ନାୟକ, ଗୌରହରି ବେହେରାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ସାମିଲ ଥିଲେ ।

## କୁମ୍ଭାରିପଦର ପାହାଡ଼ ଭୂସ୍ଖଳନ ଘଟଣା
# ଘରକୁ ଫେରିଲେ ୪୦୦ ଲୋକ

### ସମ୍ଭାବ୍ୟ ବାତ୍ୟା ଲାଗି ଭୂସ୍ଖଳନ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା



ବିଡିଓ ଗଦାଧର ପାତ୍ର ଓ ଅନ୍ୟଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

ଦାରିଙ୍ଗବାଡ଼ି,୧୮।୧୦(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତର କୁମ୍ଭାରିପଦର ପାହାଡ଼ ଭୂସ୍ଖଳନ ଘଟଣାରେ ଆଶ୍ରୟସ୍ଥଳରେ ଥିବା ୪୦୦ ଲୋକଙ୍କୁ ପ୍ରଶାସନ ତାଙ୍କ ଘରକୁ ଫେରେଇ ନେଇଛି। ଗୋଟିଏ ପଟେ ଦଶହରା ଛୁଟି ପରେ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବେଳେ ଉକ୍ତ ଅଞ୍ଚଳରେ ଆଉ ପୂର୍ବ ଭଳି ଲଗାଣ ବର୍ଷା ହେଉନାହିଁ । ଦୀର୍ଘଦିନ ଧରି ଲୋକେ ଆଶ୍ରୟସ୍ଥଳରେ ରହିଥିବା ବେଳେ ନିଜ ବେଉସା ମଧ୍ୟ ବନ୍ଦ ହୋଇଯାଇଛି। ଏହି ସମସ୍ତ ଘଟଣାକୁ ନେଇ ପ୍ରଶାସନ ସମସ୍ତ ଗ୍ରାମବାସୀଙ୍କୁ ନିଜ ଘରକୁ ଫେରେଇ ନେଇଛି ବୋଲି ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର କହିଛନ୍ତି। କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଏବଂ ତହସିଲଦାର ଡ. ଅଶୋକ କୁମାର ଦାସ ପ୍ରମୁଖ ସୋମବାର କୁମ୍ଭାରିପଦରରେ ପହଞ୍ଚି ସେଠାକାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିପଦ ସମ୍ଭାବନା ଏବଂ ସମ୍ଭାବ୍ୟ ଭୂସ୍ଖଳନ ଆଶଙ୍କା କରାଯାଉଥିବା ଅଞ୍ଚଳକୁ ବ୍ୟାରିକେଡ୍ କରାଯାଇ ସେହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ବିଡିଓ କହିଛନ୍ତି। ତେବେ ଆଗକୁ ପୁଣି ଏକ ସମ୍ଭାବ୍ୟ ବାତ୍ୟା ସମ୍ଭାବନାକୁ ଦୃଷ୍ଟିରେ ରଖି ସେମାନଙ୍କ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ମାସ ଲଗାଣ ବର୍ଷାରେ କୁମ୍ଭାରିପଦର ଗ୍ରାମକୁ ଲାଗି ରହିଥିବା ପାହାଡ଼ ଭୂସ୍ଖଳନ ହୋଇଥିଲା । ଏହା ପୂର୍ବରୁ ୨୦୧୮ରେ ସେଠାରେ ଭୂସ୍ଖଳନ ହୋଇଥିଲା, ସୁରକ୍ଷା ପାଇଁ ୪୦୦ ଲୋକଙ୍କୁ ନିକଟସ୍ଥ ତାମାଙ୍ଗି ସରକାରୀ ବିଦ୍ୟାଳୟରେ ଆଶ୍ରୟ ଦିଆଯିବା ସହ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯିବା ସହ ମାଗଣା ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ସୁବିଧା କରାଯାଇଥିଲା।

# ସଙ୍ଗଠନ, ସମାଜ ଶୀର୍ଷକ ଆଲୋଚନାଚକ୍ର

ରାଇକିଆ,୧୮।୧୦(ଡି.ଏନ୍.ଏ)

କନ୍ଧମାଳ ଜିଲା ରାଇକିଆ ବଣିକ ସଂଘ ତରଫରୁ ମଙ୍ଗଳବାର ବ୍ୟକ୍ତି, ସଂଗଠନ ଓ ସମାଜ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ବ୍ୟକ୍ତି ବିଶେଷ ଓ ସଙ୍ଗଠନ କିପରି ସମାଜ ଉପରେ ପ୍ରଭାବ ପକାଇ ପାରିଛି ଏବଂ ଏହା କିପରି ସକାରାତ୍ମକ ଦିଗରେ କାର୍ଯ୍ୟ କରିପାରୁଛି ସେ ନେଇ ଟିକାବାଲି କଲେଜର ପୂର୍ବତନ ଅଧକ୍ଷ ଶ୍ରୀଧର ଦାସ ଯୋଗ ଦେଇ ଆଲୋକପାତ କରିଥିଲେ। ଅତିଥି ଭାବେ ଜି. ଉଦୟଗିରି ବଣିକ ସଂଘ ସଭାପତି ମନୋଜ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ସନ୍ତୋଷ



ବୈଠକରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତା।

କୁମାର ଆଚାର୍ଯ୍ୟ ଯୋଗ ଦେଇ ସଙ୍ଘର ଆବଶ୍ୟକତା ଓ କାର୍ଯ୍ୟକାରିତା ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ବଣିକ ସଂଘ ସଭାପତି ପଦ୍ମଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସଂଘର ସଦସ୍ୟମାନଙ୍କୁ ନେଇ ସାଂଗଠନିକ ଶୃଙ୍ଖଳା ଏଂ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବର୍ଷାରେ ଗଛପଡ଼ି ରାସ୍ତା ଅବରୋଧ

ଦାରିଙ୍ଗବାଡି,୧୮।୧୦(ଡି.ଏନ୍.ଏ)

ଦାରିଙ୍ଗବାଡି ବ୍ଲକର ଏକାଧିକ ପଞ୍ଚାୟତରେ ମଙ୍ଗଳବାର ପ୍ରବଳ ପବନ, ଘଡ଼ଘଡି ସହ ବର୍ଷା ହୋଇଛି। ଏଥିଯୋଗୁ ତିଲୋରୀ ପଞ୍ଚାୟତର ଜଗେରମାହା ଗ୍ରାମରେ ବିରାଟ ମହୁଲ ଫୁଲ ଗଛ ପଡିଯିବାରୁ ସିମନବାଡିଠାରୁ ବୁଡ଼ାଗୁଡା ରାସ୍ତା ଯାତାୟାତ ବନ୍ଦ ହୋଇ ଯାଇଥିଲା। ସେହି ଅଞ୍ଚଳରେ ମୋବାଇଲ ସେବା ଅଚଳ ଯୋଗୁ ଅଗ୍ନିଶମ ବିଭାଗକୁ ସୂଚନା ଦେବା ସମ୍ଭବ ନ ଥିବାରୁ ଲୋକେ ବହୁ ସମୟ ଧରି ହଇରାଣ ହୋଇଥିଲେ। ଲୋକେ କୋଟଗଡ଼ ବ୍ଲକ ପକାରୀ ଦେଇ ବୁଲି ବୁଲି ଦାରିଙ୍ଗବାଡିକୁ ଯିବାକୁ ପଡୁଥିଲା। ପରେ ଗ୍ରାମବାସୀ ରାସ୍ତାରୁ ଗଛ କାଟି ସଫା କରିଥିଲେ। ବିଳମ୍ବରେ ଅଗ୍ନିଶମ ବିଭାଗ ଶୁଣି ସେଠାକୁ ଯାଉଥିବା ବେଳେ ରାସ୍ତା ଅବରୋଧ ହଟିଥିବା ଶୁଣି ଅଧାବାଟରୁ ଫେରିଥିଲେ।

## ଖଲ୍ଲିକୋଟ ତହସିଲଦାରଙ୍କ ଚଢ଼ାଉ
# ଜେସିବି ଲଗାଇ ଭଙ୍ଗାଗଲା ବେଆଇନ୍ ଇଟାଭାଟି



ଜେସିବି ଦ୍ୱାରା ଭଙ୍ଗାଯାଉଛି ବେଆଇନ ଇଟାଭାଟି।

ଖଲ୍ଲିକୋଟ,୧୮।୧୦(ଡି.ଏନ.ଏ.)

ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ନୂତନ ଗୁରୁଣ୍ଡି ଗ୍ରାମ ନିକଟରେ ହୋଇଥିବା ବେଆଇନ ଇଟାଭାଟି ଉପରେ ମଙ୍ଗଳବାର ଚଢ଼ାଉ କରାଯାଇ ଭଙ୍ଗାଯାଇଛି। ଉକ୍ତ ସ୍ଥାନରେ ବେଆଇନ ପୋଡ଼ା ଇଟାଭାଟି ହେଉଥିବା ଖବର ପାଇ ତହସିଲଦାର ରାଜ କିଶୋର ପଟ୍ଟନାୟକ ରାଜସ୍ୱ କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ଜେସିବି ମେଶିନରେ ତିନୋଟି କଞ୍ଚା ଇଟାଭାଟି ଓ ତିନୋଟି ପୋଡ଼ା ଇଟାଭାଟିକୁ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ କରିଥିଲେ। ଖଲିକୋଟ ତହସିଲ ଅଞ୍ଚଳରେ ଇଟା ମାଫିଆମାନେ ବିଭିନ୍ନ ସମୟରେ ବେଆଇନ ଇଟାଭାଟି କରି ଚଢ଼ା ଦରରେ ବିକ୍ରୟ କରୁଛନ୍ତି। ସୂଚନା ପାଇଲେ ଇଟଭାଟି ଭାଙ୍ଗିବା ସହ ବେପାରିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର କହିଛନ୍ତି। ଚଢ଼ାଉ ସମୟରେ ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସ, ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ, ଖଲ୍ଲିକୋଟ ଆରଆଇ ମୀନକେତନ ଶବର, କେଶପୁର ଏଆର୍ଆଇ ଦେବାଶିଷ ଜାନୀଙ୍କ ସମେତ ରାଜସ୍ୱ କର୍ମଚାରୀ ଓ ପୋଲିସ ଉପସ୍ଥିତ ଥିଲେ।

# ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରୀ ସମିତି ବୈଠକ

ଫୁଲବାଣୀ ଅଫିସ, ୧୮।୧୦

କନ୍ଧମାଳ ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରୀ ସମିତି ଏବଂ ଏନଜିଓ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଅଧକ୍ଷତା କରିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅବଗତ କରିଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର , ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ, ୧୨ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିଲା । କେନ୍ଦ୍ରୀୟ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ଟି ଅପହଞ୍ଚ ଅଞ୍ଚଳ ପାଇଁ ୪ଟି ଭ୍ରାମ୍ୟମାଣ ପ୍ରସବ ଯାନ, ୪ଟି ବହୁମୁଖୀ ସ୍ୱାସ୍ଥ୍ୟସେବା ଯାନ ଅନୁଦାନ, ବିଜୁ କନ୍ଧମାଳ ଯୋଜନା ଓ ନୀତି ଆୟୋଗ, କେନ୍ଦ୍ର ସରକାରଙ୍କ ତରଫରୁ ଉତ୍ତମ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ଓ ପୁଷ୍ଟି କ୍ଷେତ୍ରରେ ଆକାଂକ୍ଷା ଜିଲା ହିସାବରେ



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ସର୍ବ ଭାରତୀୟ ସ୍ତରରେ ଦ୍ୱିତୀୟ ପୁରସ୍କାର ଆଦି ମିଳିବା ଉପରେ ଆଲୋଚନା ହୋଇଥିଲା । ଜିଲାରେ ଥିବା ୩ଟି ପୁଷ୍ଟି ପୁନର୍ବାସ କେନ୍ଦ୍ରର ଶତ ପ୍ରତିଶତ ସେବା, ବାଲିଗୁଡା ଓ ଫୁଲବାଣୀରେ ଥିବା ଦୁଇଟି ଏସ୍ଏନ୍‌ସିୟୁର ଶତ ପ୍ରତିଶତ ସେବା, ବିଭିନ୍ନ ଯୋଜନା ତଥା ମ୍ୟାଲେରିଆ , ଅଣ ସଂକ୍ରାମକ ରୋଗ, ଯକ୍ଷ୍ମା, କୁଷ୍ଠ, ମାନସିକ ସ୍ୱାସ୍ଥ୍ୟ, ଭୌତିକ ଚିକିତ୍ସା, ଡାଇଲିସିସ ସେବା, ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କିଶୋରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଯୋଜନା, ନିର୍ମଳ ଯୋଜନା, ଆନୁଷ୍ଠାନିକ ପ୍ରସବ, ଅନ୍ଧତ୍ୱ ନିରାକରଣ ଯୋଜନା ଏବଂ ଜିଲାରେ ଏନଜିଓ ମାନଙ୍କ ଦ୍ୱାରା ଚାଲୁଥିବା ସେବା ବିଷୟରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ନିର୍ମାଣ କାମକୁ ଠିକ ସମୟ ପୂର୍ବରୁ ସାରିବା ଏବଂ ସିଟିସ୍କାନ ସେବା ଡ଼ିଏଚ୍ଏଚ୍‌ରେ ଶୀଘ୍ର ଚାଲୁ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଏନଜିଓ ମାନଙ୍କର ସମୀକ୍ଷା ହୋଇଥିଲା । ସେମାନଙ୍କୁ ମିଳୁଥିବା ଅର୍ଥ ରାଶିର ଠିକ ବିନିଯୋଗ କରିବା ଓ ଗାଇଡଲାଇନ୍ ଅନୁସାରେ ସେବା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଆଶିଷ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।